# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୪/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) Bhubaneswar, Wednesday, November 14/ 2018 ★★★★

୪୪ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



DSPL-250



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

"Thank you for joining the Juggernaut."
- Naveen Patnaik, Chief Minister, Odisha

4,19,574 crore of investment intent announced, with

Employment potential of 5,91,000

5,074
Delegate registrations

183
Projects announced across 15 diversified sectors

253
Speakers in 19 Sectoral Sessions

692
G2B and B2B meetings

Partner Country: Japan

Industry Partner: FICCI

For more details, please visit: https://mio.investodisha.gov.in/
or Follow us on

14005/13/0053/1819

# ପରିବାର ଏବଂ ଡାଇବେଟିସ୍

## ଏ ବର୍ଷର ସ୍ଲୋଗାନ

ପ୍ରତିବର୍ଷ ନଭେମ୍ବର ୧୪କୁ ବିଶ୍ୱ ଡାଇବେଟିସ୍ ଦିବସ ଭାବରେ ପାଳନ କରାଯାଉଛି। ଡାଇବେଟିସ୍ ବା ମଧୁମେହ ଏଭଳି ଏକ ରୋଗ ଯାହାକୁ 'ନୀରବ ଘାତକ' କୁହାଯାଇଥାଏ। ଚଳିତବର୍ଷ ଏହି ଦିବସ ପାଇଁ ଘୋଷିତ ସ୍ଲୋଗାନ ହେଲା 'ପରିବାର ଏବଂ ଡାଇବେଟିସ୍'। ଯଦି ଆରମ୍ଭରୁ ଆମେ ଏହି ରୋଗର କାରଣ ସମ୍ପର୍କରେ ଅବଗତ ହେବା ଏବଂ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ତେବେ ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଯୋଗୁ ଏହି ରୋଗ ଆଉ କେତେକ ରୋଗର କାରଣ ସାଜିଥାଏ। ଏଥର ଇଣ୍ଟରନ୍ୟାଶନାଲ ଡାଇବେଟିସ୍ ଫେଡେରେଶନ ପକ୍ଷରୁ ଏକ ଦୁଇବର୍ଷିଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି ଅବଧି ଭିତରେ ଡାଇବେଟିସ୍ ସମ୍ପର୍କରେ ଯେତେ ଜନସଚେତନତା ସୃଷ୍ଟି କରାଯାଇପାରିବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏ କ୍ଷେତ୍ରରେ ପରିବାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପରିବାର ସଦସ୍ୟ ମଧ୍ୟ ଡାଇବେଟିସ୍‌ର କାରଣ ସମ୍ପର୍କରେ ଅବଗତ ରହିବା ଦରକାର।

**ବିଶ୍ୱ ଡାଇବେଟିସ୍ ଦିବସ ଅବସରରେ**




### ଟାଇପ-୨ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ବଢୁଛି

ବର୍ତ୍ତମାନ ଟାଇପ-୨ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଏକ ସର୍ଭେ ରିପୋର୍ଟରେ କୁହାଯାଇଛି। ଏବେ ସମଗ୍ର ବିଶ୍ୱରେ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ପ୍ରାୟ ୪୨୫ ମିଲିୟନ। ତେଣୁ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ।

## ଡାଇବେଟିସ୍ : କିଛି କଥା

- ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ।
- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ।
- ଡାଇବେଟିସ ରୋଗୀ ରକ୍ତରେ ସୁଗାର ପରୀକ୍ଷା କରିବା ସହ ବ୍ଲଡ୍‌ପ୍ରେସର ଚେକ୍ କରିନେବା ଆବଶ୍ୟକ।
- ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ।
- ଡାଇବେଟିସ୍‌କୁ ନେଇ ଅନେକ ଲୋକ ଅନେକ କଥା କହିଥାଆନ୍ତି। ହେଲେ ଆପଣ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ।
- କେତେକେ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ।
- ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।




# ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ଘରକୁ ବିଜୁଳି : ମୁଖ୍ୟମନ୍ତ୍ରୀ

- ୬୫ତମ ଫୋରମ୍ ଅଫ୍ ରେଗୁଲେଟର ବୈଠକ
- ଯୋଗ ଦେଲେ ବିଭିନ୍ନ ରାଜ୍ୟର ପ୍ରତିନିଧି

ଭୁବନେଶ୍ୱର,୧୩।୧୧(ବ୍ୟୁରୋ) ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ଘରେ ବିଜୁଳି ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଫୋରମ୍ ଅଫ୍ ରେଗୁଲେଟର ବୈଠକରେ ଯୋଗ ଦେଇ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ପକ୍ଷରୁ ଆୟୋଜିତ ଏହି ବୈଠକରେ ଦେଶର ଶକ୍ତି କ୍ଷେତ୍ର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବ। ଭବିଷ୍ୟତରେ ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଏହି ବୈଠକ ଉପାଦେୟ ହୋଇପାରିବ। ବିଦ୍ୟୁତ୍ ସେବା କ୍ଷେତ୍ରରେ ସଂସ୍କାର ଆଣିବା ସହ ନିଜସ୍ୱ ଆୟୋଗ ଗଢିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ବିଗତ ଦୁଇ ଦଶନ୍ଧିରେ ଶକ୍ତି କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦିନକୁ ଦିନ ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ସହ ବିପର୍ଯ୍ୟୟ ସମୟରେ ଶକ୍ତି ସେବା ଯୋଗାଇ ଦେବାରେ ରାଜ୍ୟ ସାମର୍ଥ୍ୟ ହାସଲ କରିଛି। ବିଦ୍ୟୁତ୍ ଅଧିନିୟମ-୨୦୦୩ରେ ପ୍ରସ୍ତାବିତ କେତେକ ସଂଶୋଧନ ଉପରେ ସହମତି ଆସିନାହିଁ। ତେଣୁ ଏହି ବୈଠକରେ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ବିଚାରବିମର୍ଶ ହେବା ସହ ଉପାଦେୟ ପ୍ରସ୍ତାବ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ପୁରୁଷ ହକି ବିଶ୍ୱକପ୍ ଦେଖିବା ପାଇଁ ଆମନ୍ତ୍ରଣ ମଧ୍ୟ କରିଥିଲେ।

ସେହିପରି ବୈଠକ ଶେଷରେ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ପ୍ରଦୀପ ପୂଜାରୀ ବୈଠକରେ ଆଲୋଚିତ ପ୍ରସଙ୍ଗ ନେଇ ମତ ରଖିଥିଲେ। ସେ କହିଛନ୍ତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ପାରୁ ନ ଥିବା ବଣ୍ଟନ କମ୍ପାନୀଗୁଡିକ ଉପରେ ଜରିମାନା ବସାଇବା, ସାମଗ୍ରିକ ଭାବେ ବୈଷୟିକ ଏବଂ ବ୍ୟବସାୟିକ କ୍ଷତିକୁ ହ୍ରାସ କରିବା ଭଳି କେତେକ ପ୍ରମୁଖ ସଂଶୋଧନ ନେଇ ଆଲୋଚନା ହୋଇଛି। ସେହିପରି ରାଜ୍ୟରେ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ। ଉକ୍ତ ବୈଠକରେ ଦେଶର ବିଭିନ୍ନ ରାଜ୍ୟର ପ୍ରତନିଧି ଅଂଶଗ୍ରହଣ କରିଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୧୭.୦ |
| ଚାନ୍ଦବାଲି | ୩୦.୪ | ୧୯.୨ |
| କଟକ | ୨୯.୮ | ୧୭.୪ |
| ପାରାଦ୍ୱୀପ | ୩୦.୫ | ୨୦.୮ |
| ଭୁବନେଶ୍ୱର | ୩୧.୫ | ୧୮.୪ |
| ଗୋପାଳପୁର | ୩୩.୦ | ୧୯.୪ |
| ପୁରୀ | ୩୧.୦ | ୨୦.୬ |
| ଅନୁଗୋଳ | ୨୮.୭ | ୧୪.୬ |
| ବାରିପଦା | ୨୮.୬ | ୧୭.୫ |
| ଝାରସୁଗୁଡ଼ା | ୩୧.୭ | ୧୫.୫ |
| କେନ୍ଦୁଝର | ୨୮.୮ | ୧୪.୮ |
| ସମ୍ବଲପୁର | ୩୨.୮ | ୧୬.୮ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୩୨.୧ | ୧୬.୯ |
| ତାଲଚେର | --- | ୧୬.୭ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୩୧.୫ | ୧୬.୦ |
| କୋରାପୁଟ | ୨୯.୦ | ୧୧.୪ |
| ଫୁଲବାଣୀ | --- | ୧୦.୮ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୨.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୪/୨୦୧୮ | Bhubaneswar, Wednesday, November 14/ 2018 | ପୃଷ୍ଠା-୧



**ଇସ୍ତଫା ଦେଲେ ଫ୍ଲିପ୍‌କାର୍ଟ ସିଇଓ**
ଦୁର୍ବ୍ୟବହାର ଅଭିଯୋଗ ଆସିବା ପରେ ଫ୍ଲିପ୍‌କାର୍ଟର ସିଇଓ ପଦରୁ ଇସ୍ତଫା ଦେଇଛନ୍ତି ବିନି ବଂଶଲ। ତାଙ୍କର ଇସ୍ତଫାକୁ ୱାଲମାର୍ଟ ଗ୍ରହଣ କରିନେଇଛି । ୧୫

୧୬ **ଶଟ୍‌ପୁଟରେ ଆଂଶିକାଙ୍କ ରେକର୍ଡ**
କର୍ଣ୍ଣାଟକରେ ଚାଲିଥିବା ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଶାର ଶଟ୍‌ପୁଟ ଥ୍ରୋୟର ଆଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ଜିତିବା ସହ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି।








PLEDGE 'PLASTIC-FREE' ODISHA
Siddhanta Mahapatra
Actor
#PlasticFreeOdisha
ଧରିତ୍ରୀ DHARITRI TEAM




ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।


NECC NATIONAL EGG CO-ORDINATION COMMITTEE 13.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


# ପୁଞ୍ଜି ଫିଟାଇବ ନିଯୁକ୍ତି ପଥ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ୪ ଲକ୍ଷ ୧୯ ହଜାର ୫୭୪ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ବାଟ ଫିଟିଛି। ଏହିସବୁ ପୁଞ୍ଜି ପେଟ୍ରୋକେମିକାଲ୍ସ, ଇଲେକ୍ଟ୍ରୋନିକ୍, ଅଣପାରମ୍ପରିକ ଶକ୍ତି, ପ୍ଲାଷ୍ଟିକ୍, ଫର୍ଟିଲାଇଜର, କେମିକାଲ, ପର୍ଯ୍ୟଟନ, ବୟନ ଶିଳ୍ପ, ଏରୋସ୍ପେସ, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ୧୫ କ୍ଷେତ୍ରରେ ବିନିଯୋଗ ହେବ। ଏଥିଯୋଗୁ ରାଜ୍ୟରେ ଅତିରିକ୍ତ ୫ ଲକ୍ଷ ୯୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୁଞ୍ଜି ନିବେଶକାରୀଙ୍କ ମଧ୍ୟରେ ୫ଟି ବୃହତ୍ ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ହଳଦିଆ ପେଟ୍ରୋକେମିକାଲ୍ସ ସର୍ବାଧିକ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୬୦ ହଜାର ୯୫୦ କୋଟି, ମହାନଦୀ କୋଲ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ) ୫୮ ହଜାର ୯୯୭ କୋଟି, ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ୪୧ ହଜାର ୪୦୦ କୋଟି ଏବଂ ତାଇୱାନ କମ୍ପାନୀ ୪୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବେ। ଗତ ଦୁଇଦିନ ଧରି ଜନତା ମଇଦାନରେ ଚାଲିଥିବା ମେକ୍ ଇନ୍ ଓଡ଼ିଶାର ଇନ୍‌ଭେଷ୍ଟର ମିଟ୍‌ର ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ଏଥିସହିତ ଏହି କନକ୍ଲେଭ୍‌ରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) କରିବା ପାଇଁ ୪ଟି ବିଦେଶୀ କମ୍ପାନୀ ଆଗେଇ ଆସିଛନ୍ତି। ସେହି କମ୍ପାନୀଗୁଡିକ ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ଲଜିଷ୍ଟିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଦି କ୍ଷେତ୍ରରେ ୪୬ ହଜାର ୪୬୪ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି କନ୍‌କ୍ଲେଭରେ କଣ୍ଟ୍ରି ପାର୍ଟନର ଭାବେ ଯୋଗଦେଇଥିବା ଜାପାନରୁ ଖାଦ୍ୟ ପ୍ରକ୍ରିୟାକରଣ ନେଇ ଏକ ପ୍ରସ୍ତାବ ଆସିଛି। ☞ପୃଷ୍ଠା–୨

**ମେକ୍ ଇନ ଓଡ଼ିଶା କନକ୍ଲେଭ**



- ୪.୧୯ ଲକ୍ଷ କୋଟିର ପୁଞ୍ଜି ନିବେଶ ହେବ
- ୧୫ କ୍ଷେତ୍ରରେ ବିନିଯୋଗ ହେବ
- ୬ ଲକ୍ଷ ନିଯୁକ୍ତି ମିଳିବ
- ୨୦୨୦ ନଭେମ୍ବର ୩୦ରେ ତୃତୀୟ ସଂସ୍କରଣ

**କେଉଁ କ୍ଷେତ୍ରରେ କାହାର କେତେ ପୁଞ୍ଜି ନିବେଶ**

| କମ୍ପାନୀ | ପୁଞ୍ଜି (କୋଟିରେ) | କେଉଁ କ୍ଷେତ୍ରରେ | ନିଯୁକ୍ତି |
|---|---|---|---|
| ହଳଦିଆ ପେଟ୍ରୋକେମିକାଲ୍ସ | ୭୦,୦୦୦ | ଫର୍ଟିଲାଇଜର, ରିଫାଇନେରୀ, ପେଟ୍ରୋ କେମିକାଲ୍ସ, ପ୍ଲାଷ୍ଟିକ | ୩୧୦୦୦ |
| ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ | ୬୦,୯୫୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୩,୪୧,୬୫୦ |
| ଏମସିଏଲ ଆଣ୍ଡ ଡବ୍ଲ୍ୟୁସିଏଲ | ୫୮,୭୯୭ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୧,୦୪,୮୯୬ |
| ସେଲ | ୪୧,୦୪୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୫୦୦୦ |
| ନାଲ୍‌କୋ | ୩୭,୮୬୧ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୪୬୦୧ |
| ବେଦାନ୍ତ | ୧୫,୬୭୮ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୨୦୬୯୪ |
| ଆଦିତ୍ୟ ବିର୍ଲା ଗ୍ରୁପ | ୧୪,୫୦୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୧୫୫୦ |
| ଆଇଓସିଏଲ | ୧୦,୨୭୩.୫୯ | ଫର୍ଟିଲାଇଜର,ରିଫାଇନେରୀ, ପେଟ୍ରୋ କେମିକାଲ୍ସ, ପ୍ଲାଷ୍ଟିକ | ୮୨୯ |
| ଟାଟା ଷ୍ଟିଲ ଲିମିଟେଡ | ୧୦,୦୦୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୩୦୦୦ |


ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ଖର୍ଚ୍ଚ କେତେ

**ଆଜିର ମନ୍ତବ୍ୟ**

"ବିଫଳ ରାଜନୀତି ଯୋଗୁ ରାଫାଲ ଚୁକ୍ତିକୁ ନେଇ ମିଛ କହୁଛି କଂଗ୍ରେସ ।
– ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

## ■ ବ୍ରହ୍ମ ବିଭ୍ରାଟ: ୩ ବର୍ଷ ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

# ୧୧ ସେବାୟତଙ୍କୁ ନୋଟିସ୍



- ୬ ଜଣଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ
- ରୁଜୁ ହୋଇପାରେ ଫୌଜଦାରି ମାମଲା
- ଧାର୍ମିକ ଦିଗରେ ନିଆଯିବ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ

ପୁରୀ ଅଫିସ, ୧୩।୧୧

୩ ବର୍ଷ ପରେ ବ୍ରହ୍ମ ବିଭ୍ରାଟ ଘଟଣାରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା। ଭକ୍ତଙ୍କ ଭାବାବେଗ ସହ ଖେଳି ବିଭ୍ରାଟ ସୃଷ୍ଟି କରିଥିବା ଜଣେ ମହାରଣା ସେବକ ଏବଂ ୧୦ ଦଇତାପତି ସେବାୟତଙ୍କୁ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ଆଇନ–୧୯୫୫ର ଧାରା ୨୧ (କ) ଅନୁଯାୟୀ ନୋଟିସ ଜାରି କରାଯାଇଛି। ସେମାନଙ୍କ ଉତ୍ତରରେ ଶ୍ରୀମନ୍ଦିର ପ୍ରଶାସନ ଯଦି ସନ୍ତୁଷ୍ଟ ନ ହୁଏ ତେବେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବ। ଏପରି କି ପ୍ରୟୋଜନ ହେଲେ ଫୌଜଦାରି ମାମଲା ରୁଜୁ କରାଯାଇପାରେ ବୋଲି ଶ୍ରୀମନ୍ଦିର ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରେ ଜଣେ ମୁଖ୍ୟ ମହାରଣା, ୨ ଜଣ ବାଡ଼ଗ୍ରାହୀ, ନିଯୋଗର ଦୁଇ ମୁଖିଆ, ଫୋନ୍ ଯୋଗେ ☞ପୃଷ୍ଠା–୧୪

## ସଙ୍ଗିନ ସ୍ଥିତିରେ ସିଂହଦ୍ୱାର ଗୁମୁଟ

ପୁରୀ ଅଫିସ, ୧୩।୧୧

ସଙ୍ଗିନ ସ୍ଥିତିରେ ରହିଛି ସିଂହଦ୍ୱାର ଗୁମୁଟ। ଅଧା ସଂରକ୍ଷଣ କାମ କରି ଛାଡିଦେଇଛି ଏଏସ୍‌ଆଇ। ଗୁମୁଟର ପଶ୍ଚିମ ପାର୍ଶ୍ୱ ପ୍ଲାଷ୍ଟର ଦୁର୍ବଳ ହୋଇ ଝଡିଗଲାଣି। ପଶ୍ଚିମ ପାର୍ଶ୍ୱ ପ୍ରବେଶପଥ ଦ୍ୱାରବନ୍ଧ ଉପର ୩ଟି ବିମ୍ ମଧ୍ୟ ଦୁର୍ବଳ ହୋଇପଡିଛି। ଏହାର ଚଟାଣ ପଥର ମଧ୍ୟ ନଷ୍ଟ ହୋଇଗଲାଣି। ୨୦୧୨ ମସିହାରେ ଗୁମୁଟର ସଂରକ୍ଷଣ କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ଆରମ୍ଭ କରାଯାଇଥିଲା। ୨ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିଥିଲା। ଏହାପରେ ଗୁମୁଟର ପଶ୍ଚିମ ପାର୍ଶ୍ୱ ସଂରକ୍ଷଣ ନ କରି ଅଧାରୁ ଛାଡିଦେଇଛି। ଏହାକୁ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ ସଂରକ୍ଷଣ କାର୍ଯ୍ୟ କରିବା ଲାଗି ବୈଷୟିକ କମିଟି ପରାମର୍ଶ ଦେଇଥିଲା, ଯାହାକି ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତ ଷ୍ଟାଟସ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଷ୍ଟାଟସ ରିପୋର୍ଟକୁ ଏଏସ୍‌ଆଇ ଅଣଦେଖା କରି ବାକି କାର୍ଯ୍ୟକୁ ଏ ପର୍ଯ୍ୟନ୍ତ କରିନାହିଁ।

ଶ୍ରୀମନ୍ଦିର ମେଘନାଦ ପାଚେରି ପ୍ରାୟତଃ ୧୪୪୫ ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଛି। ସେହି ସମୟରେ ଶ୍ରୀମନ୍ଦିରର ୪ ପ୍ରବେଶ ପଥରେ ଗୁମୁଟ ନିର୍ମାଣ ହୋଇଥିଲା। ସେତେବେଳେ ସୂର୍ଯ୍ୟବଂଶର ରାଜା କପିଳେନ୍ଦ୍ର ଦେବ ଶାସକ ଥିଲେ, ଯାହାକି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। ୧୭୦୦ ଖ୍ରୀଷ୍ଟାବ୍ଦରେ ମନ୍ଦିରରେ ବାହ୍ୟଶତ୍ରୁ ଆକ୍ରମଣ ବେଳେ ସିଂହଦ୍ୱାର ଗୁମୁଟ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ହୋଇ ଖୋଲାଯାଇଛି। ସିଂହଦ୍ୱାର ଗୁମୁଟ ପଞ୍ଚରଥ ପୀଢ଼ ଶୈଳୀରେ ନିର୍ମିତ ହୋଇଛି। ହେଲେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଏହା ସଙ୍ଗିନ ସ୍ଥିତିରେ ରହିଛି। ☞ପୃଷ୍ଠା–୧୪

- ପଶ୍ଚିମ ପାର୍ଶ୍ୱ ପ୍ଲାଷ୍ଟର ଝଡ଼ିଗଲାଣି
- ଉଇ ଖାଇ ୩ ବିମ୍ ଦୁର୍ବଳ
- ଷ୍ଟାଟସ ରିପୋର୍ଟକୁ ଏଏସ୍‌ଆଇର ଅଣଦେଖା
- କାର୍ତ୍ତିକ ପରେ ମରାମତି: ଏଏସ୍‌ଆଇ

## ଧଉଳି ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ



କୋଲକାତା,୧୩।୧୧(ପି.ଟି.)

ପଶ୍ଚିମବଙ୍ଗର ପାଂଶକୁଡ଼ା ଷ୍ଟେଶନ୍ ନିକଟରେ ମଙ୍ଗଳବାର ହାଓଡା–ପୁରୀ ଧଉଳି ଏକ୍ସପ୍ରେସ୍‌ର ଏକ ବଗି ଲାଇନ୍‌ଚ୍ୟୁତ ହୋଇଛି। ଟ୍ରେନ୍ ହାଓଡାରୁ ପୁରୀ ଅଭିମୁଖେ ଯାଉଥିବାବେଳେ ଭୋଗପୁର ଓ ପାଂଶକୁଡ଼ା ଷ୍ଟେଶନ ମଝିରେ ସକାଳ ୭ଟା ୧୦ରେ ଏହି ଦୁର୍ଘଟଣା ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ହାଓଡାରୁ ଦକ୍ଷିଣ–ପୂର୍ବ ରେଳପଥ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

**କିଛି ତଥ୍ୟ**

୨୦୧୭ରେ ଚାଇନା କମ୍ପାନୀଗୁଡିକ ଭାରତୀୟ ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ପ୍ରାୟ ୨ ବିଲିୟନ ଡଲାର ନିବେଶ କରିଛନ୍ତି। – କେପିଏମ୍‌ଜି

## କମିକ୍ ପୁସ୍ତକ ଲେଖକ ଷ୍ଟାନ୍ ଲିଙ୍କ ପରଲୋକ



ଷ୍ଟାନ୍ ଲି

ଲସ୍ ଏଞ୍ଜେଲସ୍,୧୩।୧୧(ପି.ଟି.)

କମିକ୍ ପୁସ୍ତକ ଲେଖକ ତଥା ସୁପରହିରୋ ସ୍ପାଇଡରମ୍ୟାନ, ଆଇରନ୍‌ମ୍ୟାନ୍, ଫାଣ୍ଟାଷ୍ଟିକ୍ ଫୋର୍, ଡେୟାରଡେଭିଲ୍ ଆଦି ଚରିତ୍ରର ସ୍ରଷ୍ଟା ଷ୍ଟାନ୍ ଲିଙ୍କ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସୋମବାର ସକାଳେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ହଲିଉଡ୍ ରିପୋର୍ଟର ପକ୍ଷରୁ ସୂଚନା ମିଳିଛି। ଲିଙ୍କ ମୃତ୍ୟୁ ପରେ ହଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୬୦ ଦଶକରେ ଆମେରିକାରେ ପପ୍ ସଂସ୍କୃତିକୁ ଆଗେଇନେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଲି। ୧୯୨୨ ଡିସେମ୍ବର ୨୮ରେ ଜନ୍ମିତ ଏହି ଲୋକପ୍ରିୟ ଲେଖକ ଦର୍ଶକଙ୍କୁ ଅନେକ କମିକ୍ ପୁସ୍ତକ ଭେଟିଦେଇଛନ୍ତି। ଜ୍ୟାକ୍ କିର୍ବି ଏବଂ ଷ୍ଟିଭ ଦିତ୍‌କୋଙ୍କ ସହ ମିଶି ସେ ମାର୍ଭଲ୍ କମିକ୍ସରେ ଚମତ୍କାରିତା ଦେଖାଇଛନ୍ତି। କିର୍ବିଙ୍କ ସାଥିରେ କାର୍ଯ୍ୟ କରି ସେ ହଲ୍କ, ଥର୍, ଆଇରନ୍‌ମ୍ୟାନ୍ ଏବଂ ଏକ୍ସମ୍ୟାନ୍ ଚରିତ୍ରକୁ ଅବତାରଣା କରିଛନ୍ତି। ଏସବୁ ଫିଲ୍ମ ପିଲା ଏବଂ ଯୁବପିଢ଼ିଙ୍କ ବେଶ୍ ପସନ୍ଦ ହୋଇପାରିଛି। ଏକାଧାରରେ ଲି ଜଣେ ବିଶିଷ୍ଟ ଲେଖକ, ସମ୍ପାଦକ, ପ୍ରକାଶକ, ଅଭିନେତା ଓ ଫିଲ୍ମ ନିର୍ମାତା ଥିଲେ।

# ଗଢ଼ାହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍

ଅମିତ କୁମାର ସାମଲ
ଅନୁଗୋଳ ଅଫିସ,୧୩।୧୧



- ଏନ୍‌ସିସି ଢାଞ୍ଚାରେ ହେବ
- ଅନୁଗୋଳରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ
- ଉଚ୍ଚ ବିଦ୍ୟାଳୟର ୪୪ ଛାତ୍ରୀଛାତ୍ର ହେବେ ସାମିଲ

ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଢାଞ୍ଚାରେ ଗଢ଼ା ହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ (ଏସ୍‌ପିସି)। ସ୍କୁଲ ଛାତ୍ରୀଛାତ୍ର ଏଥିରେ କ୍ୟାଡେଟ୍ ଭାବେ ରହିବେ। ଶୃଙ୍ଖଳା ସହ ଏକତ୍ର ହୋଇ ଛାତ୍ରୀଛାତ୍ରମାନେ କିପରି କାର୍ଯ୍ୟ କରିବେ, ସେ ନେଇ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାଛଡ଼ା ସମାଜ ସହ ପୋଲିସକୁ କେମିତି ନିକଟତର କରିହେବ ସେ ନେଇ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୋଳରେ ଏହା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସାଧାରଣ ଲୋକଙ୍କ ସହ ପୋଲିସର ସୁସମ୍ପର୍କ ରହୁନାହିଁ। ଅନେକ ସମୟରେ ପୋଲିସ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁଗଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏପରି କି ଲୋକଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛି। ତେଣୁ ସାଧାରଣ ଲୋକ ଓ ପୋଲିସ ମଧ୍ୟରେ କିପରି ସୁସମ୍ପର୍କ ରହିବ ସେ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଏପରି ବ୍ୟବସ୍ଥା ଆପଣାଯିବାକୁ ସ୍ଥିର କରାଯାଇଛି। ପୋଲିସ ଲୋକଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି ସ୍କୁଲସ୍ତରରୁ ହିଁ ଛାତ୍ରୀଛାତ୍ରଙ୍କୁ ଜଣାଇବାକୁ ଯୋଜନା କରିଛି ଓଡ଼ିଶା ପୋଲିସ। ରାଜ୍ୟର ସମସ୍ତ ଜିଲାର ଗୋଟିଏ ଲେଖାଏ ସ୍କୁଲରେ ଏହି ଏସ୍‌ପିସି ଆରମ୍ଭ କରାଯିବ। ଅନୁଗୋଳ ହାଇସ୍କୁଲର ୪୪ ଛାତ୍ରୀଛାତ୍ରଙ୍କୁ ଏସ୍‌ପିସିରେ ସାମିଲ କରାଯିବ। ଏ ନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନୁଗୋଳ ପୋଲିସ ମଧ୍ୟରେ ମୌଖିକ ଆଲୋଚନା ସରିଛି। କେବଳ ଜିଲା ପ୍ରଶାସନ ସହ ବୈଠକ ବାକି ଅଛି। ଜିଲାପାଳ, ଏସ୍‌ପି, ଜିଲା ଶିକ୍ଷା ଅଧିକାରୀ, ମନୋନୀତ ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ଖୁବ୍‌ଶୀଘ୍ର ବୈଠକ ହେବ। ଏହାପରେ ଅନୁଗୋଳ ପୋଲିସ ପକ୍ଷରୁ ଦୁଇ ବର୍ଷ ପାଇଁ ଏସ୍‌ପିସି କ୍ୟାଡେଟ୍ ଚୟନ କରାଯିବ। ପ୍ରଥମେ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବ। ସେମାନଙ୍କୁ ଖାକି ୟୁନିଫର୍ମ ପ୍ରଦାନ କରାଯିବ। ସପ୍ତାହକୁ ଗୋଟିଏରୁ ଦୁଇଟି କ୍ଲାସ ମଧ୍ୟ ନିଆଯିବ। ଏଥିରେ ଛାତ୍ରୀଛାତ୍ରଙ୍କୁ ଡ୍ରିଲ୍ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ, ବନ ବିଭାଗ, ଅବକାରୀ ନିୟମ ସହ ବ୍ୟକ୍ତିଗତ ଶୃଙ୍ଖଳା, ଏକତ୍ରିତ ହୋଇ ରହିବା ଆଦି ବିଷୟରେ ଶିକ୍ଷା ଦିଆଯିବ। ଏଥିପାଇଁ ଜଣେ ଡ୍ରିଲ୍ ସବ୍–ଇନ୍ସପେକ୍ଟରଙ୍କୁ ନିଯୁକ୍ତ କରାଯିବ। ଦୁଇ ବର୍ଷ ପ୍ରଶିକ୍ଷଣ ପରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହା ସମର ଶିକ୍ଷାର୍ଥୀ ବାହିନୀ, ରେଡ୍‌କ୍ରସ, ସ୍କାଉଟ୍ସ ଓ ଗାଇଡ୍ସ ପ୍ରମାଣପତ୍ର ଭଳି କାମ ଦେବ। ପୋଲିସ ଠାରୁ ଲୋକଙ୍କ ଦୂରତ୍ୱ କମାଇବା ପାଇଁ ଏପରି ଅଭିନବ ପ୍ରୟାସ କରାଯାଇଛି ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଏସ୍‌ପିସିରେ ସାମିଲ ଛାତ୍ରୀଛାତ୍ରମାନେ ସମାଜରେ ପୋଲିସର ଛବି ବଢ଼ାଇବା ସହ ନିଜେ ମଧ୍ୟ ଶୃଙ୍ଖଳିତ ହେବେ, ଯାହା ଭବିଷ୍ୟତରେ ସେମାନଙ୍କ କାର୍ଯ୍ୟରେ ଆସିବ। ସେହିପରି କ୍ୟାଡେଟ୍‌ମାନଙ୍କୁ ବିଭିନ୍ନ ଥାନା ସହ ଜିଲା ପୋଲିସ ମୁଖ୍ୟାଳୟ ଓ ରାଜ୍ୟ ପୋଲିସ କାର୍ଯ୍ୟାଳୟ ପରିଦର୍ଶନରେ ନିଆଯିବ। ସେଠାରେ ହେଉଥିବା କାର୍ଯ୍ୟକଳାପ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଯିବ ବୋଲି ଏସ୍‌ପି ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ କହିଛନ୍ତି, ଏସ୍‌ପିସି ବିଷୟରେ ଅନୁଗୋଳ ପୋଲିସ ପକ୍ଷରୁ ବିଦ୍ୟାଳୟ ସହ ମୌଖିକ ଆଲୋଚନା କରାଯାଇଛି। ଏହା କିପରି ଗଠନ ହେବ, କ'ଣ କାର୍ଯ୍ୟ କରିବ, ତାହା ସ୍ପଷ୍ଟ ହୋଇନାହିଁ। ଜିଲା ପ୍ରଶାସନ ସହିତ ବୈଠକ ପରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ବିଦ୍ୟାଳୟକୁ ଓଡ଼ିଶା ଗୃହ ବିଭାଗ ପକ୍ଷରୁ ଏକ ପତ୍ର ଆସିଛି। ☞ପୃଷ୍ଠା–୧୪

# ପରପାରିରେ ଚିତ୍ତ ଜେନା

## ■ ସେ ଥିଲେ ମତୁଆଲା ଗୀତର ଯାଦୁକର

କଟକ ଅଫିସ, ୧୩।୧୧

ନ ଯାରେ ନ ଯା' ଗୋରୀ ବାଲି ଯାତରା ଦେଖି, ତୋ ଗୋରା ଦେହେ ଯିବ କାଳେ କାହା ନଜର ଲାଖି। ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର, ରୂପ ହୋଇଥିବ ଲାବଣ୍ୟବତୀ, ଏ ପରବତ କୁଞ୍ଜ କୁଞ୍ଜିକା, ଜଳୁଛି ଦୀପାଳି ଆଖିର ଲୁହରେ, ଭଳି 'କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର...' ଗୀତ କାନରେ ବାଜିବା ଆଖି ସାମ୍ନାରେ ଭାସି ଉଠନ୍ତି ଜଣେ କଣ୍ଠଶିଳ୍ପୀ। ତାଙ୍କ କଣ୍ଠର ମାଦକତା ଶ୍ରୋତାଙ୍କୁ କରିଥାଏ ଆନମନା। ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କୁ ନିଜ କଣ୍ଠର ଯାଦୁରେ ବାନ୍ଧି ରଖିଥିବା ଏହି ଗାୟକ ସାଜିଛନ୍ତି ପରପାରିର ଯାତ୍ରୀ। ତଥାପି ଓଡ଼ିଆ ଶ୍ରୋତା ☞ପୃଷ୍ଠା–୧୪



ଚିତ୍ତ ଜେନା

## ସଂକ୍ଷେପରେ

### ୨ ମୃତ ବିଦେଶୀ ପକ୍ଷୀ ଜବତ, ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୩।୧୧(ଡି.ଏନ୍.ଏ.):** ମୃତ ବିଦେଶୀ ପକ୍ଷୀ ବଜାରରେ ବିକ୍ରି କରୁଥିବା ବେଳେ ମଙ୍ଗଳବାର ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ସେ ହେଲେ ଝାନ୍ସିପାଟଣାର ଜୟନ୍ତ ପଲେଇ (୪୨) । ଜୟନ୍ତ ଚିଲିକା କୂଳରେ ୨ଟି ମୃତ ଏସିଆନ୍ ଓପନ ବିର୍କଷ୍ଟ ପକ୍ଷୀ ବିକ୍ରି କରୁଥିବା ତାଙ୍କୁ ଗିରଫ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। କେତେଜଣ ଶିକାରୀ ବନ୍ୟପ୍ରାଣୀ ଆଇନ୍ କୋହଳର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। କାରଣ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ ପରେ ମଧ ସେମାନଙ୍କୁ ସହଜରେ ଜାମିନ ମିଳିଯାଉଛି। ତେଣୁ ଚିଲିକା ବନ୍ୟପ୍ରାଣୀ ଉପଖଣ୍ଡର ଟାଙ୍ଗୀ ବନାଞ୍ଚଳରେ ଏଭଳି ବିଦେଶୀ ପକ୍ଷୀ ଶିକାର ବୃଦ୍ଧି ପାଉଛି। ଏଥିପାଇଁ ଆଇନ କଡ଼ାକଡ଼ି ହେବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।



ଆରପାରିରେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ୍ତ ଜେନା

■ ଆସୁଛି ପଞ୍ଚୁକ

# ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

■ ଆଉ ଧାଡ଼ିଦର୍ଶନର ବନ୍ଦୋବସ୍ତ ନାହିଁ

■ ପୂର୍ବପରି ଚାଲିଛି ଦର୍ଶନ ବ୍ୟବସ୍ଥା



**ପୁରୀ ଅଫିସ,୧୩।୧୧**

ପଞ୍ଚୁକ ପାଞ୍ଚଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଅଧିକ ରହିବ। ତେଣୁ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗକୁ ନେଇ ଏକାଧିକ ସେବାୟତ ନିଯୋଗ ସହ ମଧ ଆଲୋଚନା କରିଛନ୍ତି।

ଧାଡ଼ିଦର୍ଶନ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ବର୍ତ୍ତମାନ ମନ୍ଦିରରେ କୌଣସି ପ୍ରକାର ଧାଡ଼ି ଦର୍ଶନର ବନ୍ଦୋବସ୍ତ ନାହିଁ। ପୂର୍ବରୁ ଯାହା ଥିଲା ବର୍ତ୍ତମାନ ସେହିପରି ଚାଲିଛି। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବା ଲାଗି ମାତ୍ର ଗୋଟିଏ ବନ୍ଦୋବସ୍ତ ହୋଇଛି। ପୂର୍ବରୁ ଯେପରି ଭକ୍ତ ଧାଡ଼ିରେ ଆସନ୍ତି ଏବଂ ସିଂହଦ୍ୱାର ନିକଟରେ ଯାଞ୍ଚ କରାଯାଏ ବର୍ତ୍ତମାନ ସେହି ବ୍ୟବସ୍ଥା ହିଁ ଚାଲିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହି ଯାଞ୍ଚ କରାଯାଉଛି। ବର୍ତ୍ତମାନ ସିଂହଦ୍ୱାର ଦେଇ ପ୍ରବେଶ କରିବା ପରେ ବାଇଶପାହାଚ ଖୋଲା। ଭିତର ଗୁମୁଟରେ ପଶିବା ପରେ ଜଣେ ଚାହିଁଲେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଇପାରିବେ ନଚେତ ତାଙ୍କ ଇଚ୍ଛା ହେଲେ ବେଢ଼ା ପରିକ୍ରମା କରିପାରିବେ। କେହି ଯଦି ଦର୍ଶନ ନ କରି କେବଳ ଆନନ୍ଦ ବଜାରରୁ ମହାପ୍ରସାଦ କିଣିବାକୁ ଚାହାନ୍ତି ତାଙ୍କ ପାଇଁ ବି କିଛି ଅସୁବିଧା ନାହିଁ। ସେ ଆନନ୍ଦ ବଜାରରୁ ଅବଢ଼ା ନେଇ ଉତ୍ତର ଦ୍ୱାରରେ ବାହାରିଯିବେ। ଯଦି କେହି ବେଢ଼ା ପରିକ୍ରମା ପରେ ଦର୍ଶନ କରିବାକୁ ଚାହିଁବେ ତେବେ ସାତପାହାଚ ଦେଇ ଯାଇପାରିବେ। ଏଠାରେ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଛି। ସାତପାହାଚ ଅତିକ୍ରମ କରିବା ପରେ ନାଟମଣ୍ଡପ କିମ୍ବା ଜଗମୋହନରେ କୌଣସି ପ୍ରକାର ଧାଡ଼ି ବ୍ୟବସ୍ଥା ନାହିଁ। କେବଳ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ମନ୍ଦିରରେ ବଲ୍ଲଭ, ଧୂପ ବସିବା ସମୟରେ ଦର୍ଶନ ବନ୍ଦ ରହିଥାଏ। ଏହି ସମୟରେ ଭକ୍ତମାନେ ସିଂହଦ୍ୱାର ନିକଟରେ ଥିବା ଧାଡ଼ିରେ ଅଧିକ ସମୟ ଠିଆ ହୋଇ ନ ରହିବା ପାଇଁ ଜଣାଇ ଦିଆଯିବ। ଫଳରେ ଶ୍ରଦ୍ଧାଳୁମାନେ ଏହି ସମୟରେ ସେମାନଙ୍କ ସୁବିଧା ଅନୁଯାୟୀ ବିଭିନ୍ନ ସ୍ଥାନରେ ଅପେକ୍ଷା କରିପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## କାର୍ତ୍ତିକ ପରେ ମହାପ୍ରସାଦ ଦର ନିର୍ଦ୍ଧାରଣ

**ପୁରୀ ଅଫିସ,୧୩।୧୧**

ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ହେବ ଆନନ୍ଦବଜାର। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ଏକାଧିକଥର ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରିଛି। ଯାହା କିଛି ନିଷ୍ପତ୍ତି ନିଆଯାଇଛି କାର୍ତ୍ତିକ ମାସ ପରେ ପର୍ଯ୍ୟାୟକ୍ରମେ ଏହା କାର୍ଯ୍ୟକାରୀ ହେବ। ମଙ୍ଗଳବାର ଆନନ୍ଦବଜାର ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ଲାଗି ସୁଆର ସେବକଙ୍କ ପାଇଁ ୪୮ଟି ଶେଡ୍ ତିଆରି କରାଯିବ। ଏହି ଶେଡ୍‌ର ଡିଜାଇନ ଡ୍ରଇଂକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, କେନ୍ଦ୍ରାଞ୍ଚଳ ଆଇଜି, ଏସ୍‌ପି ଓ ଜିଲାପାଳ ଅନୁମୋଦନ କରିଛନ୍ତି। ଖୁବଶୀଘ୍ର ଏହାର କାମ ଆରମ୍ଭ ହେବ। ଆନନ୍ଦ ବଜାରରେ ଏକ ଅଭିଯୋଗ ପ୍ରକୋଷ୍ଠ ରହିବ। କାର୍ତ୍ତିକ ମାସ ପରେ କୋଠ ଭୋଗରେ ମହାପ୍ରସାଦ ରୋଷେଇ ହୋଇ ଦର ନିର୍ଦ୍ଧାରଣ କରାଯିବ। ଏହି ଦର ତାଲିକା ଆନନ୍ଦବଜାର ଏବଂ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲାଗିବ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

■ ୨୦ ଘଣ୍ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଠିଲା ମୃତଦେହ

# ସ୍ୱାମୀଙ୍କ ଶବ ସତ୍କାର ପାଇଁ ଭିକ୍ଷା ମାଗିଲେ ସ୍ତ୍ରୀ

**ପଟ୍ଟାମୁଣ୍ଡାଇ,୧୩।୧୧(ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଙ୍ଗରାଇ ମୁଣ୍ଡା (୫୪) ନାମକ ଜଣେ ଦିନ ମଜୁରିଆଙ୍କ ମୃତଦେହ ଦୀର୍ଘ ୨୦ ଘଣ୍ଟା ପରେ ଉଠାଯାଇଛି। ମୃତଦେହ ଉଠାଇବା ଲାଗି ଅନୁମତି ଦେବାରେ ବିଳମ୍ବ ଯୋଗୁ ଏପରି ହୋଇଥିବା କୁହାଯାଉଛି। ଅପରପକ୍ଷରେ ଟଙ୍କା ନ ଥିବାରୁ ଜଙ୍ଗରାଇଙ୍କ ସ୍ତ୍ରୀ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଗାମୁଛା ପାରି ଭିକ୍ଷା ମାଗିବା ଦେଖିବାକୁ ମିଳିଥିଲା। ସରକାର ହରିଶ୍ଚନ୍ଦ୍ର ଯୋଜନା କରିଥିଲେ ହେଁ ଗରିବ ଲୋକ ଠିକ୍ ସମୟରେ ଟଙ୍କା ନ ପାଇ ହଟହଟା ହେଉଥିବା ଏହି ଘଟଣାରୁ ପ୍ରମାଣିତ ହେଉଛି। ଏଭଳି ସମ୍ବେଦନଶୀଳ ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ସାରପଡ଼ା ଥାନା ଅଧୀନ ଦୁଦୁନାଳୀ ଗ୍ରାମର ଜଙ୍ଗରାଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ମିନତି ପଟ୍ଟାମୁଣ୍ଡାଇ ଥାନା ଚାପଡ଼ା ଗ୍ରାମରେ ରହି ବିଭିନ୍ନ ସ୍ଥାନରେ ଦିନ ମଜୁରିଆ ଭାବରେ କାମ କରୁଥିଲେ। ଜଙ୍ଗରାଇ ଗତ କିଛି ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ରାତି ୮ଟା ବେଳେ ସେ ହଠାତ୍ ଛାତି ଓ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୧୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମିନତିଙ୍କ ପାଖରେ ଟଙ୍କା ନ ଥିବାରୁ ସେ ସ୍ୱାମୀଙ୍କ ମୃତଦେହ ନିକଟରେ ଗାମୁଛା ପାରି ଭିକ୍ଷା ମାଗିଥିଲେ। ଏହାଦେଖି କେତେଜଣ ବଦାନ୍ୟ ବ୍ୟକ୍ତି ପହଞ୍ଚି କିଛି ଟଙ୍କା ଦେଇଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଡିଜେ ସେବା ସମିତି ଅଧକ୍ଷ ତଥା ଆନ୍ତର୍ଜାତିକ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପ୍ରତାପ ପାଢ଼ୀ ମହାପ୍ରୟାଣ ଗାଡ଼ି ପାଇଁ ୩ ଶହ ଟଙ୍କାର ରସିଦ୍ କାଟିବା ସହିତ ୧ ହଜାର ଟଙ୍କା ଦେଇଥିଲେ। ପଟ୍ଟାମୁଣ୍ଡାଇ ଦଳିତ ସଂଘ ସଭାପତି କଳ୍ପତରୁ ମଲିକଙ୍କ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କୁ ଟଙ୍କା ଦିଆଯିବାର ଥିବା ବେଳେ ପୌର ପରିଷଦର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ଟଙ୍କା ନ ଥିବା ଦର୍ଶାଇଥିଲେ। ତେବେ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପାଢ଼ୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ଓ ପୋଲିସ ସହିତ ଯୋଗାଯୋଗ କରି ଶବ ସଂସ୍କାର ପାଇଁ ପଦକ୍ଷେପ ନେଇଥିଲେ। ଏଥିରେ କେତେଜଣ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅରଡ଼ା-ଚାପଡ଼ା ନିକଟରେ ଜଙ୍ଗରାଇଙ୍କ ଅନ୍ତିମ ସଂସ୍କାର କରାଯାଇଛି।


ସ୍ୱାସ୍ଥ୍ୟକେନ୍ଦ୍ର ୱାର୍ଡରେ ମିନତି ଗାମୁଛା ପାରି ଭିକ୍ଷା ମାଗୁଛନ୍ତି।

# ବୁଗୁଡ଼ା ପୋଲିସର ଏନ୍‌କାଉଣ୍ଟର

■ ଅଭିଯୁକ୍ତ ଗିରଫ

■ ବାଇକ, ବନ୍ଧୁକ, ମୋବାଇଲ ଜବତ


ଆହତ ବେଣୁ ବାରିକ।

**ବୁଗୁଡ଼ା,୧୩।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ପୋଲିସ ଏନ୍‌କାଉଣ୍ଟରରେ ବିଭିନ୍ନ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଆହତ ହୋଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଜାମୁପାଟଣା ଗ୍ରାମର ବେଣୁ ବାରିକ। ମଙ୍ଗଳବାର ସକାଳେ କରତୁଲି ନିକଟସ୍ଥ ରାମପାଦ ଜଙ୍ଗଲରେ ବେଣୁଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ପ୍ରଥମେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବେଣୁଙ୍କ ନିକଟରୁ ବନ୍ଧୁକ, ଗୁଳି, ମୋବାଇଲ ଫୋନ ଓ ବାଇକ୍ ଜବତ କରାଯାଇଛି। ତାଙ୍କ ସହଯୋଗୀ ବୁଲୁ ଦାଶ ଖସି ପଳାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବେଣୁ ମାଣିତରା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଓ ଖୋର୍ଦ୍ଧାରେ ଏକ ବ୍ୟାଙ୍କ ଡକାୟତି ସହ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲେ। ଓଡ଼ଗାଁ ଥାନାରେ ମଧ ତାଙ୍କ ନାମରେ ୩ ମାମଲା ରହିଛି। ୨୦୧୩ରୁ ଖୋର୍ଦ୍ଧା ଜେଲ୍‌ରୁ ପାରୋଲରେ ଆସି ସେ ବିଭିନ୍ନ ଅପରାଧ ଭିଆଉଥିଲେ। ମଙ୍ଗଳବାର ଭୋର ପ୍ରାୟ ୬ଟାରେ କରତୁଲି ଜଙ୍ଗଲ ଅଞ୍ଚଳରେ ବେଣୁ ଓ ତାଙ୍କ ସାଙ୍ଗ ବୁଲୁ ବାଇକରେ ବୁଲୁଥିବା ପୋଲିସକୁ ସୂଚନା ମିଳିଥିଲା। ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶଙ୍କ ନେତୃତ୍ୱରେ ବୁଗୁଡ଼ା ଥାନାଧିକାରୀ ରାମଚନ୍ଦ୍ର ବିଶ୍ୱାଳ ପୋଲିସ ଫୋର୍ସ ସହ କରତୁଲି ଜଙ୍ଗଲକୁ ଯାଇଥିଲେ। ରାମପାଦ ଜଙ୍ଗଲ ଠାରେ ପୋଲିସ ସହ ମୁହାଁମୁହିଁ ହେବାରୁ ବେଣୁ ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ବେଣୁଙ୍କ ଗୋଡ଼ରେ ବାଜିଥିଲା। ସେ ପଡ଼ିଯିବାରୁ ତାଙ୍କୁ କାବୁ କରାଯାଇଥିଲା। ଏହି ସମୟରେ ବୁଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି। ବେଣୁ ପୋଲିସ ଉପରକୁ ଗୁଳି ଚଳାଇଥିବା ନେଇ ବୁଗୁଡ଼ା ଥାନାରେ ନଂ. ୨୭୩/୧୮ରେ ଏକ ମାମଲା ରୁଜୁ ହୋଇଛି।

■ କୋଣାର୍କ ମନ୍ଦିରରୁ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି କଢ଼ାଯିବା ପ୍ରସଙ୍ଗ

# ଡିସେମ୍ବର ୧୫ସୁଦ୍ଧା ରିପୋର୍ଟ ଦେବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିରରୁ କିଛି କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି କଢ଼ାଯାଇ ସେସବୁ ସ୍ଥାନରେ ସାଦା ପଥର ଲଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା (ଏଏସ୍‌ଆଇ) ଅଧିକାରୀମାନେ ମୂର୍ତ୍ତି ପରିବର୍ତ୍ତନ କରିଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ହେବାପରେ ଏହାକୁ ନେଇ ସରକାରୀ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି। ସୋମବାର ସଂସ୍କୃତି ବିଭାଗ ସଚିବଙ୍କ ଅଧକ୍ଷତାରେ ସଚିବାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏସ୍‌ଆଇ ଅଧିକାରୀ ଯୋଗଦେଇ ଉଠିଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। କୋଣାର୍କ ମନ୍ଦିରରୁ କୌଣସି ମୂର୍ତ୍ତି କଢ଼ାଯାଇ ନାହିଁ ବୋଲି ସେମାନେ କହିଛନ୍ତି। ଏହି ପ୍ରସଙ୍ଗରେ ପୁଣିଥରେ ମଙ୍ଗଳବାର ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। କୋଣାର୍କ ସଂରକ୍ଷଣ ଏବଂ ସୁରକ୍ଷା ସମ୍ପର୍କରେ ଡିସେମ୍ବର ୧୫ସୁଦ୍ଧା ରିପୋର୍ଟ ଦେବାକୁ ଏଏସ୍‌ଆଇ ଅଧିକାରୀଙ୍କୁ କୁହାଯାଇଛି।

ଏନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗଠିତ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଚିବାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କୋଣାର୍କ ମନ୍ଦିର ସଂରକ୍ଷଣ ନେଇ ଏଏସ୍‌ଆଇର ଭୂମିକା ବାବଦରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଷ୍ଟିୟରିଂ କମିଟିର ବୈଠକ ତୁରନ୍ତ କୋଣାର୍କଠାରେ ଡକାଇବାକୁ ମନ୍ତ୍ରୀ ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ୧୯୯୭ ଓ ୨୦୧୦ରେ ଆୟୋଜିତ ଦୁଇଟି ଆନ୍ତର୍ଜାତିକ ସମ୍ମିଳନୀରେ ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତାପ୍ରାପ୍ତ କୋଣାର୍କର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟ ସୁରକ୍ଷା ନେଇ ସୁପାରିସ କରାଯାଇଥିଲା। ଏହି ସୁପାରିସଗୁଡିକର କାର୍ଯ୍ୟାନ୍ୱୟନ କେତେଦୂର ହୋଇଛି ସେନେଇ ଏଏସ୍‌ଆଇ ସ୍ପଷ୍ଟ କରିବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଛି। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ଯୋଗଦେଇ କହିଛନ୍ତି ଯେ, କୋଣାର୍କ ମନ୍ଦିରର ଢାଞ୍ଚାଗତ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସଂରକ୍ଷଣ ଓ ପୁନରୁଦ୍ଧାର ବାବଦରେ ସବିଶେଷ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁତ ହେବା ଦରକାର। ମନ୍ଦିରର ସୌନ୍ଦର୍ଯ୍ୟ ଓ କାରୁକାର୍ଯ୍ୟକୁ ଅକ୍ଷୁଣ୍ଣ ଓ ସୁରକ୍ଷିତ ରଖାଯିବା ଉଚିତ ବୋଲି ବାଲକ୍ରିଷ୍ଣନ ମତ ଦେଇଛନ୍ତି।

ଉପରୋକ୍ତ ଆନ୍ତର୍ଜାତିକ ସମ୍ମିଳନୀର ସୁପାରିସକୁ ଏଏସ୍‌ଆଇ କୋଣାର୍କ ସଂରକ୍ଷଣ କ୍ଷେତ୍ରରେ କେତେଦୂର ପାଳନ କରିଛି, ସେ ବାବଦରେ ଆସନ୍ତା ମାସ ୧୫ପୂର୍ବରୁ ଏକ ରିପୋର୍ଟ ଦେବାପରେ ତାହା ଉପରେ ସଂସ୍କୃତି ବିଭାଗ ତନଖି କରିବା ସହିତ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁଧ୍ୟାନ କରିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ସୁରେନ୍ଦ୍ରନାଥ ସେଠୀ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଏଏସ୍‌ଆଇର ଓଡ଼ିଶା ଆଞ୍ଚଳିକ ମୁଖ୍ୟ ଅରୁଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। –ଶ୍ରୀମା

# ଖର୍ଚ୍ଚ କେତେ

କିଛି ବର୍ଷ ହେବ ଦେଖିବାକୁ ମିଳୁଛି କୌଣସି ରାଜ୍ୟ, ସହର ବା ସ୍ଥାନର ନାମ ପରିବର୍ତ୍ତନ କରିବାରେ ଭାରତୀୟମାନେ ଆନନ୍ଦ ଅନୁଭବ କରୁଛନ୍ତି। ଦୀର୍ଘବର୍ଷ ଧରି ରହିଆସିଥିବା ନାମ ବଦଳରେ ଆଞ୍ଚଳିକ କିମ୍ବା ସ୍ଥାନୀୟ ସ୍ୱାଦ ଥିବା ଏକ ନାମ ଦିଆଗଲେ ତାହା ଅଧିକ ଗ୍ରହଣୀୟ ହେବ ବୋଲି ଯୁକ୍ତି କରାଯାଉଛି। ବାସ୍ତବ କ୍ଷେତ୍ରରେ ନାମ ପରିବର୍ତ୍ତନ ପରେ କେଉଁ ପ୍ରକାର ବିକାଶ ସମ୍ପୃକ୍ତ ଅଞ୍ଚଳରେ ଘଟୁଛି, ତାହା ଉପରେ କେହି ଗବେଷଣା କରୁଥିବା ଭଳି ମନେହେଉ ନାହିଁ। କେତେକ ରାଜନୈତିକ ଦଳ ଭୋଟ ଧ୍ରୁବୀକରଣ କରି ସେଥିରୁ ଫାଇଦା ନେବା ଉଦ୍ଦେଶ୍ୟରେ ଏଭଳି କରୁଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି। ସଦ୍ୟ ଘଟଣାକୁ ଦେଖିଲେ, ନଭେମ୍ବର ୧୩ରେ ଉତ୍ତରପ୍ରଦେଶ କ୍ୟାବିନେଟ୍ ଫୈଜାବାଦ ଓ ଆଲ୍ଲାହାବାଦ ନାମକୁ ଯଥାକ୍ରମେ ଅଯୋଧ୍ୟା ଓ ପ୍ରୟାଗରାଜ କରିବା ଲାଗି ଅନୁମୋଦନ କରିଛନ୍ତି। ସେହିଭଳି କେନ୍ଦ୍ର ସରକାରଙ୍କ ପାଖରେ ଦେଶର ପ୍ରାୟ ୨୫ଟି ସହର କିମ୍ବା ସ୍ଥାନର ନାମ ପରିବର୍ତ୍ତନ ନେଇ ଥିବା ଦାବିକୁ ଏକବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ଶୁଣିବାକୁ ମିଳିଛି।

କୌଣସି ଆବଶ୍ୟକତା ନ ଥିବା ବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ପାଇଁ ଦେଖାଉଥିବା ଉତ୍ସୁକତାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଆଦିତ୍ୟନାଥ ହେଉଛନ୍ତି ଗୋରଖପୁର ଅଞ୍ଚଳର ନେତା। କେବଳ ନାମକୁ ଦେଖିଲେ ହୁଏତ ଏହା ଗୋମାତା ରକ୍ଷା କରୁଥିବା ଅଞ୍ଚଳ ବା ପୁରକୁ ବୁଝାଯାଉଥାଇପାରେ। ତେବେ ସେହି ଗୋରଖପୁରରେ କେବଳ ୨୦୧୭ରେ ହସ୍ପିଟାଲରେ ୧,୩୧୭ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଗୋମାତାର ରକ୍ଷା କରୁଥିବା ପ୍ରସିଦ୍ଧ ଅଞ୍ଚଳରେ ନବଜାତ ଶିଶୁଙ୍କ ରକ୍ଷା କରିବା ପାଇଁ କେହି ନ ଥିବା ଭଳି ମନେହୁଏ। ଏହି କଥା କହିବାର ଅର୍ଥ ହେଲା ଯେ, ଭାରତର ରାଜନୈତିକ ନେତାଙ୍କ ସମେତ ସମଗ୍ର ପ୍ରଶାସନର ଗୋଟିଏମାତ୍ର ଲକ୍ଷ୍ୟ ରହିବା ଆବଶ୍ୟକ। ସେହି ଲକ୍ଷ୍ୟଟି ହେଲା ହ୍ୟୁମାନ୍ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସ ବା ମାନବ ବିକାଶ ସୂଚକାଙ୍କ ଅଭିବୃଦ୍ଧି ଘଟାଇବା । କିନ୍ତୁ ଦୁଃଖର ବିଷୟ ହେଉଛି ଭାରତୀୟ ନାଗରିକର ମୌଳିକ ଆବଶ୍ୟକତାଗୁଡ଼ିକୁ କୌଣସି ରାଜନୈତିକ ବା ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯାଉନାହିଁ। ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ସମ୍ପର୍କିତ ବହୁ ତଥ୍ୟ ଅନେକେ ପଢ଼ିଥିବେ। ଏହି ଦୁଇ ଅତ୍ୟାବଶ୍ୟକ ସୁବିଧାର ଘୋର ଅଭାବ ସମ୍ପର୍କରେ ଯଥେଷ୍ଟ ଆଲୋଚନା ହୋଇସାରିଲାଣି। ଏହା ବ୍ୟତୀତ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ କୌଣସି ଜୋର ଆଲୋଚନା ହେଉଥିବା ପରିଲକ୍ଷିତ ହେଉନାହିଁ। ପ୍ରଥମଟି ହେଲା କୃଷି କ୍ଷେତ୍ରରେ ବିପଜ୍ଜନକ ରାସାୟନିକ ଦ୍ରବ୍ୟର ଅପବ୍ୟବହାର; ଦ୍ୱିତୀୟଟି ହେଲା ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ। ଅତ୍ୟଧିକ ଉତ୍ପାଦନରୁ ଅଧିକ ଲାଭ ମିଳିବ ବୋଲି ମନ୍ଦ ଚିନ୍ତା ଚାଷୀଙ୍କ ମୁଣ୍ଡରେ ପୂରାଇବା ପାଇଁ ସରକାରୀ କଳ ଅନେକ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛି । ଜମି ଏବଂ ଭୂତଳ ଜଳକୁ ନଷ୍ଟ କରିବା ଭଳି କୃଷି ସମ୍ପର୍କିତ କାର୍ଯ୍ୟ ଫଳରେ ଆଜି ପଞ୍ଜାବ ଓ ହରିୟାଣା ଭଳି ରାଜ୍ୟରେ କ୍ଷେତରୁ ଉତ୍ପାଦନ କମିବା ବେଳେ ସେଠାକାର ନାଗରିକଙ୍କଠାରେ କର୍କଟ ଭଳି କଷ୍ଟଦାୟକ ରୋଗ ବ୍ୟାପୁଛି।

ଏହା ବ୍ୟତୀତ ଶିକ୍ଷାକୁ ଦୀର୍ଘଦିନ ଧରି ଧ୍ୟାନ ଦିଆ ନ ଯାଇଥିବାରୁ ଅଯୋଗ୍ୟ ଏବଂ ହତୋତ୍ସାହିତ ଯୁବପିଢ଼ି ସୃଷ୍ଟି ହୋଇଛନ୍ତି। କେବଳ ଆଇଆଇଟି, ଆଇଆଇଏମ୍ ଭଳି ଅତି ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସରକାର ନିଜର ସବୁ ସମ୍ବଳ ବ୍ୟବହାର କରୁଛନ୍ତି। ଏହାଫଳରେ ମୌଳିକ ଶିକ୍ଷାର ଉନ୍ନତି ଘଟିପାରୁ ନାହିଁ। ଗ୍ରାମାଞ୍ଚଳରେ ରହୁଥିବା ଅଧିକାଂଶ ପିଲାଙ୍କୁ ଉଚିତ ଶିକ୍ଷାରୁ ବଞ୍ଚିତ କରାଯାଉଛି। ଏହି ଅଶିକ୍ଷିତମାନଙ୍କୁ ଦକ୍ଷତା ବିକାଶ ସୁଯୋଗ ଦିଆଯିବ ବୋଲି ଦାବି କରାଯାଉଥିବା ବେଳେ ସେମାନଙ୍କ ମାନସିକ ଅସ୍ଥିରତାକୁ ହିସାବରେ ନିଆଯାଉନାହିଁ। ମୌଳିକ ଶିକ୍ଷା ମାଧ୍ୟମରେ ମାନସିକ ସ୍ଥିରତା ବା ଜୀବନର ଲକ୍ଷ୍ୟ ସମ୍ପର୍କରେ ଯୁବପିଢ଼ିର ଧାରଣା ସୃଷ୍ଟିହୁଏ। କିନ୍ତୁ ସେହିଭଳି ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଭାରତରେ କୌଣସି ଚିନ୍ତା କରାଯାଉନାହିଁ।

ଆର୍ଯ୍ୟ ହିନ୍ଦୁମାନଙ୍କର ଏକ ଅଞ୍ଚଳର ନାମ ଥିଲା ପ୍ରୟାଗ। ତାହା ଇତିହାସ। ସେହିଭଳି ମୁସଲମାନ ଶାସକମାନେ ଭାରତୀୟ ଇତିହାସର ଏକ ଦୀର୍ଘକାଳର ଅଙ୍ଗ ଏବଂ ସେହିମାନେ ପ୍ରୟାଗକୁ ଆଲ୍ଲାହାବାଦ ଭାବେ ନାମିତ କଲେ ବୋଲି କୁହାଯାଉଛି। ଏହାକୁ ସତ୍ୟ ଭାବେ ସ୍ୱୀକାର କରିବା ଉଚିତ। କିନ୍ତୁ ଇତିହାସକୁ ବିଭିନ୍ନ ଖଣ୍ଡରେ ବିଭକ୍ତ କରାଯାଇପାରିବ ନାହିଁ। ସମୟ ହେଉଛି ଚିରନ୍ତନ। ବାପ ପରେ ପୁଅ, ପୁଅ ପରେ ନାତି ପ୍ରକୃତିର ପଦ୍ଧତି। ସେହିଭଳି ଚିନ୍ତାରେ ଯାଇପାରିଲେ ଭାରତୀୟମାନେ ପୃଥିବୀର ପ୍ରାକୃତିକ ପଦ୍ଧତି ସହିତ ଖାପ ଖାଇପାରିବେ। ନିଜର ଇତିହାସକୁ ଅସ୍ୱୀକାର କରିବା ପରିବର୍ତ୍ତେ ସେଥିରୁ ଶିକ୍ଷା ନେଇ ପୂର୍ବ ତ୍ରୁଟିକୁ ସୁଧାରିବା ହେଉଛି ବୁଦ୍ଧିମାନ ମଣିଷର ଲକ୍ଷଣ। ଗତକାଲିକୁ ପରିବର୍ତ୍ତନ କରିହେବ ନାହିଁ। କିନ୍ତୁ ଭବିଷ୍ୟତକୁ ଗଢ଼ି ହେବ। ସେଥିପାଇଁ ଆଲ୍ଲାହାବାଦକୁ ପ୍ରୟାଗ କରିବାର ଅର୍ଥ ହେଉଛି ଆଜିକାର ଶାସକମାନେ ପୂର୍ବର ମୁସଲମାନ ଶାସକଙ୍କ ଭଳି ମାନସିକ ଅସ୍ଥିରତାର ପରିଚୟ ଦେବା। ମୁସଲମାନମାନେ ପ୍ରୟାଗର ନାମ ବଦଳାଇବା ଯେତିକି ତ୍ରୁଟିପୂର୍ଣ୍ଣ, ସେହିଭଳି ଆଲ୍ଲାହାବାଦକୁ ପୁନଶ୍ଚ ପ୍ରୟାଗ କରିବା କିଛିବର୍ଷ ପରେ ସେହିଭଳି ତ୍ରୁଟିପୂର୍ଣ୍ଣ ଲାଗିପାରେ।

ଶେଷରେ ଏହିଭଳି ନାମ ପରିବର୍ତ୍ତନ କରୁଥିବା ରାଜନେତାମାନଙ୍କର ଦାୟିତ୍ୱ ହେଉଛି ଯେ, ଜନସାଧାରଣଙ୍କଠାରୁ ଆଦାୟ କରାଯାଇଥିବା ଟିକସରୁ କେତେ ପରିମାଣର ଖର୍ଚ୍ଚ କରାଗଲା ତାହା ଜଣାଇବା। ଏହି ପରିମାଣ ଲୋକଲୋଚନକୁ ଆସିବା ପରେ ଜନସାଧାରଣଙ୍କଠାରୁ ନାମ ପରିବର୍ତ୍ତନ ସମ୍ପର୍କରେ ମତ ନିଆଯିବା ଦରକାର।

# କୃଷି ବୀମା: ବୀମା ନୁହେଁ ଠକେଇ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ପି. ସାଇନାଥ ଏମିତି ଜଣେ ମହାନ୍ କୃଷି ଓ ସାମାଜିକ ଗବେଷକ ଯିଏ ନିଜେ ସଂଗ୍ରହ କରିଥିବା ଦୃଢ଼ ପ୍ରମାଣ ମାଧ୍ୟମରେ ନିରାଟ ସତକଥାକୁ ଖୁବ୍ ରୋକଠୋକ୍ ଭାବେ କହନ୍ତି। ଏଇ ନିକଟରେ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଓ ହେଉଥିବା ଠକେଇ ରାଫାଲ ଦୁର୍ନୀତିଠାରୁ କାହିଁରେ କେତେ ଅଧିକ। ସେ ଖାଲି ଅଭିଯୋଗ କରିନାହାନ୍ତି, ତା'ର ଠୋସ୍ ପ୍ରମାଣ ବି ଦେଇଛନ୍ତି। ମହାରାଷ୍ଟ୍ରର ଏକ ଜିଲାରେ ପ୍ରାୟ ତିନିଲକ୍ଷ କୃଷକ ସୋୟାବିନ ଫସଲ ପାଇଁ ବୀମା କରିଥିଲେ। ବୀମା ବାବଦକୁ ଚାଷୀମାନେ ୧୯.୨ କୋଟି ଟଙ୍କା ପ୍ରିମିୟମ୍ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପୈଠ ପ୍ରିମିୟମ୍ ମିଶାଇ ରିଲାଏନ୍ସ ବୀମା କମ୍ପାନୀ ମୋଟ ୧୭୩ କୋଟି ଟଙ୍କାର ପ୍ରିମିୟମ୍ ନେଇଥିଲା। ସେହି ଋତୁରେ ଜିଲାର ସାରା ସୋୟାବିନ ଫସଲ ଧ୍ୱଂସ ହୋଇଯାଇଥିବା ସତ୍ତ୍ୱେ ରିଲାଏନ୍ସ କମ୍ପାନୀ ମାତ୍ର ୩୦ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲା। ବିନା ନିବେଶରେ ରିଲାଏନ୍ସ କମ୍ପାନୀ ସେହି ଗୋଟିଏ ଜିଲାରୁ ୧୪୩ କୋଟି ଟଙ୍କାର ଲାଭ ଉଠାଇନେଲା– ତାହା ପୁଣି ମାତ୍ର ଗୋଟିଏ ବର୍ଷର ଫସଲ ବରବାଦରେ। ରିଲାଏନ୍ସ କମ୍ପାନୀ ତ କିଛି ନିବେଶ କରି ନ ଥିଲା, ସେ ପାଇଥିବା ୧୭୩ କୋଟି ପ୍ରିମିୟମ୍ ଅତି କମ୍‌ରେ ବର୍ଷେକାଳ ନିଜ ପାଖରେ ରଖି ବ୍ୟବସାୟରେ ଖଟେଇଥିଲା। ସାଇନାଥଙ୍କ ନିଷ୍କର୍ଷରୁ ଭିତ୍ତିନେଇ ଆମେ ଯଦି ଭାରତରେ ଫସଲ ବୀମାର ସ୍ଥିତି ଦେଖିବା ଆମେ ପାଇବା ଯେ, ସେଭଳି ଅଭିଯୋଗ କେବଳ ମହାରାଷ୍ଟ୍ରରେ ସୀମିତ ନାହିଁ। ଏହା ସାରା ଭାରତରେ ପରିବ୍ୟାପ୍ତ। ଫସଲ ବୀମା ଚାଷୀଙ୍କ ଦୁଃଖକୁ କେତେ ଲାଘବ କରିଛି ତାହା ଭିନ୍ନ କଥା କିନ୍ତୁ ବୀମା କମ୍ପାନୀଙ୍କ ପାଇଁ ଧନର ପସରା ଖୋଲିଦେଇଛି।

ଭାରତ ସରକାରଙ୍କ ନିଜସ୍ୱ ତଥ୍ୟ ଅନୁସାରେ ବୀମା କମ୍ପାନୀଗୁଡ଼ିକ ୨୦୧୬ ମସିହାର ଖରିଫ ଋତୁରେ ଚାଷୀ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କଠାରୁ ହାତେଇଥିଲେ ୧୬,୨୭୬ କୋଟି ଟଙ୍କାର ପ୍ରିମିୟମ୍। ସେହି ବର୍ଷ ଭାରତର ଅନେକ ସ୍ଥାନରେ ଫସଲ କ୍ଷତି ହୋଇଥିଲା। ତଥାପି ବୀମା କମ୍ପାନୀଗୁଡ଼ିକ ଅତି ଆରାମରେ ୫,୮୫୧ କୋଟି ଟଙ୍କାର ଲାଭ ଗୋଟେଇଥିଲେ। ଯେତେ ପ୍ରିମିୟମ୍ ନେଇଥିଲେ ତାହାର ୩୬% ଲାଭ ନେଇଗଲେ। ୨୦୧୭ ମସିହାରେ ଓଡ଼ିଶା ସମେତ ଅଧିକାଂଶ ଧାନ ଉତ୍ପାଦନକାରୀ ରାଜ୍ୟରେ ବର୍ଷାଭାବରୁ ମରୁଡ଼ି ହୋଇଥିଲା। କିନ୍ତୁ ସେହି ବର୍ଷ ବୀମା କମ୍ପାନୀଙ୍କର ହୋଲି, ଦୀପାବଳି ହିଁ ହୋଇଥିଲା। ୨୦୧୭ ମସିହା ଖରିଫ ଋତୁରେ ସେମାନେ ୧୯,୨୫୯ କୋଟି ଟଙ୍କାର ପ୍ରିମିୟମ୍ ପାଇଥିଲେ। କ୍ଷତିଭରଣା କରିଥିଲେ ମାତ୍ର ୧୫,୧୮୧ କୋଟି ଟଙ୍କା। ଆଉ ଲାଭ ଉଠାଇଥିଲେ ୪,୦୭୮ କୋଟି ଟଙ୍କା। ୨୦୧୭ ମସିହାରେ ଓଡ଼ିଶାରେ ଖରିଫ ଫସଲ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ସେହି ଋତୁରେ ଓଡ଼ିଶାରେ ଫସଲ ବୀମା ରାଶିର ପରିମାଣ ଥିଲା ୭,୨୧୦ କୋଟି ଟଙ୍କା। ଓଡ଼ିଶାରେ ଏତେ କ୍ଷତି ସତ୍ତ୍ୱେ ବୀମା କମ୍ପାନୀ ପ୍ରଦାନ କଲେ ମାତ୍ର ୧,୬୧୮ କୋଟି ଟଙ୍କା।

ସମ୍ବଲପୁର ଭଳି ଏକ ଜିଲା ଯେଉଁଠି ଚାଷୀ ସଂଗଠନ ଖୁବ୍ ଟାଣୁଆ ସେଠି ମଧ୍ୟ ବୀମା କମ୍ପାନୀର ପତିଆରା କିଛି କମ୍ ନୁହେଁ। ସମ୍ବଲପୁର ସହର ନିକଟବର୍ତ୍ତୀ ୩୩ଟି ପଞ୍ଚାୟତରେ ଫସଲ କାଟରୁ ଜଣାପଡିଲା ଯେ ୭୩% କ୍ଷତି ହୋଇଛି କିନ୍ତୁ ୧୨% କ୍ଷତି ଘୋଷଣା ହେଲା। ସେତିକି ବି କ୍ଷତିପୂରଣ ପାଇବା ପାଇଁ ଚାଷୀଙ୍କୁ ଆନ୍ଦୋଳନ କରିବାକୁ ପଡୁଛି। ଖାଲି ଖରିଫ ନୁହେଁ, ୨୦୧୬ ମସିହା ରବି ଋତୁରେ ମଧ୍ୟ ବୀମା କମ୍ପାନୀଗୁଡ଼ିକ ଭାରତରେ ୪୫୧ କୋଟି ଟଙ୍କାର ଲାଭ ଲୁଟିଛନ୍ତି। ମାତ୍ର ତିନୋଟି ଫସଲ ଋତୁରୁ ବୀମା କମ୍ପାନୀଗୁଡ଼ିକ ୧୦,୩୭୯ କୋଟି ଟଙ୍କା ଲାଭ କରିସାରିଛନ୍ତି। ଏହା ସେମାନେ ପାଇଥିବା ପ୍ରିମିୟମ୍‌ର ୨୫%। ଫସଲ ବରବାଦ ହୋଇଚାଲିଛି ଚାଷୀଙ୍କର କିନ୍ତୁ କମ୍ପାନୀଗୁଡ଼ିକ ବିନା ମୂଳଧନରେ ବିନା ନିବେଶରେ ମାଲାମାଲ ହୋଇଚାଲିଛନ୍ତି।

ଏବେ ଜଣେ ହୁଏ ତ ପ୍ରଶ୍ନ କରିବ ଯେ, ବୀମା କମ୍ପାନୀ ତା'ହେଲେ କ'ଣ ଲାଭ ରଖିବ ନାହିଁ? ଏହାକୁ ବୁଝିବା ପାଇଁ ଆମେ ଅନ୍ୟ ବୀମାଗୁଡ଼ିକର ସ୍ଥିତି କେମିତି ତାହା ଟିକେ ଦେଖିବା। ଏଇ ବର୍ଷ ଜାନୁୟାରୀ ମାସରେ ବୀମା ନିୟନ୍ତ୍ରଣ ପ୍ରାଧିକରଣ ବିଭିନ୍ନ ବୀମା କମ୍ପାନୀ ପାଇଥିବା ପ୍ରିମିୟମ୍ ତୁଳନାରେ କେତେ କ୍ଷତି ଭରଣା ଦେୟ ପ୍ରଦାନ କରିଛନ୍ତି ତାହାର ଏକ ସୂଚୀ ଜାରି କରିଥିଲେ। ସେହି ତଥ୍ୟ ଅନୁସାରେ ସ୍ୱାସ୍ଥ୍ୟବୀମା ସେବା ଯୋଗାଉଥିବା ଚାରିଟିଯାକ ସରକାରୀ ବୀମା କମ୍ପାନୀ ୨୦୧୬–୧୭ ବର୍ଷରେ ଯେତିକି ପ୍ରିମିୟମ୍ ପାଇଥିଲେ ତାହାଠାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିଛନ୍ତି। ଅର୍ଥାତ୍ କ୍ଷତି ସହିଛନ୍ତି। ଖାଲି ସରକାରୀ ବୀମା କମ୍ପାନୀଙ୍କ ସ୍ୱାସ୍ଥ୍ୟ ବୀମାକୁ ହିସାବକୁ ନ ନେଇ ସମସ୍ତ ବୀମା କମ୍ପାନୀଙ୍କ ସବୁପ୍ରକାର ବୀମାକୁ ହିସାବକୁ ନେଲେ ୨୦୧୬–୧୭ ବର୍ଷରେ ସେହି କମ୍ପାନୀମାନେ ସମୁଦାୟ ଯେତେ ପ୍ରିମିୟମ୍ ପାଇଥିଲେ ତାହାର ୯୦.୯% ବୀମାଧାରୀଙ୍କ କ୍ଷତିଭରଣାରେ ଚାଲିଯାଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୧୫–୧୬ ଖରିଫ ଋତୁରୁ ୨୦୧୬–୧୭ ଖରିଫ ଋତୁଯାଏ ମଝିରେ ଗୋଟିଏ ରବି ଋତୁକୁ ମିଶାଇ ତିନିଟି ଚାଷ ଋତୁରେ ବୀମା କମ୍ପାନୀଗୁଡ଼ିକ ଫସଲ ବୀମା ବାବଦରେ ମୋଟ ୪୧,୪୪୯.୬ କୋଟି ଟଙ୍କା ପ୍ରିମିୟମ୍ ମଧ୍ୟରୁ ୩୧,୦୭୦.୫ କୋଟି ଟଙ୍କା ବା ପାଇଥିବା ପ୍ରିମିୟମ୍‌ର ମାତ୍ର ୭୫% ହିଁ କ୍ଷତିଭରଣା ବାବଦରେ ପ୍ରଦାନ କରିଥିଲେ। ଅର୍ଥାତ୍ ଫସଲ ବୀମା କମ୍ପାନୀଗୁଡ଼ିକ ଫସଲ ବୀମାରୁ ଲାଭ ହିଁ ଉଠାଇଛନ୍ତି। ସ୍ଥିତି କିନ୍ତୁ ଏହାର ଓଲଟା ହେବା କଥା। ଆମେରିକାକୁ ଉଦାହରଣ ହିସାବରେ ନେବା। ଆମେରିକାର ଟେକ୍ସାସ ରାଜ୍ୟରେ ସେହି ଦେଶର ସବୁଠାରୁ ଅଧିକ ଚାଷ ହୋଇଥାଏ ଓ ସବୁଠାରୁ ଅଧିକ ଚାଷୀ ସେହି ରାଜ୍ୟରେ ଅଛନ୍ତି। ୨୦୧୭ ମସିହାରେ ବୀମା କମ୍ପାନୀଗୁଡ଼ିକ ଟେକ୍ସାସ ରାଜ୍ୟରୁ ଫସଲ ବୀମାର ପ୍ରିମିୟମ୍ ବାବଦରେ ୩୧.୦୮ କୋଟି ଡଲାରର ପ୍ରିମିୟମ୍ ସଂଗ୍ରହ କରିଥିଲେ। କିନ୍ତୁ ସେହିବର୍ଷ କ୍ଷତିପୂରଣ ବାବଦରେ ପ୍ରଦାନ କରିଥିଲେ ୬୯.୩୭ କୋଟି ଡଲାର। ପାଇଥିବା ପ୍ରିମିୟମ୍‌ର ଦୁଇଗୁଣରୁ ଅଧିକ କ୍ଷତିଭରଣା ବାବଦରେ ଦେଇଥିଲେ। ସେହି ସମାନ ସ୍ଥିତି ଆମେରିକାର ପ୍ରାୟ ସମସ୍ତ ରାଜ୍ୟର ଥିଲା। ୨୦୧୭ ମସିହା ଜୁନ୍‌ରେ ଆମେରିକାର କୃଷିମନ୍ତ୍ରୀ ସନି ପେରଡୁ କହିଥିଲେ ଯେ, ବିଗତ ପାଞ୍ଚବର୍ଷରେ ସାରା ଆମେରିକାର ସବୁ ରାଜ୍ୟର ଫସଲ ବୀମାକୁ ହିସାବକୁ ନେଲେ ଆଦାୟ ହୋଇଥିବା ମୋଟ ପ୍ରିମିୟମ୍‌ର ୯୧% କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଥିଲା। ଆମେରିକା ଭଳି ଏକ ଉନ୍ନତ ଦେଶରେ ଯେଉଁଠି ଫସଲ କ୍ଷତି ଖୁବ୍ ନଗଣ୍ୟ ସେଠି ମଧ୍ୟ ବୀମା କମ୍ପାନୀଗୁଡ଼ିକ ପାଇଥିବା ପ୍ରିମିୟମର ୯୧% କ୍ଷତିପୂରଣ ବାବଦରେ ଦେଇଛନ୍ତି। କିନ୍ତୁ ଭାରତରେ ଫସଲର ସ୍ଥିତି ଭାରି ଖରାପ ଥିବା ସ୍ଥଳେ ବୀମା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପାଇଥିବା ପ୍ରିମିୟମ୍‌ର ମାତ୍ର ୭୫% ହିଁ କ୍ଷତିପୂରଣ ବାବଦରେ ପ୍ରଦାନ କରିଛନ୍ତି।

ଓଡ଼ିଶାରେ ଏକ ଢଗ ଅଛି, 'ଯାହାର ଧାନକୁ ତାହାର ମୁଢ଼ି'। ଆଗ ଧାନ ନେଇ ସେଥିରୁ ମୁଢ଼ି ଭାଜି ନିଜ ଲାଭ ରଖି ଧାନ ଦେଇଥିବା ଲୋକକୁ କିଛି ମୁଢ଼ି ଦେବା। ମୂଳଧନ ଖଟାଇବା ଦରକାର ନାହିଁ କିନ୍ତୁ ଲାଭ ନିଶ୍ଚିତ। ଭାରତରେ ଚାଲିଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ତାହାକୁ ବି ବଳିଯାଇଛି। ଏଠି ଧାନ ବି ଫେରୁନି, ମୁଢ଼ି ଦୂରେ ଥାଉ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଉଦ୍ଦେଶ୍ୟ ଖୁବ୍ ଭଲ କିନ୍ତୁ ତାହାର କାର୍ଯ୍ୟାନ୍ୱୟନରେ ଚାଷୀଙ୍କ ହିତ ବଦଳରେ ବୀମା କମ୍ପାନୀଙ୍କ ହିତକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଅତ୍ୟନ୍ତ ଚିନ୍ତାର ବିଷୟ। ଫସଲ ବୀମା ଯୋଜନାର ରୂପରେଖ ଚାଷୀକୈନ୍ଦ୍ରିକ ହେବା ନିହାତି ଆବଶ୍ୟକ।

# ଶିଶୁ ବିସ୍ଥାପନ ସମସ୍ୟା ଓ ସମାଧାନ



ଶେଖ୍ ଫରିଦ୍‌ଉଦ୍ଦିନ

ସମଗ୍ର ବିଶ୍ୱରେ ପାଖାପାଖି ପାଞ୍ଚ କୋଟି ଶିଶୁ ଯୁଦ୍ଧ, ହିଂସା ଓ ଅତ୍ୟାଚାର ଯୋଗୁ ନିଜ ଦେଶରୁ ବିତାଡ଼ିତ ଅଥବା ବିସ୍ଥାପିତ ହୋଇଥିବା ଜାତିସଂଘର ଶିଶୁ କାର୍ଯ୍ୟକ୍ରମ ରିପୋର୍ଟରେ କୁହାଯାଇଛି। ମିଳିତ ଜାତିସଂଘ ଆନ୍ତର୍ଜାତିକ ଶିଶୁ ଜରୁରୀ ପାଣ୍ଠି ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସମୁଦ୍ରରେ ବୁଡ଼ିଯାଇଥିବା ଶିଶୁ ଆୟାଲାନ୍ କୁର୍ଦ୍ଦିଙ୍କ କୁନି ଶରୀର ହେଉ ଅଥବା ଆକ୍ରମଣ ବିଧ୍ୱସ୍ତ ଗୃହ ଭିତରୁ ଉଦ୍ଧାର ପାଇଥିବା ଓମରାନ୍ ଡାକନିଶ୍‌ଙ୍କ ରକ୍ତାକ୍ତ ମୁହଁ, ଏସବୁ ଦେଖିଲେ ବିଶ୍ୱରେ ଶିଶୁ କେତେ ମାତ୍ରାରେ ନିର୍ଯାତିତ ତାହା ସ୍ପଷ୍ଟ ବାରିହୁଏ। ପ୍ରତ୍ୟେକ ବାଳିକା, ବାଳକଙ୍କ ଏପରି ଦୟନୀୟ ଛବିରୁ ବୁଝାପଡ଼େ ବିଶ୍ୱରେ ବହୁ ନିୟୁତ ଶିଶୁ ବିପଦରେ ଅଛନ୍ତି। ବିଶ୍ୱସ୍ତରୀୟ ତଥ୍ୟ ବିଶ୍ଳେଷଣ କରି ୟୁନିସେଫ ପକ୍ଷରୁ କୁହାଯାଇଛି ଯେ, ୨ କୋଟି ୮୦ ଲକ୍ଷ ଶିଶୁ ହିଂସା ଓ ବିବାଦ କାରଣରୁ ବିସ୍ଥାପିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧କୋଟି ଶିଶୁ ଶରଣାର୍ଥୀ। ପ୍ରାୟ ୧୦ ଲକ୍ଷ ଶିଶୁଙ୍କୁ ଅନ୍ୟ ଦେଶରେ ଆଶ୍ରୟ ନେବାର ସୁଯୋଗ ମିଳି ନ ଥିବାବେଳେ ୧ କୋଟି ୭୦ ଲକ୍ଷ ଶିଶୁ ସେମାନଙ୍କ ନିଜ ଦେଶରେ ବିସ୍ଥାପିତ ହୋଇଛନ୍ତି। ଆଉ ୨ କୋଟି ଶିଶୁ ଗୋଷ୍ଠୀ ସଂଘର୍ଷ ଓ ଅତି ଦାରିଦ୍ର୍ୟ ସମେତ ବିଭିନ୍ନ କାରଣ ପାଇଁ ନିଜ ଘର ଛାଡ଼ିଛନ୍ତି। ଅନେକ ଶିଶୁଙ୍କର ଆବଶ୍ୟକ ପରିଚୟପତ୍ର ନ ଥିବାରୁ ସେମାନେ ଅଯଥାରେ ନିଜ ଜନ୍ମମାଟିଠାରୁ ଦୂରେଇ କେଉଁଠି ନା କେଉଁଠି ଅଟକି ରହିଛନ୍ତି। ସେମାନଙ୍କ କଲ୍ୟାଣ ଏବଂ ଥାଇଥାନ ପାଇଁ ପଦକ୍ଷେପ ନିଆଯାଇପାରି ନାହିଁ।

ଘର ଛାଡ଼ି ଇଚ୍ଛାମତେ ଦେଶର ସୀମା ଅତିକ୍ରମ କରୁଥିବା ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତବର୍ଷ ୭୮ଟି ଦେଶରେ ପ୍ରାୟ ୧ ଲକ୍ଷ ଅସହାୟ ଶିଶୁ ଶରଣ ପ୍ରଦାନ ପାଇଁ ଆବେଦନ କରିଥିଲେ। ୨୦୧୪ରେ ଏଥିପାଇଁ ଆବେଦନ କରିଥିବା ଶିଶୁ ସଂଖ୍ୟାର ଏହା ୩ଗୁଣ। ବିଶ୍ୱରେ ଶିଶୁଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ଏକ ତୃତୀୟାଂଶ ହୋଇଥିବାବେଳେ ଶରଣାର୍ଥୀ ସଂଖ୍ୟାର ଅଧା। ୨୦୧୫ରେ ପାଖାପାଖି ୪୫ ପ୍ରତିଶତ ଶିଶୁ ଶରଣାର୍ଥୀ ସିରିଆ ଓ ଆଫଗାନିସ୍ତାନର ବୋଲି ଜାତିସଂଘର

## ଶିଶୁ ଦିବସ ଉପଲକ୍ଷେ

ରିଫ୍ୟୁଜି ଏଜେନ୍ସି କେୟାର ପକ୍ଷରୁ କୁହାଯାଇଛି। ଶିଶୁଙ୍କୁ ଅଟକ ନ ରଖିବା, ପରିବାରଠାରୁ ଶିଶୁଙ୍କୁ ଦୂରେଇ ରଖିବାରୁ ବିରତ ରହିବା, ଶିଶୁ ଶରଣାର୍ଥୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଭଳି ମହତ୍ କାର୍ଯ୍ୟ କରିବାକୁ ୟୁନିସେଫ ବିଭିନ୍ନ ଦେଶର ସରକାରଙ୍କୁ ପରାମର୍ଶ ଦେଇଛି। ଏ ସମ୍ପର୍କରେ ଆମେ ଏକ ସ୍ପଷ୍ଟ ଅଙ୍ଗୀକାରବଦ୍ଧତା ଏବଂ ପ୍ରତିକାରଗତ ବ୍ୟବସ୍ଥା ଚାହୁଁ ବୋଲି ୟୁନିସେଫର ଉପକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ୍ ଫୋରସିଥ୍ ନ୍ୟୁୟର୍କଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି।

ଆଗାମୀ ସମିଟ୍ ଶିଶୁ ସମସ୍ୟା ସମାଧାନ ପାଇଁ ଯଥେଷ୍ଟ ନୁହେଁ। ବିଶ୍ୱ ଏହି ସଂକଟ ନିରୀକ୍ଷଣ କରିବାକୁ ଏହା ଏକ ସୁଯୋଗ ସୃଷ୍ଟି କରିବ ବୋଲି ଫୋରସିଥ୍ ପ୍ରକାଶ କରିଥିଲେ। କେବଳ ଯୁଦ୍ଧଗ୍ରସ୍ତ ସିରିଆ, ଇରାକ୍, ଆଫଗାନିସ୍ତାନ ପ୍ରମୁଖ ଦେଶ ନୁହେଁ ବିଶ୍ୱର ଅନେକ ଏସୀୟ, ଆଫ୍ରିକୀୟ ଓ ଉପସାଗରୀୟ ଦେଶରେ ଶିଶୁ ବିସ୍ଥାପିତଙ୍କ ସମସ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏନେଇ ମିଳିତ ଜାତିସଂଘ ସହ ପୃଥିବୀର ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ନିଜର ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ଆନ୍ତରିକତା ଓ ଇଚ୍ଛାଶକ୍ତିର ସମନ୍ୱୟର ଅଭାବ ରହୁଛି, ଯାହାପାଇଁ ଶିଶୁ ବିସ୍ଥାପିତଙ୍କ ସମସ୍ୟା ବିଶ୍ୱରେ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। କେବଳ ବିସ୍ଥାପନ ଜନିତ ସମସ୍ୟା ନୁହେଁ, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ସହ ଆନୁଷଙ୍ଗିକ ବିକାଶ ପାଇଁ ଏ ପ୍ରସଙ୍ଗ ମଧ୍ୟ ଚିନ୍ତାଜନକ। ଏ କ୍ଷେତ୍ରରେ ଗୁରୁଦାୟିତ୍ୱ କେବଳ ଜାତିସଂଘ ବା ପୃଥିବୀର ବଡ଼ ବଡ଼ ରାଷ୍ଟ୍ରଗୁଡ଼ିକ ଉପରେ ଲଦିଦେଲେ ହେବନାହିଁ।

ଭାରତବର୍ଷରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରିସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ, ଆମ ଦେଶରେ ଶିଶୁ ବିସ୍ଥାପିତଙ୍କ ସମସ୍ୟା ଅନେକାଂଶରେ ବୃଦ୍ଧି ପାଉଛି। ଯଦିଓ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏ ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରି ମହିଳା ଓ ଶିଶୁକଲ୍ୟାଣ ବିଭାଗ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛି, ତଥାପି ସେମାନଙ୍କ ସମସ୍ୟା ଲାଘବ ହୋଇପାରୁ ନାହିଁ। ଶିଶୁ ବିସ୍ଥାପିତଙ୍କ ସମସ୍ୟା ପଛରେ ପାରିବାରିକ, ସାମାଜିକ ସ୍ଥିତି ସହ ସାମ୍ପ୍ରତିକ ସ୍ଥିତି ଏକ ପ୍ରମୁଖ କାରଣ ପାଲଟିଥାଏ। ନିଜ ଭିଟାମାଟିରୁ ବାସ୍ତୁହରା ହୋଇ ଭିନ୍ନ ଏକ ମୁଲକକୁ ଅବାଞ୍ଛିତ ଭାବରେ ଯିବାର ଯନ୍ତ୍ରଣା ଅତ୍ୟନ୍ତ ମର୍ମାନ୍ତିକ। ଏ କ୍ଷେତ୍ରରେ ମାନବିକତାର ଦ୍ୱାହିଦେଇ ସମସ୍ତେ ସହଯୋଗର ହାତ ବଢ଼ାଇବା ସହ ଏହାର ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମରେ ନିଜକୁ ସାଧମତେ ସାମିଲ କଲେ ବିଶ୍ୱ ମାନବିକତା କ୍ଷେତ୍ରରେ ଉଦ୍‌ବେଗ ପହଞ୍ଚାଉଥିବା ପ୍ରସଙ୍ଗଟି ଅନେକାଂଶରେ ପ୍ରଶମିତ ହୋଇପାରିବ। ଆଜିର ଶିଶୁ ଦିବସରେ ଏହା ସମସ୍ତଙ୍କର ଧ୍ୟେୟ ହେଉ।

ମଧୁପୁର, ମାହାଙ୍ଗା, କଟକ,
ମୋ– ୯୪୩୭୦୦୪୮୮୮

## ଏଇ ଭାରତରେ

ସାମ୍ପ୍ରଦାୟିକ ଭେଦଭାବକୁ ନେଇ ସମ୍ପ୍ରତି ଚାରିଆଡ଼େ ବିଦ୍ୱେଷ ଭାବ ସୃଷ୍ଟି ହେଉଥିବାବେଳେ ଗୁଜରାଟ ଅହମଦାବାଦ ଜିଲା ଶାହପୁରର ଏକ ଘଟଣା ଏହାର ବ୍ୟତିକ୍ରମ ଭଳି ମନେହେଉଛି। ଏଠାରେ ଗୋଟିଏ ମାଙ୍କଡ଼ର ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକମାନେ ମିଶି ତା'ର ସଂସ୍କାର କରିଛନ୍ତି। ଶାହପୁରରେ ଥିବା ଏକ ମସ୍‌ଜିଦ୍ ପରିସରରେ ଦୀର୍ଘଦିନ ହେବ ଏକ ମାଙ୍କଡ଼ ରହୁଥିଲା। ମସ୍‌ଜିଦ୍‌କୁ ଆସୁଥିବା ଶ୍ରଦ୍ଧାଳୁଙ୍କଠାରୁ ଖାଦ୍ୟ ଗ୍ରହଣ କରିବା ସହ ଅତି ସହଜରେ ସମସ୍ତଙ୍କ ସହିତ ମିଶି ଯାଉଥିଲା। କାହାର କିଛି କ୍ଷତି କରୁ ନ ଥିବାରୁ ତାକୁ ମଧ୍ୟ କେହି ସେଠାରୁ ତଡୁ ନ ଥିଲେ। ଗତ ଶନିବାର ମସ୍‌ଜିଦ୍ ପରିସରରେ ଥିବା ଏକ ଗଛ ଭାଙ୍ଗି ମାଙ୍କଡ଼ଟି ଉପରେ ପଡ଼ିଯାଇଥିଲା। ଫଳରେ ମାଙ୍କଡ଼ର ମୃତ୍ୟୁ ଘଟିଥିଲା। ଏହା ଜଣାପଡ଼ିବା ପରେ ମାଙ୍କଡ଼ର ଶବ ସଂସ୍କାର ନିମନ୍ତେ ଉଭୟ ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟର ଲୋକ ଆଗକୁ ବଢ଼ିଥିଲେ। ରୀତିନୀତି ଅନୁସାରେ ମୃତ ମାଙ୍କଡ଼କୁ ଗାଧୋଇ ଦିଆଯାଇ ତାକୁ ଏକ କପଡ଼ାରେ ରଖାଯାଇଥିଲା। ପରେ ମଥାରେ ସିନ୍ଦୂର ଲଗାଇ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ଶୋଭାଯାତ୍ରାରେ ଉଭୟ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇ ରାମ ନାମ ଜପ କରିଥିଲେ। ପରେ ମାଙ୍କଡ଼କୁ ଗୋଟିଏ ଖାଲି ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଥିଲା। ମାଙ୍କଡ଼ର ମୃତ୍ୟୁରେ ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସଦ୍‌ଭାବନା ଏକ ଦୃଢ଼ ଜାତୀୟତାବାଦ ସୃଷ୍ଟି କରିବାର ଅବସର ତିଆରି କରିପାରିଛି ବୋଲି କୁହାଯାଇପାରେ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | 7 | A | | 1 | | D | 8 | | C | | 4 |
| | | 0 | D | 2 | | 3 | | E | | | | | | |
| 2 | B | | | | | | | | 0 | E | | | D | 1 |
| | | | | C | 1 | | 9 | 7 | | | | | | |
| | | 5 | | | | | 8 | 6 | | | 4 | | | 0 |
| | | E | | | C | | 5 | A | | 4 | | B | | |
| | 9 | 2 | | | B | | | | | | 0 | 5 | A | 8 |
| | D | B | | | | 9 | 6 | 4 | 5 | | | | | |
| | 0 | | | | 8 | | | | | 1 | A | | | C |
| | 7 | | 1 | | | | | | C | D | | | | |
| B | | 1 | | 5 | 7 | | A | | | | | E | | |
| | | | | 6 | | 8 | | | | | 7 | 2 | | |
| | | | A | 3 | | | | | | | | | | D |
| | 5 | | C | E | | 6 | | 3 | | | | 1 | | B |
| 3 | | 6 | | | | C | | D | | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 4 | 8 | 2 | 7 | B | 9 | 6 | 5 | 0 | 3 | C | D | E | A |
| 9 | 2 | E | D | C | 8 | 3 | 4 | 0 | 7 | A | 5 | 1 | B | 6 |
| 6 | 0 | 7 | 4 | 9 | A | 2 | E | D | 8 | 1 | B | 5 | C | 3 |
| 5 | C | A | 3 | 1 | E | B | 8 | 7 | 2 | D | 6 | 9 | 4 | 0 |
| D | 3 | B | 0 | 5 | 6 | A | 1 | C | E | 4 | 9 | 2 | 8 | 7 |
| C | 9 | 6 | B | 4 | 1 | E | A | 3 | D | 2 | 7 | 0 | 5 | 8 |
| 8 | 7 | D | 6 | 2 | 9 | 5 | C | 1 | 4 | B | 0 | 3 | A | E |
| B | 1 | 0 | C | E | 3 | D | 7 | 8 | 6 | 5 | A | 4 | 2 | 9 |
| 4 | E | 3 | 5 | A | 0 | 6 | B | 2 | 9 | C | 8 | 7 | 1 | D |
| 2 | A | 5 | 7 | 8 | D | 0 | 9 | 4 | 3 | E | 1 | B | 6 | C |
| 0 | D | C | 8 | 3 | 7 | 4 | 5 | E | 1 | 6 | 2 | A | 9 | B |
| 7 | B | 9 | A | 0 | 5 | 1 | 3 | 6 | C | 8 | 4 | E | D | 2 |
| E | 5 | 2 | 9 | 6 | 4 | C | D | B | A | 0 | 3 | 8 | 7 | 1 |
| A | 6 | 4 | 1 | D | 2 | 8 | 0 | 9 | B | 7 | E | C | 3 | 5 |
| 3 | 8 | 1 | E | B | C | 7 | 2 | A | 5 | 9 | D | 6 | 0 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାକୃତିକ ଜଙ୍ଗଲକୁ ଅଣଦେଖା

ମହାଶୟ,

ଜଙ୍ଗଲ ହିଁ ପ୍ରାକୃତିକ ସମ୍ପଦ, ଯାହା ମନୁଷ୍ୟର ଜୀବନ ଧାରଣରେ ଯୁଗ ଯୁଗ ଧରି ସହାୟକ ହୋଇ ଆସିଛି। ଦ୍ରୁତ ଶିଳ୍ପୀକରଣ, ଖଣିଖାଦାନର ପ୍ରସାର ଓ ରାଜରାସ୍ତା ପ୍ରଶସ୍ତୀକରଣ ଯୋଗୁ ଅବାଧରେ ଗଛକଟା ଚାଲିଛି। ଜଙ୍ଗଲ ମାଫିଆମାନେ ଜଙ୍ଗଲକୁ ଧ୍ୱଂସ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନୂତନ ଜଙ୍ଗଲ ସୃଷ୍ଟି ଅପରିହାର୍ଯ୍ୟ। ଶାଗୁଆନ, ୟୁକାଲିପଟାସ ବୃକ୍ଷ ରୋପଣ ପ୍ରାକୃତିକ ଜଙ୍ଗଲ ସୃଷ୍ଟି ପରିବର୍ତ୍ତେ କେବଳ ବ୍ୟବସାୟ ଭିତ୍ତିକ ହେବା ନିଶ୍ଚିତ। ତେଣୁ ପ୍ରାକୃତିକ ଜଙ୍ଗଲ ସଂରକ୍ଷଣ ଓ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଅଧିକାରରୁ ବଞ୍ଚିତ ହେବି କାହିଁକି

ସ୍ୱାଧୀନ ଭାରତର ମୁଁ ଜଣେ ଉତ୍ତମ ନାଗରିକ ଭାବରେ ମୋର ଦେଶପ୍ରେମଭାବ ଅଛି। ସମ୍ବିଧାନ–ଜାତୀୟ ପତାକା–ଜାତୀୟ ସଙ୍ଗୀତକୁ ସମ୍ମାନ ଦିଏ । ଠିକ୍ ସମୟରେ ଟିକସ ପଇଠ କରିଥାଏ। ବିବେକାନୁମୋଦିତ ଭୋଟ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥାଏ । ଦେଶ ପ୍ରତି କର୍ତ୍ତବ୍ୟ ପାଳନ କଲା ପରେ ସରକାରଙ୍କ ଯୋଜନାଭୁକ୍ତ ଜନହିତକର କାର୍ଯ୍ୟରେ ମୁଁ ହିତାଧିକାରୀ ଭାବରେ ମୋର ଅଧିକାର ସାବ୍ୟସ୍ତ କରିବାକୁ ଉଚିତ ମନେକରେ। ମୋ ଘର ଓଡିଶାର ଖୋର୍ଦ୍ଧା ଜିଲାର କୁମାରବସ୍ତ। ଏବେ ସ୍ୱାସ୍ଥ୍ୟସେବା ନିମିତ୍ତ କେନ୍ଦ୍ରର ଆୟୁଷ୍ମାନ ଓ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ତୀବ୍ର ମତଭେଦ ସୃଷ୍ଟି ହେବାରୁ ରାଜ୍ୟ କେନ୍ଦ୍ର ଯୋଜନାକୁ ଗ୍ରହଣ କରୁନାହିଁ। କିନ୍ତୁ ମୁଁ ଦୁଇ ଯୋଜନାର ହିତାଧିକାରୀ ହେବାକୁ ମୋର ଅଧିକାର ବୋଲି ମନେକରୁଛି। ଏ ଜଣଙ୍କର ଇଚ୍ଛା ନୁହେଁ, ରାଜ୍ୟବାସୀଙ୍କର ଅଧିକାର ହୋଇଥିବାରୁ ସମସ୍ତେ ସ୍ୱର ଉଠାନ୍ତୁ। କାରଣ ରାଜ୍ୟ ଏବଂ ଦେଶ ସବୁ ଆମର ନୁହେଁ କି ?

ରାମଚନ୍ଦ୍ର ପାଲ୍‌ଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

### ଶିକ୍ଷା ବିଭାଗର ଦୃଷ୍ଟି ପଡୁ

୨୦୦୯ ମସିହା ପୂର୍ବରୁ ସରକାରୀ ସ୍କୁଲଗୁଡ଼ିକରେ କଳା, ବିଜ୍ଞାନ, ସଂସ୍କୃତ, ହିନ୍ଦୀ ଓ ଖେଳ ଶିକ୍ଷକମାନେ ଚୁକ୍ତିଭିତ୍ତିରେ ନିଯୁକ୍ତି ପାଇଛନ୍ତି। ଏହି ଶିକ୍ଷକଙ୍କ ମଧ୍ୟରୁ ଅନେକେ ନିଜ ଜିଲା ବ୍ୟତୀତ ଅନ୍ୟ ଜିଲାରେ କାର୍ଯ୍ୟରତ। ସେମାନେ ଛ'ବର୍ଷ ନିରନ୍ତର ଶିକ୍ଷକତା କରି ନିୟମିତ ଶିକ୍ଷକର ମାନ୍ୟତା ପାଇସାରିଛନ୍ତି। କିନ୍ତୁ ଅନ୍ୟ ଜିଲାମାନଙ୍କରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷକରୁ ନିୟମିତ ଶିକ୍ଷକ ହୋଇଥିବା ଏହି ଶିକ୍ଷକମାନଙ୍କୁ ନିଜ ଜିଲାକୁ ବଦଳି କରାଯାଉ ନାହିଁ। ସରକାରଙ୍କୁ ନିବେଦନ ସେହି ନିୟମିତ ଶିକ୍ଷକଙ୍କୁ ନିଜ ଜିଲାକୁ ବଦଳିର ବ୍ୟବସ୍ଥା କରାଯାଉ।

ସୁବୋଧ କୁମାର ମିଶ୍ର, ତାଳଚେର, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱାସ୍ଥ୍ୟସେବା ପାଇଁ 'ଭିଜନ ୨୦୨୫'

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଓଡ଼ିଶାରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି 'ଭିଜନ୍ ୨୦୨୫' ଆକ୍ସନ ପ୍ଲାନ୍। ପ୍ରାଥମିକ ସ୍ତରରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ସହ କ୍ୟାନ୍ସର ଏବଂ କାର୍ଡିଆକ୍ କେୟାର କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ମୋଟ ୨୭୫୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବାକୁ ରାଜ୍ୟ ସରକାର ଟାର୍ଗେଟ ରଖିଥିବା ବେଳେ ଆଗାମୀ ୨ରୁ ୩ବର୍ଷ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଏ ନେଇ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ମଙ୍ଗଳବାର ତୃତୀୟ ଦିବସରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ଓଡ଼ିଶାର ୨୫ଟି ସ୍ଥାନରେ ସୁଲଭ ସ୍ୱାସ୍ଥ୍ୟସେବା ପ୍ରୋଜେକ୍ଟ ଆରମ୍ଭ କରିବେ। ଏଥିପାଇଁ ରାଜ୍ୟରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୨୫ଟି ନୂଆ ହସ୍ପିଟାଲ ପ୍ରତିଷ୍ଠା କରାଯିବ। ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର ଭଳି ପ୍ରମୁଖ ସହରକୁ ଛାଡ଼ି ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଏହି ହସ୍ପିଟାଲ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବ। ଏଥିଲାଗି ୧୩୦୦ କୋଟିର ପୁଞ୍ଜିବିନିଯୋଗ ଲକ୍ଷ୍ୟ ରଖାଯାଇଥିବା ବେଳେ ପିପିପି ମୋଡରେ ଏହା କରାଯିବ। ସେହିଭଳି ନବରଙ୍ଗପୁର ଜିଲାରେ ୧୬ଟି ଡିଜିଟାଲ ଡିସ୍‌ପେନ୍‌ସରୀ ପ୍ରତିଷ୍ଠା ପରେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଆହୁରି ୧୦୨ଟି ଡିଜିଟାଲ ଡିସ୍‌ପେନ୍‌ସରୀ ସ୍ଥାପନ କରାଯିବ। ଆଭ୍ୟନ୍ତରୀଣ ଅଞ୍ଚଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲାଗି ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଏହି ଅତ୍ୟାଧୁନିକ ପଦ୍ଧତି ଆପଣାଇବେ। ଏଥିପାଇଁ ମୋଟ ୯୦କୋଟିର ପୁଞ୍ଜିନିବେଶ ଟାର୍ଗେଟ ରଖିଛନ୍ତି ରାଜ୍ୟ ସରକାର। ରାଜ୍ୟର ପ୍ରତି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଆଚାର୍ଯ୍ୟ ହରିହର କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ, କଟକ ଶିଶୁଭବନ ଏବଂ କ୍ୟାପିଟାଲ ହସ୍ପିଟାଲରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଓ ଡାଇଲିସିସ୍ ସେବା ଯୋଗାଇ ଦିଆଯିବ। ଏଥିଲାଗି ରାଜ୍ୟ ସରକାର ୭୦୦ କୋଟିର ପୁଞ୍ଜିବିନିଯୋଗ କରିବେ। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗୀଙ୍କୁ କ୍ୟାସ୍‌ଲେଶ୍ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେବେ। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସଜଡ଼ାଯିବା ସହ ରୋଗୀଙ୍କୁ ଯେପରି ସମସ୍ତ ପ୍ରକାର ସହଯୋଗ ମିଳିପାରିବ, ତାହାକୁ ପ୍ରାଥମିକତା ଦିଆଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

- ୨୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ
- ରାଜ୍ୟରେ ପ୍ରତିଷ୍ଠା ହେବ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୨୫ଟି ନୂଆ ହସ୍ପିଟାଲ
- ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଲୋକେ ପାଇବେ ଉନ୍ନତ ସ୍ୱାସ୍ଥ୍ୟସେବା

## ଝାରସୁଗୁଡ଼ାରେ ହେବ କାର୍ଡିଆକ୍ କେୟାର ହସ୍ପିଟାଲ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଝାରସୁଗୁଡ଼ାରେ ୭୦କୋଟି ଟଙ୍କା ବିନିଯୋଗରେ ଏକ କାର୍ଡିଆକ୍ କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। କେବଳ କାର୍ଡିଆକ୍ କେୟାର ଉପରେ ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାରେ ଏଭଳି ଏକ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ କେୟାର ହସ୍ପିଟାଲ ସହ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ସେହିଭଳି ବମ୍ବେର ଟାଟା ମେମୋରିଆଲ ହସ୍ପିଟାଲ ଢାଞ୍ଚାରେ ଭୁବନେଶ୍ୱର ନିକଟରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। ଟାଟା ଟ୍ରଷ୍ଟ ସହ ମିଳିତଭାବେ ରାଜ୍ୟ ସରକାର ଏହି ପ୍ରୋଜେକ୍ଟ କରିବେ। ଏହାସହ ସ୍ପୋକ୍ ଏବଂ ହବ୍ ମଡେଲରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ କର୍କଟ ରୋଗ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରଥମଥର ପାଇଁ ୧୫ଟି ଜିଲାରେ ରେଡିଓଥେରାପି ବ୍ୟବସ୍ଥା ରାଜ୍ୟ ସରକାର ଯୋଗାଇଦେବେ। ଏଥିପାଇଁ ୬୦୦ କୋଟିର ପୁଞ୍ଜିବିନିଯୋଗ ହେବାକୁ ଥିବା ବେଳେ ଟାଟା ଟ୍ରଷ୍ଟ ସହ ଏଥିପାଇଁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ସୂଚନା ମିଳିଛି। ଏହାସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କେତେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି ଆପୋଲୋ ହସ୍ପିଟାଲ ଗ୍ରୁପ୍। ମାତ୍ର ଏ ନେଇ ଏ ପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇ ନ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ବିଆର୍ ଲାଇଫ୍‌ର ଚେୟାରମ୍ୟାନ୍ ଡ. ବି.ଆର୍ ସେଟ୍ଟୀ, ମେଡିକା ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ଚେୟାରମ୍ୟାନ୍ ଡ. ଆଲୋକ ରୟ, ଟାଟା ଟ୍ରଷ୍ଟର ଡ. ହରିଶ କ୍ରିଷ୍ଣାସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

- ୧୫ ଜିଲାରେ ରେଡିଓଥେରାପି ବ୍ୟବସ୍ଥା
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିଗ୍ରହଣ କରିବାକୁ ଆପୋଲୋର ପ୍ରସ୍ତାବ




ଅନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର୍ ବିଭୁ ମହାପାତ୍ର(ଡାହାଣ)ଙ୍କ ସହ ଆଲୋଚନାରତ ଓଡ଼ିଶା ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଅଥରିଟି ଚେୟାରମ୍ୟାନ୍ ସୁବ୍ରତ ବାଗ୍‌ଚୀ।

# ୫୦% ଖଣିଜ ସମ୍ପଦକୁ ବିନିଯୋଗ କରିବ ରାଜ୍ୟ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିକୁ ଫୋକସ୍‌ରେ ରଖି ଓଡ଼ିଶା ସରକାର ପ୍ରସ୍ତୁତ କରିଛନ୍ତି 'ଭିଜନ ୨୦୩୦'। ଆଲୁମିନିୟମ୍, ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଭଳି ସେକ୍ଟରରେ ଅଧିକରୁ ଅଧିକ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରି ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଟାର୍ଗେଟ୍ ରଖିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟ ଉତ୍ପାଦନ କରୁଥିବା ଖଣିଜ ସମ୍ପଦକୁ ଏଣିକି ବାହାରକୁ ନ ପଠାଇ ନିଜେ ବିନିଯୋଗ କରିବାକୁ ସ୍ଥିର କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ନିଜର ୫୦ ପ୍ରତିଶତ ଖଣିଜ ଦ୍ରବ୍ୟକୁ ଫିନିସିଂ ପ୍ରଡକ୍ଟରେ ପରିଣତ କରି ବିକ୍ରି କରିବ। ଆଗରୁ କଞ୍ଚାମାଲ୍‌କୁ ଶସ୍ତାରେ ବିକ୍ରି କରୁଥିବା ଓଡ଼ିଶା ଏହାଦ୍ୱାରା ବିଶେଷ ଲାଭବାନ ହେବ ବୋଲି ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି।

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଅବସରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି ଓଡ଼ିଶା ସରକାର। କେବଳ ଡାଉନ୍‌ଷ୍ଟ୍ରିମ୍ ନୁହେଁ, ଏରୋସ୍ପେସ୍ ଓ ଡିଫେନ୍ସ ମ୍ୟାନୁଫାକ୍ଚରିଂ କ୍ଷେତ୍ରରେ ମଧ୍ୟ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ଆହ୍ୱାନ କରାଯାଇଛି। ଖଣିଜ ସମ୍ପଦ ଉତ୍ପାଦନରେ ଓଡ଼ିଶା ଦେଶର ୧୪ ପ୍ରତିଶତ ଭାଗୀଦାରି ଥିବା ବେଳେ ରାଜ୍ୟକୁ ଦକ୍ଷିଣ ଏସିଆର ଆଲୁମିନିୟମ୍ କ୍ୟାପିଟାଲ ବୋଲି କୁହାଯାଉଛି, ଯେଉଁଥିପାଇଁ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ମାଧ୍ୟମରେ ନିଜ ଖଣିଜ ସମ୍ପଦକୁ ନିଜେ ବିନିଯୋଗ କରିବାକୁ ଯୋଜନା କରାଯାଇଛି। କଳିଙ୍ଗନଗର ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ମ୍ୟାନୁଫାକ୍ଚରିଂ ଜୋନ୍ ରାଜ୍ୟର ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ହବ୍‌ରେ ପରିବର୍ତ୍ତନ ହୋଇଥିବା ବେଳେ ଅନୁଗୋଳ ଆଲୁମିନିୟମ୍ ପାର୍କ ଏକ ମାଇଲଷ୍ଟୋନ୍ ପ୍ରତିଷ୍ଠା କରିଛି। ସେହିଭଳି ଖୁବ୍‌ଶୀଘ୍ର ଅନୁଗୋଳରେ ଆଉ ଏକ ପ୍ରାଇଭେଟ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ, ଝାରସୁଗୁଡ଼ାରେ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଆଲ ପାର୍କ ଏବଂ କଳିଙ୍ଗନଗରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାବ୍ୟତୀତ ଏରୋସ୍ପେସ୍ ଏବଂ ଡିଫେନ୍ସ ଇଣ୍ଡଷ୍ଟ୍ରି ପାଇଁ ଆବଶ୍ୟକ କଞ୍ଚାମାଲ୍ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଓଡ଼ିଶାରେ ରହିଥିବାରୁ ନିକଟରେ ସରକାର ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ ମ୍ୟାନୁଫ୍ୟାକ୍ଚରିଂ ପଲିସି ୨୦୧୮ ପ୍ରସ୍ତୁତ କରିଛନ୍ତି। ଆକର୍ଷଣୀୟ ସବ୍‌ସିଡି ବ୍ୟବସ୍ଥା ରହିଥିବାରୁ ଏଥିପ୍ରତି ନିବେଶକ ଆକୃଷ୍ଟ ହେବେ ବୋଲି ସଞ୍ଜୀବ ଚୋପ୍ରା ଏହି ଅବସରରେ କହିଥିଲେ। ଅନ୍ୟପକ୍ଷରେ ବିଏମ୍‌ଇଏଲ୍ ଓ ଆଇଟିଇଆର୍ ମିଳିତଭାବେ ୨୦୧୯ ଜାନୁୟାରୀରେ ଭୁବନେଶ୍ୱରରେ ଏରୋସ୍ପେସ୍ ଏବଂ ଡିଫେନ୍ସ ଏମ୍‌ଏସ୍‌ଏମ୍‌ଇ ପାଇଁ ଏକ ଇନ୍‌ଭେଷ୍ଟର୍ସ ମିଟ୍ କରିବେ ବୋଲି ଏଠାରେ ଘୋଷଣା ହୋଇଥିଲା।

### ପ୍ଲାଷ୍ଟିକ୍ ଓ ପେଟ୍ରୋକେମିକାଲ୍ସ ସେକ୍ଟର ଉପରେ ଗୁରୁତ୍ୱ

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଦ୍ୱିତୀୟ ସଂସ୍କରଣରେ ପ୍ଲାଷ୍ଟିକ୍, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ସେକ୍ଟର ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର। ଏ କ୍ଷେତ୍ରରେ ରାଜ୍ୟରେ ଅଧିକରୁ ଅଧିକ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ସହ ଦକ୍ଷ ମାନବସମ୍ବଳଙ୍କୁ ନିଯୁକ୍ତି ଦେବାକୁ କହିଛନ୍ତି। ପାରାଦୀପରେ ୧୨୦ ଏକର ବିଶିଷ୍ଟ ପ୍ଲାଷ୍ଟିକ୍ ପାର୍କ ପ୍ରତିଷ୍ଠା ପରେ ଏହି ସେକ୍ଟରରେ କିଭଳି ଅଧିକ ନିବେଶକଙ୍କୁ ଆକୃଷ୍ଟ କରାଯାଇପାରିବ, ତାହା ଉପରେ କନ୍‌କ୍ଲେଭ୍‌ରେ ଗୁରୁତ୍ୱ ଦେଇଛନ୍ତି।

**ଶିଳ୍ପ ବିଭାଗର 'ଭିଜନ ୨୦୩୦'**

- ପ୍ରସ୍ତୁତ ହେବ ଫିନିଶିଂ ପ୍ରଡକ୍ଟ
- ଡାଉନ୍‌ଷ୍ଟ୍ରିମ୍‌ରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ
- ଅନୁଗୋଳ, ଝାରସୁଗୁଡ଼ା, କଳିଙ୍ଗନଗରରେ ୩ ଇଣ୍ଡଷ୍ଟ୍ରିଆଲ ପାର୍କ

# ଏମ୍‌ଏସ୍‌ଏମ୍‌ଇରେ ନିବେଶ ହେବ ୧୧୭୭ କୋଟି

ଭୁବନେଶ୍ୱର,୧୩।୧୧

ରାଜ୍ୟରେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକରେ ୧୧୭୭ କୋଟି ଟଙ୍କାର ନିବେଶ ହେବ। ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇକୁ ବର୍ତ୍ତମାନ ଫୋକସ୍ କ୍ଷେତ୍ରଭାବେ ଗ୍ରହଣ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉ ଥିବା 'ମେକ୍ ଇନ ଓଡିଶା' କନ୍‌କ୍ଲେଭରେ ମଙ୍ଗଳବାର ଏମ୍‌ଏସ୍‌ଏସ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସୂଚନା ଦେଇଛନ୍ତି।

ଗୁଜରାଟରେ ଅବସ୍ଥାପିତ ଓଡିଆ ଉଦ୍ୟୋଗୀ ଡ.ଉଦୟ ଶଙ୍କର ସେଠୀ ୮୨୦ କୋଟି ଟଙ୍କାର ନିବେଶ କରିବେ। ସିଫୁଡ ପ୍ରୋସେସିଂ, ସିଫୁଡ୍ ଟେଷ୍ଟିଂ, ଆକ୍ୱା ରିସର୍ଚ୍ଚ ଭଳି କ୍ଷେତ୍ରରେ ଏହି ନିବେଶ ହେବ ବୋଲି ଜଣାଯାଇଛି।

ରାଜ୍ୟ ସରକାର ନିକଟରେ ଏମ୍‌ଏସ୍‌ଏମ୍‌ଇ ନୀତି ୨୦୧୬ରେ କେତେକ ପରିବର୍ତ୍ତନ ଆଣିଛନ୍ତି। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇଗୁଡିକୁ ପ୍ରୋତ୍ସାହିତ କରିବାକୁ ଯୋଜନା ରହିଛି। ସଂସ୍ଥାଗୁଡ଼ିକ କିଭଳି 'ଜିରୋ ଇଫେକ୍ଟ ଜିରୋ ଡିଫେକ୍ଟ'(ଜେଡ୍) ପ୍ରମାଣପତ୍ର ଲାଭ କରିପାରିବେ ସେ ଦିଗକୁ ଦୃଷ୍ଟି ଦିଆଯାଇଛି। ଉକ୍ତ କ୍ଷେତ୍ରରେ ସଂସ୍ଥାଗୁଡିକୁ ବ୍ରୋଞ୍ଜ, ସିଲଭର, ଗୋଲ୍ଡ, ପ୍ଲାଟିନମ୍ ଭଳି ବର୍ଗରେ ପ୍ରମାଣପତ୍ର ପ୍ରଦାନ କରାଯିବ। ବର୍ତ୍ତମାନ ଏହି ପଞ୍ଜୀକରଣ ସୁବିଧା ପ୍ରଦାନ କରାଯାଉଛି। ଉକ୍ତ ପଞ୍ଜୀକରଣ ଏବଂ ପ୍ରମାଣପତ୍ର ଲାଗି ଖର୍ଚ୍ଚ ହେଉଥିବା ଅର୍ଥର କିଛି ଅଂଶ ସରକାର ବହନ କରିବେ। ଅଣୁ ଶିଳ୍ପ ସଂସ୍ଥାଗୁଡିକୁ କେନ୍ଦ୍ର ସରକାର ଏହି କ୍ଷେତ୍ରରେ ୮୦% ସବ୍‌ସିଡି ପ୍ରଦାନ କରିବେ। ବଳକା ୨୦%ର ସିଂହଭାଗ ଅଂଶ ରାଜ୍ୟ ବହନ କରିବ ବୋଲି ଏସ୍‌ଏସ୍‌ଏମ୍‌ଇ ସଚିବ ଏଲ.ଏନ୍. ଗୁପ୍ତା ସୂଚନା ଦେଇଛନ୍ତି।

ସେହିଭଳି କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡିକୁ କେନ୍ଦ୍ର ସରକାର ୬୦% ଏବଂ ବଳକା ଅଂଶର ୬୦% ରାଜ୍ୟ ସରକାର ବହନ କରିବେ। ଅପରପକ୍ଷରେ ଫ୍ରୁଟ ପଲ୍ପ,ଜୁସ ଉତ୍ପାଦନ କରୁଥିବା ଶିଳ୍ପସଂସ୍ଥା, ଏଡିବୁଲ ଏବଂ ଅଣ ଏଡିବୁଲ ଭେଜିଟେବୁଲ ଅଏଲକୁ ସରକାର କ୍ୟାପିଟାଲ ଇନଭେଷ୍ଟମେଣ୍ଟ ସବ୍‌ସିଡି ପ୍ରଦାନ ଲାଗି ପଜିଟିଭ୍ ତାଲିକାଭୁକ୍ତ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ନୀତିରେ ସଂଶୋଧନ କରାଯାଇ ଏଭଳି ପଦକ୍ଷେପ ନିଆଯାଇଛି। ଏହା ପ୍ରଥମେ ନେଗେଟିଭ୍ ତାଲିକାଭୁକ୍ତ ରହିଥିଲା। ସେହିଭଳି ଡାଇନଷ୍ଟ୍ରିମ ଶିଳ୍ପ ଏବଂ ଲୁହା ଓ ଇସ୍ପାତ ପ୍ରୋସେସରର ସଂଜ୍ଞାରେ ପରିବର୍ତ୍ତନ କରାଯାଇଛି। ହାଇଭାଲ୍ୟୁ ଆଡିଶନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

ମଙ୍ଗଳବାର ଫିକିର ୧୨ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ କମିଟିର ବାର୍ଷିକ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ବାତାବରଣକୁ କମିଟି ପ୍ରଶଂସା କରିବା ସହ ସମସ୍ତ ପ୍ରକାରର ସହଯୋଗ କରିବ ବୋଲି ସୂଚନା ରହିଛି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ଉନ୍ନତୀକରଣ ନେଇ ହୋଇଥିବା କର୍ମଶାଳାରେ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରହିଥିବା ସୁଯୋଗ ତଥା ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଫ୍ ବିଜନେସର ପ୍ରତିଷ୍ଠାତା ନୀତିନ ଜୈନ, ଆମାଜନ ଇଣ୍ଡିଆର ପବ୍ଲିକ ପଲିସି ନିର୍ଦ୍ଦେଶକ ଅଭିନାଶ ରାମଚନ୍ଦ୍ର, ଫିକି ଏମ୍‌ଏସ୍‌ଏମ୍‌ଇ କମିଟି ଅଧ୍ୟକ୍ଷ ଅର୍ଚ୍ଚନା ଗାରୋଡିଆ, ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ଆଞ୍ଚଳିକ ମୁଖ୍ୟ ତୋଜୋ ବାନାର୍ଜୀ, ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ଆଲୋକ ବର୍ଦ୍ଧନ ଚତୁର୍ବେଦୀ, ୱାର୍ଲଡ ବ୍ୟାଙ୍କ ପକ୍ଷରୁ ଆଲବର୍ଟ ସୋଲ୍, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସହକାରୀ ସଚିବ ରାମ ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

- ନୀତିରେ ପରିବର୍ତ୍ତନ ଆଣିଲେ ସରକାର
- ଶିଳ୍ପସଂସ୍ଥା ପାଇଁ ଜେଡ୍ ପ୍ରମାଣପତ୍ର ବ୍ୟବସ୍ଥା
- ୮୨୦ କୋଟି ବିନିଯୋଗ କରିବେ ଓଡ଼ିଆ ଉଦ୍ୟୋଗୀ

# ବୟନଶିଳ୍ପରେ ବିପୁଳ ସୁଯୋଗ

## ନିଯୁକ୍ତ ହେବେ ୬୫୦୦ ମାନବସମ୍ବଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ବୟନଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେବ ବ୍ୟାପକ ସୁଯୋଗ। ନିଯୁକ୍ତ ହେବେ ୬୫୦୦ରୁ ଊର୍ଦ୍ଧ୍ୱ ମାନବସମ୍ବଳ। ମହିଳାମାନଙ୍କୁ ମିଳିବ ଆତ୍ମନିର୍ଭରଶୀଳତା। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ରାଜ୍ୟରେ ଆପାରେଲ୍ ତଥା ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ପାଇଁ ୩ ପ୍ରମୁଖ ଶିଳ୍ପସଂସ୍ଥା ଆଗ୍ରହ ଦେଖାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ମଧ୍ୟରେ 'ଆଦିତ୍ୟ ବିର୍ଲା ଗ୍ରୁପ୍ ଅଫ୍ ଫ୍ୟାଶନ', 'ଶାହି ଏକ୍ସପୋର୍ଟ' ଏବଂ 'ୱାଇଲ୍ଡ ଲୋଟସ୍ ଫ୍ୟାଶନ' ଭଳି ସଂସ୍ଥା ରହିଛନ୍ତି। ଏହାବ୍ୟତୀତ ଆଉ ୪ଟି ଶିଳ୍ପ ପ୍ରତିଷ୍ଠାନ ମଧ୍ୟ ରାଜ୍ୟରେ ପୋଷାକ ଶିଳ୍ପରେ ପୁଞ୍ଜିନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକ ଅଗ୍ରଣୀ ଟେକ୍ସଟାଇଲ ହବ୍‌ରେ ପରିଣତ ହେବାକୁ ଯାଉଥିବା ମନ୍ତ୍ରୀ ଏହି ନିବେଶକ ସମ୍ମିଳନୀରେ କହିଛନ୍ତି।

ଇଣ୍ଡଷ୍ଟ୍ରିଆଲ ପଲିସି ୨୦୧୫, ଆପାରେଲ୍ ପଲିସି ୨୦୧୬ ଏବଂ ଟେକ୍ସଟାଇଲ ପଲିସି ୨୦୧୬ ଅନୁଯାୟୀ ସରକାର ଯେଉଁ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି, ସେଥିପ୍ରତି ନିବେଶକମାନେ ଆକୃଷ୍ଟ ହୋଇଛନ୍ତି। ବିଶେଷକରି ଆପାରେଲ୍ ସେକ୍ଟର କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶା ସରକାର। ଏହିକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଅଫ୍ ଫ୍ୟାଶନ ଓଡ଼ିଶାରେ ୬୬ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହା ନିଜର ଶିଳ୍ପ ପ୍ରତିଷ୍ଠାନ ଆରମ୍ଭ କରିବ। ସେହିଭଳି ପୂର୍ବରୁ ୫୦ କୋଟି ଟଙ୍କା ବିନିଯୋଗ କରି ୨୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇଥିବା ଶାହି ଏକ୍ସପୋର୍ଟ ରାଜ୍ୟରେ ଆହୁରି ୫୧ କୋଟିର ପୁଞ୍ଜିନିବେଶ କରିବ। ଏହାବ୍ୟତୀତ ୱାଇଲ୍ଡ ଲୋଟସ୍ ଫ୍ୟାଶନ ଓଡ଼ିଶାରେ ଆପାରେଲ୍ ଇଣ୍ଡଷ୍ଟ୍ରି ପାଇଁ ୨୦ କୋଟିର ପୁଞ୍ଜିବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଉପରୋକ୍ତ ୩ ଇଣ୍ଡଷ୍ଟ୍ରି ରାଜ୍ୟରେ ପ୍ରତିଷ୍ଠା ହେବା ଦ୍ୱାରା ପ୍ରାୟ ୬୫୦୦ରୁ ଅଧିକ ଲୋକ ଏଥିରେ ନିଯୁକ୍ତ ହୋଇପାରିବେ। ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଏହାଦ୍ୱାରା ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟରେ ରାଜ୍ୟ ସରକାର ୨୦ ପ୍ରତିଶତ ପର୍ଯ୍ୟନ୍ତ ସର୍ବାଧିକ ୨୦ କୋଟି ଟଙ୍କାର ସବ୍‌ସିଡି ଦେବାର ବ୍ୟବସ୍ଥା କରିଥିବା ବେଳେ ଋଣ ପ୍ରଦାନରେ ମଧ୍ୟ ୧୦ ପ୍ରତିଶତ ପର୍ଯ୍ୟନ୍ତ ସର୍ବାଧିକ ୧୦କୋଟି ଟଙ୍କା ଛାଡ଼ କରିବାର ବ୍ୟବସ୍ଥା ରହିଛି, ଯାହାକି ରାଜ୍ୟ ପ୍ରତି ନିବେଶକଙ୍କୁ ଆକୃଷ୍ଟ କରୁଛି ବୋଲି ଛୁରିଆ କହିଛନ୍ତି।

- ଆଦିତ୍ୟ ବିର୍ଲା କରିବେ ୬୬ କୋଟିର ପୁଞ୍ଜିନିବେଶ
- ଶାହି ଏକ୍ସପୋର୍ଟର ୫୧ କୋଟି
- ୨୦ କୋଟି ବିନିଯୋଗ କରିବ ୱାଇଲ୍ଡ ଲୋଟସ୍ ଫ୍ୟାଶନ

## ନିର୍ମାଣ ହେବ ଦୁଇଟି ଟେକ୍ସଟାଇଲ ପାର୍କ

ବୟନ ଏବଂ ଆପାରେଲ୍ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ଶିଳ୍ପୋଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାର ଦୁଇଟି ଟେକ୍ସଟାଇଲ ପାର୍କ ନିର୍ମାଣ କରିବାକୁ ଯାଉଛନ୍ତି। ଓଡ଼ିଶାରେ ପ୍ରଚୁର ପରିମାଣରେ କପା ଉତ୍ପାଦିତ ହେଉଥିବାରୁ ଏଠାରେ ବିପୁଳ କଞ୍ଚାମାଲ ଉପଲବ୍ଧ ହେଉଛି। ତେଣୁ ନିବେଶକମାନଙ୍କୁ ଆକୃଷ୍ଟ କରିବାକୁ ସରକାର ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ୍‌ର ବ୍ୟବସ୍ଥା କରିଛନ୍ତି। ଟେକ୍ସଟାଇଲ ପାର୍କ ନିର୍ମାଣ ପାଇଁ ଭଦ୍ରକରେ ୨୫୦ ଏକର ଜମି ସହ ରାମଦାସପୁର ଓ ଛତାବରଠାରେ ଜମି ରଖାଯାଇଛି। ଏହାବ୍ୟତୀତ ଚୌଦ୍ୱାର ଓଟିଏମ୍‌ର ପୁନରୁଦ୍ଧାର ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ, ଓଟିଏମ୍‌କୁ ନେଇ ବିଚାରାଧୀନ ଥିବା ମାମଲା କିଛିଦିନ ମଧ୍ୟରେ ଫଇସଲା ହେବାକୁ ଯାଉଛି। ଇଡ୍‌କୋ ଏଥିପାଇଁ ୯୦ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଖୁବ୍‌ଶୀଘ୍ର ଏହା ପୁନଃକାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ସେକ୍ଟରାଲ ସେମିନାରରେ ଏଇପିସିର ଅଧ୍ୟକ୍ଷ ଏଚ୍.କେ.ଏଲ୍. ମାଗୁ, ସିଟିର ଅଧ୍ୟକ୍ଷ ସଞ୍ଜୟ କୁମାର ଜୈନ, ଫିକି ଟେକ୍ସଟାଇଲ କମିଟି ଅଧ୍ୟକ୍ଷ ଶିଶିର ଜୟପୁରିଆ, ଲି ଆଣ୍ଡ ଫଙ୍ଗ୍‌ର କଣ୍ଟ୍ରିହେଡ୍ ସୁଶୀଲ ସେଓ୍ୱକରମଣି, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡିଜାଇନର ବିଭୁ ମହାପାତ୍ର, ଆଇଓସିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଭିନାଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ମଙ୍ଗଳବାର ବିଭୁ ମହାପାତ୍ରଙ୍କ କଲେକ୍ସନକୁ ନେଇ ଆୟୋଜିତ ଫ୍ୟାଶନ ଶୋ'।

## ସଂକ୍ଷେପରେ

### ଛାତ୍ର ନିଖୋଜ, ଥାନାରେ ଅଭିଯୋଗ

ପାରାଦୀପ,୧୩।୧୧(ସ୍ୱ.ପ୍ର.)- ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀ ରେଲୱେ କଲୋନୀରେ ରହୁଥିବା ବିଦିତା ଓ ରବୀନ୍ଦ୍ର ମହାପାତ୍ରଙ୍କ ଏକମାତ୍ର ପୁତ୍ର ରାକେଶ(୧୪) ମଙ୍ଗଳବାର ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ମା'ବିଦିତା ପାରାଦୀପ ଥାନାରେ ଅଭିଯୋଗ କରିଛନ୍ତି। ରାକେଶ ସରସ୍ୱତୀ ଶିଶୁମନ୍ଦିରରେ ନବମ ଶ୍ରେଣୀର ଛାତ୍ର ଥିଲେ। ସେ ପୂର୍ବାହ୍ନ ୯ଟାରେ ସାଇକେଲ ଯୋଗେ ଘରୁ ସ୍କୁଲକୁ ଯାଇଥିଲେ। ଅପରାହ୍ନ ୪ଟାରେ ଘରେ ନ ପହଞ୍ଚିବାରୁ ପରିବାର ଲୋକେ ଖୋଜାଖୋଜି କରୁଛନ୍ତି। ଅପରପକ୍ଷେ ରାକେଶ ସ୍କୁଲକୁ ଯାଇ ନ ଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି।

### ରଘୁନାଥପୁର ବ୍ଲକ ଓସ୍ତାର ସାମ୍ବିଧାନିକ ସମ୍ମିଳନୀ




ରଘୁନାଥପୁର, ୧୩।୧୧( ଡି.ଏନ.ଏ.)- ରାଜ୍ୟ ଓସ୍ତାର ପରାମର୍ଶକ୍ରମେ ରଘୁନାଥପୁର ବ୍ଲକ ଓସ୍ତାର ସାମ୍ବିଧାନିକ ସମ୍ମିଳନୀ ଜଗନ୍ନାଥପୁରସ୍ଥିତ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ନାଲିବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ନାୟକ ସଭାପତିତ୍ୱ କରିଥିଲେ। ଜିଲା ଓସ୍ତାର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ରାଜ୍ୟ କମିଟି ସଭ୍ୟ ଅତୁଲ୍ୟ ବିକ୍ରମ ପ୍ରଧାନ, ରାଜକିଶୋର ସାହୁ, ଜିଲା ସହସମ୍ପାଦକ ସୁବାସ ଦାସ, ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ଲକ ସମ୍ପାଦକ ରଞ୍ଜନ କୁମାର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କଲା ପରେ ଦୀର୍ଘ ୫୯ ଦିନରେ ଆନ୍ଦୋଳନ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିଲା। ଏହାପରେ ବ୍ଲକ ଓସ୍ତାର କାର୍ଯ୍ୟକର୍ତ୍ତା ନିର୍ବାଚନ ସମ୍ବନ୍ଧରେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ କାର୍ଯ୍ୟକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ବିଜୁନାଥ ପରିଡା, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ଓ ଉପସଭାପତି ଭାବେ ମନୋରମା ଜେନା, ପ୍ରଶାନ୍ତ କୁମାର ସାମଲ, ବିନୋଦ କୁମାର ଜେନାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ରଞ୍ଜନ କୁମାର ମିଶ୍ର, ସଙ୍ଗଠନ ସମ୍ପାଦକ ଜାହାଙ୍ଗୀର ହୋସେନ ଖାନ, ସହସମ୍ପାଦକ ଭାବେ ଶରତ କୁମାର ପଣ୍ଡା ଓ ଜିତେନ କୁମାର ଦାସଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସୁଧାକର ରାଉତରାଏ, ପ୍ରତାପ କୁମାର ନାୟକ, ରାଜ କିଶୋର ଦାସ, ନିରଞ୍ଜନ ମହାପାତ୍ର, ମିନାକ୍ଷୀ ପଣ୍ଡା ଓ ରାଜେନ୍ଦ୍ରନାଥ ନାଏକ ଓ ଉପଦେଷ୍ଟା ମଣ୍ଡଳୀରେ ମିହିର କୁମାର ନାୟକ, ସମୀର କୁମାର ସ୍ୱାଇଁ, ଶରତ ଚନ୍ଦ୍ର ମହାରଣା ଓ ସରୋଜ କୁମାର ମହାପାତ୍ରଙ୍କୁ ରଖାଯାଇଥିଲା। ଶେଷରେ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ପାରାଦୀପରେ ବିଜେଡିର ପଦଯାତ୍ରା ସମାବେଶ

# ନେତା ଚୟନ ସରିଛି, ଘୋଷଣା ବାକି ଅଛି

ପାରାଦୀପ,୧୩।୧୧(ସ୍ୱ.ପ୍ର.)




ପାରାଦୀପରେ ଅନୁଷ୍ଠିତ ବିଜେଡିର ସମାବେଶରେ ଉପସ୍ଥିତ ନେତାମାନେ।



କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଛନ୍ତି।

ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ ମଙ୍ଗଳବାର ପ୍ରଥମଥର ପାଇଁ ପାରାଦୀପରେ ବିଜେଡିର ଏକ ବିରାଟ ସମାବେଶ କରାଯାଇଛି। ଦାମ ନୂତନ ଦଳ ଗଠନ କରିବା ସମ୍ପର୍କରେ ଘୋଷଣା କରିବାର ୩ ଦିନ ପରେ ବିଜେଡି ତାଙ୍କୁ ପଦଯାତ୍ରା ମହାସମାବେଶ କରି ଜବାବ ଦେଇଛି ବୋଲି କୁହାଯାଉଛି। ତେବେ ଏତେ ବଡ଼ ସମାବେଶ ଆୟୋଜିତ ହୋଇଥିଲେ ମଧ୍ୟ ଏଠାରେ ଦଳର ପରବର୍ତ୍ତୀ ନେତା କିଏ ହେବ ତାହା ଘୋଷଣା ହୋଇପାରିନାହିଁ। ଦଳର ପଦଯାତ୍ରା ସମାବେଶ ପାଇଁ ଅପରାହ୍ନରେ ସ୍ଥାନୀୟ ଅଞ୍ଚଳ ଏକ ପ୍ରକାର ସବୁଜିମା ହୋଇଯାଇଥିଲା। ଦୋଛକିଠାରୁ ଜୟଦେବ ସଦନ ଛକ ପର୍ଯ୍ୟନ୍ତ ପ୍ରାୟ ୧୦ ହଜାରରୁ ଅଧିକ ଲୋକ ବାଇକ ଶୋଭାଯାତ୍ରା, ପଦଯାତ୍ରା କରିଥିଲେ। ପ୍ରତି ଛକରେ ଶତାଧିକ ମହିଳା ଦଳୀୟ ପତାକା ଧରି ଅପେକ୍ଷା କରିଥିଲେ। ସଭାକୁ ଆସୁଥିବା ନେତାଙ୍କୁ ସେମାନେ ସମ୍ବର୍ଦ୍ଧନା ଦେଉଥିଲେ। ସନ୍ଧ୍ୟାରେ ଜୟଦେବ ସଦନ ପଡିଆରେ ସମାବେଶ ଆୟୋଜନ ହୋଇଥିଲା। ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବାଶିଷ ସାମନ୍ତରାୟ, ଅତନୁ ସବ୍ୟସାଚୀ ନାୟକ, ପ୍ରଶାନ୍ତ ମୁଦୁଲି, ଏମ୍‌ପି କୁଳମଣି ସାମଲ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ଦଳୀୟ କାଉନ୍‌ସିଲର, କର୍ମୀମାନେ ଉପସ୍ଥିତ ଥିଲେ। ପ୍ରାୟ ସମସ୍ତ ନେତା ନବୀନଙ୍କ ଗୁଣଗାନ କରିଥିଲେ ଓ ଦାମଙ୍କୁ କଡା ସମାଲୋଚନା କରିଥିଲେ। ବିରୋଧୀ ଭାଜପା ଓ କଂଗ୍ରେସ ସମ୍ପର୍କରେ କେବଳ ଅତନୁ ଓ ପ୍ରତାପ ଅଳ୍ପରେ କହିଥିଲେ। ମନ୍ତ୍ରୀ ଜେନା କହିଲେ ଯେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ

- ଦାମଙ୍କୁ ଗ୍ରହଣ ନ କରିବାକୁ ଦେବାଶିଷଙ୍କ ଆହ୍ୱାନ
- ସୁପର ସ୍ପେଶିଆଲିଟି ହସ୍ପିଟାଲ କଥା ଉଠାଇଲେ ପ୍ରତାପ
- ଦାମ କେବଳ କଟାକ୍ଷ କରି ଜାଣନ୍ତି
- ଶୋଭାଯାତ୍ରାରେ ସାମିଲ ହେଲେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ

ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବାକୁ ଘୋଷଣା କରିଥିଲେ। ଏପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ଏବେ ମେଡିକାଲ ସମ୍ପର୍କରେ ସେ ସ୍ପଷ୍ଟ କରନ୍ତୁ। ନ ହେଲେ ରାଜ୍ୟ ସରକାର ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବେ ବୋଲି ଜେନା କହିଥିଲେ। ଦାମଙ୍କ ସମ୍ପର୍କରେ ବିଜେଡି ନେତାମାନେ କହିଲେ ଯେ, ଦାମ କେବଳ ସମସ୍ତଙ୍କୁ କଟାକ୍ଷ କରି ଜାଣନ୍ତି ଏବଂ କିପରି ନିଜ ଭାଣ୍ଡ ପୂରଣ ହେବ ସେ ସମ୍ପର୍କରେ ଚିନ୍ତା କରନ୍ତି। ସେହି ଧୂଆଁବାଣ ନେତାଙ୍କୁ କେହି ଗ୍ରହଣ କରନ୍ତୁ ନାହିଁ ବୋଲି ଦେବାଶିଷ ଆହ୍ୱାନ ଦେଇଥିଲେ। ୨୦୦୯ରେ ସେ ବିଧାୟକ ହେବେ ବୋଲି ଆଶାୟୀ ଥିଲେ, କିନ୍ତୁ ଦାମ କରାଇଦେଲେ ନାହିଁ। ଏବେ ନବୀନ ବାବୁ ପାରାଦୀପକୁ ଜଣେ ଭଲ ନେତା ଦେବେ। ଆପଣମାନେ ଅପେକ୍ଷା କରନ୍ତୁ ବୋଲି ଦେବାଶିଷ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ। କୁଳମଣି କହିଲେ ତୁମର ପରବର୍ତ୍ତୀ ନେତା ଏହି ମଞ୍ଚରେ ଅଛନ୍ତି, ଯାହା ଖାଲି ଘୋଷଣା ବାକି ଅଛି। ଅନ୍ୟପକ୍ଷରେ ଏହି ସମାବେଶ ମଞ୍ଚରେ ଥିବା ୨ ଜଣ ନେତା ବିଧାୟକ ପ୍ରାର୍ଥୀ ଦାବିଦାର ବୋଲି ଚର୍ଚ୍ଚା ହେଉଛି। ସେମାନେ ହେଲେ ଦେବାଶିଷ ଓ ବସନ୍ତ। ସମାବେଶରେ ପାରାଦୀପର ୯୦ ପ୍ରତିଶତ ଲୋକ ଥିବାବେଳେ ସ୍ଥାନୀୟ ୪ ପଞ୍ଚାୟତରୁ ୧୦ ପ୍ରତିଶତ ଲୋକ ଆସିଥିଲେ। ସମାବେଶରେ ଦେବାଶିଷ ଓ ବସନ୍ତ ଭାଷଣ ଦେବାବେଳେ କର୍ମୀମାନେ ତାଳି ମାରି ଅଞ୍ଚଳ ପ୍ରକମ୍ପିତ କରିଦେଇଥିଲେ।

## ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ନେଇ ବିବାଦ

# ଜିଲାପାଳଙ୍କ ନିକଟରେ ମହିଳାଙ୍କ ଅଭିଯୋଗ

ଏରସମା,୧୩।୧୧(ସ୍ୱ.ପ୍ର.)



ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

ଏରସମା ବ୍ଲକ ଅଧୀନ ଆମ୍ବିକି ପଞ୍ଚାୟତସ୍ଥିତ ମହୁଆ ଗ୍ରାମରେ ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଏଥିରେ ଅସନ୍ତୁଷ୍ଟ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ୫୦ରୁ ଊର୍ଦ୍ଧ୍ୱ ମହିଳା ମଙ୍ଗଳବାର ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହିତ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପ୍ରକାଶଯୋଗ୍ୟ, ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ପାଇଁ ସହାୟିକା ନିଯୁକ୍ତି କରିବାକୁ ମହିଳା ସଭା ଡକା ଯାଇଥିଲା। ମାତ୍ର ଠିକ ଭାବେ ମହିଳାଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସଭାରେ ଅଧିକାଂଶ ମହିଳା ଜଣେ ଗରିବ ଶ୍ରେଣୀର ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସମର୍ଥନ ଜଣାଇଥିଲେ। ମାତ୍ର ତାଙ୍କୁ ନିଯୁକ୍ତି ନ ଦେଇ ଚଞ୍ଚକତା କରି ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ମସୁଧା ଚାଲିଥିବା ଜଣାପଡ଼ିଥିଲା। ଫଳରେ ଉର୍ମିଳା ଦାସ, ସୁମିତ୍ର ଦାସ, କାନ୍ଦୁରୀ ଦାସ, କୁନିଲତା ଦାସ, ତପସ୍ୱିନୀ ପ୍ରଧାନ, ପଦ୍ମାବତୀ ପ୍ରଧାନ, ରଶ୍ମିରେଖା ଦାସ ଓ ସୁଷମା ମଲିକ ପ୍ରମୁଖ ଏହାକୁ ବିରୋଧ କରିବା ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ରାସ୍ତାପାର୍ଶ୍ୱ ଦୋକାନକୁ ଭାଙ୍ଗି ଗଛରେ ପିଟି ହେଲା ଟିପ୍ପର

ରଘୁନାଥପୁର, ୧୩।୧୧( ଡି.ଏନ.ଏ.) ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଅଚ୍ଛୁତପୁର ନିକଟରେ ଏକ ପଥର ବୋଝେଇ ଟିପ୍ପର ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନକୁ ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ବରଗଛକୁ ଧକ୍କା ଦେଇଥିଲା। ସୌଭାଗ୍ୟ ବଶତଃ ରାସ୍ତାପାର୍ଶ୍ୱରେ ଥିବା ଚା ଦୋକାନଟି ରାତିରେ ବନ୍ଦ ଥିଲା। ତେବେ ଟିପ୍ପରର କ୍ୟାବିନ୍ ଭାଙ୍ଗି ଲୋଡ ହୋଇଥିବା ପଥରଗୁଡିକ ଅଜାଡି ହୋଇ ପଡିଥିବା ବେଳେ ଚାଳକ ସୁରକ୍ଷିତ ଅଛନ୍ତି। ଚାଳକଙ୍କ ଆଖି ଲାଗିଯିବାରୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଚା ଦୋକାନର ଶୋ କେସ୍ ଓ କ୍ୟାବିନ ଭାଙ୍ଗି ଯାଇଛି। ଦୋକାନର ମାଲିକ କୃଷ୍ଣଚନ୍ଦ୍ର ମିଶ୍ର ଏହି ଦୋକାନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ୧୫ ଦିନ ପୂର୍ବରୁ କୃଷ୍ଣଙ୍କ ସାନପୁଅର ସର୍ପାଘାତରେ ମୃତ୍ୟୁ ହୋଇଥିବାବେଳେ ଦୋକାନର କ୍ଷତିକୁ ନେଇ ଏକ ପ୍ରକାର ସେ ଭାଙ୍ଗି ପଡିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଲିକୁଦା,୧୩।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଧୀନ ଆମ୍ବଶାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ଏବିଡିଓ ଅଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରାଖାଲ ଚରଣ ଦାସ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ଜୟଶ୍ରୀ ଦର୍ପଦଳିନୀ ମଲିକ, ବବିତା ସ୍ୱାଇଁ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସାହୁ, ବିଆରସିସି ରାଜ କିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ ୪୨୪ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୯୧ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଚଳିତ ଥର ଅନଲାଇନ ନାମ ପଞ୍ଜୀକରଣ କରାଯିବା ବ୍ୟବସ୍ଥା ହୋଇଥିବାରୁ ଭିନ୍ନକ୍ଷମଙ୍କ କ୍ଷେତ୍ରରେ ତାହା ସମସ୍ୟା ସୃଷ୍ଟି କରିଥିଲା। ଅନେକ ଏହା ଜାଣି ନ ପାରି ନିଜର କାଗଜପତ୍ର ଧରି କ୍ୟାମ୍ପରେ ପହଞ୍ଚିଥିଲେ। ମାତ୍ର ସେଠାରେ ସେମାନଙ୍କୁ ବସି ରହିବାକୁ ପଡିଥିଲା। ବିଡିଓ ପଟ୍ଟନାୟକ ଓ ଏବିଡିଓ ବେହେରାଙ୍କ ପରାମର୍ଶ କ୍ରମେ ସେମାନଙ୍କୁ ଅଫ୍‌ଲାଇନ ରେଜିଷ୍ଟ୍ରେଶନ ସୁବିଧା ଦିଆଯାଇଥିଲା। କ୍ୟାମ୍ପରେ ଅନଲାଇନ ରେଜିଷ୍ଟ୍ରେଶନ ପରେ ଅଫ୍‌ଲାଇନ ରେଜିଷ୍ଟ୍ରେଶନ କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ଦାସ, ବ୍ଲକ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ସେଠୀ, ବ୍ଲକ କୋଷାଧ୍ୟକ୍ଷ ନିହାର ରଞ୍ଜନ ଦାସ, ବରିଷ୍ଠ କିରାଣି ପ୍ରଭାସ ରାଉତ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଶତପଥୀ ଓ ମାନସ ମଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନ୍ୟାଶନାଲ ଓ ଜାଭିୟର ଇଣ୍ଟର ନ୍ୟାଶନାଲ ସ୍କୁଲରେ ବିଜ୍ଞାନ ମେଳା

କୁଜଙ୍ଗ,୧୩।୧୧(ସ୍ୱ.ପ୍ର.) କୁଜଙ୍ଗ ସ୍ଥିତ ନ୍ୟାଶନାଲ ସ୍କୁଲ ଓ ସେଣ୍ଟଜାଭିୟର୍ ଇଣ୍ଟର ନ୍ୟାଶନାଲ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷା ପ୍ରମିଳା ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଜ୍ଞାନ ମେଳାକୁ ଶିକ୍ଷାବିତ୍ ଡ.ଗଙ୍ଗାଧର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ କୁନି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ରୋଜାଲିନ୍ ଜେନା ସ୍ୱପ୍ନ ରାତିରେ କି ନିଦରେ ନୁହେଁ ଯେଉଁ ସ୍ୱପ୍ନ ଆମକୁ ଶୁଆଇ ଦିଏ ନାହିଁ, ତାହା ହିଁ ଆମର ଧ୍ୟେୟ ହେଉ ବୋଲି କହିଥିଲେ। ତୁମେମାନେ ଭାରତ ରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ଭଳି ବଡ଼ ବୈଜ୍ଞାନିକ ହୁଅ ବୋଲି ସେ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ସେହିପରି ସେଣ୍ଟ ଜାଭିୟର୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ଦାସ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ସୁଧାକର ବିଶ୍ୱାଳ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଯଶୋବନ୍ତ ରାୟ ଓ ବିଭୂତି ଭୂଷଣ ଦାସ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ସରୋଜ ପରିଜା, ସତ୍ୟରଞ୍ଜନ ଭୋଳ, ଯାଜ୍ଞସେନୀ ନାୟକ, ପ୍ରୀୟତମା ନାୟକ, ଇତୁସ୍ନା ପଲାଇ ଓ ପ୍ରଭାସିନୀ ସ୍ୱାଇଁ ପ୍ରମୁଖ ମେଳା ପରିଚାଳନା କରିଥିଲେ। ନ୍ୟାଶନାଲ ସ୍କୁଲରେ ବାଇଧର ସ୍ୱାଇଁ, ସୁକାନ୍ତ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷକ ଦୁର୍ଯ୍ୟୋଧନ ସ୍ୱାଇଁ, ଅନୁପମା ମିଶ୍ର, ତପସ୍ୱିନୀ ବେହେରା, ସଞ୍ଜୟ କୁମାର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନ୍ୟାଶନାଲ ସ୍କୁଲରେ ୧୪୫ ପ୍ରକଳ୍ପ ତିନୋଟି ବିଭାଗରେ ପ୍ରଦର୍ଶିତ ହୋଇଥିବା ବେଳେ ଓ ସେଣ୍ଟଜାଭିୟର୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ୬୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।



ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ବିଜୁ ଯୁବଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ

କୁଜଙ୍ଗ, ୧୩।୧୧(ସ୍ୱ.ପ୍ର) ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଜନତା ଦଳ ପକ୍ଷରୁ କୁଜଙ୍ଗଠାରେ ମଙ୍ଗଳବାର ଏକ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଦଳର ନିର୍ବାଚନ ମଣ୍ଡଳୀ ସଭାପତି ତ୍ରିଲୋଚନ ତରାଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲ, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯୁବକମାନେ ସଂଗଠିତ ହୋଇ ବିଜେଡିକୁ ଅଧିକ ମଜଭୁତ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅପରାହ୍ନରେ କୁଜଙ୍ଗ ଥାନାଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଦଳର ଯୁବ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେତାମାନଙ୍କୁ ପାଛୋଟି ନିଆଯାଇଥିଲା। କୁଜଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଶତାଧିକ ଯୁବ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମହିଳା ରାଜ୍ୟ ସମ୍ପାଦିକା ସବିତା ମହପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର ପରିଡା, ପ୍ରକାଶ ଚନ୍ଦ୍ର ପରିଡା, କୈବର୍ତ୍ତ ନେତା ହରେକୃଷ୍ଣ ସାମଲ, ତପନ ସାମନ୍ତରାୟ, ମଦନ ମୋହନ ସ୍ୱାଇଁ, ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡା, ସାଇଲୋ ସରପଞ୍ଚ ରୋଜାଲିନ ମହାପାତ୍ର, କବି ପୀତାମ୍ବର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବ୍ଲକ୍ ହେଡ୍ କ୍ୱାର୍ଟରେ ବିଜୁ ଯୁବ ଜନତା ଦଳର ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବିଜେଡି ସଭାପତି ଚିତ୍ତ ମିଶ୍ରଙ୍କ ସମେତ ଦଳର ଦୃଢ ସମର୍ଥକ ଥିବା କୁଜଙ୍ଗ ସରପଞ୍ଚ ଓ ବ୍ଲକ୍ ଅଧ୍ୟକ୍ଷ ଉପସ୍ଥିତ ନ ଥିଲେ। ପ୍ରକାଶ ଯେ ବିଧାୟକ ଡା. ଦାମୋଦର ରାଉତ ଦଳରୁ ବହିଷ୍କୃତ ହେବା ପରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଏକ ପ୍ରକାର ବିଜେଡିର ନେତା ଶୂନ୍ୟ ହୋଇପଡିଥିଲା। ସାମୟିକ ଭାବେ ଏମ୍‌ପି ସାମଲଙ୍କୁ ଦଳୀୟ ଦାୟିତ୍ୱ ଦିଆଯାଇଥିଲା। ତେବେ ଦେବାଶିଷ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପରେ ତାଙ୍କ ପ୍ରାର୍ଥୀତ୍ୱ ତଥା ନେତୃତ୍ୱକୁ ନେଇ ଏଠାରେ ଜୋରଦାର ଚର୍ଚ୍ଚା ଚାଲିଛି।



ବିଧାୟକ ଦେବାଶିଷ ସାମନ୍ତରାୟ ଯୁବ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

## ତାଳପଡ଼ା ନାଭିଗେଶନ ଘାଟରୁ ପୋରଗଦେଇ ପଞ୍ଚାୟତ

# ବିଜୁ ସ୍ମାରକୀ ସେତୁ ନିର୍ମାଣ ଦାବି

ତିର୍ତ୍ତୋଲ,୧୩।୧୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ପୋରଗଦେଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ତାଳପଡ଼ା ନାଭିଗେଶନ ଘାଟ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ଓ ମହାନଦୀ ଉପରେ ବିଜୁ ସ୍ମାରକୀ ସେତୁ ନିର୍ମାଣ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଦକ୍ଷିଣ ଦିଗରେ ଥିବା ରବୀନ୍ଦ୍ର ସରଣୀ ରାସ୍ତା ସହ ଯୋଗାଯୋଗ ସହଜ ହୋଇପାରିବ। ଫଳରେ ଏରସମା, ବାଲିକୁଦାକୁ ରାସ୍ତା ସଂଯୋଗ ହେବା ସହ ପୁରୀକୁ ମଧ୍ୟ ସୁବିଧାରେ ଯାତାୟାତ କରିହେବ। ଉତ୍ତର ଦିଗରେ ଏହି ରାସ୍ତା ସହ ଗରଦପୁର, ପାଟକୁରା ଦେଇ କେନ୍ଦ୍ରପଡ଼ା ଜିଲାକୁ ରାସ୍ତା ସଂଯୋଗ ହେଇପାରିବ। ଏସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ନିକଟରେ ପଞ୍ଚାୟତ ଅଧିବାସୀଙ୍କ ତରଫରୁ ଦାବି କରାଯାଇଛି। ପୂର୍ବରୁ ତାଳଦଣ୍ଡା କେନାଲରେ ଡଙ୍ଗା ସାହାଯ୍ୟରେ କଟକରୁ ମାଲ୍ ଆଣି ଲୋକମାନେ ଏହି ସ୍ଥାନରେ ନଦୀ ଆରପଟକୁ ଯାଉଥିଲେ। ଏଠାରେ ଏକ ପୋଲ ନିର୍ମାଣ ହେଲେ ସ୍ଥାନୀୟ ପୋରଗଦେଇ ପଞ୍ଚାୟତବାସୀଙ୍କ ସମେତ କୋଲର, ଆମ୍ବେରୀ, ସାମନ୍ତରାପୁର, କାଠକୋଟ ଆଦି ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ। ଲୋକମାନେ ପୂର୍ବରୁ ଡଙ୍ଗାରେ ମହାନଦୀ ପାରହୋଇ ପୋରଗଦେଇ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବଉଳାଙ୍ଗ, ରାଣିତୋଳା, ଆଲକଣା ଗ୍ରାମ ଦେଇ କୋଲର ପଞ୍ଚାୟତର ନାଗପୁରା, ପାଟକୁରା, ଧନୁଆଁ, ଜଇପୁର ଗ୍ରାମର ଜନସାଧାରଣ ଯିବା ଆସିବା କରନ୍ତି । ଏଥିସହ କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକର ବହୁ ପଞ୍ଚାୟତ ଅଧିବାସୀ ଏହି ବାଟ ଦେଇ ଯିବାଆସିବା କରିଥାନ୍ତି। ଏହି ଧୋୟା ଅଞ୍ଚଳକୁ ଗମନା ଗମନର ସୁବିଧା ନ ଥିବାବେଳେ ବନ୍ୟା ସମୟରେ ସବାରୀ ସାହାଯ୍ୟରେ ପୋରଗଦେଇ ଦେଇ ଓଡିଶାର ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ଏକାଧିକବାର ଆସି ବନ୍ୟାର କ୍ଷୟକ୍ଷତି ବୁଲି ଦେଖିଥିଲେ। ଦୀର୍ଘ ବର୍ଷ ଧରି ସ୍ଥାନୀୟ ଜନସାଧାରଣ ସେତୁ ନିର୍ମାଣ ଓ ଏହି ସଂଯୋଗ ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରିଆସୁଛନ୍ତି। ମାତ୍ର ଏଦିଗରେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସ୍ଥାନୀୟ ଚାଷୀମାନେ ନିଜ ଜମିରୁ ଉତ୍ପାଦନ କରୁଥିବା ଫସଲକୁ ବିକ୍ରି କରିବାକୁ ରାହାମା ହାଟ ବଜାର ତଥା ଅନ୍ୟ ସ୍ଥାନକୁ ଡଙ୍ଗା ଯୋଗେ ଏହି ବାଟେ ଯାଇଥାନ୍ତି । ବିଜୁବାବୁଙ୍କ ସ୍ମାରକୀ ବହନ କରୁଥିବା ଏହି ରାସ୍ତା ଉପରେ ମହାନଦୀ ଓ ତାଳଦଣ୍ଡା କେନାଲ ଉପରେ ବିଜୁ ସ୍ମାରକୀ ସେତୁ ନିର୍ମାଣ ପାଇଁ ଦାବି କରାଯାଇଛି। ୨୦୦୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋରଗଦେଇ ସଞ୍ଜୟ ମହାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ମିତ ବାତ୍ୟା ଆଶ୍ରୟ ସ୍ଥଳୀ ଉଦଘାଟନ କରିବାକୁ ଆସିଥିବା ବେଳେ ଏହି ରାସ୍ତା ଏବଂ ସେତୁ ନିର୍ମାଣ ପାଇଁ ଦାବିପତ୍ର ଦିଆଯାଇଥିଲା। ଏଥିସହ ୨୦୧୩ ରେ ତତ୍କାଳିନ ରାଜ୍ୟପାଳ ଏମ ଚନ୍ଦ୍ରକାନ୍ତ ଭଣ୍ଡାରେ ଉକ୍ତ ବିଦ୍ୟାଳୟର ଦ୍ୱିଶତବାର୍ଷୀକ ଉତ୍ସବକୁ ଆସିଥିବା ବେଳେ ଏହି ସେତୁ ଏବଂ ରାସ୍ତା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏବେ ଏ ସମ୍ପର୍କରେ ପଞ୍ଚାୟତର ଜନସାଧାରଣ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ବିଭାଗୀୟ ମୁଖ୍ୟଯନ୍ତ୍ରୀ, ସ୍ଥାନୀୟ ବିଧାୟକ, ଜଗତସିଂହପୁର ଏମପି, ଜଗତସିଂହପୁର ଜିଲାପାଳଙ୍କ ନିକଟରେ ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ଭାରତ ରତ୍ନ ଆବୁଲ କଲାମ୍‌ଙ୍କ ଜନ୍ମ ଜୟନ୍ତୀ

ମାର୍ଶାଘାଇ ୧୩।୧୧(ଡି.ଏନ୍.ଏ.) ମାର୍ଶାଘାଇ ବ୍ଲକ କୁହୁଡ଼ି ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ରପୁର ତୁଳସୀ ସଂସ୍କୃତ ବିଦ୍ୟାଳୟରେ ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ମୌଲାନା ଆବୁଲ କଲାମ୍ ଆଜାଦଙ୍କ ଜନ୍ମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରି ଶିକ୍ଷା ସମ୍ପର୍କିତ ସ୍ଲୋଗାନମାନ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ବକ୍ତୃତା ଏବଂ ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଣ୍ଡିତ ସୁବାସଚନ୍ଦ୍ର ପାଣି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଶିକ୍ଷକ ପ୍ରମୋଦ କୁମାର ଦାସ, ଅନ୍ତର୍ଯାମୀ ପଲାଇ, ସୁଲୋଚନା ସ୍ୱାଇଁ,କନକଲତା ଷଡଙ୍ଗୀ ଓ ଚିନ୍ମୟୀ ପରିଡା ପ୍ରମୁଖ ଯୋଗଦେଇ ଆଜାଦଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆଠଗଡ଼,୧୩।୧୧(ସ୍ୱ.ପ୍ର.): ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଶିବିରକୁ ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅସ୍ଥିଶଲ୍ୟ ବିଭାଗରେ ୧୦୦, ଗଳା, ନାସା, କର୍ଣ୍ଣରେ ୨୦, ଦୃଷ୍ଟି ବାଧିତ ୨୦, ମାନସିକ ଅନଗ୍ରସର ୪୯, ରକ୍ତହୀନତା ୬ ଏପରି ମୋଟ୍ ୨୮୩ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୨୫ ହିତାଧିକାରୀଙ୍କୁ ଶିବିରରେ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ୧୯ ହିତାଧିକାରୀଙ୍କୁ ବସପାସ୍ ଯୋଗାଇ ଦିଆଯାଇଥିଲା। ଆଠଗଡ଼ ଏନଏସି ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଆଠଗଡ ବିଡିଓ ହେମନ୍ତ କୁମାର ସ୍ୱାଇଁ, ଜିଲା ସମାଜ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ ଗୋଲକ ବିହାରୀ ମାହାଳି, ସିଡିପିଓ ଅଞ୍ଜନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସି କର୍ମଚାରୀ ନିରଞ୍ଜନ ଦାସ, ପ୍ରଭାତ ଚନ୍ଦ୍ର ବାରିକ, ଦିଲୀପ ବାରିକ, ସୁଶାନ୍ତ ବେହେରା, ପ୍ରକାଶଚନ୍ଦ୍ର ମହାପାତ୍ର, ରଘୁନାଥ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ସାହୁ, ନୀଳମଣି ନାୟକ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ଏନଏସି ସମେତ ଆଠଗଡ଼, ଟିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ୩୮୭ଜଣ ନାମ ପଞ୍ଜୀକୃତ କରିଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ନରସିଂହପୁର, ୧୩।୧୧ (ଡି.ଏନ.ଏ.): ନରସିଂହପୁର ବ୍ଲକ କାନପୁର ମିନିଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାନପୁର ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାଚ ମା' ବାଉତୀ ଗୋଲ୍‌ଡେନ କ୍ଲବ ଜଟଣୀ ସହ ଶବର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ମା' ବାଉତୀ ଗୋଲଡେନ କ୍ଲବ ଶବର ସ୍ପୋର୍ଟିଂ କ୍ଲବକୁ ୨ଟି ଗୋଲଦେଇ ଦଳକୁ ଅଗ୍ରଣୀ କରିଥିଲା। ମ୍ୟାଚର ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ମା'ବାଉତୀ ଗୋଲଡେନ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ସଞ୍ଜୟ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅଭିନେତା ଜଗବନ୍ଧୁ ପଣ୍ଡା, ସମ୍ମାନିତ ଅତିଥି ବିଜୟ ପଟ୍ଟନାୟକ, ସମୀର ତ୍ରିପାଠୀ, ରୀନା ମହାପାତ୍ର, ଇଂ. ରଞ୍ଜନ ପଟ୍ଟନାୟକ, ସତିଶ ଚନ୍ଦ୍ର ସାହୁ, ସନାତନ ପ୍ରଧାନ ଓ ସୁଜ୍ଞାନୀ ବସ୍ତିଆଙ୍କ ସହ ରେଫରି ରଜକ ଖାନ, ଅବିନାଶ ପଟ୍ଟନାୟକ ଏବଂ ଶ୍ରୀକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚକୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସଭାପତି ପଣ୍ଡା ସୂଚନା ଦେଇଛନ୍ତି।

■ ବେକାର ହୋଇପଡ଼ିଛି ୨୨ ଲକ୍ଷର ପ୍ରକଳ୍ପ

# ୩ ହଜାର ଲୋକ ପାଣି ପାଇଁ ହନ୍ତସନ୍ତ

**ଛୋଟି ପଞ୍ଚାୟତ**
- ■ ପ୍ରକଳ୍ପ ନିର୍ମାଣ ବର୍ଷକ ପରେ ଅଚଳାବସ୍ଥା
- ■ ମୁଣ୍ଡରୁ ଦୋଷ ଖସାଉଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ
- ■ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଡେରାବିଶ, ୧୩।୧୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅଧୀନ ଛୋଟି ବଜାରଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ସପ୍ତାହେ ହେଲା ଅକାମୀ ହୋଇ ପଡ଼ିରହିଛି। ପିଇବା ପାଣି ନିମନ୍ତେ ସ୍ଥାନୀୟ ଲୋକେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ବେଳେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ ଓ ବିଡିଓଙ୍କୁ ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ସ୍ଥାନୀୟ ସରପଞ୍ଚ କୁମାରଚନ୍ଦ୍ର ବଳ କହିଛନ୍ତି, ଛୋଟି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ୧୨ବର୍ଷ ପୂର୍ବେ ଛୋଟି ବଜାରଠାରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫୦ ପରିବାର ବିଶୁଦ୍ଧ ପାନୀୟ ଜଳ ପାଇପାରୁଥିଲେ। ତେବେ ଗତବର୍ଷ ପ୍ରକଳ୍ପଟି ବାରମ୍ବାର ଖରାପ ହେବାରୁ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ମାତ୍ର ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପରିବର୍ତ୍ତେ ସେହି ପ୍ରକଳ୍ପ ନିକଟରେ ଗତବର୍ଷ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ୍


ଅଚଳ ହୋଇ ପଡ଼ିଥିବା ପାନୀୟଜଳ ପ୍ରକଳ୍ପ।

ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ୨୨ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ଏହି ପ୍ରକଳ୍ପରେ ଲଗାଯାଇଥିବା ମୋଟରର କ୍ଷମତା କମ୍ ଥିବାରୁ ଏହା ଟାଙ୍କି ଉପରକୁ ପାଣି ଉଠାଇ ପାରୁ ନଥିବାରୁ ଏକପ୍ରକାର ଅଚଳ ଅବସ୍ଥାରେ ପଡିରହିଛି। ତେବେ ଗତ ବୁଧବାରଠାରୁ ଏହା ସମ୍ପୂର୍ଣ୍ଣ ଅଚଳ ହୋଇଯାଇ ଥିବାରୁ ଗ୍ରାମର ୨୫୦ ପରିବାରର ପ୍ରାୟ ୩ହଜାର ଲୋକ ଜଳକ୍ଲିଷ୍ଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମରେ ଆବଶ୍ୟକ ସଂଖ୍ୟକ ନଳକୂପ ନଥିବାରୁ ଲୋକମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ତେବେ ସମସ୍ୟା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ, ବିଡିଓ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲା। ମାତ୍ର ସମସ୍ୟାର ସମାଧାନ ପରିବର୍ତ୍ତେ ସମସ୍ତେ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଥିବା ସରପଞ୍ଚ ବଳ କହିଛନ୍ତି। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ସରୋଜ କୁମାର ମହାପାତ୍ରଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗର କହିଛନ୍ତି, ପୂର୍ବରୁ ବୋରୱେଲ ଥିବା ସ୍ଥାନରେ ମାଟି ତଳୁ ପାଣି ଶୁଖି ଯାଇଥିବାରୁ ନୂତନ ବୋରୱେଲ ବସାଯାଇଥିଲା। ଏବେ ଲୋକମାନେ ପିଇବା ପାଣି ପାଇଁ ଅସୁବିଧା ଭୋଗୁଥିବାରୁ ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ପାନୀୟ ଜଳ ଯୋଗାଣ ବିଭାଗକୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ବିଡିଓ ଭୋସାଗର କହିଛନ୍ତି। ତେବେ ତୁରନ୍ତ ଏହାର ସମାଧାନ କରା ନଗଲେ ଆଗାମୀ ଦିନରେ ପଞ୍ଚାୟତବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ରାଜସ୍ୱ ବିଭାଗର ଭିଡ଼ିଓ କନଫରେନ୍ସ କାର୍ଯ୍ୟକ୍ରମ

ମାର୍ଶାଘାଇ,୧୩।୧୧(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ସଭାଗୃହ ପରିସରରେ ମଙ୍ଗଳବାର ରାଜସ୍ୱ ବିଭାଗର ଭିଡ଼ିଓ କନଫରେନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ଜିଲା ରାଜସ୍ୱ ଅଧିକାରିଣୀ ସୋନମ୍ ଦାସ ଏବଂ ଜିଲା ସୂଚନା ଅଧିକାରୀ ଦେବବ୍ରତ ଦଲାଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ମାର୍ଶାଘାଇ ତହସିଲ କର୍ମଚାରୀଙ୍କ ସହ ଭିଡ଼ିଓ କନଫରେନ୍ସ ଜରିଆରେ କଥାବାର୍ତ୍ତା ହୋଇଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ସମ୍ପର୍କିତ ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା। ଏଥିରେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ଓ ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସମେତ ତହସିଲର ସମସ୍ତ ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରିକ୍ଷକମାନେ ଯୋଗଦେଇଥିଲେ।

# ଯୁବ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ

ମାର୍ଶାଘାଇ,୧୩।୧୧(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ପରିସରରେ ମୁଁହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି। ସର୍ବେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ବିଜେଡ଼ି ଉପସଭାପତି ଗଙ୍ଗାଧର ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡ଼ି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ପ୍ରତାପ ମଲ୍ଲିକ, ମଙ୍ଗରାଜପୁର ସରପଞ୍ଚ ପ୍ରଦୀପ ନାୟକ ଓ ସମିତିସଭ୍ୟ ନିରଞ୍ଜନ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ବିଜୁ ଯୁବବାହିନୀର ସଂଯୋଜକ ରାଜିବ ଓଝା, ମଙ୍ଗରାଜପୁର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ, ବିଶିଷ୍ଟ ବ୍ୟବସାୟୀ ବିଚିତ୍ର ମହାନ୍ତି, ନାଏବ ସରପଞ୍ଚ ସୁରେଶ ଚନ୍ଦ୍ର ଦାସ, ନିମାଇଁ ଚରଣ ନାୟକ ଓ କିରଣବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ପ୍ରତିଭାମାନଙ୍କୁ ଚୟନ କରି ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# କଣ୍ଟ୍ରୋଲ ସାମଗ୍ରୀ ମିଳିବାରେ ଅନିୟମିତତା

## ୪ ରିଟେଲର କେନ୍ଦ୍ର ସ୍ଥାପନ ପାଇଁ ଦାବି

**ବଲୁରିଆ ପଞ୍ଚାୟତ**

ପଟ୍ଟାମୁଣ୍ଡାଇ,୧୩।୧୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ରିଟେଲର୍ କେନ୍ଦ୍ରରେ ହିତାଧିକାରୀମାନଙ୍କୁ କଣ୍ଟ୍ରୋଲ ସାମଗ୍ରୀ ଠିକ୍ ସମୟରେ ମିଳୁ ନ ଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପଞ୍ଚାୟତ ଅଫିସ ଖାଉଟି କେନ୍ଦ୍ର ଠାରୁ ୩-୪ କିମି ଦୂରରେ ରହୁଥିବା ଖାଉଟିମାନେ କଣ୍ଟ୍ରୋଲ ସାମଗ୍ରୀ ଆଣିବାରେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗହମ ଓ କିରୋସିନ ପ୍ରଦାନ ଓ ମୂଲ୍ୟରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା ନେଇ ସଙ୍ଗୀନ ଅଭିଯୋଗ ହେବା ସହ ପୂର୍ବରୁ ଥିବା ୪ଟି ରିଟେଲର୍ କେନ୍ଦ୍ର ପୁଣି ଖୋଲିବା ପାଇଁ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ ନିକଟରେ ଦାବି ହୋଇଛି।

ବଲୁରିଆ ପଞ୍ଚାୟତରେ ପୂର୍ବରୁ ୪ଟି ରିଟେଲର କେନ୍ଦ୍ର ଥିବା ବେଳେ ଖାଉଟିମାନେ ନିର୍ଦ୍ଦିଷ୍ଟ ସମୟରେ କଣ୍ଟ୍ରୋଲ ସାମଗ୍ରୀ ପାଇ ପାରୁଥିଲେ। କିନ୍ତୁ ସରପଞ୍ଚଙ୍କ ଉଦ୍ୟମରେ ଗତ ୨ବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟରେ ରିଟେଲର କେନ୍ଦ୍ର ଖୋଲାଯାଇ ଖାଉଟିମାନଙ୍କୁ କଣ୍ଟ୍ରୋଲ ସାମଗ୍ରୀ ପ୍ରଦାନ କରାଯାଉଛି। ମାତ୍ର ରିଟେଲର କେନ୍ଦ୍ର ଦାୟିତ୍ୱରେ ଥିବା ଏହି ପଞ୍ଚାୟତର ପିଇଓ ରମାକାନ୍ତ ଦାସ ଠିକ୍ ସମୟରେ ଆସୁ ନ ଥିବାରୁ ଅଧିକାଂଶ ସମୟରେ ରିଟେଲର କେନ୍ଦ୍ର ବନ୍ଦ ରହୁଛି। ଫଳରେ ଗରିବ ହିତାଧିକାରୀମାନେ ଠିକ୍ ସମୟରେ କଣ୍ଟ୍ରୋଲ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିନେଇ ଆପତ୍ତି କଲେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ଏଥିନେଇ ସରପଞ୍ଚ ରତିକାନ୍ତ ସାହାଣୀଙ୍କୁ ଭେଟି ଖାଉଟିମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଭଳି ପରିସ୍ଥିତିରେ ପଞ୍ଚାୟତ ଠାରୁ ୩-୪ କିମି ଦୂରରେ ଥିବା ଅରାଜି, ଫୁଲପାଟଣା, ମହଲକଣ,ବଲୁରିଆ, ତରେଇପାଟଣା ଓ ସିଦ୍ଧବାଲିଠାରେ ଆଉ ୪ଟି ରିଟେଲର କେନ୍ଦ୍ର ଖୋଲିବା ପାଇଁ ଅମୂଲ୍ୟ ଦଣ୍ଡପାଟ, ଅରୁଣ ବେହେରା, ସଫଳ ଜେନା, ପ୍ରମୋଦ ଦଣ୍ଡପାଟ, ରବୀନ୍ଦ୍ର ନାୟକ, ସୁଭଦ୍ରା ବେହେରା, ଅରୁଣ ବେହେରା, ବିଦ୍ୟାଧର ଦାସ, ରଞ୍ଜନ ଜେନା, କାର୍ତ୍ତିକ ନାୟକ, ବାସୁଦେବ ଦଣ୍ଡପାଟ, ଉଷାରାଣୀ ଦଣ୍ଡପାଟ, ଅନ୍ନପୂର୍ଣ୍ଣା ନାୟକ, ସୁରେନ୍ଦ୍ର ତରାଇ, ଅନ୍ନପୂର୍ଣ୍ଣା ବେହେରାଙ୍କ ସମେତ ୨ଶହ ହିତାଧିକାରୀ ଉପ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ବେଆଇନ ସ'ମିଲ୍ ଉପରେ ଚଢ଼ାଉ ୧୦ ଲକ୍ଷ ଟଙ୍କାର କାଠ ଜବତ

ବଡ଼ମ୍ବା,୧୩।୧୧(ଡି.ଏନ.ଏ.)

ବନ ବିଭାଗର କଟକ ଭିଜିଲାନ୍ସ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଡ଼ମ୍ବା ବନାଞ୍ଚଳ ଅଧୀନ ଗୋପପୁର ପଞ୍ଚାୟତର ମାଝିପାଟଣା ଗ୍ରାମରେ ଚାଲିଥିବା ଏକ ବେଆଇନ ସ'ମିଲ୍ ଉପରେ ମଙ୍ଗଳବାର ସକାଳୁ ଚଢ଼ାଉ କରାଯାଇଛି। ଏଥିରେ ନବନିଯୁକ୍ତ ଆଠଗଡ଼ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କାଙ୍କ ସମେତ ବିଭାଗୀୟ ଏସିଏଫ୍(ଭିଜିଲାନ୍ସ)ରଜନୀକାନ୍ତ ମହାନ୍ତି, ବଡ଼ମ୍ବା ରେଞ୍ଜର ଗୋବିନ୍ଦଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଏହି ଚଢ଼ାଉରେ ସ'ମିଲ ପରିସର ଏବଂ ଏହାର ଆଖପାଖରୁ ଶାଳ, ଶାଗୁଆନ, କଙ୍ଗଡ଼ା, ଶିଶୁ, ଶିରିଶ ଓ ଆମ୍ବ ଆଦି ୩୮୦ ସିଫ୍ଟର କାଠ(ଲଗ୍)ଜବତ୍ କରାଯାଇଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏତେ ପରିମାଣର କାଠ ଏବଂ ମିଲରେ ବ୍ୟବହୃତ କିଛି ଯନ୍ତ୍ରାଂଶ ଜବତ୍ ହୋଇଥିବାବେଳେ ଘଟଣାରେ ସମ୍ପୃକ୍ତ ଥିବା କାହାରିକୁ ଗିରଫ କରାଯାଇ ନାହିଁ। ଏନେଇ ତଦନ୍ତ ଜାରି ରହିଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ଦୀର୍ଘମାସ ପରେ ବନ ବିଭାଗକୁ ଏଭଳି ସଫଳତା ମିଳିଥିବାବେଳେ ବିଭାଗର ଆଞ୍ଚଳିକ କର୍ମଚାରୀଙ୍କ ଦକ୍ଷତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଭଳି ଭାବେ ଏହି ବେଆଇନ ସ'ମିଲ୍ ବଡ଼ମ୍ବା ବନାଞ୍ଚଳରେ ଚାଲିଥିଲା ଏବଂ କେଉଁମାନେ ଚେଇଁ ଶୋଇଥିବାରୁ ଚୋରା କାଠ ବେପାରୀ ସକ୍ରିୟ ଥିଲେ ତାହାର ମଧ୍ୟ ବିଧିବଦ୍ଧ ତଦନ୍ତ କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ଚଢାଉରେ ବଡ଼ମ୍ବା ଡେପୁଟି ରେଞ୍ଜର ସରୋଜ କୁମାର ମହାନ୍ତି, ସଦର ବନପାଳ ଦିବ୍ୟସିଂହ ପରିଡ଼ା, ଗୋପପୁର ବନପାଳ ଅକ୍ଷୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କଷଣଅଣ୍ଟା ସୋସାଇଟିରେ ବିନା ରେକର୍ଡ଼ରେ ଅଡ଼ିଟ୍

## ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୧୩।୧୧(ସ୍ୱ.ପ୍ର)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନ କଷଣଅଣ୍ଟା ସୋସାଇଟିରେ ଦୀର୍ଘବର୍ଷ ଧରି ଅଚଳାବସ୍ଥା ଲାଗି ରହିଛି। ଏପରି କି ସୋସାଇଟର ୨୦୧୬-୧୭ ଆର୍ଥିକ ବର୍ଷର ଅଡିଟ୍ ବିନା ରେକର୍ଡରେ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସୋସାଇଟିର ସହ- ସମ୍ପାଦକ ଅଶୋକ କୁମାର ବାରିକଙ୍କ ନିକଟରେ ସମସ୍ତ ରେକର୍ଡପତ୍ର ରହିଥିବା ବେଳେ ତାଙ୍କୁ ନ ଜଣାଇ କିମ୍ବା ରେକର୍ଡ ନ ମାଗି ଗତ ଜୁନ୍ ମାସରେ ସମବାୟ ଅଡିଟର୍ ପ୍ରମୋଦ ଦାଶ କିପରି ଅଡିଟ୍ କଲେ ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସମବାୟ ଅଡିଟର୍ ଦାଶ ଦେଇଥିବା ଅଡିଟ୍ ରିପୋର୍ଟ ସମ୍ପୂର୍ଣ୍ଣ ଜାଲ ଓ ମନଗଢା ବୋଲି ଚାଷୀମାନେ ଦର୍ଶାଇ ତାଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଡିଟର୍ ଜେନେରାଲ୍, ଓଡିଶାଙ୍କ ନିକଟରେ ଦାବି କରିଛନ୍ତି।

ଏହି ଜାଲ୍ ଅଡିଟ୍ ରିପୋର୍ଟକୁ ବିଭାଗର ସହକାରୀ ଅଡିଟର୍ ଜେନେରାଲ୍ କଟକ-୨ ବିନା ତଦାରଖରେ ଅନୁମୋଦନ କରିଥିବା ନେଇ ସମବାୟ ବିଭାଗର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ ପାଇଛି। ଅଡିଟ୍ କରିବା ସମ୍ପର୍କରେ ସମବାୟ ଅଡିଟର୍ ଦାଶଙ୍କୁ ଯୋଗାଯୋଗ କରିବାରେ ଯାହା ରେକର୍ଡ ପତ୍ର ମିଳିଲା ସେହି ଅନୁସାରେ ଅଡିଟ୍ କରିଛି ବୋଲି କହିଥିଲେ। କିନ୍ତୁ ତାହା ଜାଲ୍ ଓ ମନଗଢା ରେକର୍ଡ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଏହି ଜାଲ ଅଡିଟ୍ ରିପୋର୍ଟ ଅନୁସାରେ ତା୨୮-୨-୧୭ରିଖଠାରୁ କଷଣଅଣ୍ଟା ସୋସାଇଟିର ସମ୍ପାଦକ ବ୍ରଜବନ୍ଧୁ ବେହେରା ଅବସର ନେଇଥିବା ବେଳେ ସେବେଠାରୁ ସମ୍ପାଦକ ପଦବୀ ଖାଲି ପଡିଛି। ତତ୍‌କାଳୀନ ସହ ସମ୍ପାଦକ ଅଶୋକ କୁମାର ବାରିକଙ୍କ ନିକଟରେ ସୋସାଇଟିର ସମସ୍ତ ରେକର୍ଡପତ୍ର ରହିଛି। ମାତ୍ର ତାଙ୍କୁ କୌଣସି କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଉନାହିଁ। ଅପରପକ୍ଷରେ ସୋସାଇଟିର ସଭାପତି ସମବାୟ ବିଭାଗର ଆଇନ କାନନକୁ ଉଲଂଘନ କରି ନିଜ ପୁଅଙ୍କୁ ସମ୍ପାଦକ କରିବା ପାଇଁ ବିଭିନ୍ନ ଜାଲିଆତି କାର୍ଯ୍ୟ ଚଳାଇଛନ୍ତି। ଯାହାକି ଅଡିଟରଙ୍କ ରିପୋର୍ଟ ଉପରେ ତାଙ୍କ ପୁଅ ସୋସାଇଟିର ଡିଇଓ ଭାବେ ସିଲ୍ ସହ ସ୍ୱାକ୍ଷର କରିଛନ୍ତି। ଅଡିଟ୍ ବେଳେ କ୍ଷମତାର ଅପବ୍ୟବହାର କରି ଜାଲ୍ ପରିଚାଳନା ପରିଷଦ ବୈଠକ, ସାଧାରଣ ସଭା ଓ ଜାଲ୍ ସଭା ବହି, କ୍ୟାଶ୍ ବହି, ଜାଲ୍ ଭାଉଚର୍ ଆଦି ଦର୍ଶାଯାଇଥିବା ସଙ୍ଗୀନ ଅଭିଯୋଗ ହୋଇଛି। ପୂର୍ବରୁ ସୋସାଇଟରେ କାମ କରୁଥିବା ପିଅନ ବସନ୍ତ ଦାସଙ୍କୁ ବେଆଇନ ଭାବେ ଦରମା ନ ଦେଇ ତଡି ଦେବା ଓ ପୁର୍ନବାର ପିଅନ ଭାବେ ନିଯୁକ୍ତି ଦିଆଯାଇଥିବା ପରମେଶ୍ୱର ତ୍ରିପାଠୀଙ୍କୁ ଦରମା ନ ଦେଇ ତଡି ଦେବା ଘଟଣା ବିଭାଗୀୟ ଅଡିଟର୍ ଦାଶଙ୍କ ନଜରକୁ କିପରି ଫାଙ୍କି ଦେଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ସହ ସମ୍ପାଦକ ବାରିକ କାମ କରୁଥିଲେ ହେଁ ତାଙ୍କ ଠାରୁ ରେକର୍ଡ ନ ନେବା ଓ ତାଙ୍କୁ ଦରମା ନ ଦେବା ଅଡିଟ ରିପୋର୍ଟର ସ୍ୱଚ୍ଛତା ନେଇ ସୋସାଇଟିର ଚାଷୀମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ସୋସାଇଟର ରେକର୍ଡ ପତ୍ର ଅନୁସାରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

# ପଟ୍ଟାମୁଣ୍ଡାଇ ବ୍ଲକ ଆଗରେ ଗଣଧାରଣା

**ସମିତି ସଭ୍ୟଙ୍କ ବିରୋଧରେ ବିଲିକଣା ପଞ୍ଚାୟତବାସୀ ଏକାଠି**

ପଟ୍ଟାମୁଣ୍ଡାଇ,୧୩।୧୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ପଣ୍ଡାଙ୍କ ମନୋମୁଖୀ କାର୍ଯ୍ୟକୁ ବିରୋଧ କରି ପଞ୍ଚାୟତବାସୀଙ୍କ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତବାସୀ ୬ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ସମିତି ସଭ୍ୟଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି।

ଧାରଣାକାରୀମାନେ ଲିଖିତ ଭାବେ ଦର୍ଶାଇଛନ୍ତି ଯେ ସମିତି ସଭ୍ୟ ନିଜ ଗ୍ରାମ ବାଲିଆଯୋଡିରେ ସର୍ବସାଧାରଣଙ୍କ ପାଇଁ ଖନନ ହୋଇଥିବା ନଳକୂପରେ ପାଇପ୍ ସଂଯୋଗ କରି ବେଆଇନ ଭାବେ ପମ୍ପ ଲଗାଇ ପାଣି ନେଉଛନ୍ତି। କୌଣସି କାରଣ ନ ଥାଇ ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ତାଲା ପକାଇବା ଦେଖାଯାଉଛି। ଏହାଛଡା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ସଙ୍ଗୀନ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ସମିତି ସଭ୍ୟ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ସେ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଅପରପକ୍ଷରେ ଧାରଣାକାରୀମାନେ ସମିତି ସଭ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆମରଣ ଅନଶନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଗଣଧାରଣାରେ ରବିନ୍ଦ୍ର ସାହୁ, ଗଣେଶ୍ୱର ସାମଲ, ରଞ୍ଜନ ବିଶ୍ୱାଳ, କିଶୋର ରାଉତ, ସଂଗ୍ରାମ ଜେନା, ବିଜୟ ବିଶ୍ୱାଳ, କୁଳତା ବିଶ୍ୱାଳ, ସସ୍ମିତା ବିଶ୍ୱାଳ, ସୀତା ବିଶ୍ୱାଳ, ଅନୁସୟା ବିଶ୍ୱାଳ, ପ୍ରଭାତୀ ରାଉତ, ନିର୍ମଳା ରାଉତ, ବିଦ୍ୟୁଲତା ସାହୁ, ସାବିତ୍ରୀ ମଳିକ, ଲିପିକା ବିଶ୍ୱାଳ, ହୃଷିକେଶ ପ୍ରଧାନ, ପ୍ରମୋଦ ଜେନାଙ୍କ ସମେତ ପଞ୍ଚାୟତର ୩ ଶହ ବ୍ୟକ୍ତି ସାମିଲ ହୋଇଥିଲେ।



ଧାରଣାରତ ବିଲିକଣା ପଞ୍ଚାୟତବାସୀ।

# ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସଦସ୍ୟମାନେ।

ରାଜନଗର,୧୩।୧୧(ଡି.ଏନ.ଏ.)

ରାଜନଗର ବ୍ଲକ ହାତୀନା ଗ୍ରାମ ପଞ୍ଚାୟତରେ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀର ସଭାପତି ସତ୍ୟବ୍ରତ ପାଣିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ମୁଖ୍ୟବକ୍ତା, ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁ, ବସନ୍ତ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ଅଂଶୁମାନ ପରିଡା, ମାମଲି ରାଉତ, ସନ୍ୟାସୀ ରାଉତ, ସନ୍ଦିପ କୁମାର ସାହୁ, ବୈଲୋଚନ ସ୍ୱାଇଁଙ୍କୁ ମୁଁ ହିରୋ ଭାବେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ସାମଲ, ସୌଭାଗିନୀ ଦାସ, ରୋହିତ ରାଉତ ଓ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଜନସମ୍ପର୍କ ପଦଯାତ୍ରା

ଟିଗିରିଆ,୧୩।୧୧(ଡି.ଏନ.ଏ.)

ଆଠଗଡ଼ ବିଜେଡି ଯୁବ ସଂଗଠକ ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ। ନୂଆପାଟଣାସ୍ଥିତ ମା' କଳାପାଟଙ୍କ ମନ୍ଦିରଠାରୁ ପଦଯାତ୍ରା ବାହାରି ଜେମାଦେଇପୁର ଗ୍ରାମର ବନମାଳିପୁର, ଗଦାଧରପୁର, କଣ୍ଟିପୁର, ରଘୁରାମପୁର, ସୁଣ୍ଡିପାଳ, ହାଟମାଳ, ଖଣ୍ଡହତା, ବଉଳାଙ୍ଗ, ସୋମପଡା ଓ ପାଞ୍ଚଗାଁ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରା ସମୟରେ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସରୋଜ କୁମାର ଦାସ ପରିଚାଳନା କରିଥିଲେ।

# ରୋଜଗାର ସେବକ ସଂଘ ସଦସ୍ୟଙ୍କ ସମୂହ ଛୁଟି ଆବେଦନ

ମାର୍ଶାଘାଇ,୧୩।୧୧(ଡି.ଏନ୍.ଏ.)

ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘ ମାର୍ଶାଘାଇ ପଞ୍ଚାୟତ ସମିତି ଶାଖାର ୧୩ ଜଣ ସଦସ୍ୟ ଆସନ୍ତା ୧୫ ତାରିଖରୁ ଛୁଟିରେ ରହିବେ ବୋଲି ମଣ୍ଡଳ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଗ୍ରାମ ରୋଜଗାର ସେବକମାନେ ବିଭିନ୍ନ ନ୍ୟାର୍ଯ୍ୟଦାବି ପୂରଣ ପାଇଁ ଏହି ସମୁହ ଛୁଟି ଆବେଦନ କରିଛନ୍ତି ବୋଲି କହିଛନ୍ତି। ସେମାନେ ଛୁଟି ରହିଲେ ପଞ୍ଚାୟତସ୍ତରରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।



“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ବିକାଶ ନାଁରେ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଦେଶ ଜଣଙ୍କ ଦ୍ୱାରା ନୁହେଁ, ବରଂ ଗଣଙ୍କ ଦ୍ୱାରା ପରିଚାଳିତ ହୁଏ। ଏକଥା ମଧ ତାଙ୍କୁ ଜଣାନାହିଁ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ



## ସଂକ୍ଷେପରେ

### ଗୌଡ଼ା, ତୋମାରଙ୍କୁ ଅତିରିକ୍ତ ଦାୟିତ୍ୱ



**ନୂଆଦିଲ୍ଲୀ,୧୩।୧୧(ପି.ଟି.):** କେନ୍ଦ୍ରମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା ଓ ନରେନ୍ଦ୍ର ସିଂ ତୋମାରଙ୍କୁ ମଙ୍ଗଳବାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗୌଡ଼ାଙ୍କୁ ରାସାୟନିକ ଓ ସାର ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମିଳିଥିବାବେଳେ ତୋମାରଙ୍କୁ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଭାର ନ୍ୟସ୍ତ କରାଯାଇଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ପ୍ରକାଶ। ସଂସଦୀୟ ବ୍ୟାପାର ଏବଂ ରାସାୟନିକ ଓ ସାର ମନ୍ତ୍ରୀ ଅନନ୍ତ କୁମାରଙ୍କ ସୋମବାର ପରଲୋକ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶକ୍ରମେ ତାଙ୍କ ଦାୟିତ୍ୱ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଦିଆଯାଇଛି।

[ଇତିହାସର ଆଇନାରେ]

### ନଭେମ୍ବର ୧୪ର ପ୍ରମୁଖ ଘଟଣା

୧୯୭୧ ନଭେମ୍ବର ୧୪ରେ ‘ମାରିନର ୯’ ମଙ୍ଗଳ କକ୍ଷପଥରେ ପ୍ରବେଶ କରିଥିଲା। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ଏହା ଥିଲା ଏକ ମାନବବିହୀନ ମହାକାଶଯାନ। ସେହିବର୍ଷ ମେ ୩୦ରେ କେପ୍ କାନାଭେରାଲ ଏୟାର୍‌ଫୋର୍ସ ଷ୍ଟେଶନ୍‌ରେ ଏହାର ଉତ୍କ୍ଷେପଣ କରାଯାଇଥିଲା। ଅନ୍ୟ ଏକ ଗ୍ରହକୁ ପରିକ୍ରମା କରିବାରେ ଏହା ଥିଲା ପ୍ରଥମ ମହାକାଶ ଯାନ।

୧୯୧୮ ନଭେମ୍ବର ୧୪ରେ ଚେକୋସ୍ଲୋଭାକିଆ ଏକ ଗଣରାଜ୍ୟରେ ପରିଣତ ହୋଇଥିଲା। ଏହା କେନ୍ଦ୍ରୀୟ ୟୁରୋପର ଏକ ସାର୍ବଭୌମ ରାଷ୍ଟ୍ର। ଏହି ବର୍ଷ ଆଷ୍ଟ୍ରୋ-ହଙ୍ଗେରିଆନ୍ ସାମ୍ରାଜ୍ୟଠାରୁ ନିଜର ସ୍ୱାଧୀନତା ଘୋଷଣା କରିଥିଲା। ୧୯୯୩ ଜାନୁୟାରୀ ୧ରେ ଏହା ଚେକ୍ ରିପବ୍ଲିକ୍ ଏବଂ ସ୍ଲୋଭାକିଆ ନାମକ ଦୁଇଟି ରାଷ୍ଟ୍ରରେ ବିଭାଜିତ ହୋଇଥିଲା।

■ ଦାସଲ୍ଟ ସିଇଓଙ୍କ ରାଫାଲ୍ ସଫେଇ: ମୁଁ ମିଛ କହେନାହିଁ

# ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

ରାଫାଲ୍ ଚୁକ୍ତିରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଏହି ପ୍ରସଙ୍ଗରେ ଚର୍ଚ୍ଚା ଥମୁନାହିଁ। କଂଗ୍ରେସ ରାଫାଲ୍ ଦୁର୍ନୀତିକୁ ପ୍ରତିରକ୍ଷା କ୍ଷେତ୍ରରେ ଦେଶର ସର୍ବବୃହତ୍ ଭ୍ରଷ୍ଟାଚାର ବୋଲି କେନ୍ଦ୍ର ସରକାରଙ୍କୁ ଘେରିବାକୁ ଉଦ୍ୟମ କରୁଥିବାବେଳେ ପୁଣି ମୁହଁ ଖୋଲିଛନ୍ତି ଦାସଲ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏରିକ୍ ଟ୍ରାପିୟର୍। ସେ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି ସଫେଇ ଦେଇଛନ୍ତି।

ଫ୍ରାନ୍ସର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକାରୀ କମ୍ପାନୀ ଦାସଲ୍ଟ ଆଭିଏଶନ୍ ଅନିଲ ଅମ୍ବାନୀଙ୍କ କ୍ଷତିରେ ଚାଲିଥିବା କମ୍ପାନୀରେ ୨୮୪ କୋଟି ଟଙ୍କା ବିନିଯୋଗ କରିଥିଲା। ମହାରାଷ୍ଟ୍ରର ନାଗପୁରରେ ଏକ ଜମି କିଣିବା ପାଇଁ ଉକ୍ତ ଅର୍ଥକୁ ବିନିଯୋଗ କରାଯାଇଥିଲା ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଗତ ୨ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଥିଲେ। ଦାସଲ୍ଟ ସିଇଓ ମିଛ କହୁଛନ୍ତି। ଏନେଇ ତଦନ୍ତ କରାଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତିପାରିବେ ନାହିଁ। ଏହା ନିଶ୍ଚିତ ବୋଲି ରାହୁଲ ସେତେବେଳେ କହିଥିଲେ। ଏନେଇ ଡାସଲ୍ଟ ମୁଖ୍ୟ ଟ୍ରାପିୟର୍ ମଙ୍ଗଳବାର ମୁହଁ ଖୋଲିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍କାର ଦେଇ ଟ୍ରାପିୟର୍ କହିଛନ୍ତି, ସେ ମିଛ କୁହନ୍ତି ନାହିଁ। ସେ ପୂର୍ବରୁ ଯାହା କହିଛନ୍ତି ତାହା ସତ। ତାଙ୍କର ଜଣେ ମିଛୁଆ ଭଳି ଛବି ନାହିଁ। ରାଫାଲ୍ ଯୁଦ୍ଧବିମାନ ପାଇଁ ଦାସଲ୍ଟ-ରିଲାଏନ୍ସ ମିଳିତ ଉଦ୍ୟୋଗ ସମ୍ପର୍କରେ ରାହୁଲଙ୍କ ଅଭିଯୋଗ ମିଛ ବୋଲି ସେ ଖଣ୍ଡନ କରିଛନ୍ତି। ଟ୍ରାପିୟର ଆହୁରି କହିଛନ୍ତି, କଂଗ୍ରେସ ସହିତ କାରବାର କରିବାର ତାଙ୍କ କମ୍ପାନୀ ନିକଟରେ ପୂର୍ବ ଅନୁଭୂତି ରହିଛି। ଭାରତ ସହିତ ତାଙ୍କର ପ୍ରଥମ ଡିଲ୍ ୧୯୫୩ରେ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ କଂଗ୍ରେସ ଶାସନରେ ଅନ୍ୟ ପ୍ରଧାନମନ୍ତ୍ରୀଙ୍କ ଅମଳରେ ଉକ୍ତ କମ୍ପାନୀ ଭାରତ ସହ କାମ କରିଛି। ସେତେବେଳୁ ଭାରତୀୟ ବାୟୁସେନା ଓ ଭାରତ ସରକାରଙ୍କୁ ସେମାନେ ଯୁଦ୍ଧବିମାନ ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ଯୋଗାଇଆସୁଛନ୍ତି। ଅନ୍ୟପକ୍ଷରେ ଅନିଲଙ୍କ କମ୍ପାନୀକୁ ଦାସଲ୍ଟ ନିଜେ ବାଛିଥିଲା। ଏଥିରେ ସରକାରଙ୍କ କିଛି ଭୂମିକା ନାହିଁ। ଅନିଲଙ୍କ ରିଲାଏନ୍ସ ଡିଫେନ୍ସ ଦାସଲ୍ଟ ପାଇଁ ଏକମାତ୍ର ଅଫ୍‌ସେଟ୍ ପାର୍ଟନର ନୁହେଁ। ଏଥିପାଇଁ ମୋଟ ୩୦ କମ୍ପାନୀ ଚୁକ୍ତିବଦ୍ଧ ହୋଇଛନ୍ତି। ଉପା ସରକାର ଅମଳରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଯେଉଁ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା ଏନ୍‌ଡିଏ ଅମଳର ଚୁକ୍ତି ମୂଲ୍ୟ ତା’ଠାରୁ ଅଧିକ ନୁହେଁ। ବରଂ କେନ୍ଦ୍ରରେ ସରକାର ବଦଳିବା ପରେ ଭାରତ ପୂର୍ବାପେକ୍ଷା ୯% କମ୍ ମୂଲ୍ୟରେ ଯୁଦ୍ଧବିମାନ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି ବୋଲି ଟ୍ରାପିୟର ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଅଧକ୍ଷ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ତାଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ନେଇ ରାଜନୀତି ପୁଣି ସରଗରମ ହୋଇଛି। ଟ୍ରାପିୟରଙ୍କ କଥାରେ ତାଳମେଳ ନାହିଁ। ସେ ମଧ ଜଣେ ଅଭିଯୁକ୍ତ ହୋଇଥିବାରୁ ତାଙ୍କ କଥା ମୂଲ୍ୟହୀନ। ତାଙ୍କୁ ଶିଖାଯାଇଥିବା କଥା ଅନୁସାରେ ସେ ସଦ୍ୟ ସାକ୍ଷାତ୍କାର ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଟ୍ରାପିୟର୍‌ଙ୍କ ସାକ୍ଷାତ୍କାର ପରେ ରାହୁଲଙ୍କ ମିଛ ଧରାପଡ଼ିଯାଇଛି ବୋଲି ଭାଜପା ପାଲଟା ଜବାବ ରଖିଛି।




ଏରିକ୍ ଟ୍ରାପିୟର୍

■ ୨୦୦୨ ଗୁଜରାଟ ଦଙ୍ଗା

## ମୋଦିଙ୍କ ବିରୋଧରେ ୧୯ରେ ଶୁଣାଣି

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**



ଗୁଜରାଟର ଗୋଧ୍ରା ଦଙ୍ଗା ପରବର୍ତ୍ତୀ ହିଂସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପୃକ୍ତି ନେଇ ଦାଏର ଏକ ପିଟିଶନର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧୯ ତାରିଖରେ ହେବ। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର୍‌ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏଥିପାଇଁ ରାଜି ହୋଇଛନ୍ତି।

୨୦୦୨ ଗୋଧ୍ରା ଦଙ୍ଗା ବେଳେ ପୂର୍ବତନ ଏମ୍‌ପି ଏହସାନ୍ ଜାଫ୍ରିଙ୍କ ମୃତ୍ୟୁ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଦଙ୍ଗାରେ ସମ୍ପୃକ୍ତି ନେଇ ନାଁ ଉଠିଥିଲା। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ମୋଦିଙ୍କୁ ଏହି ମାମଲାରେ କ୍ଲିନ୍‌ଚିଟ୍ ଦେଇଥିଲା। ଏହସାନ୍‌ଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ଏହାକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ୨୦୧୭ ଅକ୍ଟୋବର ୫ରେ ଜାକିଆଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଖାନ୍‌ୱିଲକର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବଦନକୁ ଅଦ୍ୟାବଧି ଅନୁଧ୍ୟାନ କରି ନ ଥିବାରୁ ଆସନ୍ତା ୧୯ରେ ଏହାର ଶୁଣାଣି କରାଯିବ ବୋଲି ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ୨୦୧୨ ଫେବୃୟାରୀ ୮ରେ ଏସ୍‌ଆଇଟି ମୋଦିଙ୍କ ବିରୋଧରେ ପ୍ରମାଣ ନ ଥିବା ଦର୍ଶାଇ ତାଙ୍କୁ କ୍ଲିନ୍‌ଚିଟ୍ ଦେବା ସହ ମାମଲା ବନ୍ଦ କରିବା ନେଇ କ୍ଲୋଜର୍ ରିପୋର୍ଟ ଦାଖଲ କରିଥିଲା।

## ୟୁପି କ୍ୟାବିନେଟର ମୋହର: ଫୈଜାବାଦ ହେଲା ଅଯୋଧ୍ୟା

**ଲକ୍ଷ୍ନୌ,୧୩।୧୧(ପି.ଟି.):** ଫୈଜାବାଦ ଜିଲା ଆନୁଷ୍ଠାନିକ ଭାବେ ଅଯୋଧ୍ୟା ହୋଇଛି। ସେହିପରି ଆଲ୍ଲାହାବାଦ ସହରକୁ ପ୍ରୟାଗ ଭାବେ ନାମକରଣ କରାଯାଇଛି। ଉତ୍ତରପ୍ରଦେଶ (ୟୁପି) ସରକାର ମଙ୍ଗଳବାର ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଛି।

## ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

**ସାବରିମାଲା ବିବାଦ: ପୁନର୍ବିଚାର ଆବେଦନର ଶୁଣାଣି ଜାନୁୟାରୀ ୨୨ରେ**

କେରଳର ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ଅନୁମତି ନେଇ ନିଜ ରାୟ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହାସହ ରାୟର ପୁନର୍ବିଚାର ପାଇଁ ଦାଏର ହୋଇଥିବା କେତେକ ରିଭ୍ୟୁ ପିଟିଶନର ଶୁଣାଣି ଜାନୁୟାରୀ ୨୨ରେ କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି।

ସେପ୍ଟେମ୍ବର ୨୨ରେ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୪:୧ ସଂଖ୍ୟାଗରିଷ୍ଠ ରାୟ ଦେଇଥିଲେ। ସାବରିମାଲା ମନ୍ଦିରରେ ସବୁ ବୟସର ମହିଳାଙ୍କ ପ୍ରବେଶ ପାଇଁ ଅଦାଲତ ଅନୁମତି ଦେଇଥିଲେ। ଏହାର ପୁନର୍ବିଚାର ପାଇଁ ୪୮ଟି ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଖୋଲାକୋର୍ଟରେ ଜାନୁୟାରୀ ୨୨ରେ ସେଗୁଡ଼ିକର ଶୁଣାଣି କରିବେ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

## ଅନୁପ୍ରବେଶ ବେଳେ ଆତଙ୍କବାଦୀ ନିହତ

**ଜମ୍ମୁ,୧୩।୧୧(ପି.ଟି.):**

ଜମ୍ମୁ-କଶ୍ମୀରର ଅଖ୍‌ନୁର ସେକ୍ଟରସ୍ଥିତ ପଲ୍ଲାନୱାଲା ଅଞ୍ଚଳ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ସୁରକ୍ଷା ବଳ ମଙ୍ଗଳବାର ସଶସ୍ତ୍ର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ପାକିସ୍ତାନୀ ଆତଙ୍କବାଦୀ ଜଣକ ଏଲ୍‌ଓସି ଅତିକ୍ରମ କରି ଅନୁପ୍ରବେଶ କରୁଥିବାବେଳେ ଯବାନମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସେ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ନିକଟରୁ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

## ଅନନ୍ତ କୁମାରଙ୍କ ଶେଷକୃତ୍ୟ ସମ୍ପନ୍ନ

**ବେଙ୍ଗାଲୁରୁ,୧୩।୧୧(ପି.ଟି.)**

ବେଙ୍ଗାଲୁରୁସ୍ଥିତ ଚାମରାଜପେଟ୍ ଶ୍ମଶାନ ରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାରଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ଅନନ୍ତଙ୍କୁ ତାଙ୍କ ସାନଭାଇ ନନ୍ଦ କୁମାର ମୁଖାଗ୍ନି ଦେଇଥିଲେ। ଏଥିରେ ଶତାଧିକ ଭାଜପା ନେତା ଓ କର୍ମୀ ଯୋଗଦେଇ ତାଙ୍କର ଶେଷଦର୍ଶନ କରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ, ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ଓ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଉପସ୍ଥିତ ରହି ଅନନ୍ତ କୁମାରଙ୍କୁ ଶେଷସମ୍ମାନ ଜଣାଇଥିଲେ।



## ୧୨ ଦିନର ଶିଶୁକୁ ମାରିଦେଲା ମାଙ୍କଡ଼

**ଆଗ୍ରା,୧୩।୧୧:**

ଆଗ୍ରାର ମୋହଲ୍ଲା କଛେରା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ୧୨ ଦିନର ଶିଶୁପୁତ୍ରକୁ ମା’ କୋଳରୁ ଏକ ମାଙ୍କଡ଼ ଛଡ଼ାଇ ନେଇ ମାରିଦେଇଛି। ସନି ନାମକ ଶିଶୁକୁ ସୋମବାର ସନ୍ଧ୍ୟାରେ ତା’ ମା’ କ୍ଷୀର ପିଆଉଥିବାବେଳେ ଛଡ଼ାଇନେଇଥିଲା। ପରେ ସନିକୁ କ୍ଷତବିକ୍ଷତ ଅବସ୍ଥାରେ ପରିବାର ଲୋକ ପାଇଥିଲେ। ତାକୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଫୁର୍‌ସତ

# ଚିରନିଦ୍ରାରେ ‘ସୁପରହିରୋ’ ଜନକ



**ଲସ୍ ଏଞ୍ଜେଲସ୍,୧୩।୧୧(ପି.ଟି.)**

ସ୍ପାଇଡରମ୍ୟାନ୍ ଏବଂ ଆଇରନ୍‌ମ୍ୟାନ୍ କଥା କହିଲେ ପିଲାଙ୍କ ମନରେ ଖେଳିଯାଏ ଅଫୁରନ୍ତ ଆନନ୍ଦ। ହେବନି ଅବା କେମିତି। ଏମାନେ ଯେ ସୁପରହିରୋ। ତେବେ ଆଖି ପିଛୁଳାକେ ଚମତ୍କାରିତା ଦେଖାଉଥିବା ଏସବୁ ଚରିତ୍ରର ସ୍ରଷ୍ଟା ହେଉଛନ୍ତି ଷ୍ଟାନ୍ ଲି। ଏହି ଲୋକପ୍ରିୟ ଲେଖକ ତଥା ଫିଲ୍ମ ନିର୍ମାତା ଇହଲୀଳା ସମ୍ବରଣ କରି ଆରପାରିକୁ ଚାଲିଯାଇଛନ୍ତି। ସେ ଅନେକ ଆମେରିକୀୟ କମିକ୍ ପୁସ୍ତକ ଲେଖିବା ସହ ସେଗୁଡ଼ିକର ସମ୍ପାଦନା ଏବଂ ପ୍ରକାଶନ କରିଛନ୍ତି। ମାର୍ଭେଲ୍ କମିକ୍ ସିରିଜ୍‌ରେ ତାଙ୍କର ଚମତ୍କାର କାର୍ଯ୍ୟ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ୧୯୨୨ ଡିସେମ୍ବର ୨୮ରେ ଆମେରିକାର ନ୍ୟୁୟର୍କ ସିଟି ଅନ୍ତର୍ଗତ ମ୍ୟାନ୍‌ହାଟାନ୍‌ରେ ଷ୍ଟାଲିନ୍ ଲି (ପ୍ରଥମେ ନାମ ଥିଲା ଷ୍ଟାନ୍‌ଲି ମାର୍ଟିନ୍ ଲିବର) ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କ ଜୀବନରେ ଅନେକ ସଂଘର୍ଷମୟ ସ୍ଥିତି ଆସିଛି। ଜୀବନରେ ଅନେକ ଉତ୍‌ଥାନ ପତନ ଦେଖିବା ସତ୍ତ୍ୱେ ସେ ନିଜ ଭିତରେ ଥିବା କଳାକାରକୁ ପ୍ରସ୍ଫୁଟିତ କରାଇପାରିଥିଲେ। କାକା ରବି ସୋଲୋମନ୍‌ଙ୍କ ମାର୍ଗଦର୍ଶନ ପାଇ ଲି ମାତ୍ର ୧୭ ବର୍ଷ ବୟସରେ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ପ୍ରଥମେ ସେ ଜଣେ ଔପନ୍ୟାସିକ ହେବାକୁ ଇଚ୍ଛା ରଖିଥିଲେ। କିନ୍ତୁ ତାହା ଘଟିଲା ନାହିଁ। ‘ଟାଇମ୍‌ଲି କମିକ୍ସ’ରେ ସେ ସହକାରୀ ଭାବେ କାର୍ଯ୍ୟ କଲେ। ପରେ ଏହା ମାର୍ଭଲ ନାଁରେ ପରିଚିତ ହେଲା। ଷ୍ଟାନ୍‌ଲି ମାର୍ଟିନ୍ ଲିବରରୁ ଧୀରେ ଧୀରେ ସେ ‘ଷ୍ଟାନ୍ ଲି’ ନାଁରେ ପ୍ରସିଦ୍ଧି ଲାଭ କଲେ। ଏହାପରେ କମିକ୍ ପୁସ୍ତକ୍ ଲେଖା ଆରମ୍ଭ କରିଦେଲେ ଲି। ତାଙ୍କର ପ୍ରଥମ ଲେଖା ‘କ୍ୟାପ୍‌ଟେନ୍ ଆମେରିକା’ ଉପରେ ପର୍ଯ୍ୟବସିତ ଥିଲା, ଯାହାକି ୧୯୪୧ରେ ପ୍ରକାଶ ପାଇଥିଲା। ଟାଇମ୍‌ଲି ସମ୍ପାଦକ ଜୋ ସିମନ୍ ଏବଂ ତାଙ୍କ ସହଯୋଗୀ ଜ୍ୟାକ୍ କିର୍ବି ୧୯୪୧ରେ କମ୍ପାନୀ ଛାଡ଼ିବା ପରେ ମାର୍ଟିନ୍ ଗୁଡ୍‌ମ୍ୟାନ୍ ପକ୍ଷରୁ ଲିଙ୍କୁ କାମଚଳା ସମ୍ପାଦକ କରାଯାଇଥିଲା। ୧୯୬୧ରେ ତାଙ୍କ କ୍ୟାରିୟର ନୂଆ ମୋଡ଼ ନେଇଥିଲା। ଏହାପରଠାରୁ ସେ ଅଧିକ ଲୋକପ୍ରିୟତା ଅର୍ଜନ କଲେ। କେବଳ ସ୍ପାଇଡରମ୍ୟାନ୍ କିମ୍ବା ଆଇରନ୍‌ମ୍ୟାନ୍ ନୁହେଁ ଫାଣ୍ଟାଷ୍ଟିକ୍ ଫୋର୍, ଡେୟାରଡେଭିଲ୍, ହଲ୍କ, ଥର୍, ଏବଂ ଏକ୍ସମ୍ୟାନ୍ ଆଦି ଚରିତ୍ରର ସ୍ରଷ୍ଟା ହେଉଛନ୍ତି ଷ୍ଟାନ୍ ଲି। ବିଭିନ୍ନ ପ୍ରଯୋଜନା ସଂସ୍ଥା ପାଇଁ ସେ ୩୬୧ କାଳ୍ପନିକ ଚରିତ୍ର ସୃଷ୍ଟି କରିଛନ୍ତି। ୧୬୪ ଫିଲ୍ମରେ ସେ କାର୍ଯ୍ୟକାରୀ ପ୍ରଯୋଜକ ସାଜିଛନ୍ତି। ଆମେରିକା ସୈନ୍ୟବାହିନୀରେ ସେ ୧୯୪୨ରେ ଯୋଗଦେଇଥିଲେ। ସମୟକ୍ରମେ ଡିସି କମିକ୍ସର ଚାହିଦା ବଢ଼ିଲା। ତେଣୁ ଲିଙ୍କୁ ଏକ ନୂଆ ସୁପରହିରୋ ଟିମ୍ ଗଢ଼ିବାକୁ ଗୁଡ୍‌ମ୍ୟାନ୍ କହିଲେ। ଏହାପରେ ସେ କିର୍ବିଙ୍କ ସହ ମିଶି ‘ଫାଣ୍ଟାଷ୍ଟିକ୍ ଫୋର୍’ର ସର୍ଜନା କଲେ। ପରବର୍ତ୍ତୀ ସମୟରେ ଦୁହେଁ ଅନେକ କମିକ୍ ଚରିତ୍ର ସାମ୍ନାକୁ ଆଣିଛନ୍ତି। ଦୁହିଙ୍କ କାର୍ଯ୍ୟଶୈଳୀ ନିଆରା ଥିଲା। ଲି ଏକ ଚରିତ୍ର ଓ କାହାଣୀ କଳ୍ପନା କରନ୍ତି। କିର୍ବି ତାହାକୁ ଡିଜାଇନ୍ କରିବା ସହ ଏକ କମିକ୍ ରୂପ ଦିଅନ୍ତି। ଏହାପରେ ସଂଳାପ ରଚନା କରନ୍ତି ଲି। ସେ ମଧ ପ୍ରସିଦ୍ଧ କଳାକାର ଏଭେରେଟଙ୍କ ସହ ମିଶି ‘ଡେୟାରଡେଭିଲ୍’ ଚରିତ୍ର ସୃଷ୍ଟି କରିଛନ୍ତି। ଦିତ୍‌କୋଙ୍କ ସହ ମିଶି ସେ ଡକ୍ଟର ଷ୍ଟ୍ରେଞ୍ଜ, ମାର୍ଭଲ ସିରିଜ୍‌ର ସବୁଠୁ ଲୋକପ୍ରିୟ ଚରିତ୍ର ସ୍ପାଇଡରମ୍ୟାନ୍‌କୁ ଦର୍ଶକଙ୍କୁ ଭେଟିଦେଇଥିଲେ। ଏସବୁ ଚରିତ୍ର ଫିଲ୍ମ ଜଗତରେ ବେଶ୍ ଜଣାଶୁଣା। ୧୯୭୨ରେ ମାର୍ଭଲ ଫିଲ୍ମର ଟିମ୍ ଛାଡ଼ିଥିଲେ ଲି। ତଥାପି ଏହି ଟାଇଟଲ୍‌ର ସ୍ରଷ୍ଟା ଭାବେ ଆଜୀବନ ତାଙ୍କ ନାମ ରହିଲା। ମାର୍ଭଲ ସିରିଜ୍‌ରେ ସେ ଯେଉଁ ଛାପ ଛାଡ଼ିଯାଇଛନ୍ତି, ତାହା ନିଆରା। ଝିଅ ଜେ.ସି. ଏବଂ ସାନଭାଇ ଲ୍ୟାରୀ ଲିବରଙ୍କୁ ଛାଡ଼ି ଲି ଆରପାରିକୁ ଚାଲିଯାଇଛନ୍ତି। ତାଙ୍କର ଅନ୍ୟ ଜଣେ ଝିଅ ଏବଂ ସ୍ତ୍ରୀ ପୂର୍ବରୁ ପ୍ରାଣ ହରାଇଛନ୍ତି।



















### ସଂଘର୍ଷମୟ କ୍ୟାରିୟର

ଷ୍ଟାନ୍ ଲି ବହୁତ ସଂଘର୍ଷ କରି ତଳ ସ୍ତରରୁ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କ ପ୍ରଥମ କମିକ୍ ପୁସ୍ତକ ‘କ୍ୟାପ୍‌ଟେନ୍ ଆମେରିକା ଫଏଲ୍ସ ଦ ଟ୍ରେଟର୍ସ ରିଭେଞ୍ଜ’ (୧୯୪୧)। ଏଥିରେ ସେ ଟେକ୍ସଟ ଫିଲର ଭାବେ କାର୍ଯ୍ୟ କରିଥିଲେ। ଧୀରେ ଧୀରେ ନିଜେ ସାଜିଲେ ରଚୟିତା। ପ୍ରଥମ ପୁସ୍ତକରେ ସେ ପ୍ରଥମକରି ନିଜ ନାମ ଷ୍ଟାନ୍ ଲି ବୋଲି ଲେଖିଥିଲେ।

### ସବୁଠୁ ଆୟକାରୀ ଫିଲ୍ମ ନିର୍ମାତା

ସୁପରହିରୋଙ୍କ ଜନକ ଷ୍ଟାନ୍ ଲି ନିଜ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା ପାଇଛନ୍ତି। ମାର୍ଭଲ ସିରିଜ୍‌ର ସବୁ ଫିଲ୍ମର କାର୍ଯ୍ୟକାରୀ ପ୍ରଯୋଜକ ଭାବେ ସେ ସଫଳତାର ଶ୍ରେୟ ପାଆନ୍ତି। ମଜା କଥା ହେଲା କେତେକ ଚରିତ୍ରର ସ୍ରଷ୍ଟା ନ ହୋଇ ସୁଦ୍ଧା ସେ ସମ୍ମାନିତ ହୋଇଛନ୍ତି। ମାର୍ଭଲ ଫିଲ୍ମଗୁଡ଼ିକ ଅନେକ ଆୟ କରେ। କେବଳ ଆଭେଞ୍ଜର୍ସ ସବୁଠୁ ଅଧିକ ଆୟକାରୀ ଫିଲ୍ମ ତାଲିକାର ତୃତୀୟ ସ୍ଥାନରେ ରହି ରେକର୍ଡ ସୃଷ୍ଟି କରିଛି। ଷ୍ଟାନ୍ ଲିଙ୍କ ଫିଲ୍ମ ୧୧ ବିଲିୟନ୍ ଡଲାର ଆୟ କରିଛି। ଫିଲ୍ମକୁ ବ୍ୟବସାୟିକ ସଫଳତା ଦେବାରେ ତାଙ୍କ ରେକର୍ଡ କେହି ଭାଙ୍ଗିପାରି ନାହାନ୍ତି।

### ଡିସି କମିକ୍‌ରେ ବି କମାଲ୍

ମାର୍ଭଲ୍ ସିରିଜ୍‌ରୁ ଅବସର ନେବା ପରେ ଷ୍ଟାନ୍ ଲି ଡିସି କମିକ୍ ପାଇଁ କାର୍ଯ୍ୟ କରି କମାଲ୍ ଦେଖାଇଥିଲେ। ‘ଜଟେ ଇମାଜିନ୍’ ଶୀର୍ଷକ ଡିସି କମିକ୍ ସିରିଜ୍ ନିର୍ମାଣ କରିଥିଲେ ଷ୍ଟାନ୍ ଲି। ତାଙ୍କ ସର୍ଜନାରେ ପ୍ରଥମ କମିକ୍ ପୁସ୍ତକ ଚରିତ୍ର ହେଉଛି ଦ ଡେଷ୍ଟ୍ରୟର। ତେବେ କ୍ୟାରିୟର ଆରମ୍ଭ ବେଳେ ଷ୍ଟାନ୍ ଲି ପରଲୋକ ଗମନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ କ୍ୟାରିୟର ଓ ଜୀବନୀ ବିଷୟରେ ଲେଖୁଥିଲେ।

### ନିଶା ନିବାରଣ ସଚେତନତା

ଆମେରିକା ସମେତ ବିଶ୍ୱର ବିଭିନ୍ନ ଭାଗରେ ଯୁବପିଢ଼ି ଡ୍ରଗ୍ସ କବଳରେ କବଳିତ ହେଉଛନ୍ତି। ପ୍ରଥମ କରି ଷ୍ଟାନ୍ ଲି କମିକ୍ ପୁସ୍ତକ ଜରିଆରେ ଡ୍ରଗ୍ସ ଭଳି ନିଶାଦ୍ରବ୍ୟ ବ୍ୟବହାରର ବିପଜ୍ଜନକ ପରିଣାମ ବିଷୟରେ ପ୍ରଚାର କରିଥିଲେ। ମାର୍ଭଲ୍ କମିକ୍‌ର ମୁଖ୍ୟ ସମ୍ପାଦକ ଥିବାବେଳେ ତାଙ୍କୁ ନିଶା ନିବାରଣ ନେଇ ସଚେତନତା ସୃଷ୍ଟି କରିବାକୁ ଆମେରିକା ପରରାଷ୍ଟ୍ର ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜନକଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଥିଲା।

### ସମ୍ମାନ ଓ ପୁରସ୍କାର

୧୯୯୪ରେ ଷ୍ଟାନ୍ ଲି କମିକ୍ ପୁସ୍ତକ ଜଗତର ମର୍ଯ୍ୟାଦାଜନକ ପୁରସ୍କାର ୱିଲ୍ ଇସ୍‌ନର ଆୱାର୍ଡ ହଲ୍ ଅଫ୍ ଫେମ୍ ସମ୍ମାନ ଗ୍ରହଣ କରିଥିଲେ। ବର୍ଷକ ପରେ ଜ୍ୟାକ୍ କିର୍ବି ହଲ୍ ଅଫ୍ ଫେମ୍ ଦ୍ୱାରା ମଧ ସେ ପୁରସ୍କୃତ ହୋଇଛନ୍ତି। ୨୦୦୮ରେ ସେ ନ୍ୟାଶନାଲ ମେଡାଲ ଅଫ୍ ଆର୍ଟ୍ସ ସମ୍ମାନ ଲାଭ କରିଥିଲେ।



ଯଦି ଆବଶ୍ୟକ ପଡୁଛି ସାହସ କରି ଏକାଥରକେ ଡେଇଁଯାଅ,
କାରଣ ଗୋଟିଏ ଗାତକୁ କେହି ଦୁଇ ଖେପାରେ ଡିଏଁ ନାହିଁ।
- ଡାଭିଡ୍ ହ୍ୟୁମ୍



## ସଂକ୍ଷେପରେ

### ରାସ୍ତା କାର୍ଯ୍ୟ ନିମ୍ନମାନର

**ନାଉଗାଁ,୧୩।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତର ଭାତପଡ଼ା ପ୍ରାଧନମନ୍ତ୍ରୀ ଗ୍ରାମ ସଡ଼କ ଠାରୁ ଜାଗୁଳାଇ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ରଶ୍ମିତା ମହାନ୍ତି ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଧାୟକଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧୫ ଦିନ ତଳେ ଏହି ରାସ୍ତା କଂକ୍ରିଟ କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ବ୍ୟବହାର ପୂର୍ବରୁ ଏହି ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ତେଣୁ ରାସ୍ତା ନିର୍ମାଣ କାର୍ଯ୍ୟର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ନଚେତ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସରପଞ୍ଚ ମହାନ୍ତି ଚେତାବନୀ ଦେଇଛନ୍ତି।

### ଗ୍ରାମଦେବତୀଙ୍କ ବିଗ୍ରହ ଆଗମନ

**ତିର୍ତ୍ତୋଲ,୧୩।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ନାଉସିରା ଠାକୁରାଣୀ ଖର୍ଦ୍ଦା ଗ୍ରାମଦେବତୀଙ୍କ ମୁଗୁନୀ ପଥରରେ ନିର୍ମିତ ନୂତନ ବିଗ୍ରହ ଆଗମନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଯାଜପୁର ଜିଲା ଓଳାଶୁଣୀରୁ ଏକ ବିରାଟ ପଟୁଆରରେ ସୁସଜ୍ଜିତ ଗାଡିରେ ବିଗ୍ରହ ଗ୍ରାମକୁ ନିଆଯାଇଥିଲା। ତିର୍ତ୍ତୋଲ ବ୍ଲକ ଛକରୁ ଗ୍ରାମର ମହିଳାମାନେ ବିଗ୍ରହ ବନ୍ଦାପନା କରିବା ସହ ହରିବୋଲ, ହୁଳହୁଳି ଦେଇ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ରମାକାନ୍ତ ସ୍ୱାଇଁ, ଭଗବାନ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ, ଦୀପକ ନାୟକ, ଗୋପାଳ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜନାର୍ଦ୍ଦନପୁରରେ ସମ୍ବର୍ଦ୍ଧନା ଉତ୍ସବ

**ତିର୍ତ୍ତୋଲ,୧୩।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ଜନାର୍ଦ୍ଦନପୁର ଗ୍ରାମରେ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ତିର୍ତ୍ତୋଲ ବ୍ଲକ ୧ନଂ ଜୋନ ଜିଲାପରିଷଦ ସଭ୍ୟ ସନାତନ ଦଳାଇ ଏବଂ ସ୍ଥାନୀୟ ସରପଞ୍ଚ କୃଷ୍ଣ ପ୍ରସାଦ ଦାସଙ୍କୁ ଗ୍ରାମବାସୀଙ୍କ ତରଫରୁ ଅଙ୍ଗବସ୍ତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିଶାକର ନନ୍ଦ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ଦାଶ, ଶିକ୍ଷକ ପ୍ରଣବ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବୀର କିଶୋର ଦାସ, ଦିବାକର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନିରଞ୍ଜନ ଦାସ, ଧରଣୀଧର ଦାସ, ବିଜୟ କୁମାର ଦାଶ, କୁଳମଣୀ ମିଶ୍ର, ପ୍ରଶାନ୍ତ ଦାଶ, ରୂପରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଶତାୟୁ ବୃଦ୍ଧାଙ୍କ ପରଲୋକ

**ବାଲିଆ,୧୩।୧୧:** ବିରିଡି ବ୍ଲକ ଅଧୀନ ହାଜିପୁର ପଞ୍ଚାୟତ ଚାନ୍ଦପୁର(ନୂଆପାଟଣା) ଗ୍ରାମର ଶତାୟୁ ବୃଦ୍ଧା ପୁନି କୁଣ୍ଡଙ୍କ ମଙ୍ଗଳବାର ପରଲୋକ ଘଟିଛି। କୁନି ଜୀବନ କାଳରେ ଅନେକ ଧର୍ମ କାର୍ଯ୍ୟ କରିବା ସହ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ବିରିଡି ଅଞ୍ଚଳର



ଖବରକାଗଜ ଏଜେଣ୍ଟ ପ୍ରମୋଦ କୁମାର ସାହୁଙ୍କ ଆଇ ମା'। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ କୈଳାସ ମୁଖାଗ୍ନୀ ଦେଇଥିଲେ।

### ସରକାରୀ ରିଟେଲର ସଂଘ ବୈଠକ

**ବାଲିଆ,୧୩।୧୧:** ବିରିଡି ବ୍ଲକ ସରକାରୀ ରିଟେଲର ସଂଘର ଏକ ବୈଠକ ହାଜିପୁରର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବ୍ଲକ ରିଟେଲର ସଂଘ ସଭାପତି ଇବ୍ରାହିମ ଖାନ୍ ସଭାପତିତ୍ୱ କରିଥିଲେ। ସମ୍ପାଦକ ଧନେଶ୍ୱର ବେହେରା, କୋଷାଧ୍ୟକ୍ଷ ଅଭୟ ମହାନ୍ତିଙ୍କ ସମେତ ବ୍ଲକର ସମସ୍ତ ୬୦ ରିଟେଲର ଯୋଗ ଦେଇଥିଲେ। ସଂଘ ଜିଲା ସଭାପତି ଶରତଚନ୍ଦ୍ର ସ୍ୱାଇଁ, ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ମହାପାତ୍ର ଏବଂ କୋଷାଧ୍ୟକ୍ଷ ଅଭୟ ବାରିକ ବୈଠକରେ ସାମିଲ ହୋଇ ରିଟେଲରଙ୍କ ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ଯେଉଁ କଠୋର ନିୟମ ଲାଗୁ କରାଯାଉଛି ତାର ବିରୋଧ କରିଥିଲେ। ରିଟେଲରଙ୍କୁ ସରକାରୀ ସ୍ୱୀକୃତି ଦେଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଓ ୨୦୧୯ ସୁଦ୍ଧା ସମସ୍ତ ଘରୋଇ ରିଟେଲରଙ୍କୁ ଉଚ୍ଛେଦ କରିବାକୁ ଯେଉଁ ପ୍ରକ୍ରିୟା ଆରମ୍ଭ କରାଯାଇଛି ତାକୁ ବନ୍ଦ କରିବା ପାଇଁ ଦାବି ହୋଇଥିଲା। ଯଦି ସରକାର ୧୫ ଦିନ ମଧ୍ୟରେ ଦାବି ପୂରଣ ନ କରନ୍ତି ତେବେ ସଂଘ ଆହ୍ୱାନକ୍ରମେ ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

■ ଜିଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ପୁରୁଣା ଲୋକଙ୍କୁ ଫେରାଇ ଆଣିବାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ,୧୩।୧୧**

ଆସନ୍ତା ନିର୍ବାଚନରେ ମୋ ପ୍ରାର୍ଥୀତ୍ୱକୁ ନେଇ ଯେଉଁ କଳ୍ପନା ଜଳ୍ପନା ଚାଲିଛି ତାହା ଭୁଲ। ମୁଁ ବିଧାନସଭା ନିର୍ବାଚନରେ ଲଢ଼ିବି ନାହିଁ। ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ଯିଏ କଂଗ୍ରେସ ପ୍ରାର୍ଥୀ ହେବେ ତାଙ୍କୁ ଜିତାଇବା ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ। ମଙ୍ଗଳବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଜିଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ସେ କହିଲେ ଯେ, ସେ ଯୁଆଡେ ବୁଲିବାକୁ ଗଲେ ସେଠାରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ଏପରିକି ତାଙ୍କ ସ୍ତ୍ରୀ, ଭାଉଜ ଓ ପୁତୁରା ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ଏଭଳି ଚର୍ଚ୍ଚା ନ କରି ସଙ୍ଗଠନକୁ ମଜଭୁତ କରିବା ନିମନ୍ତେ ଚେଷ୍ଟା କରିବା ଉଚିତ। ପ୍ରତାପ ଜେନା କି ରଷି ସାମନ୍ତରାୟଙ୍କ ଘରେ ବସିଲେ ଯେ କିଏ ପ୍ରାର୍ଥୀ ହୋଇଯିବ ତାହା ଭାବିବା ଭୁଲ। କଂଗ୍ରେସ ବ୍ୟାନର ଧରିବାକୁ ପଡ଼ିବ। ଏହି ଅବସରରେ ରଞ୍ଜୀବ




ଜିଲା କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତାମାନେ।

ପାରାଦୀପ ଓ ବାଲିକୁଦା-ଏରସମା ବିଧାୟକଙ୍କୁ ସମାଲୋଚନା କରିଥିଲେ। ସେ କହିଲେ ଯେ ଦାମ ପାଗଳ ହୋଇଗଲେଣି। କେତେବେଳେ କ'ଣ କହୁଛନ୍ତି ବୁଝାପଡୁନି। ସେହିପରି ପ୍ରଶାନ୍ତ ପରୋକ୍ଷରେ ଜଣେ କଣ୍ଟ୍ରାକ୍ଟର ବୋଲି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଏଥିସହ ଦଳୀୟ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବାକୁ ସେ ଅନେକ ପ୍ରସ୍ତାବ ଦେଇଥିଲେ। କଂଗ୍ରେସର ମହିଳା, ଯୁବ, ଛାତ୍ର, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ

■ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବିନି : ରଞ୍ଜୀବ
■ପାଗଳ ହୋଇଗଲେଣି ଦାମ
■ଜିଲା କଂଗ୍ରେସର ଲକ୍ଷ୍ୟ ମିଶନ ୪

ସେଲକୁ ନେଇ ୪ ନିର୍ବାଚନମଣ୍ଡଳୀରେ ପୃଥକ ସମ୍ମିଳନୀ କରାଯିବା ଉଚିତ। ଏଭଳି ହେଲେ ଦଳ ଅଧିକ ସଙ୍ଗଠିତ ଓ ଶକ୍ତିଶାଳୀ ହୋଇପାରିବ। ଏହି ଅବସରରେ ସେ ପୁରୁଣା ନେତା ଓ କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ନିର୍ବାଚନରେ ଜିଲା କଂଗ୍ରେସର ଲକ୍ଷ୍ୟ ମିଶନ ୪ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ବୈଠକରେ ପିସିସି କାର୍ଯ୍ୟକାରୀ ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ କହିଲେ ଯେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ। ଆଗାମୀ ନିର୍ବାଚନରେ କିଏ ପ୍ରାର୍ଥୀ ହେବେ ତାହା ତୃଣମୂଳସ୍ତରରୁ ମତ ନିଆଯାଇ ନିଷ୍ପତ୍ତି ହେବ। ପ୍ରାର୍ଥୀ ଚୟନରେ କୌଣସି ପ୍ରିୟାପ୍ରୀତି କିମ୍ବା ସୁପାରିଶ ଚଳିବ ନାହିଁ। ବିଜୟ ଆଶା ଥିବା ନେତାଙ୍କୁ ପ୍ରାର୍ଥୀ କରାଯିବ। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଗଣେଶ୍ୱର ବେହେରା ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ(ବାପି) ତାଙ୍କ ବକ୍ତବ୍ୟରେ ଦଳୀୟ ନେତାମାନେ ଏକଜୁଟ ହୋଇ କାମ କଲେ ଆଗାମୀ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାରେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ଏବେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତି ଭଲ ରହିଛି। ବିଜେଡିରେ କନ୍ଦଳ ଓ ନେତୃତ୍ୱ ବିବାଦ ଲାଗି ରହିଛି। ଇନ୍ଦିରା ଆବାସ, ରାଶନ କାର୍ଡ, ଭତ୍ତା ଆଦି ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀ ପାଉନାହାନ୍ତି। ଏ ପରିସ୍ଥିତିରେ କଂଗ୍ରେସ ନେତାମାନେ ଏକତ୍ରିତ ହୋଇ ସେମାନଙ୍କୁ ସହାୟତାର ହାତ ବଢାଉଛନ୍ତି । ତେଣୁ ଆଗାମୀ ଦିନରେ କଂଗ୍ରେସ ପରିବର୍ତ୍ତନ ସମାବେଶ କରିବା ଉଚିତ ବୋଲି ସେ କହିଥିଲେ।

ଜିଲା ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର, ସାରଦା ଜେନା, ପୂର୍ବତନ ଏମ୍‌ପି ତଥା ପ୍ରଦେଶ ଅନୁସୂଚିତ ଜାତି ସେଲ୍‌ର ସଭାପତି ବିଭୂ ପ୍ରସାଦ ତରାଇ, ପ୍ରତିମା ମଲ୍ଲିକ, ସୁଚିତ୍ରା ବେଉରା, ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ସୁନିଲ ମାଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବୈଠକରେ ରଞ୍ଜୀବ ଦାମ ଓ ପ୍ରଶାନ୍ତଙ୍କୁ ସମାଲୋଚନା କରିବାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି। କାରଣ ଦାମ ଓ ପ୍ରଶାନ୍ତ ଉଭୟଙ୍କ ସହ ବିଶ୍ୱାଳ ଭ୍ରାତାଙ୍କ ସମ୍ପର୍କ ଭଲ ଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ରଞ୍ଜୀବ ଏହି ଦୁଇ ନେତାଙ୍କୁ ସମାଲୋଚନା କରିବା, ବିଶେଷ କରି ଦାମଙ୍କ ଉପରେ ବର୍ଷିବା ଆଲୋଚନାର ବିଷୟ ହୋଇଛି।

## ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ବୈଠକ

**ଜଗତ୍‌ସିଂହପୁର ଅଫିସ,୧୩।୧୧**

ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୨୦୧୯ ଜାନୁୟାରୀରେ ହେବାକୁ ଥିବା ୨୦ତମ ପୁସ୍ତକ ମେଳା କିପରି ସୂଚାରୁରୂପେ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ବ୍ୟୟ ଅଟକଳ ୬ ଲକ୍ଷ ଟଙ୍କା ଭିତରେ ରଖିବାକୁ ଜିଲାପାଳ ତଥା ପରିଷଦର ଅଧ୍ୟକ୍ଷ ଯାମିନୀ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଏଥିରେ ଷ୍ଟଲ ଭଡ଼ା ବୃଦ୍ଧି ସାଙ୍ଗକୁ ବ୍ୟବସାୟ ପ୍ରତିଷ୍ଠାନ ଓ କମ୍ପାନୀଗୁଡିକରୁ ଅଧିକ ବିଜ୍ଞାପନ ସଂଗ୍ରହ ନିଷ୍ପତ୍ତି ହୋଇଥିଲା। ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁଙ୍କ

■ପୁସ୍ତକ ମେଳା ସମ୍ପର୍କରେ ଆଲୋଚନା
■ଅଧିକ ବିଜ୍ଞାପନ ଓ ଷ୍ଟଲ ଭଡ଼ା ବୃଦ୍ଧିକୁ ଗୁରୁତ୍ୱ

ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କଠାରୁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଶେଷକରି ଷ୍ଟଲ ଭଡା ଓ ପୁସ୍ତକ ବିକ୍ରି ବୃଦ୍ଧି, ବିଭିନ୍ନ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନରୁ ଅଧିକ ବିଜ୍ଞାପନ ଆଣିବା, ପ୍ରତ୍ୟେକ ଦିନର ଆସର ଉତ୍ସର୍ଗ ଆଦି ଉପରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ପ୍ରସ୍ତାବ ଦେଇଥିଲେ। ପରେ ମେଳାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଗଠିତ ସବ୍‌କମିଟିରେ ଅଧିକ କେତେଜଣ ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ଉପାଧ୍ୟକ୍ଷ ଶଶାଙ୍କ ଶେଖର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ସୁଧୀର ମହାନ୍ତି ୧୯ତମ ପୁସ୍ତକ ମେଳାର ଆୟ, ବ୍ୟୟ ଓ ୨୦ତମ ପୁସ୍ତକ ମେଳାର ସମ୍ଭାବ୍ୟ ଆୟ ଓ ବ୍ୟୟ ଉପସ୍ଥାପନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦକ ବିଜୟ ରାଉତ ଧନ୍ୟବାଦ ଦେଇଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ପରିଷଦର ଅନ୍ୟତମ ଉପାଧ୍ୟକ୍ଷ ମାନସ ରଥ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, କାର୍ଯକାରିଣୀ ସଦସ୍ୟ ହେମନ୍ତ ରଥ, ଅମ୍ବିକା ପ୍ରସାଦ ମହାନ୍ତି ଓ ମହେନ୍ଦ୍ର ଚାନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପୁସ୍ତକ ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

## ବ୍ଲକ କଂଗ୍ରେସ ଓବିସି ସେଲ ଗଠିତ

**ବାଲିଆ,୧୩।୧୧**

ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ୍ ଚେୟାରମ୍ୟାନ ବିଷ୍ଣୁ ଚରଣ ବାରିକଙ୍କ ଅନୁମୋଦନକ୍ରମେ ବିରିଡି ବ୍ଲକ କଂଗ୍ରେସ କମିଟି ଓବିସି ସେଲ ଗଠିତ ହୋଇଛି। ବ୍ଲକ ଓବିସି ସେଲ ଅଧ୍ୟକ୍ଷ ଅରବିନ୍ଦ ସାହୁଙ୍କ ଦ୍ୱାରା ପ୍ରେରିତ ନାମକୁ ମଙ୍ଗଳବାର ଘୋଷଣା କରାଯାଇଛି। ଯେଉଁଥିରେ କୋଷାଧ୍ୟକ୍ଷ ନିହାର ରଞ୍ଜନ ସ୍ୱାଇଁ, ଉପସଭାପତି ଭାଗ୍ୟଧର ଜେନା, ସନାତନ ଖୁଣ୍ଟିଆ, ରବି ନାରାୟଣ ଜେନା, ଶୁଶାନ୍ତ ପରିଜା, ନରେଶ ରାଉତ୍‌ରାୟ, ସାଧାରଣ ସମ୍ପାଦକ ବିଜୟ ଭୂୟାଁ, ସତ୍ୟଜିତ୍ ମହାନ୍ତି, ସମୀର ଖୁଣ୍ଟିଆ, କୈଳାସ ସ୍ୱାଇଁ, ସୁଭେନ୍ଦ୍ର ରାଉତ୍‌ରାୟ. ସୌମ୍ୟକାନ୍ତ ସିଂ, ଦିପ୍ତୀରଞ୍ଜନ ପରିଜା ଓ ବିନୋଦ କୁମାର ମହାପାତ୍ର ରହିଛନ୍ତି। ସେହିପରି ସମ୍ପାଦକ ଭାବେ ପ୍ରଭାସିନୀ ବେହେରା, ଅଶୋକ ବେହେରା, ଚିତ୍ରସେନ ସାହୁ, ମଳୟ ରଞ୍ଜନ ବେହୁରା, ନୃସିଂହ ଚରଣ ଖୁଣ୍ଟିଆ, ପରେଶ କୁମାର ଜେନାମଣୀ, ଶଙ୍କର ସାହୁ, ପ୍ରଶନ୍ନ କୁମାର ବେହେରା, ରାମଚନ୍ଦ୍ର ସାହୁ ଓ ରଞ୍ଜନ କୁମାର ଜେନା ପ୍ରମୁଖ ରହିଛନ୍ତି। ଏହି ସଭ୍ୟଙ୍କୁ ନେଇ ଖୁବ୍‌ଶୀଘ୍ର ସାଙ୍ଗଠନିକ କାର୍ଯ୍ୟକୁ ଆଗେଇ ନିଆଯିବ ବୋଲି ସଭାପତି ସାହୁ ସୂଚନା ଦେଇଛନ୍ତି।

## ବିଦ୍ୟାଳୟ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ

**ନାଉଗାଁ,୧୩।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତରେ ଥିବା ଜଳଶରପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଛତିଆନା ଉପ୍ରା ବିଦ୍ୟାଳୟରେ ମିଶ୍ରଣ କରିବାକୁ ବିରୋଧ କରି ମଙ୍ଗଳବାର ଗ୍ରାମବାସୀ, ଶିକ୍ଷା କମିଟି ସଦସ୍ୟ, ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଦେଇଛନ୍ତି। ଉକ୍ତ ବିଦ୍ୟାଳୟକୁ ଛତିଆନା ଉପ୍ରା ବିଦ୍ୟାଳୟରେ ନ ମିଶାଇବା ପାଇଁ ପବନି କାଣ୍ଡି, ଲିଙ୍ଗରାଜ ଭୋଇ, ଅରୁଣ କୁମାର ମହାନ୍ତି, ରାଜେନ୍ଦ୍ର କାଣ୍ଡି, ସୁଷମା ଭୋଇ, ପ୍ରଭାତ କୁମାର ମହାନ୍ତି, କୃଷ୍ଣ ଭୋଇ ପ୍ରମୁଖ ୫୦ ଜଣଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୧୬ ପିଲା ଅଛନ୍ତି। ସରକାରୀ ନିୟମାନୁସାରେ ୨୦ରୁ କମ୍ ପିଲା ଥିଲେ ଉକ୍ତ ବିଦ୍ୟାଳୟ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଏହି ବିଦ୍ୟାଳୟଠାରୁ ମାତ୍ର ୩ ଶହ ମିଟର ଦୂରରେ ଛତିଆନା ଉପ୍ରା ବିଦ୍ୟାଳୟ ରହିଛି। ତେଣୁ ଏହି ଗ୍ରାମର କେତେଜଣ ପିଲା ଛତିଆନା ଉପ୍ରା ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଫଳରେ ଜଳଶରପଡ଼ା ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା କମିଯାଇଛନ୍ତି। ତେଣୁ ଆଗାମୀ ଶିକ୍ଷା ବର୍ଷରେ ବାହାର ସ୍କୁଲରେ ନାମ ଲେଖାଇଥିବା ପିଲାଙ୍କୁ ଆଣି ନିଜ ସ୍କୁଲରେ ନାମ ଲେଖାଇବେ ବୋଲି ଗ୍ରାମବାସୀ କହିଛନ୍ତି। ଏଥିପାଇଁ ସ୍କୁଲ ବନ୍ଦ ନ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀ କହିଛନ୍ତି ଯେ ଉକ୍ତ ବିଦ୍ୟାଳୟର ପିଲା ସଂଖ୍ୟା କମ୍ ଥିବାରୁ ତାହା ଅନ୍ୟ ବିଦ୍ୟାଳୟରେ ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପିଲା ସଂଖ୍ୟା ବୃଦ୍ଧି ପାଇଲେ ନୂତନ ଶିକ୍ଷା ବର୍ଷରେ ଯାହା ନିଷ୍ପତ୍ତି ନିଆଯିବ।



ଗ୍ରାମବାସୀ ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରୁଛନ୍ତି।

## ହିତାଧିକାରୀଙ୍କୁ ମିଳୁନି ପାଇଖାନା ନିର୍ମାଣ ଅର୍ଥ

**ନାଉଗାଁ,୧୩।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ନୂଆଗାଁ ଗ୍ରାମର ରଶ୍ମିତା ନାୟକ ଦୀର୍ଘଦିନ ହେବ ସରକାରୀ ଯୋଜନା ଅନୁଯାୟୀ ପାଇଖାନା ନିର୍ମାଣ କରିସାରିଥିଲେ ମଧ୍ୟ ଅଦ୍ୟାବଧି ତଶଙ୍କୁ ଅନୁଦାନ ଅର୍ଥ ପ୍ରଦାନ କରାଯାଇନାହିଁ। ସେ ଜଣେ ବିଧବା ଓ ଅସହାୟ ମହିଳା। ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ସେ ୪ ମାସ ତଳେ ପାଇଖାନା ନିର୍ମାଣ କରିଥିଲେ। କିନ୍ତୁ ଏହି ଯୋଜନାରେ ତାଙ୍କୁ ଅଦ୍ୟାବଧି ଅନୁଦାନ ଅର୍ଥ ମିଳିନାହିଁ। ଏଥିପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ କରି ଗ୍ରାମ୍ୟ ପରିମଳ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ନିରାଶ ହେଲେଣି। ପାଇଖାନା ନିର୍ମାଣ କରି ସାରିବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଅର୍ଥ ବ୍ୟାଙ୍କ ଜମାଖାତାକୁ ଆସିବ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଟଙ୍କା ଆସୁ ନାହିଁ। ରଶ୍ମିତାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ସେ ଧାର କରଜ କରି ପାଇଖାନା ନିର୍ମାଣ କରିଛନ୍ତି। ତେଣୁ ଟଙ୍କା କିପରି ଶୁଝିବେ ସେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରେ ପର୍ଯ୍ୟାୟ କ୍ରମେ ଅର୍ଥ ପ୍ରଦାନ କରାଯାଉଛି। ତେଣୁ ଖୁବ୍ ଶୀଘ୍ର ତାଙ୍କୁ ଅନୁଦାନ ଅର୍ଥ ଦିଆଯିବ ବୋଲି ସେ କହିଛନ୍ତି।

## ବିଜୁ ଯୁବବାହିନୀ ପକ୍ଷରୁ ସଚେତନତା

**କୁଜଙ୍ଗ,୧୩।୧୧(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଫତେପୁର ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ପଞ୍ଚାୟତ ଗଠନ ଓ ବିଦ୍ୟାଳୟରେ ଡ୍ରପ୍‌ଆଉଟ ବନ୍ଦ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଜୁ ଯୁବବାହିନୀ ସଭାପତି ସିଦ୍ଧାର୍ଥ ପ୍ରସାଦ ପ୍ରଧାନଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସ୍ମୃତିରଞ୍ଜନ ରାଉତ, ପୂର୍ବତନ ସରପଞ୍ଚ ସାଗର ପ୍ରଧାନ ଓ ଯୁବ ସାମାଜିକ କର୍ମୀ ନୀରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ସଚେତନତା କରିବା ସହ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ କହିଥିଲେ। ପରିବେଶ ଅସନ୍ତୁଳନ ଓ ମୃତ୍ତିକା ପ୍ରଦୂଷଣ ବିଷୟରେ ଗ୍ରାମବାସୀ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ଫତେପୁର ନୋଡାଲ ଯୁପି ସ୍କୁଲ ସମେତ ବିଭିନ୍ନ ବିଦ୍ୟାଳୟର ଅଭିଭାବକ ତଥା ଗ୍ରାମର ମୁରବୀଙ୍କ ସହ ଆଲୋଚନା କରାଯାଇ ଯେଉଁ ପିଲାମାନେ ସ୍କୁଲ ଯାଉନଥିଲେ ସେମାନେ ଯେପରି ବିଦ୍ୟାଳୟକୁ ଯିବେ ସେ ବିଷୟରେ ସଚେତନ କରାଇଥିଲେ। ଧୀର ରାଉତ, ଆନନ୍ଦ ପ୍ରଧାନ, ଟୁଲୁ ପ୍ରଧାନ, ବପିନ ପ୍ରଧାନ, ରଞ୍ଜନ ବିଶ୍ୱାଳ ଓ ବପିନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜୁ ଯୁବ ବାହିନୀ କର୍ମକର୍ତ୍ତା।

## ଉଠାଜଳସେଚନ ପ୍ରକଳ୍ପ ନାମରେ ଅର୍ଥ ତୋସରପାତ

**ନାଉଗାଁ,୧୩।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ଅଣଜଳସେଚିତ ଅଞ୍ଚଳର ଚାଷଜମିରେ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପାଣି ମଡାଯାଉଥିବା ସରକାରୀ ଭାବେ ଦର୍ଶାଯାଇଛି। ଏସବୁ ପ୍ରକଳ୍ପ ମରାମତି ଓ ନୂତନ ପ୍ରକଳ୍ପ ବସାଇବା ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ହେଲେ କୌଣସି ପ୍ରକଳ୍ପରୁ ଚାଷୀ ପାଉ ନ ଥିବା ଅଭିଯୋଗ ହୋଇଛି। ସରକାରୀ ଖାତାରେ ସଚଳ ଥିବା ପ୍ରକଳ୍ପ ବାସ୍ତବରେ ଚାଷୀଙ୍କ କାର୍ଯ୍ୟରେ ନ ଲାଗି ଅଚଳ ହୋଇପଡିଛି। ସୂଚନା ଅଧିକାର ଆଇନ୍ ଦ୍ୱାରା ଏ ସମ୍ପର୍କିତ ଅନେକ ତଥ୍ୟ ସାମ୍ନାକୁ ଆସିଛି। ଉଠାଜଳସେଚନ ପ୍ରକଳ୍ପ ସମ୍ପର୍କରେ ଗତ ଅକ୍ଟୋବର ୧୦ ତାରିଖରେ ନାଉଗାଁ ବ୍ଲକ ଭାଜପା ସଭାପତି ଶ୍ରୀକାନ୍ତ ସ୍ୱାଇଁ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗିଥିଲେ। ଏଥିରେ ମିଳିଥିବା ତଥ୍ୟ ଅନୁସାରେ ଥରଟିଏ ମଧ୍ୟ ଚାଷଜମିକୁ ପାଣି ଯୋଗାଇ ନ ଥିବା ପ୍ରକଳ୍ପକୁ

**ଅଚଳ ପ୍ରକଳ୍ପ ସରକାରୀ ଖାତାରେ ସଚଳ**
■କେଉଁଠି ପ୍ରକଳ୍ପ ନାହିଁ ତ କେଉଁଠି ଅଚଳ ହୋଇପଡିଛି
■ମରାମତି, ନିର୍ମାଣ ଆଳରେ ପ୍ରତିବର୍ଷ ଅର୍ଥ ଲୁଟ୍

ସଚଳ ବୋଲି ଦର୍ଶାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ଚିଠି ନଂ. ୪୫୩୬ ରେ ଦର୍ଶାଯାଇଛି ଯେ ନାଉଗାଁ ବ୍ଲକରେ ରାଜ୍ୟ ଉଠାଜଳସେଚନ ବିଭାଗ ପକ୍ଷରୁ ସମୁଦାୟ ୮୬ ପ୍ରକଳ୍ପ ୨୦୧୭ ସୁଦ୍ଧା ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ୨୦ ପ୍ରକଳ୍ପର ପୁନରୁଦ୍ଧାର କରାଯାଇଛି। ଏହି ପ୍ରକଳ୍ପ ପାଇଁ ୨ କୋଟି ୫୪୬ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ପ୍ରକଳ୍ପଗୁଡିକ ମଧ୍ୟରୁ ୭୬ଟି ପ୍ରକଳ୍ପ ଜଳ ଯୋଗାଇବା ପାଇଁ ପ୍ରସ୍ତୁତ ଅଛି ଓ ୧୫ ଟି ପ୍ରକଳ୍ପ ବର୍ତ୍ତମାନ ଜଳ ଯୋଗାଉଛନ୍ତି ବୋଲି ଦର୍ଶାଯାଇଛି। ଜଳ ଯୋଗାଉଥିବା ପ୍ରକଳ୍ପ ମଧ୍ୟରେ ରହିଛି ଡେରିକି ପଞ୍ଚାୟତର ୨ ଟି ପ୍ରକଳ୍ପ। କିନ୍ତୁ ଏଠାରେ ଉଠାଜଳସେଚନ ବିଭାଗ ପକ୍ଷରୁ ୧୯୮୫ରୁ ୨୦୧୭ କୃଷି ବର୍ଷ ମଧ୍ୟରେ ୬ ଟି ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ସରକାରୀ ଖାତାରେ କାର୍ଯ୍ୟକ୍ଷମ ଥିବା ଗଙ୍ଗଦା ମୌଜା ଓ ବାଲିଚନ୍ଦ୍ରପୁରଠାରେ ନିର୍ମିତ ହୋଇଥିବା ୨ ପ୍ରକଳ୍ପ ଦ୍ୱାରା ଥରେ ମଧ୍ୟ ପାଣି ପଡିନାହିଁ। ଅନ୍ୟ ୪ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ। ସେହିପରି ଓଷକଣା ପଞ୍ଚାୟତରେ ଥିବା ୭ ପ୍ରକଳ୍ପ ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଅଚଳ ହୋଇରହିଛି। ରାଜ୍ୟ ଉଠାଜଳସେଚନ ବିଭାଗ ପକ୍ଷରୁ ଏହି ପଞ୍ଚାୟତର ନୟାସିଙ୍ଗଡ଼ା ଓ ଓଷକଣାଠାରେ ୨୦୧୫-୧୬ କୃଷି ବର୍ଷରେ ନିର୍ମିତ ପ୍ରକଳ୍ପ ମାତ୍ର କେଇଦିନ ଜଳ ଯୋଗାଣ କରି ଅଚଳ ହୋଇପଡିଛି। ସେହିପରି ଶିଖର ପଞ୍ଚାୟତରେ ରହିଛି ୭ ଟି କାର୍ଯ୍ୟକ୍ଷମ ଜଳସେଚନ ପ୍ରକଳ୍ପ। କିନ୍ତୁ ପାଟେଣି ଗାଁର ମାତ୍ର ଗୋଟିଏ ପ୍ରକଳ୍ପକୁ ଛାଡି ଦେଲେ ଅନ୍ୟ ୬ ଟି ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ୨୦୧୬-୧୭ ଆର୍ଥୀକ ବର୍ଷରେ ତିରୁଣା ପଞ୍ଚାୟତର ତେଣ୍ଟୋଇ, ଉର, କୁରିକି, ନରଣପୁର ଗ୍ରାମରେ ନିର୍ମାଣ ହୋଇଥିବା ଜଳସେଚନ ପ୍ରକଳ୍ପରୁ ବୁନ୍ଦାଏ ହେଲେ ପାଣି ବାହାରି ନ ଥିବାବେଳେ ସରକାରୀ ଖାତାରେ ତାହା କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଛି। ସେହିପରି ସମାନ ଅବସ୍ଥା ଦେଖାଦେଇଛି କୋରୁଅ ପଞ୍ଚାୟତରେ। ଏହି ପଞ୍ଚାୟତରେ ୩ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ସରକାରୀ ଖାତାରେ ଦର୍ଶାଯାଇଥିବା ବେଳେ ଚଳିତବର୍ଷ ମାତ୍ର ଗୋଟିଏ ପ୍ରକଳ୍ପରୁ ଦିନ କେତେଟା ପାଣି ଯୋଗାଣ ହୋଇଥିବା ଚାଷୀମାନେ କହିଛନ୍ତି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିଲେ ମଧ୍ୟ ମିଥ୍ୟା ପାଣି ପଞ୍ଚାୟତ ଗଠନ କରାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

# ମହିଳା କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

**ନୂଆପଡା ଅଫିସ, ୧୩।୧୧:** ଓଡିଶା–ଛତିଶଗଡ ସୀମାନ୍ତ ମୈନପୁର ମାଓବାଦୀ ଡିଭିଜନରେ ଓଡିଆ ମାଓବାଦୀଙ୍କ ଉପରେ ଅଣଓଡିଆଙ୍କ ବୈଷମ୍ୟଭାବ ଶକ୍ତ ଆଘାତ ଦେଉଛି । ଅନ୍ୟପଟେ ସେମାନଙ୍କ ନିର୍ଯାତନା ସହି ନ ପାରି ମୁଖ୍ୟ ସ୍ରୋତକୁ ଫେରିବାକୁ ମାଓବାଦୀମାନେ ଚାହୁଁଛନ୍ତି ବୋଲି ଡିଭିଜନ ଛାଡି ନୂଆପଡା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଡାଲମତି ଓରଫ ମାଧୁରୀ ପହରିଆ ନାମ୍ନୀ ଜଣେ ମହିଳା ମାଓବାଦୀ କହିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଏସପିଙ୍କ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ଆଗରେ ସେ ଏହା କହିଛନ୍ତି । ଏସ୍‌ପି ସ୍ମିତ ପରମାରଙ୍କ ସୂଚନାକ୍ରମେ ନୂଆପଡ଼ା ଜିଲା ସିନାପାଲି ଥାନା ଘାଟମାଲ ଗ୍ରାମପଞ୍ଚାୟତର କନ୍ଦେନଝରିଆ ଗାଁର ଡାଲମତି ଆଜକୁ ୫ମାସ ତଳେ ମାଓବାଦୀ ସଙ୍ଗଠନରେ ସାମିଲ ରହିଥିଲେ । ସେଠାରେ ଅଣଓଡିଆ କ୍ୟାଡରଙ୍କ ନିର୍ଯାତନା ସହି ନ ପାରି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାଁରେ ସରକାର ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେ ସେଭଳି କୌଣସି ଘଟଣାରେ ସାମିଲ ଥିବା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ସେଠାରେ ରହି ପାଟଦର୍ହା ଜଙ୍ଗଲରେ ଏକ ୭ ଦିନିଆ ତାଲିମ ଗ୍ରହଣ କରିଥିଲେ । ଏହି ସମୟ ମଧ୍ୟରେ ମୈନପୁର ଡିଭିଜନର ସଚିବ କାର୍ତ୍ତିକଙ୍କ ସହ ଭେଟ ହୋଇଥିଲା । ତାଙ୍କୁ ଜୋର ଜବରଦସ୍ତି ଘରୁ ଟେକି ନେଇ ସଙ୍ଗଠନରେ ସାମିଲ କରିଥିଲେ ।


## GOVERNMENT OF ODISHA
## DEPARTMENT OF WATER RESOURCES

**"e" Procurement Notice - BAID 05 of 2018-19**

**Bid Identification No. BAID 05 of 2018-19**

| | | |
|---|---|---|
| 1 | Name of the work | River Embankment works for the year 2019-20 |
| 2 | Total No. of package | 22 Nos. |
| 3 | Tender cost | Rs.13.23 lakhs to 30.65 lakhs as per DTCN |
| 4 | Bid Security (Online) | Rs.13300/- to Rs.30700/- as per DTCN |
| 5 | Cost of tender paper (Online) | Rs.6000/- as per DTCN |
| 6 | Period of completion | 120 days |
| 7 | Availability of tender online for bidding | From 16.11.2018 at 12.00 Noon to 26.11.2018 upto 5.00 PM |
| 8 | Date and place of opening | Dt.27.11.2018 at 11.00 AM in the office of the Executive Engineer, Baitarani Division, Salapada |
| 9 | Tender Inviting Authority | Executive Engineer, Baitarani Division, Salapada, Keonjhar, Odisha |

No.755-A

Further details can be seen from the website **http://www.tendersorissa.gov.in / www.dowrodisha.gov.in**. Any addendum / Corrigendum / Cancellation to the above notice will be published in this website.

**Sd./- Executive Engineer**
**Baitarani Division, Salapada**

32006/11/0006/1819

**Government of Odisha "e" procurement Notice**

## OFFICE OF THE SUPERINTENDING ENGINEER BOLANGIR IRRIGATION CIRCLE, BOLANGIR

**e-mail-sebalangir@gmail.com, Phone No.-06652-250483**

**e-Procurement Notice No. SEBOIC 05 of 2018-19**

**BID IDENTIFICATION NO. – SEBOIC BID 05 OF 2018-19**

**No. 2398** **Dated 08.11.2018**

**No.730-A:-** The Superintending Engineer, Balangir Irrigation Circle, Balangir on behalf of His Excellency, the Governor of Odisha invites online Percentage rate tenders in double cover system to be received in online mode only for the works as detailed below.

| | | | |
|---|---|---|---|
| 1. | Nature of work | : | Civil. |
| 2. | Number of works. | : | Three |
| 3. | Approximate amount put to tender. | : | Rs.133.50 lakh to Rs.167.90 lakh |
| 4. | Period of completion | : | 3 (Three) Calendar months. |
| 5. | Date & time of availability of Bid document in the portal | : | Dt. 19.11.2018-10.00 AM to 05.12.2018 up to 5.00 PM |
| 6. | Last date & time of seeking Tender clarification. | : | Dt. 26.11.2018 up to 5.00 PM |
| 7. | Last date/time of receipt of Bids in the portal. | : | Dt. 05.12.2018- up to 5.00 PM |
| 8. | Date, time & place of opening of bids in the portal. | : | Dt. 06.12.2018 at 11.30 AM- in the office of the Superintending Engineer, Balangir Irrigation Circle, Balangir. |
| 9. | Name & address of the officer Inviting bid. | : | Superintending Engineer, Balangir Irrigation Circle, Balangir. At-Laltikra, P.O- Rajendra College, Dist: Balangir, PIN-767002. |
| 10. | Any corrigendum required will be made available in Govt. web-site only. | | |

Further details can be seen from the e-procurement portal- https://tendersorissa.gov.in

**Sd./- SUPERINTENDING ENGINEER**
**BALANGIR IRRIGATION CIRCLE**
**BALANGIR**

**32172/11/0008/1819**

## OFFICE OF THE NOTIFIED AREA COUNCII, BHUBAN

**Tel No: 06769-272023, E-mail ID: bhubann.hud@nic.in**

**NO. 1452** **Dt. 13.11.18**

**NOTICE INVITING EXPRESSION OF INTEREST (EOI)**

Executive Officer Bhuban NAC invites Expression of Interest (EOI) in sealed cover from the Registered Firms/ Architects having experience in the field of rendering Consultancy services of different projects as mentioned below for engagement as Consultant, so as to reach the undersigned on or before dt. 24.11.18 to 1.00 P.M. The Firms/ Architects must mention the Consultancy fee as per norm of the Government. The proposals will be opened on dt. 24.11.18 at 3.00 P.M. in presence of the applicants or their authorized representatives.

**Name of Work**

**Preparation of plan, Design, Detailed estimates, Rate Analysis, Detail Project Report (DPR) and supervision of work under different Schemes as per requirement.**

**Conditions**

The Firms/ Architects should submit the following documents.

1. Valid Registration Certificate.
2. Experience Certificate having completed the similar nature of works under any Development Authority or ULBs of the State.
3. Copy of valid Service Tax Certificate with PAN Card.
4. GST registration certificate.

Besides the above, the successful Firm/Architect should ensure the technical sanction of the Plan, Design, Estimate and DPR etc. from the competent authority. Payment of Consultancy fee is subject to availability of funds under the Schemes.

The authority reserves the right to reject any or all proposals without assigning any reason thereof.

**Sd./- Executive Officer, NAC, Bhuban**

## ODISHA STATE ROAD TRANSPORT CORPORATION

**(A Government of Odisha Undertaking)**

Paribahan Bhawan, Sachivalaya Marg, Bhubaneswar-751009

No.15893 Date: 13.11.2018

**TENDER NOTICE**

No.CAD-1016: Sealed tenders are invited in the prescribed format for GPS based Vehicle Tracking (VT) System in OSRTC buses. Details may be accessed from **www.osrtc.in**.

**Sd./- R.P.Sahoo**
**General Manager (Admn.)**
**OSRTC, Bhubaneswar**

38002/11/0004/1819

GOVERNMENT OF ODISHA
DEPARTMENT OF WATER RESOURCES

## OFFICE OF THE EXECUTIVE ENGINEER MINOR IRRIGATION DIVISION, PADAMPUR

**Phone No-(06683)-223418(Off.), E-mail:-eemipad@yahoo.co.in**

No.751-A:- **No-4294 / Date-05-11-2018**

**E-PROCUREMENT NOTICE**

**BID IDENTIFICATION No: EE, MID, PDP/07/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 04 (Four) Nos. |
| Estimated cost | : | Varies from Approximately Rs. 18.95 lakh to Rs. 59.97 lakh for 04 Nos. of works. |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid documents | : | From 20-11-2018 at 10.00 AM to 05-12-2018 up to 5.00 PM in website(www.tendersorissa.gov.in) |
| Period of receipt of bid through online | : | From 20-11-2018 at-10.00 AM to 05-12-2018 up to 5.00 PM through online. |
| Date of opening of bid documents | : | On dt.10-12-2018 at. 11.00 AM. Onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| Name & Address of the OIT | : | Executive Engineer, M.I.Division, Padampur. At-Padampur, PO-Raj bora sambar, Dist:- Bargarh, PIN-768036 |
| Further details can be seen from the E-Procurement market place. | : | http://tendersorissa.gov.in |

The detail tender call notice can also be seen in the DOWR website- http://dowrorissa.gov.in.

**Executive Engineer,**
**M.I.Division, Padampur**

**32037/11/0005/1819**

See Career Appointment on every Wednesday & Saturday

Classified Display on Every Tuesday and Friday Size : 6 cm x 8 cm

## ODISHA SPACE APPLICATIONS CENTRE (ORSAC)

**Department of Science & Technology, Government of Odisha**
**Plot no.45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-**

**ORSAC Advt. No 13/2018**

**EOI FOR SELECTION OF AGENCY FOR SUPPORT SERVICE IN SAND BLOCK SURVEY ACTIVITIES**

**No.CAD-1013:-** Odisha Space Applications Centre (ORSAC) invites sealed bids from eligible firms for selection of agency for support service in Sand Survey activities.

Experienced and established Firms are invited to submit their EOI in the prescribed formats. The complete EOI document can be downloaded from the following websites: www.orsac.gov.in and www.odisha.gov.in. The last date for submission of bid is 3rd December 2018.

**28007/11/0014/1819** **CHIEF EXECUTIVE**

## OFFICE OF THE EXECUTIVE ENGINEER, RURAL WORKS DIVISION, PURI

**2nd Corrigendum to Tender Call Notice No.Online- 04 of 2018-19.**

**No.1000-O:-** Due to some technical necessity, the following changes are made in the TCN No. Online-04 Date:- 27.10.2018.

**The details of changes are given as below.**

1) The class of contractors in item of work Sl.No.1,3,4 & 7 is "D" & "C" in place of "C" & "B".
2. Period of availability of tenders on-line/ Date & time of bidding on-line/ last date of seekingclarification/ Date of opening of tender papers.

| Procure-ment Officer | Bid identification No. | Availability of tender on-line for bidding | | Last date & time of seeking tender clarification | Submission of original documents for verification | Date, time & venue of opening of tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Puri. | Online- 04 | 17.11.2018 at 11.00 A.M. | 30.11.2018 up to 3.00 P.M | 29.11.2018 up to 1.00 P.M | During office hours of working days from dt.01.12.2018 to 05.12.2018 up to 12.30 P.M. in the Office of the Executive Engineer, R.W.Division, Puri & Office of the Superintending Engineer, Central Circle, Rural Works, Bhubaneswar & R.W.Sub- Division, Pipili / Kanas. | 05.12.2018 at 12.30 P.M. Office of the E.E., R.W. Div ision, Puri. |

All other terms and conditions remain unaltered.

**25065/11/0012/1819** **Sd./- Executive Engineer, R.W. Division, Puri**

## BHUBANESWAR MUNICIPAL CORPORATION

**No.38515 COMPETITIVE BIDDING THROUGH e-Procurement Dt.12/11/18**

**NOTICE INVITING TENDER**

**Bid Reference No. BMC-EED-II-31/2018-19 Dt.12.11.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EED-II-31/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **8** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **3,42,176/- to Rs. 22,14,003/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 14.11.2018 to 5 P.M on 24.11.2018** for online bidding.
7. Bids received online will be opened at **11.30 A.M on 30.11.2018.** The bidder must possess valid and Compatible **Digital Signature Certificate** (**DSC**).
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**

**Executive Engineer**
**BMC Division No.-II**

**Progress Through Partnership for a Better Bhubaneswar**

OFFICE OF THE
**MUNICIPAL COUNCIL, NABARANGPUR**
**Nabarangpur (Odisha), Pin-764059**

**No. 2666/NM-2018** **Dated 13.11.2018**

**CORRIGENDUM**

As 19.11.2018 is declared as a local holiday the date of opening of tender paper pursuant to tender call notice No. 2652 dated 09.11.2018 and 2650 dated 09.11.2018 is reschedule on 20.11.2018 at 4 P.M.

**Sd./- Executive Officer, Nabarangpur, Municipality**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited from Contractors having valid Licence (Civil, Electrical and Labour), valid I.T PAN No and GST Registration Certificate for **TCN: 18 (A)** Construction of open store at 220/132KV Grid S/S, Jayanagar **TCN: 18(B)** Repairing and renovation of approach road in 220KV S/Y of Grid S/S, Jayanagar. **TCN: 18 (C)** Painting of equipment structure of Grid S/S, Jayanagar. Sealed Tenders are also invited from registered order suppliers / Manufacturers / their authorized dealers for **TCN: 18 (D)** Supply of different type of LED Tube light fittings for different S/D'S under EHT(O&M) Division, Jayanagar. Cost of tender paper are **Rs.2240.00, Rs.672.00, Rs.448.00** and **Rs.672.00** (non-refundable) in shape of Cash for Tender call No 18(A), 18(B), 18(C) and 18(D) respectively & EMD are of **Rs.5,000.00, Rs.2,000.00, Rs.500** and **Rs.2,000.00** in the shape of DD for Tender call No.18(A), 18(B), 18(C) and 18(D) respectively. Sale of tender documents from **Dt.14.11.2018** to upto **11:30AM** of **Dt.24.11.2018.** Last date of submission of tender on or before **Dt.24.11.2018** upto **05:00PM.** Tenders will be opened on **Dt.26.11.2018** at **11:30 AM,** at **12;30 PM,** at **1:00PM** and at **1:30 PM** for Tender call No 18(A), 18(B), 18(C) and 18(D) respectively. **Corrigendum, if any, will be published in the website only.** Sd/- **DGM (Ele.)**

Please connect us: optcl.odisha optcl_odisha energyodisha

## OFFICE OF THE EXECUTIVE ENGINEER RWS & S DIVISION, BARGARH

**Email :- eerwss_bgh@.nic.in, Ph (O):-06646 233220, FAX :- 06646 234626**

**No. 2987** **Dt. 30.10.2018**

**GOVERNMENT OF ODISHA "e" PROCUREMENT NOTICE**

**Bid Identification No 07 Dt 30.10.2018 of 2018-19**

**No.957-O:-** The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B 'or 'A' registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

| | | | |
|---|---|---|---|
| 1. | Name of the work | : | Execution of different RPW/S schemes under Bargarh District – 19 Nos |
| 2. | Approx. Estimated cost | : | Varies from Rs 48.80 lakh to 85.99 lakh |
| 3. | Date and time of availability of document in the portal | : | Dt 17.11.18 to Dt 10.12.2018 up to 5.00 P.M |
| 4. | Last date/ time for receipt of bids in the portal | : | Dt 10.12.2018 up to 5.00 P.M |
| 5. | Date & time of Opening of Tender | : | Dt 11.12.2018 at 11.00 A.M. |
| 6. | Name and address of the Officer Inviting Bid | : | Executive Engineer, RWS&S Division, Bargarh, District :- Bargarh |

Further details can be seen from the e-procurement portal "http//tendersorissa.gov.in".

The authority reserves the right to reject any or all the tenders without assigning any reason thereof.

**Executive Engineer**
**RWS&S Division, Bargarh**

**25157/11/0022/1819**

## OFFICE OF THE CHIEF CONSTRUCTION ENGINEER

**Upper Kolab Project, Bariniput, Dist, Koraput, ODISHA-764006**
email id: ccekolab@yahoo.com, Phone / FAX:06854-242035

No. 4511 Dated:- 12.11.2018

**1st corrigendum to e-Procurement Notice No. CCEUKP-03/2018-19**

No.758-A: Open bids invited for the work **"Construction of Parapet wall of the earth Dam of Telengiri Medium Irrigation Project"** vide e procurement notice no CCEUKP-03/2018-19, bid identification no UKP-THWD-01/03 of 2018-19 of this Office is here by cancelled.

**Sd./- Chief Construction Engineer,**
**Upper Kolab Project, Bariniput**

32197/11/0008/1819

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା ୨୯୪୧୮/ଭୁ.ଉ.କ., ଭୁବନେଶ୍ୱର ତା୦୨।୧୧।୧୮ ରିଖ

KNM-1646/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ଏମ୍.ଆଇ.ଜି. ପ୍ଲଟ୍ ନଂ. K7-107କୁ ଶ୍ରୀ ଶୁଭେନ୍ଦୁ କୁମାର ମିଶ୍ର, ପିତା: କସ୍ତୁରୀ ଚରଣ ମିଶ୍ର, ଗ୍ରାମ: ଖଣ୍ଡାୟତପାଟକିରା, ପୋଃ: ବାଘୁଣୀ, ଥାନା: ସାଲେପୁର, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶୁଭେନ୍ଦୁ କୁମାର ମିଶ୍ର ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ମନମୋହନ ପ୍ରଧାନ, ଗ୍ରାମ: ପିପଲମୁଣ୍ଡା, ପୋ: ବାମୁର, ଥାନା: କିଶୋରନଗର, ଜିଲ୍ଲା: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସୁବର୍ଣ୍ଣପୁର

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER

ZILLA SWASTHYA SAMITI, SUBARNAPUR

**Advt. No.: 4460** **Date: 13.11.2018**

**Contractual Engagement under NHM**

Applications are invited from the interested eligible candidates for filling of various posts under NHM in Subarnapur District on contractual basis for a term of 11 months with monthly remuneration as noted against each & also subject to renewal as per the society norms basing on the performance & subsistence of the programme. Performance incentive & other benefits are also admissible for all post as per NHM norms from time to time.

| Sl. No. | Name of the Post | Vacancy | Remuneration |
|---|---|---|---|
| 1 | Staff Nurse (DP/ NBSU/SNCU/KMC) | 27 (ST-10, SC-2, SEBC-3, UR-12, including PH-2 (VI-1, H-1) | Basic Pay- Rs. 14,362 + PI (Maximum 25%) |
| 2 | ANM (DP/NRC/ MHT) | 9 (ST-6, UR-3) | Basic Pay- Rs. 11,176 + PI (Maximum 25%) |

The above positions are purely temporary & also coterminous with the scheme. Canvassing in any form will render the candidates disqualified for the position. Interested candidates can log on to **www.subarnapur.nic.in** for eligibility criteria, age, educational qualification, selection procedure, application format etc. **& requested to submit the application to "Chief District Medical & Public Health Officer, Subarnapur** on or before **28.11.18** till 5.00 PM through register Post/Speed Post/Courier Service only. The envelope containing the application should superscribe on the top of the envelope **"Name of the Post Applied for......... under NHM, Subarnapur".** Numbers of Vacancies shown above are provisional & it may change at the time of actual appointment/posting. Further panel list of the candidates, will be prepared which can be utilized in future with same qualification & remuneration in the District. Preference will be given to the District candidate (Subarnapur) for the Post of Staff Nurse & ANM, in case of non availability of suitable candidates, other district candidates will be considered. Candidates are requested to log on to www.subarnapur.nic.in for further communication. No personal communication in any form will be entertained by the office.

The undersigned reserves the right to cancel any or all the applications without assigning any reason thereof.

**Sd./- CDM & PHO-cum-District Mission Director, Subarnapur**

## OFFICE OF THE EXECUTIVE ENGINEER, MANJORE IRRIGATION DIVISION, ATHMALLIK

**AT/PO- ATHMALLIK, DIST.- ANGUL (ODISHA), PIN-759125, E-mail ID- ee.manjore@gmail.com**

**AUCTION SALE NOTICE NO. MID - 01/2018 -19 Dated: 09.11.2018**

**No. 771-A:-** Sealed Tender on plain paper or letter are invited by the undersigned for disposal of the following Two nos. of Govt vehicle of Executive Engineer, Manjore Irrigation Division, Athmallik (Odisha) and lying at the respective location shown in the column 6 of the table below.

| S.N. | Type of vehicle | Registration No. | Up set price (Rs.) | EMD (Rs.) | Place of inspection / parking |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Mahindra jeep (diesel) | ORM-8571 | 14000 | 2800 | Garage at Manjore Irrigatin Division, Athmalik |
| 2 | Mahindra jeep (diesel) | OR 06A-7116 | 16000 | 3200 | Garage at Manjore Irrigatin Division, Athmalik |

1. The bidders should write "OFFER FOR AUCTION SALE OF GOVT. VEHICLE SL. No.____________ " on the top of the sealed envelope.
2. The intending bidders are inspect the above vehicles parked as mentioned above in column 6 between 11.00 AM to 04.00PM from 19.11.2018 to 18.12.2018 on all working days before submitting tender. Each tender must accompany an earnest money deposit shown in column 5 of the table shown in the shape of Bank Draft of any nationalized Bank drawn in favour of Executive Engineer, Manjore Irrigation Division, Athmallik which will be refunded to the unsuccessful bidders. The bid price offered shall not less than the minimum (upset ) price as mentioned above in the column 4 of the table in each case.
3. Tender must delivered on the tender box having Identification No. MID- 01 /2018-19.
4. Sealed tenders will be received from Dt. 08.12.2018 to 18.12.2018 in the office of the undersigned as well as in the office of the Sub Divisional officer , Sub Division No-II, Saradhapur.
5. Tender document delivered by registered / speed post must reach the undersigned on or before 18.12.2018 up to 05.00PM. The Executive Engineer, Manjore Irrigation Division, Athmallik will not be responsible for postal delay if any for delivery of the documents or non receipt of the same.
6. The tender will be opened on Dt. 19.12.2018 at 11.00AM By the Executive Engineer, manjore Irrigation Division, Athmallik in his office in the presence of the tenderers or their authorized representatives. If the last date of receipt or date of opening of tender declared is as a Govt. holidays, then the tenders will be receipt or opened on the next working day as per scheduled time. The undersigned will not be responsible regarding the late submission/ receive of tender paper in any manner.
7. Tender call submit for any one or for all the items. Separate envelope should be used for each individual items. Submission of more than one tender paper by a bidder for a particular work will be liable for rejection of all such tender paper.
8. Tender should submit attested copy of PAN card / Indentity card / Aadhar card along with his offer.
9. The highest tenderer, whose tender is accepted, shall deposit immediately 25% of the offered amount then & there as initial deposit i.e. by cash or Draft. He/She shall deposit the balance amount within fifteen days of the deposit of the initial amount. In case he/ she fails to deposit the total amount as per the tender within the stipulated time, the deposit including earnest money shall be forfeited. The EMD of the successful bidder can be adjusted at the time of final payment of tender value in time.
   VAT as admissible shall be paid on the bidding cost by the successful bidder.
10. The successful bidder shall take permission from Executive Engineer, Manjore Irrigation Division, Athmallik to remove the vehicle from the respective location as shown in column o6 of the table within seven days of deposit of the bid amount. On failure to remove the vehicle within afore said time span, ground rent @10% of the tender amount shall be charged for each day or part of the days removal of the vehicle from afore said location. If the ground rent so charged, exceed the sale price deposit, then the tender shall cease to have any right on the vehicle and the amount deposited by him shall be adjusted towards the ground rent. Tools implements of spare parts shall not be delivered with vehicle.
11. The authority reserves the right to reject any or all tenders without assigning any reason thereof.
12. The tender notice shall be available in Government Department website www.dowrodisha.gov.in

32198/11/0004/1819 *Executive Engineer, Manjore Irrigation Division, Athmallik*



ଦେଶରେ ଡାଟାକୁ ସଂରକ୍ଷଣ କରି ରଖିବାକୁ ସଂରକ୍ଷଣବାଦ୍ ବୋଲି କୁହାଯାଇପାରିବ ନାହିଁ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରାଯାଇପାରିବ।

**– ରସେସ ଶାହ, ପ୍ରେସିଡେଣ୍ଟ, ଫିକି**



ତେଲ ବିକ୍ରି ବନ୍ଦ ହେବା ପର୍ଯ୍ୟନ୍ତ ଇରାନ ବିରୋଧରେ ଆମେରିକା କଟକଣାକୁ କଠୋର କରିବ। ଏଥିପାଇଁ ପ୍ରୟାସ ଜାରି ରହିବ।

**– ଜନ୍ ବୋଲ୍ଟନ, ଜାତୀୟ ସୁରକ୍ଷା ଉପଦେଷ୍ଟା, ଆମେରିକା**

## ସଂକ୍ଷେପରେ

### ଜେଟ୍ ଏୟାରୱେଜକୁ କିଣିବା ଲାଗି ଟାଟା ଗ୍ରୁପ୍‌ର ଉଦ୍ୟମ

**ନୂଆଦିଲ୍ଲୀ,୧୩-୧୧:** ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜକୁ କିଣିବା ଲାଗି ଟାଟା ଗ୍ରୁପ୍ ଉଦ୍ୟମ କରୁଛି। ଏହି କ୍ରମରେ ଗ୍ରୁପ୍ ପକ୍ଷରୁ ଜେଟ୍ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଗ୍ରୁପ୍‌ର ଚିଫ୍ ଫାଇନାନ୍ସିଆଲ ଅଫିସର ସୌରଭ ଅଗ୍ରୱାଲଙ୍କ ନେତୃତ୍ୱରେ ଟାଟା ସନ୍ସ ଲିମିଟେଡ ଜେଟ୍ ଏୟାରୱେଜ ମାଲିକ ତଥା ଅଧକ୍ଷ ନରେଶ ଗୋଏଲଙ୍କ ସହ ଆଲୋଚନା ଆରମ୍ଭ କରିଛି। ସେହିପରି ଟାଟା ସନ୍ସର ଏକ ଦଳ ବିମାନ କମ୍ପାନୀର ପରିଚାଳନା, ଆର୍ଥିକ ସ୍ଥିତି ଆଦି ସମ୍ପର୍କରେ ପଚାରି ବୁଝୁଛି। ଜେଟ୍‌କୁ ଅଧିଗ୍ରହଣ କଲେ ଟାଟା ଗ୍ରୁପ୍‌ର ବଜାର ଅଂଶ ୨୪% ବୃଦ୍ଧି ପାଇବ। ଉଲ୍ଲେଖଥାଉ କି, ଆର୍ଥିକ ସଙ୍କଟରୁ ମୁକ୍ତି ପାଇବା ଲାଗି ଗୋଏଲ ଜେଟ୍ ଏୟାରୱେଜର ଅଂଶଧନ ବିକ୍ରି କରିଦେବା ଲାଗି ଟାଟା ଗ୍ରୁପ୍ ସହ ବହୁ ନିବେଶକଙ୍କୁ ଆହ୍ୱାନ ଦେଇଥିଲେ। ବିମାନ କମ୍ପାନୀର ନିୟନ୍ତ୍ରଣ ଏହାର ମାଲିକ ଗୋଏଲ ଛାଡ଼ିବାକୁ ରାଜି ହେଲେ ଟାଟା ଭାବି ଦେଖିବ ବୋଲି ପୂର୍ବରୁ ଗ୍ରୁପ୍ ପକ୍ଷରୁ କୁହାଯାଇଥିଲା।

### ଆମ୍ରପାଲିର ସମ୍ପତ୍ତି ଜବତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୩-୧୧:** ରିଏଲ ଇଷ୍ଟେଟ କମ୍ପାନୀ ଆମ୍ରପାଲି ଗ୍ରୁପ୍ ବିରୋଧରେ ସୁପ୍ରିମକୋର୍ଟ ମଙ୍ଗଳବାର ଏକ କଠୋର ନିଷ୍ପତ୍ତି ନେଇଛନ୍ତି। ସର୍ବୋଚ୍ଚ ଅଦାଲତ ତାଙ୍କ ଅନ୍ତରୀଣ ରୁଲିଂରେ ଉକ୍ତ ଗ୍ରୁପ୍‌ର ହସ୍ପିଟାଲ ଓ ଅନ୍ୟ ସମ୍ପତ୍ତିକୁ ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୋଆରେ ଥିବା ଏହାର ସମ୍ପତ୍ତିକୁ ବିକ୍ରି କରିବା ଏବଂ କର୍ପୋରେଟ୍ ଅଫିସର ଟାୱାରକୁ ଜବତ କରିବାକୁ କହିଛନ୍ତି। ହଜାର ହଜାର ନିବେଶକଙ୍କ ଅର୍ଥ ହଡପ କରିଥିବା ନେଇ ଆମ୍ରପାଲି ଗ୍ରୁପ୍ ବିରୋଧରେ ଅଭିଯୋଗ ହୋଇଛି। ଅତୀତରେ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଗ୍ରୁପ୍ ବିରୋଧରେ ବହୁବାର କଡ଼ା ଟିପ୍ପଣୀମାନ ଦେଇସାରିଛନ୍ତି। ଗ୍ରୁପ୍‌ର ପର୍ଦ୍ଦାଫାଶ ହେବା ଦରକାର ବୋଲି ସୁପ୍ରିମକୋର୍ଟ କହିଥିଲେ। ହୋମ ବାୟର୍ସଙ୍କ ଅର୍ଥକୁ ଆମ୍ରପାଲି ହେରଫେର କରିଥିବା କୁହାଯାଇଛି।

# ଫ୍ଲିପ୍‌କାର୍ଟ ସିଇଓ ପଦରୁ ବିନ୍ନିଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୩-୧୧**

**ଦୁର୍ବ୍ୟବହାର ଅଭିଯୋଗ**

- ୱାଲମାର୍ଟ ସହ କମ୍ପାନୀର ମିଳିତ ତଦନ୍ତ ଆରମ୍ଭ
- ବିନ୍ନିଙ୍କ ପକ୍ଷ ଦୁର୍ବଳ ଥିଲା
- କଲ୍ୟାଣ କ୍ରିଷ୍ଣମୂର୍ତ୍ତିଙ୍କୁ ସିଇଓ ଦାୟିତ୍ୱ




ଦେଶର ଶୀର୍ଷ ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟର ଗ୍ରୁପ୍ ସିଇଓ ବିନ୍ନି ବଂଶଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୱାଲମାର୍ଟ ଅଧିଗ୍ରହଣ କରିବାର ମାତ୍ର ୬ ମାସ ପରେ କମ୍ପାନୀରେ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମ ଦେଖିବାକୁ ମିଳିଥିଲା। ବନ୍ଧୁ ସଚିନ ବଂଶଲଙ୍କ ସହିତ ମିଶି ବିନ୍ନି ଫ୍ଲିପ୍‌କାର୍ଟକୁ ପ୍ରତିଷ୍ଠା କରିଥିଲେ। କିନ୍ତୁ ଅଧିଗ୍ରହଣ ପୂର୍ବରୁ ସଚିନ କମ୍ପାନୀରୁ ଓହରି ଯାଇଥିଲେ। ବିନ୍ନିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆସିଛି। ତେବେ ଇସ୍ତଫା ପରେ ସେ କମ୍ପାନୀ ବୋର୍ଡରେ ରହିବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ବ୍ୟକ୍ତିଗତ ଦୁର୍ବ୍ୟବହାର ଅଭିଯୋଗ ଅଣାଯିବା ପରେ ଉଭୟ ଫ୍ଲିପ୍‌କାର୍ଟ ଓ ୱାଲମାର୍ଟ ପକ୍ଷରୁ ମିଳିତ ଭାବେ ଏକ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ ରିପୋର୍ଟ ଆସିବା ପୂର୍ବରୁ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ଆଗତ ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଯାଞ୍ଚ ବେଳେ ବିନ୍ନିଙ୍କ ବ୍ୟବହାରରୁ ତାଙ୍କ ବିରୋଧରେ ଆଗତ ଅଭିଯୋଗର ସତ୍ୟତା ରହିଥିବା ମନେ କରାଯାଉଛି। ୱାଲମାର୍ଟ ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ, ବିନ୍ନି ମଙ୍ଗଳବାର ସିଇଓ ପଦରୁ ଇସ୍ତଫା ଦେଇଛନ୍ତି। ଫ୍ଲିପ୍‌କାର୍ଟ ପ୍ରତିଷ୍ଠା କରିବାରେ ସେ ଅନେକ ପରିଶ୍ରମ କରିଥିଲେ। ଆରମ୍ଭରୁ ସେ ଏହି କମ୍ପାନୀରେ ନିଜକୁ ସମ୍ପୂର୍ଣ୍ଣ ସାମିଲ କରିଥିଲେ। କିନ୍ତୁ ନିକଟ ଅତୀତରେ ସଂଘଟିତ ଘଟଣା ତାଙ୍କୁ ବିଚଳିତ କରିଥିଲା। ସେ ବ୍ୟକ୍ତିଗତ ଭାବେ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ଅଣାଯାଇଛି। ଏହାର ଏବେ ଯାଞ୍ଚ ଆରମ୍ଭ ହୋଇଛି। ୱାଲମାର୍ଟ ପକ୍ଷରୁ କୁହାଯାଇଛି ଯେ, କଲ୍ୟାଣ କ୍ରିଷ୍ଣମୂର୍ତ୍ତି ଏବେ ଫ୍ଲିପ୍‌କାର୍ଟର ସିଇଓ ଭାବେ ଦାୟିତ୍ୱ ତୁଲାଇବେ ଏବଂ ମିନ୍ତ୍ରା ଏବଂ ଜବଙ୍ଗକୁ କମ୍ପାନୀରେ ସାମିଲ କରାଯାଇଥିଲେ ହେଁ ଏହା ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବ। ସେହିଭଳି ଅନନ୍ତ ନାରାୟଣନ ମିନ୍ତ୍ରା ଓ ଜବଙ୍ଗର ସିଇଓ ଭାବେ କାର୍ଯ୍ୟ ତୁଲାଇବେ। ଫୋନ ପେର ସିଇଓ ଭାବେ ସମୀର ନିଗମ ଦାୟିତ୍ୱରେ ରହିବେ। ଉଭୟ କଲ୍ୟାଣ ଓ ସମୀର ବୋର୍ଡ ନିକଟରେ ଉତ୍ତରଦାୟୀ ରହିବେ।

### ୨୦୧୮-୧୯ ଅର୍ଦ୍ଧବାର୍ଷିକ ଫଳାଫଳ

# ନାଲ୍‌କୋର ନିଟ୍‌ଲାଭ ୩ ଗୁଣ ବଢ଼ିଲା

**ଭୁବନେଶ୍ୱର,୧୩-୧୧**

ନାଲ୍‌କୋ NALCO National Aluminium Company Limited

ଦେଶର ଅନ୍ୟତମ ନବରତ୍ନ କମ୍ପାନୀ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ) ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଫଳାଫଳ ଘୋଷଣା କରିଛି। କମ୍ପାନୀ ଏହି ସମୟରେ ୫୯୫୨ କୋଟି ଟଙ୍କାର ଟର୍ନଓଭର ଲାଭ ହାସଲ କରିଛି, ଯାହାକି,୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ୪୨ ପ୍ରତିଶତ ଅଧିକ। ଅପରେଟିଂ ଲାଭ ୪ ଗୁଣା ବୃଦ୍ଧି ପାଇଛି। ସେହିପରି କମ୍ପାନୀର ନିଟ୍ ଲାଭ ପ୍ରାୟ ୩ ଗୁଣ ବୃଦ୍ଧି ପାଇଛି।

ଗତ ଆର୍ଥିକ ବର୍ଷ ତୁଳନାରେ କମ୍ପାନୀ ୩୩୪ କୋଟି ଟଙ୍କାର ନିଟ୍‌ଲାଭ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଲାଭ ପରିମାଣ ୩ଗୁଣା ବୃଦ୍ଧି ପାଇବା ସହିତ ୧୬୨୪ କୋଟି ଟଙ୍କାରେ ପହଞ୍ଚିଛି। ଯାହାକି ପ୍ରାୟ ୩୪% ରହିଛି। ମଙ୍ଗଳବାର ଏଠାରେ କମ୍ପାନୀ ବୋର୍ଡ ବୈଠକରେ ୨୦୧୮-୧୯ଆର୍ଥିକ ବର୍ଷର ପ୍ରଥମ ୬ ମାସ ତଥା ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଆୟବ୍ୟୟ ହିସାବକୁ ଅନୁମୋଦନ କରାଯାଇଛି। ପୂର୍ବବର୍ଷରେ ୨୩୫ କୋଟି ଟଙ୍କା ନିଟ୍‌ଲାଭ ହୋଇଥିବା ବେଳେ ଚଳିତ ବର୍ଷ ଏହା ୫୧୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଅପରେଟିଂ ଲାଭ ଗତବର୍ଷର ୨୨୩ କୋଟି ଟଙ୍କା ତୁଳନାରେ ୨୨୯ପ୍ରତିଶତ ବୃଦ୍ଧି ପାଇ ୭୩୫ କୋଟି ଟଙ୍କାରେ ପହଞ୍ଚିଛି। ଆଲୁମିନା ଏବଂ ଆଲୁମିନିୟମ ବଜାରରେ ଆମେରିକାର କଟକଣା ସତ୍ତ୍ୱେ ନାଲ୍‌କୋ ପକ୍ଷରୁ ଗତ ଦେଢ଼ବର୍ଷ ପୂର୍ବେ ପ୍ରଣୀତ ନୂତନ ବ୍ୟବସାୟିକ ମଡେଲ ଆପଣାଇ ନିଟ୍‌ଲାଭରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନିଟ୍‌ଲାଭ ୧୨୯ କୋଟି ଟଙ୍କା ହୋଇଥିବା ବେଳେ ଚଳିତ ବର୍ଷର ଏହି ସମୟରେ ଏହା ୬୮୭ କୋଟି ଟଙ୍କା ହୋଇଛି। ନାଲ୍‌କୋର ସଫଳତା ଦ୍ୱିତୀୟ ତ୍ରୈମାସରେ ମଧ୍ୟ ଜାରି ରହିଛି। ଅଧକ୍ଷ ଡ.ତପନ କୁମାର ଚାନ୍ଦଙ୍କ ନେତୃତ୍ୱରେ ନିଷ୍ଠାପର ଓ ନିରନ୍ତର ପ୍ରୟାସ ବଳରେ ଚଳିତ ଆର୍ଥିକ ବର୍ଷରେ ରେକର୍ଡ ଟର୍ନଓଭର ଲାଭ କରିବାକୁ ନାଲ୍‌କୋ ଦୃଢ଼ ଆଶାବାଦୀ ଥିବା କହିଛି।

### ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ମିଳିବ ବିଦେଶୀ ଟଙ୍କା

# ଚାଇନା ବ୍ୟାଙ୍କ ୨୦ କୋଟି ଡଲାରର ପାଣ୍ଠି ଗଠନ କଲା

**ବେଜିଂ,୧୩-୧୧**

ନଗଦ ସଙ୍କଟ ଯୋଗୁ ଦେଶର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଗୁଡିକ ପାଣ୍ଠି ଅଭାବରେ ଆଗେଇ ପାରୁନାହାନ୍ତି। ସେମାନଙ୍କୁ ପାଣ୍ଠି ଦେବା ଲାଗି ଏବେ ଚାଇନାର ସର୍ବବୃହତ ବ୍ୟାଙ୍କ ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନା(ଆଇସିବିସି) ୨୦ କୋଟି ଡଲାରର ଏକ ପାଣ୍ଠି ଗଠନ କରିଛି। ବ୍ୟାଙ୍କ ଏହି ପାଣ୍ଠି ଜରିଆରେ ଏମ୍‌ଏସ୍‌ଏମ୍‌ଇରେ ନିବେଶ କରିବ। ଆଇସିବିସି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚେଙ୍ଗ୍ ୱିନ୍ ଏଠାରେ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଦ୍ୱିତୀୟ 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ନିବେଶ ସମ୍ମିଳନୀରେ ଯୋଗ ଦେଇ ଭାରତୀୟ ଷ୍ଟାର୍ଟ ଅପ୍ ଉପରେ ପାରିପାର୍ଶ୍ୱିକ ସ୍ଥିତିର ପ୍ରଭାବ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇରେ ନିବେଶ ଲାଗି ଆଇସିବିସି ଇଣ୍ଡିଆ ୨୦ କୋଟି ଡଲାରର ଏକ ପାଣ୍ଠି ଗଠନ କରାଯାଇଛି ବୋଲି ଜଣାଇଥିଲେ। ଉଲ୍ଲେଖଥାଉ କି, ବଜାର ପୁଞ୍ଜି ହିସାବରେ ଆଇସିବିସି ଚାଇନାର ଶୀର୍ଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଥିବା ବେଳେ ୨୦୧୧ରେ ଏହା ମୁମ୍ବାଇରେ ନିଜର ଶାଖା ଖୋଲିଥିଲା। ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୩୫୦ ପୁଞ୍ଜିନିବେଶକାରୀ ଏଥିରେ ଯୋଗ ଦେଇଥିଲେ। ଏହାଛଡା ୨୦ ଭାରତୀୟ ଷ୍ଟାର୍ଟଅପ୍ ଓ ୪୨ ଉଦ୍ୟୋଗ ଏଥିରେ ଅଂଶଗ୍ରହଣ କରିଥିଲେ।

### ଆର୍ସେଲର ମିତ୍ତଲଙ୍କୁ ଓଡ଼ିଶା ଷ୍ଟିଭେଡର୍ସର ବିରୋଧ

**ନୂଆଦିଲ୍ଲୀ,୧୩-୧୧**

ଦେବାଳିଆ ଆଇନ ଅଧୀନରେ ଋଣ ସମାଧାନ ପ୍ରକ୍ରିୟାର ସମ୍ମୁଖୀନ ହୋଇଥିବା ଏସାର୍ ଷ୍ଟିଲ୍‌କୁ ଅଧିଗ୍ରହଣ କରିବା ଲାଗି ଆର୍ସେଲର ମିତ୍ତଲର ସ୍ୱପ୍ନ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି କମ୍ପାନୀ ବିରୋଧରେ ଅନ୍ୟତମ ଋଣ ପ୍ରଦାନକାରୀ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିଛି। ଏଥିରେ ଏସାର ଷ୍ଟିଲ୍‌କୁ ଆର୍ସେଲର ମିତ୍ତଲର ଅଧିଗ୍ରହଣକୁ ବିରୋଧ କରାଯାଇଛି। ଏସାର୍ ଷ୍ଟିଲ୍‌ର ଶେୟାରଧାରକଙ୍କ ଦ୍ୱାରା ଦିଆଯାଇଥିବା ଋଣ ସମାଧାନ ପ୍ରସ୍ତାବକୁ ଗ୍ରହଣ କରାଯାଉ। ଏସାର ଷ୍ଟିଲ୍‌କୁ ଓଡ଼ିଶା ଷ୍ଟିଭେଡର୍ସ ୨୦.୪୬ କୋଟି ଟଙ୍କା ଋଣ ଦେଇଥିଲା।

# ୟୁନିୟନ ବ୍ୟାଙ୍କ କର୍ମଚାରୀଙ୍କୁ ମିଳିବ ଶେୟାର

**ନୂଆଦିଲ୍ଲୀ,୧୩-୧୧**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବୋର୍ଡ କର୍ମଚାରୀଙ୍କୁ ବ୍ୟାଙ୍କର ଶେୟାର ଜାରି କରିବାକୁ ଅନୁମତି ପ୍ରଦାନ କରିଛି। ଏହାକୁ ବିକ୍ରି କରି ବ୍ୟାଙ୍କ ୬୦୦ କୋଟି ଟଙ୍କା ଯୋଗାଡ଼ କରାଯିବ। ଷ୍ଟକ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାନୁଯାୟୀ କର୍ମଚାରୀ ଶେୟାର କ୍ରୟ ଯୋଜନା(ଇଏସ୍‌ପିଏସ୍) ଅଧୀନରେ ଶେୟାର ଜାରି କରାଯିବ। ଫଳରେ ବ୍ୟାଙ୍କ ଉକ୍ତ ଟଙ୍କା ହାସଲ କରିବ। ଏଥିଲାଗି କର୍ମଚାରୀଙ୍କୁ ଥରକେ ଅଥବା ଏକାଧିକ ଥର ଶେୟାର ପ୍ରଦାନ କରାଯିବ। ବ୍ୟାଙ୍କ ବୋର୍ଡରେ ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।


MCL

**ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍**

(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2018_MCL_119433_1 | Renovation of track of Railway in-motion weigh bridge No-VII at Bharatpur OCP. | 915361.00 |
| 2 | 2018_MCL_119507_1 | PROCUREMENT OF SPARES FOR D 11T DOZERS | 219555.00 |
| 3 | 2018_MCL_119667_1 | PROCUREMENT OF HOSE KIT AND VALVE SOLENOID FOR TATA 1200 HYD EXCAVATOR | 1016328.00 |
| 4 | 2018_MCL_119610_1 | Hiring of One (1) Jeep (Bolero, Sumo or its equivalent) for movement of RPF personnel from Jharsuguda to MCL Sardega Siding Basundhara Area for 24hrs per day duty for six months (180 days) | 299160.00 |
| 5 | 2018_MCL_119652_1 | Hiring of One (1) Jeep (Bolero / Sumo or its equivalent) fitted with AC for B(W) OCP shift duty for 12 hrs per day duty for two years at Basundhara Area (682 days) | 685410.00 |
| 6 | 2018_MCL_119656_1 | Hiring of One (1) Jeep (Bolero / Sumo or its equivalent) fitted with AC for B(W) OCP for 12 hrs per day duty for two years at Basundhara Area (682 days). | 685410.00 |
| 7 | 2018_MCL_119664_1 | Hiring of One (1) Jeep (Scorpio / Xylo or its equivalent) fitted with AC for pool duty for 12 hrs per day duty for two years at Basundhara Area (682 days). | 685410.00 |
| 8 | 2018_MCL_119665_1 | Hiring of 1 Camper (4 plus 1 seater), Pick-up or equivalent for 12 hrs per day duty at KOCP for two years at Basundhara Area (682 days). | 650628.00 |
| 9 | 2018_MCL_119739_1 | Cleaning, Upkeeping of Transit House, Senior Transit house and Catering Service including the cost of consumables and labour etc., for a period of two years at NTPC Permanent Township stage-II under Kaniha OCP of Kaniha Area | 3509330.00 |
| 10 | 2018_MCL_119745_1 | Hiring of a School Bus (52 plus 1 seater) for 12 hours duty for use under Ananta OCP, Jagannath Area for 560 days in a period of 02 (two) years. | 1579760.00 |
| 11 | 2018_MCL_119753_1 | Making of Temporary 2 nos of Rooms with Verandha for Kaniha Coal Analysis Laboratory at Kaniha OCP of Kaniha Area | 783124.00 |
| 12 | 2018_MCL_119765_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Ananta OCP, Jagannath Area for 682 days in a period of 02 (two) years. | 1231010.00 |
| 13 | 2018_MCL_119658_1 | Annual cleaning, up keeping of GM office building including maintenance of garden inside GM office premises at Lakhanpur Area. | 1379302.00 |
| 14 | 2018_MCL_119799_1 | Regular repairing and maintenance of Electrical points of lights, fans, street lights, power points for water coolers, air conditioners, refrigerators etc including power supply through overhead lines and cables of Central Hospital, Doctors Colony, | 2249579.00 |
| 15 | 2018_MCL_119706_1 | Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 24 Hrs. Duty and Average run of 120 KM Per Day) for Orient Area, MCL, for Two years (706 working days) | 2859300.00 |
| 16 | 2018_MCL_119809_1 | RENOVATION OF NETAJEE BHAWAN UNDER ORIENT SUB AREA | 1680943.00 |
| 17 | 2018_MCL_119371_1 | Supply of IV Stand for NSCH,Talcher. | 150000.00 |
| 18 | 2018_MCL_119775_1 | PROCUREMENT OF SPARES FOR TATA HITACHI-86 EXCAVATOR | 101966.00 |
| 19 | 2018_MCL_119815_1 | Repair and maintenance of Rest Shelters at AOCP under Jagannath Area. | 629860.00 |
| 20 | 2018_MCL_119820_1 | Cleaning of slush and spreading of sand on various Junction at Coal Transportation Road under Bhubaneswari OCP, Jagannath Area for a period of 01(one) year. | 2529337.00 |
| 21 | 2018_MCL_119828_1 | Renovation and Maintenance of Compound Wall near New B-Type Quarters at Ananta Vihar Colony of Ananta OCP under Jagannath Area. | 769787.00 |
| 22 | 2018_MCL_119844_1 | Hiring of 03 nos. of Mahindra Bolero / Tata Pick up or equivalent cabin seat 4 plus 1 and minimum 1 (one) Ton Load capacity in rear load body for 24 hours duty for use at Jagannath OCP, Jagannath Area for 682 days in a period of 02 (two) years. | 3580500.00 |
| 23 | 2018_MCL_119839_1 | Upkeeping of 36 Nos. C type and 6 Nos. B type colony under Jagannath Area for a period of two years. (Re tender) | 345721.00 |
| 24 | 2018_MCL_119854_1 | Hiring of a School Bus (52 plus 1 seater) for 12 hours duty for use under Jagannath OCP, Jagannath Area for 560 days in a period of 02 (two) years. | 1513120.00 |
| 25 | 2018_MCL_119967_1 | PROCUREMENT OF GEAR COUPLING AND TYRE COUPLING SPARES | 1489336.00 |
| 26 | 2018_MCL_119932_1 | Operation of valves for GM office and residential quarters of GM complex at Jagannath Area for a period of 02(two) years. | 733051.00 |
| 27 | 2018_MCL_119947_1 | Cleaning and Upkeeping of 06 Nos D-Type quarters at Ananta Vihar Colony of Ananta OCP under Jagannath Area for a period of 02(two) years. | 1198863.00 |
| 28 | 2018_MCL_119962_1 | Cleaning of Road from Dera Chhak to GVTC chhak under Jagannath Area for a period of 01(one) year. | 918825.00 |
| 29 | 2018_MCL_119936_1 | Annual Cleaning, Upkeeping and Gardening of Kalyan Mandap under Ib Valley Area | 2357776.00 |
| 30 | 2018_MCL_119940_1 | Renovation of Land Acquisition office (Qtr No. B-6) inside GM Complex of Ib Valley Area | 305893.00 |
| 31 | 2018_MCL_119948_1 | Safety forthnight related civil work at SOCP under Ib Valley Area | 614682.00 |
| 32 | 2018_MCL_119966_1 | Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent SUV, max 4000 Km run per month, 24 hrs duty for two year (341 days per year) for SOCP, IB Valley Area. | 1435030.00 |
| 33 | 2018_MCL_119952_1 | Procurement of Spares of Protection India starter for Nandira Colliery MCL Talcher Area. | 236765.00 |
| 34 | 2018_MCL_120019_1 | PROCUREMENT OF TONER CARTRIDGE FOR SHARP PHOTOCOPIER MACHINE | 21309.00 |
| 35 | 2018_MCL_119917_1 | Supply of Dental materials and appliances for NSCH, Talcher. | 128820.00 |
| 36 | 2018_MCL_120075_1 | PROCUREMENT OF SPARES FOR IR MAKE FEEDER BREAKER | 1285297.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4859

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।





**ଓଡ଼ିଶାର ପ୍ରଥମ ଗ୍ରାମାଞ୍ଚଳ ଡାଇଲିସିସ୍ କେନ୍ଦ୍ର**

**(ବଡ଼ମ୍ବା ନରସିଂହପୁରର କିଡ୍‌ନୀ ଆକ୍ରାନ୍ତଙ୍କ ପାଇଁ ନିଃଶୁଳ୍କ ସେବା)**

**ନରସିଂହପୁର ଡାକ୍ତରଖାନାରେ ଶୁଭ ଲୋକାର୍ପଣ**





**ତାରିଖ - ୧୪।୧୧।୧୮**

**ସମୟ - ମଧ୍ୟାହ୍ନ - ୧୨.୦୫ ମିନିଟ୍**



ମୁଖ୍ୟ ଅତିଥି- **ଶ୍ରୀ ପ୍ରତାପ ଜେନା** ମାନ୍ୟବର ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ

ବିଶିଷ୍ଟ ଅତିଥି- **ଶ୍ରୀ ଭର୍ତ୍ତୃହରି ମହତାବ** ମାନ୍ୟବର କଟକ ସାଂସଦ

ପୌରୋହିତ୍ୟ- **ଶ୍ରୀ ଦେବୀପ୍ରସାଦ ମିଶ୍ର** ମାନ୍ୟବର ବିଧାୟକ, ବଡ଼ମ୍ବା

ଏଥି ସହିତ ମାଣିଆବନ୍ଧ, ବଡ଼ମ୍ବା, ଯୋଡୁମ (ଜିଲିଣ୍ଡା), କାନପୁର ଓ ନରସିଂହପୁର ଡାକ୍ତରଖାନାମାନଙ୍କର ଭିତ୍ତିଭୂମି ଉନ୍ନତୀକରଣର ଶିଳାନ୍ୟାସ, ମଣିଆବନ୍ଧ, ବଡ଼ମ୍ବା ଡାକ୍ତରଖାନାରେ ବ୍ଲଡ୍ ଆନାଲାଇଜର ପ୍ରଦାନ, ବିଶ୍ୱ ମଧୁମେହ ଦିବସରେ ବୃକ୍କ ଓ ସହଜାତ ରୋଗ ପାଇଁ ପରୀକ୍ଷଣ ଓ ପରାମର୍ଶ ଶିବିର ନରସିଂହପୁରରେ ଅନୁଷ୍ଠିତ ହେବ।

ଆପଣଙ୍କୁ ସାଦର ଆମନ୍ତ୍ରଣ

: ଆୟୋଜକ :

**ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କଟକ**



“ସ୍ପାନିଶ ଫୁଟ୍‌ବଲ ଲିଗ୍ ଲା ଲିଗା ପାଇଁ ଲିଓନେଲ ମେସିଙ୍କଠାରୁ ଅନ୍ୟ କେହି ଅଧିକ କରି ନାହାନ୍ତି। ତାଙ୍କ ନାମରେ ପୁରସ୍କାର ବ୍ୟବସ୍ଥା କରାଯିବା ଉଚିତ।
–ଜାଭିଏର ଟେବାସ, ଲା ଲିଗା ସଭାପତି



“ନଭେମ୍ବର ୧୫ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ମହିଳା ବକ୍ସିଂ ବିଶ୍ୱକପ୍‌ରେ ଭାରତ ଅତି କମ୍‌ରେ ତିନୋଟି ପଦକ ଜିତିବା ଲକ୍ଷ୍ୟ ରଖିଛି।
–ସାଣ୍ଟିଆଗୋ ନିଭା, ହାଇପରଫର୍ମାନ୍ସ ଡାଇରେକ୍ଟର

## ସଂକ୍ଷେପରେ

### ଟେଲରଙ୍କ ଶତକ ସତ୍ତ୍ୱେ ବାଂଲାଦେଶର ସ୍ଥିତି ଦୃଢ଼

**ଢାକା, ୧୩।୧୧ (ଏଏଫ୍‌ପି):** ବ୍ରେଣ୍ଡନ ଟେଲରଙ୍କ ଲଢୁଆ ଶତକ ସତ୍ତ୍ୱେ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମଙ୍କ ୫ ଉଇକେଟ ସଫଳତା ଯୋଗୁ ଏଠାରେ ଚାଲିଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟରେ ବାଂଲାଦେଶର ସ୍ଥିତି ସୁଦୃଢ଼ ରହିଛି। ବାଂଲାଦେଶର ପ୍ରଥମ ଇନିଂସ ବିଶାଳ ସ୍କୋର ୫୨୨/୭ ସ୍କୋର ଜବାବରେ ଜିମ୍ବାୱେ ୩୦୪ ରନ କରି ଅଲଆଉଟ ହୋଇଯାଇଛି। ଫଳରେ ଘରୋଇ ଦଳ ୨୧୮ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଜିମ୍ବାୱେ ଯଦି ଏହି ମ୍ୟାଚ ଡ୍ର ରଖେ ତେବେ ୭ ବର୍ଷରେ ପ୍ରଥମ ଥର ଏକ ଟେଷ୍ଟ ସିରିଜରେ ବିଜୟ ଲାଭ କରିବ। ଦଳ ସିଲ୍‌ହେଟ୍‌ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ୧୫୧ ରନରେ ବିଜୟ ଲାଭ କରିଥିଲା। ଭ୍ରମଣକାରୀ ଦଳ ପ୍ରାୟ ଦୁଇ ଦଶନ୍ଧି ଧରି ବିଦେଶରେ ଏକ ଟେଷ୍ଟ ସିରିଜ ଜିତିପାରି ନାହିଁ। ତାଇଜୁଲଙ୍କ ଅନ୍ତିମ ଶିକାର ହୋଇଥିଲେ ରେଗିସ୍ ଚକାବଭା (୧୦ରନ)। ଏହି ଖେଳାଳିଙ୍କ ଆଉଟ ସହ ଜିମ୍ବାୱେ ପ୍ରଥମ ଇନିଂସ ଶେଷ ହୋଇଥିଲା। ଇଞ୍ଜୁରି ଯୋଗୁ ଶେଷ ବ୍ୟାଟ୍ସମ୍ୟାନ ଟେଣ୍ଡାଇ ଚାଟରା ବ୍ୟାଟିଂ କରିବା ଲାଗି ଆସି ନ ଥିଲେ। ଜିମ୍ବାୱେ ଏକଦା ୫ ଉଇକେଟ ବିନିମୟରେ ୧୧୩ ରନ କରି ସଙ୍କଟରେ ପଡ଼ିଥିଲା। ମାତ୍ର ଟେଲରଙ୍କ ୧୯୪ ବଲ୍‌ରୁ ୧୧୦ ରନ ଏବଂ ପିଟର ମୁର୍‌ଙ୍କ କ୍ୟାରିୟର ଶ୍ରେଷ୍ଠ ୮୩ ରନ ଯୋଗୁ ଦଳର ସ୍ଥିତିରେ ସୁଧାର ଆସିଥିଲା। ଉଭୟେ ୬ଷ୍ଠ ଉଇକେଟରେ ୧୩୯ ରନ ଯୋଗ କରିଥିଲେ। ଏହି ଯୋଡ଼ିକୁ ଆରିଫୁଲ୍ ହକ୍ ଭଙ୍ଗ କରିଦେଇଥିଲେ। ସେ ମୁର୍‌ଙ୍କୁ ଏଲବିଡବ୍ଲ୍ୟୁ କରିଦେଇଥିଲେ। ମୁର୍‌ଙ୍କର ଏହାଥିଲା କ୍ରମାଗତ ଦ୍ୱିତୀୟ ଏବଂ ୫ମ ଟେଷ୍ଟ ଅର୍ଦ୍ଧଶତକ। ସେ ୧୨ ଚୌକା ଓ ଗୋଟିଏ ଛକା ଲଗାଇଥିଲେ।
**ସଂକ୍ଷିପ୍ତ ସ୍କୋର:** ବାଂଲାଦେଶ ପ୍ରଥମ ଇନିଂସ: ୫୨୨/୭, ଘୋଷଣା। **ଜିମ୍ବାୱେ ପ୍ରଥମ ଇନିଂସ:** ୩୦୪/ଅଲଆଉଟ (ବ୍ରେଣ୍ଡନ ଟେଲର-୧୧୦, ପିଟର ମୁର୍-୮୩, ବ୍ରାଏନ ଚାରି-୫୩; ତାଇଜୁଲ ଇସ୍‌ଲାମ-୫/୧୦୭, ମେହିଦି ହସନ-୩/୬୧)।

# ସିଧା ଅଷ୍ଟ୍ରେଲିଆ ଯିବେ ରୋହିତ୍

ନୂଆଦିଲ୍ଲୀ, ୧୩।୧୧ (ପି.ଟି.)



ବ୍ୟସ୍ତବହୁଳ କ୍ରିକେଟ ଓ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଭାରତୀୟ ତାରକା ଓପନର ରୋହିତ ଶର୍ମାଙ୍କୁ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଅନଅଫିସିଆଲ ଟେଷ୍ଟ ମ୍ୟାଚରୁ ବିଶ୍ରାମ ଦିଆଯାଇଛି। ଯଦିଓ ତାଙ୍କୁ ଏହି ମ୍ୟାଚ୍ ପାଇଁ ପୂର୍ବରୁ ଦଳରେ ସାମିଲ କରାଯାଇଥିଲା। ରୋହିତ ଇତିମଧ୍ୟରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ସେ ଭାରତୀୟ ଟି୨୦ ଦଳ ସହ ଶୁକ୍ରବାର ସିଧା ଅଷ୍ଟ୍ରେଲିଆ ଯିବେ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ରୋହିତଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନ କମିଟି ସହ ଆଲୋଚନା କରି ମେଡିକାଲ ଟିମ୍ ଏହି ପରାମର୍ଶ ଦେଇଛି। ରୋହିତ୍‌ଙ୍କ ଉପରୁ କାର୍ଯ୍ୟଭାର କମାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ସୀମିତ ଓଭର କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରି ରୋହିତ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଏହି ୪ ଦିନିଆ ମ୍ୟାଚ୍ ପାଇଁ ରୋହିତ ଆଜିଙ୍କ୍ୟ ରାହାନେ, ମୁରଲୀ ବିଜୟ, ହନୁମା ବିହାରୀ, ପାର୍ଥିବ ପଟେଲ ଓ ପୃଥ୍ୱୀ ଶଙ୍କ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବା ଭାରତୀୟ ବ୍ୟାଟ୍ସମ୍ୟାନ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଭାରତ ଏ' କୋଚ୍ ରାହୁଲ ଦ୍ରାବିଡ କହିଛନ୍ତି।

ଭାରତ ଏ' ଦଳରେ ରୋହିତ୍‌ଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇ ନାହିଁ। ଡିସେମ୍ବର ୬' ତାରିଖରେ ଆଡିଲେଡରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ରୋହିତ ଏବେ ମାତ୍ର ଗୋଟିଏ ଅଭ୍ୟାସ ମ୍ୟାଚ୍ ଖେଳିବେ। ତେବେ ଏହା ପୂର୍ବରୁ ସେ ୩ଟି ଟି୨୦ ମ୍ୟାଚ୍ ଖେଳିବେ। ଆସନ୍ତା ୨୧ ତାରିଖରେ ଗାବାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଏ' ବିପକ୍ଷ ସିରିଜରେ ରାହାନେ ଭାରତ ଏ'ର ନେତୃତ୍ୱ ନେବେ। ତିନି ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସ୍‌ଆଲ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଶୁକ୍ରବାରଠାରୁ ନ୍ୟୁଜିଲାଣ୍ଡର ମାଉନଗାନୋଇରେ ଆରମ୍ଭ ହେବ।

**ଭାରତ ଏ' ଦଳ**

ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୁରଲୀ ବିଜୟ, ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ହନୁମା ବିହାରି, ପାର୍ଥିବ ପଟେଲ (ଉଇକେଟ କିପର), କେ. ଗୋଥାମ, ଶାହାବାଜ ନଦୀମ, ମହମ୍ମଦ ସିରାଜ, ନବଦୀପ ସଇନି, ଦୀପକ ଚହର, ରଜନୀଶ ଗୁର୍ବାନୀ, ବିଜୟ ଶଙ୍କର ଓ କେ.ଏସ. ଭରତ (ଉଇକେଟ କିପର)।

■ ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ ମିଟ୍

## ସ୍ୱର୍ଣ୍ଣ ସହ ଆଂଶିକାଙ୍କ ନୂତନ ରେକର୍ଡ

ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)



କର୍ନାଟକର ଦେବାଙ୍ଗରେ ଚାଲିଥିବା ୨୩ତମ ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ ମିଟ୍‌ରେ ଓଡ଼ିଶାର ଆଂଶିକା ରାଉତରାୟ ନୂତନ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ଭାରତର ଜଣାଶୁଣା ପୂର୍ବତନ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଆଂଶିକା ୧୪ ବର୍ଷରୁ କମ୍ ବାଳିକା ଶଟ୍ ପୁଟ୍ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ଜିତି ଏହି ସଫଳତା ପାଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ଆଂଶିକା ୧୧.୪୫ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହିତ ନୂତନ ସିବିଏସ୍‌ଇ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପ୍ରିୟାଂଶୀ (୧୧.୨୩ ମିଟର)ଙ୍କ ନାମରେ ରହିଥିଲା। ବିଡିଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ମହକ (୧୦.୪୫ ମିଟର) ଓ ରୋଜ୍ ମେରୀ ପବ୍ଲିକ ସ୍କୁଲର ସୁଜନ (୧୦.୨୫ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ମ୍ୟାଚ ଫିକ୍ସିଂ ଅଭିଯୋଗରେ ଲୋକୁହେଟିଗ୍ ସସ୍‌ପେଣ୍ଡ

ଦୁବାଇ, ୧୩।୧୧ (ପି.ଟି.)

ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଦିଲ୍‌ହରା ଲୋକୁହେଟିଗ୍‌ଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ସସ୍‌ପେଣ୍ଡ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଗତବର୍ଷ ଅନୁଷ୍ଠିତ ଟି୧୦ ଲିଗ୍‌ରେ ମ୍ୟାଚ୍ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୩୮ ବର୍ଷୀୟ ଲୋକୁହେଟିଗ୍ ଶ୍ରୀଲଙ୍କା ତରଫରୁ ୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟଠି ଟି୨୦ ଖେଳିଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଆଚରଣବିଧିର ତିନୋଟି ଧାରା ସେ ଉଲ୍ଲଂଘନ କରିଛନ୍ତି। ଲୋକୁହେଟିଗ ଟି୧୦ ପ୍ରତିଯୋଗିତାରେ ସ୍ଥାନ ପାଇ ନ ଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ନେଇ ୧୪ ଦିନ ମଧ୍ୟରେ ଜବାବ ରଖିବା ଲାଗି ତାଙ୍କୁ କୁହାଯାଇଛି। ଶ୍ରୀଲଙ୍କା କ୍ରିକେଟ (ଏସଏଲସି)ର ଅନେକ ଦୁର୍ନୀତି ଇତିମଧ୍ୟରେ ପଦାକୁ ଆସି ସାରିଛି। ମ୍ୟାଚ ଫିକ୍ସିଂ ଅଭିଯୋଗରେ ଆଇସିସି ଅକ୍ଟୋବର ୩୧ରେ ଶ୍ରୀଲଙ୍କାର ପୂର୍ବତନ ଫାଷ୍ଟ ବୋଲର ନୁୱାନ ଜୟସାଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ସନଥ ଜୟସୁରିୟା ଆଇସିସିର ଦୁଇଟି ଦୁର୍ନୀତି ନିବାରଣ କୋଡ୍ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିବାବେଳେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ତାହାକୁ ଖଣ୍ଡନ କରିଆସୁଛନ୍ତି।

## ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି, ବୁମରା



**ଦୁବାଇ, ୧୩।୧୧ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରା ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ସ୍ଥାନ ବଜାୟ ରଖିଛନ୍ତି। କୋହଲି ସର୍ବାଧିକ ୮୯୯ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ଉପଅଧିନାୟକ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଓପନର ଶିଖର ଧାୱନ ୩ୟ ଭାରତୀୟ ଖେଳାଳି ଭାବେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ପୂର୍ବରୁ ୯ମ ସ୍ଥାନରେ ଥିବା ଧାୱନ ଏବେ ୮ମ ସ୍ଥାନରେ ରହିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦ତମ ସ୍ଥାନରେ ରହିଥିବା ମଙ୍ଗଳବାର ପ୍ରକାଶିତ ତାଲିକା ଦର୍ଶାଇଛି। ସେହିଭଳି ବୋଲରଙ୍କ ମଧ୍ୟରେ ୩ ଭାରତୀୟ ଟପ୍ ୧୦ରେ ରହିଛନ୍ତି। ବୁମରା ୮୪୧ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ କୁଲଦୀପ ଯାଦବ ୩ୟ ସ୍ଥାନ ବଜାୟ ରଖିଛନ୍ତି। ଯୁଜବେନ୍ଦ ଚହଲ ପୂର୍ବ ଅପେକ୍ଷା ୩ ସୋପାନ ଉପରକୁ ଉଠିଛନ୍ତି। ଏବେ ସେ ୫ମ ସ୍ଥାନରେ ଅଛନ୍ତି। ଦଳଗତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୨୧ ପଏଣ୍ଟ ସହ ଇଂଲଣ୍ଡ(୧୨୬) ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି।

# ସେମିଫାଇନାଲରେ ନାଗପୁର

ଧର୍ମଶାଳା, ୧୩।୧୧ (ଡି.ଏନ୍.ଏ.)

**ଅଂଶୁମାନ ମେମୋରିଆଲ୍ କ୍ରିକେଟ**



ଶାହାଜ୍ କୁମାର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଆୟୋଜିତ ନବମ ସର୍ବଭାରତୀୟ ଅଂଶୁମାନ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ମଙ୍ଗଳବାର କରିମ୍ ସ୍ପୋର୍ଟ୍ସ ଏକାଡେମୀ ନାଗପୁର ୧୪୧ ରନ୍‌ରେ ରାୟପୁର ରେଲୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କରିମ୍ ସ୍ପୋର୍ଟ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୭.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅବୁଜାର ଖାନ୍ ୩୪ ବଲ୍‌ରେ ୮୯ରନ୍ ଓ ଗୌରବ ବରାଡି ୩୭ ବଲ୍‌ରୁ ୬୫ରନ୍ ସଂଗ୍ରହ କରିଥିଲେ। ରାୟପୁର ଦଳର ପପୁଲ ଶର୍ମା ୪ଟି ଓ କରନ୍ ସିଂ ୩ଟି ଲେଖାଏ ଉଇକେଟ୍ ନେବାରେ ସମର୍ଥ ହୋଇଥିଲେ। ଜବାବ୍‌ରେ ରାୟପୁର ଦଳ ବ୍ୟାଟିଂ କରି ୧୭.୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୬୧ରନ୍ ସଂଗ୍ରହ କରି ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡିଥିଲା। ଦଳପକ୍ଷରୁ ରୋହିତ୍ ଧଡ୍ୱା ୩୧ ବଲ୍‌ରୁ ୫୭ ରନ୍, ଅର୍ତ୍ତୀ ଶର୍ମା ୧୨ ବଲ୍‌ରୁ ୨୪ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ନାଗପୁର ଦଳର ସାହାଜ୍ କୁମାର ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଆଶୁତୋଷ ପାଣି, ଶରତ ଜେନା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଶାହାଜ୍ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ରାୟଙ୍କ ଅଧ୍ୟକ୍ଷତାରେ କ୍ରୀଡାବିତ୍ ହିମାଂଶୁ ଶେଖର ସାହୁ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କରିମ୍ ସ୍ପୋର୍ଟ୍ସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୀତାଂଶୁ ସାହୁ ସୂଚନା ଦେଇଛନ୍ତି।




ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି-୨୦

## ମର୍ନିଂଷ୍ଟାର, ୟୁ ଆଣ୍ଡ ମି କ୍ଲବ ବିଜୟୀ

**ବାଲେଶ୍ୱର ଅଫିସ, ୧୩।୧୧:** ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍ତରଓଡ଼ିଶା ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାର ଏବଂ ଭଦ୍ରକ ଚରମ୍ପା ଏକାଡ଼େମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କେନ୍ଦୁଝର ୟୁନିକ୍ କ୍ରିକେଟ୍ ଏକାଡ଼େମୀ ଏବଂ ବାଲେଶ୍ୱର କ୍ଲବ ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ପ୍ରଥମ ମ୍ୟାଚ୍‌ରେ ଭଦ୍ରକ ଚରମ୍ପା ଏକାଡ଼େମି ଟସ୍ ଜିତି ୧୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୪୬ ରନ୍ କରିପାରିଥିଲା। ଅବିନାଶ ସିଂ ୪୦, ମାନସ ସାହୁ ୩୪, ଜ୍ୟୋତିରଞ୍ଜନ ୨୮ ରନ କରିଥିବା ବେଳେ ମର୍ନିଂଷ୍ଟାର ତରଫରୁ ସୟଦ ଜାକି ସର୍ବାଧିକ ୪ଟି, ଅରିନ୍ଦମ ଚକ୍ରବର୍ତ୍ତୀ ଓ ଅହିତୋଷ ଦାସ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ମର୍ନିଂଷ୍ଟାର ପକ୍ଷରୁ ଅଜୟ ପ୍ରଧାନ ୨୯ ବଲ୍‌ରେ ୫୩ ରନ୍ ଏବଂ ଯଶୋବନ୍ତ ବେହେରାଙ୍କ ୬୭ ରନ୍ ବଳରେ ୧୮.୧ ଓଭର୍‌ରେ ୫ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଚରମ୍ପା ଏକାଡ଼େମୀ ପକ୍ଷରୁ ରାଜେଶ ବଳ ୩ଟି ଉଇକେଟ୍ ନେଇଥିଲେ। ଯଶୋବନ୍ତ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ କ୍ଲବ ୟୁ ଆଣ୍ଡ ମି ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଉଇକେଟ୍ ହରାଇ ୨୪୬ ରନ୍ କରିଥିଲା। ସର୍ବେଶ୍ୱର ମହାନ୍ତି ୫୧ ବଲ୍‌ରେ ୧୬ ଛକା ଓ ୫ ଚୌକା ସହାୟତାରେ ୧୩୬ ରନ୍ ଏବଂ ରୋନାଲ ଦାସ ୪୮ ରନ୍ କରିଥିଲେ। ୟୁନିକ୍ ଏକାଡ଼େମୀ ତରଫରୁ ସରୋଜ ପରିଡ଼ା ୨ଟି ଉଇକେଟ୍ ନେଇଥିଲେ। ଜବାବରେ ୟୁନିକ ଏକାଡ଼େମୀ ୯ ଉଇକେଟ୍ ହରାଇ ୧୭୯ ରନ୍ କରିଥିଲା। ଦିନେଶ ନାୟକ ୪୪ ଓ ବିପୁଲ ରାଉତ ୩୩ ରନ୍ କରିଥିବା ବେଳେ ୟୁ ଆଣ୍ଡ ମି ପକ୍ଷରୁ ବିଶ୍ୱମୋହନ ବାରିକ ୪, ନଜରୁଲ ଖାଁ ୨ଟି ଉଇକେଟ୍ ନେଇଥିଲେ। ସର୍ବେଶ୍ୱରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବୁଧବାର ପ୍ରଥମ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାର ଓ ୟୁ ଆଣ୍ଡ ମି କ୍ଲବ ଏବଂ ସର୍ବଭାରତୀୟସ୍ତରରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଳୱେ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

No. 55-n

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**
**ଓଡ଼ିଶା ସରକାର**

**ସୁରଭି : ୨୦୧୮**
**(ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ)**

**ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଭୁବନେଶ୍ୱର ॥ ତା: ୧୪,୧୫ ଓ ୧୬ ନଭେମ୍ବର ୨୦୧୮**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧୪,୧୫ ଓ ୧୬ ତିନିଦିନ ଧରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ **ସୁରଭି -୨୦୧୮** ୟୁନିଟ୍-୯, ଭୁବନେଶ୍ୱର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା , ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର ଏହି ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବେ।

॥ କାର୍ଯ୍ୟସୂଚୀ ॥

| | | |
|---|---|---|
| **ତା ୧୪.୧୧.୨୦୧୮ (ବୁଧବାର)**<br>ସମୟ – ସକାଳ ୮.୦୦ ଘଟିକା<br>**ଶିକ୍ଷା ସଚେତନତା ସାଇକେଲ୍ ରାଲି :** ବିଜୁ ପଟ୍ଟନାୟକ (ଫରେଷ୍ଟ) ପାର୍କ ଠାରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଭୁବନେଶ୍ୱର | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>**ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା,** ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା |
| **ତା ୧୪.୧୧.୨୦୧୮ (ବୁଧବାର)**<br>**ସଂଧ୍ୟା ୫.୦୦ ଘଟିକା :**<br>**ଉଦ୍‌ଘାଟନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ** | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>**ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ,** ମାନ୍ୟବର ସାଂସଦ, ଭୁବନେଶ୍ୱର<br>**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**<br>ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ<br>**ଡ. ହମିଦ୍ ନୁରୁ,** ପ୍ରତିନିଧି ଓ ନିର୍ଦ୍ଦେଶକ<br>ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଭାରତ<br>**ଫାରୁଗ୍ ଫୌଜତ୍,** ଉପ ପ୍ରତିନିଧି, ଯୋଜନା<br>ୟୁନିସେଫ୍, ଭାରତ |
| **ତା ୧୫.୧୧.୨୦୧୮ (ଗୁରୁବାର)**<br>**ସମୟ-ଅପରାହ୍ନ ୩.୦୦ ଘଟିକା : ଛାୟା ବିଧାନସଭା**<br>ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ଭୁବନେଶ୍ୱର | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତ,** ମାନ୍ୟବର ବାଚସ୍ପତି,<br>ଓଡ଼ିଶା ବିଧାନସଭା<br>**ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା |
| **ସଂଧ୍ୟା ୬.୦୦ ଘଟିକା : ସାଂସ୍କୃତିକ କାର୍ଯ୍ୟକ୍ରମ** | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା |
| **ତା୧୬.୧୧.୨୦୧୮ (ଶୁକ୍ରବାର)**<br>**ସମୟ ସଂଧ୍ୟା ୬.୦୦ଘଟିକା**<br>**ଉଦ୍‌ଯାପନ ଉତ୍ସବ:** ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ଭୁବନେଶ୍ୱର | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>**ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା,** ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା<br>**ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ**<br>ମାନ୍ୟବର ସାଂସଦ, ଭୁବନେଶ୍ୱର<br>**ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି**<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)<br>**ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର**<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)<br>**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**<br>ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ |

**ଉକ୍ତ ମହୋତ୍ସବରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ**

ପ୍ରମୁଖ ଶାସନ ସଚିବ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

27005/11/0019/1819

ଧରିତ୍ରୀ
DHARITRI
ବୁଧବାର, ୧୪ ନଭେମ୍ବର, ୨୦୧୮





“ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ମୋତେ ଖୁବ୍ ପ୍ରଭାବିତ କରିଛି।

–ଭିଭିଏସ ଲକ୍ଷ୍ମଣ, ପୂର୍ବତନ କ୍ରିକେଟର

“ଇଂଲଣ୍ଡ ଫୁଟ୍‌ବଲ ଟିମ୍ ମ୍ୟାନେଜର ଗ୍ୟାରେଥ ସାଉଥ୍ ଗେଟ୍ ମୋ ପାଇଁ ଫେୟାରୱେଲ ମ୍ୟାଚ ଆୟୋଜନ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ ।

–ୱେନ ରୁନି, ଇଂଲଣ୍ଡ ଫୁଟ୍‌ବଲର



## ସଂକ୍ଷେପରେ

### ଧୋନୀ ମାଟ୍ରିମୋନି ସାଇଟ୍ ଆମ୍ବାସାଡର

**ଚେନ୍ନାଇ,୧୩।୧୧:** ଅନଲାଇନ ମାଟ୍ରିମୋନି ବ୍ୟବସ୍ଥା ଯୋଗାଉଥିବା ଭାରତ ମାଟ୍ରିମୋନି ସୋମବାର ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏହି କମ୍ପାନୀ ପ୍ରଚାର ପାଇଁ ଖୁବ ଶୀଘ୍ର ଧୋନୀଙ୍କୁ ନେଇ ଟିଭି ଲାଗି ବିଜ୍ଞାପନା ଶୁଟିଂ କରିବ। ଏହି ଅବସରରେ ଭାରତ ମାଟ୍ରିମୋନି ଡଟ୍ କମ କମ୍ପାନୀର କାର୍ଯ୍ୟନିର୍ବାହୀ ଅଫିସର ମୁରୁଗାଭେଲ ଜାପାକିରାମାନ କହିଛନ୍ତି, ଆମେ ଧୋନୀଙ୍କ ସହ ଜଡ଼ିତ ହୋଇ ଗର୍ବିତ। କାରଣ ଧୋନୀ ଦେଶର ବହୁ ଯୁବଙ୍କ ଲାଗି ପ୍ରରଣା। ଭାରତ ମାଟ୍ରିମୋନି ଏକ ବିଶ୍ୱାସଯୋଗ୍ୟ ସାଇଟ୍। ଗତ ୧୮ ବର୍ଷ ମଧରେ ଆମେ ନିୟୁତରୁ ଅଧିକ ଭାରତୀୟଙ୍କୁ ଜୀବନ ସାଥୀ ଖୋଜି ଦେଇଛୁ।

### ନିର୍ବାଚନ ଲଢ଼ିବେ ମୋର୍ତାଜା

**ଢାକା,୧୩।୧୧:** ବାଂଲାଦେଶ ଦିନିକିଆ ଦଳର ଅଧିନାୟକ ମାଶ୍ରଫି ମୋର୍ତାଜା ନିର୍ବାଚନରେ ଲଢ଼ିବେ ବୋଲି ସରକାରୀ ଦଳ ଘୋଷଣା କରିଛି। ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନରେ ଛିଡ଼ା ହେବା ପାଇଁ ୩୫ ବର୍ଷୀୟ କ୍ରିକେଟରଙ୍କୁ ପ୍ରଧାନମନ୍ତ୍ରୀ ଶେଖ ହସିନା ସ୍ୱାଗତ କରିଛନ୍ତି। ତେବେ ସେ ତାଙ୍କ ଜିଲା ନାରାଲିରୁ ନିର୍ବାଚନ ଲଢ଼ିବେ। ଏ ସମ୍ପର୍କରେ ବିସିବି ପକ୍ଷରୁ ମଧ ସ୍ପଷ୍ଟୀକରଣ ଦିଆଯାଇଛି। କିନ୍ତୁ ଏ ନେଇ ମଶ୍ରଫି ନିଜ ପକ୍ଷରୁ ସ୍ପଷ୍ଟ କରି ନାହାନ୍ତି। ‘‘ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ମଶ୍ରଫିଙ୍କ ସାମ୍ବିଧାନିକ ଅଧିକାର। ଯଦି ସେ ନିଜ ଅଧିକାରକୁ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି, ଏଥିରେ କୌଣସି ଅସୁବିଧା ନାହିଁ’’ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପ୍ରବକ୍ତା ଜଲାଲ ୟୁନୁସ କହିଛନ୍ତି।

### ହଂକଂ ଓପନ: କାଶ୍ୟପଙ୍କ ବିଜୟ ଅଭିଯାନ



**ହଂକଂ,୧୩।୧୧:** ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାରୁପଲୀ କାଶ୍ୟପ, ସୁ ଜେନ ହାଓଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ହଂକଂ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଗତ କିଛିବର୍ଷ ହେଲା ଆହତ ସମସ୍ୟା ସହ ସଂଘର୍ଷ କରୁଥିବା କଶ୍ୟପ ୨୧-୧୭, ୧୨-୨୧, ୨୧-୧୮ ଗେମ୍‌ରେ ଚାଇନିଜ ତାଇପେ ଶଟଲରଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ସେ ଆଗାମୀ ମ୍ୟାଚ୍‌ରେ ୭ମ ସିଡ ଇଣ୍ଡୋନେସିଆର ଆନ୍ଥୋନି ସିନିସୁକାଙ୍କୁ ଭେଟିବେ। ମିକ୍ସଡ ଡବଲ୍ସ ବର୍ଗରେ ସାତ୍ୱିକସାଇରାଜ ରାନ୍‌କି ରେଡ୍ଡୀ ଓ ଅଶ୍ୱିନୀ ପୋନପ୍ପାଙ୍କ ଯୋଡ଼ି ମଧ ମୁଖ୍ୟ ପର୍ଯ୍ୟାୟରେ ଖେଳିବ। ଏହି ଭାରତୀୟ ଯୋଡ଼ି ତାଇୱାନ ଲି ୟାଙ୍ଗ ଓ ସୁ ୟା ଚିଙ୍ଗଙ୍କୁ ୨୧-୧୬, ୧୯-୨୧, ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି।

### ପୁଅ ପାଇଁ ଟି୧୦ରୁ ଓହରିଲେ ମଲିକ

**କରାଚୀ,୧୩।୧୧:** ନିକଟରେ ବାପା ହେବାର ସୁଖ ପାଇଥିବା ପାକିସ୍ତାନୀ ଅଲରାଉଣ୍ଡର ଶୋଏବ ମଲିକ ୟୁଏଇଠାରେ ହେବାକୁ ଥିବା ଟି୧୦ କ୍ରିକେଟ ଲିଗ୍‌ର ଦ୍ୱିତୀୟ ସଂସ୍କରଣରୁ ଓହରି ଯାଇଛନ୍ତି। ପୂର୍ବତନ ଅଧିନାୟକ ପଞ୍ଜାବୀ ଲିଜେଣ୍ଡ୍‌ସ ପକ୍ଷରୁ ଖେଳିଥାନ୍ତେ। ତେବେ ପରିବାର ସହିତ ଅଧିକ ସମୟ ବିତାଇବା ଲାଗି ଟି୧୦ କ୍ରିକେଟ ପାଇଁ ଉପଲବ୍ଧ ରହିବା ସମ୍ଭବ ନ ଥିବା ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହା ମୋ ପାଇଁ ଏକ କଠିନ ନିଷ୍ପତ୍ତି। ମାତ୍ର ମୁଁ ମୋ ପତ୍ନୀ ଓ ପୁଅ ସହ ଅଧିକ ସମୟ ଅତିବାହିତ କରିବା ଛଡ଼ା ଆଉ କିଛି ଚାହେଁନାହିଁ। ଏଣୁ ପଞ୍ଜାବୀ ଲିଜେଣ୍ଡ୍‌ସ ପକ୍ଷରୁ ଟି୧୦ ଖେଳି ପାରିବି ନାହିଁ ବୋଲି ଟୁଇଟରରେ ସେ ଲେଖିଛନ୍ତି। ଉଲ୍ଲେଖଥାଉ କି, ୨୦୧୦ ଏପ୍ରିଲ ୧୦ରେ ମଲିକ ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ଚଳିତ ମାସରେ ଏହି ହାଇ ପ୍ରୋଫାଇଲ ଦମ୍ପତଙ୍କ ପୁଅ ହୋଇଛି। ପୁଅଙ୍କ ନାମ ଇଜ୍‌ହାନ ମିର୍ଜା ମଲିକ ରଖାଯାଇଛି।

# ଅଖଦୀପ୍‌ଙ୍କ ଶତକରେ ୟୁପି ଇନିଂସ ଅଗ୍ରଣୀ

**ଭୁବନେଶ୍ୱର, ୧୩।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଅଧିନାୟକ ଅଖଦୀପ୍ ନାଥଙ୍କ ଅପରାଜିତ ଶତକ ବଳରେ ଭ୍ରମଣକାରୀ ଉତ୍ତରପ୍ରଦେଶ (ୟୁପି) ଦଳ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ବିପକ୍ଷ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଘରୋଇ ଓଡ଼ିଶା ଦଳର ପ୍ରଥମ ଇନିଂସ ସ୍କୋର ୨୫୬ ରନ ଜବାବରେ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୟୁପି ପ୍ରଥମ ଇନିଂସରେ ୧୦୭ ଓଭରରେ ୬ ଉଇକେଟ୍ ହରାଇ ୩୬୧ ରନ ସଂଗ୍ରହ କରିଛି। ଆହୁରି ୪ଟି ଉଇକେଟ୍ ସୁରକ୍ଷିତ ରହିଥିବାବେଳେ ୟୁପି ଦଳ ଏବେ ୧୦୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ଭଲ ସ୍ଥିତିରେ ରହିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ୍ ରହିଛି।

### ଫାଇଦା ଉଠାଇ ପାରିଲାନି ଓଡ଼ିଶା

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୨/୧ରୁ ଖେଳ ଆରମ୍ଭ କରିଥିବା ଉତ୍ତରପ୍ରଦେଶ ମଙ୍ଗଳବାର ସକାଳେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପରବର୍ତ୍ତୀ ୩୦ ରନରେ ଦଳ ୩ଟି ଉଇକେଟ୍ ହରାଇଥିଲା। ସକାଳ ପରିବେଶରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇ ଓଡ଼ିଶାର ଅଭିଜ୍ଞ ବୋଲର ବସନ୍ତ ମହାନ୍ତି ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ମାଧବ କୌଶିକ (୧୭) ଓ ମହମ୍ମଦ ସୈଫ୍ (୨୮)ଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ସେହିଭଳି ଏହି ମ୍ୟାଚ୍‌ର ମୁଖ୍ୟ ଆକର୍ଷଣ ରହିଥିବା ଭାରତୀୟ ଦଳର ଷ୍ଟାର ଖେଳାଳି ସୁରେଶ ରାଇନା ମଧ ଦର୍ଶକଙ୍କୁ ନିରାଶ କରିଥିଲେ। ରାଇନା ୧୦ ରନ କରି ବ୍ୟାଟିଂ କରୁଥିବାବେଳେ ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ବଲକୁ ଖେଳିବାକୁ ଯାଇ ଗୋବିନ୍ଦ ପୋଦ୍ଦାରଙ୍କ ହାତରେ ଧରା ପଡ଼ିଥିଲେ। ୭୨ ରନରେ ୪ଟି ଉଇକେଟ୍ ହରାଇ ୟୁପି ଏକପ୍ରକାର ସଙ୍କଟଜନକସ୍ଥିତିରେ ପଡ଼ିଯାଇଥିଲା। ଅପରପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଘରୋଇ ଓଡ଼ିଶା ଦଳ ପାଇଁ ଇନିଂସ ଅଗ୍ରଣୀ ହାସଲ କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ପ୍ରତିପକ୍ଷ ଅଧିନାୟକ ଅଖଦୀପ୍ ମଧ୍ୟକ୍ରମରେ ପ୍ରିୟମ ଗର୍ଗ ଓ ରିଙ୍କୁ ସିଂଙ୍କ ସହ ଦୁଇଟି ଶତକୀୟ ଭାଗୀଦାରି କରି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଅଖଦୀପ୍ ୫ ଉଇକେଟ୍‌ରେ ପ୍ରିୟମଙ୍କ (୫୯ ରନ) ସହ ୧୨୬ ରନ ଯୋଗ କରିଥିଲେ। ଏହି ଯୋଡ଼ିକୁ ବିପ୍ଳବ ଭାଙ୍ଗିଥିଲେ। ଏହାପରେ ୨୫ ବର୍ଷୀୟ ଅଖଦୀପ୍ ୬ଷ୍ଠ ଉଇକେଟ୍‌ରେ ରିଙ୍କୁ ସିଂ (୭୨ ରନ)ଙ୍କ ସହ ୧୫୪ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୩୫୦ ରନ ଅତିକ୍ରମ କରାଇଥିଲେ। ନୂଆ ବଲ୍ ନେବାପରେ ଦ୍ରୁତ ବୋଲର ଦେବବ୍ରତ ପ୍ରଧାନ ପଏଣ୍ଟ ଏରିଆରେ ଗୋବିନ୍ଦଙ୍କ ହାତରେ ରିଙ୍କୁଙ୍କୁ ଆଉଟ୍ କରି ଏହି ଭାଗୀଦାରି ଭାଙ୍ଗିଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ହେବାବେଳକୁ ୟୁପି ୬ ଉଇକେଟ୍ ବିନିମୟରେ ୩୬୧ ରନ ସଂଗ୍ରହ କରିଛି। ଅଖଦୀପ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ୧୫୧ ରନରେ ଅପରାଜିତ ରହିଛନ୍ତି। ପାଖାପାଖି ସାଢ଼େ ୬ ଘଣ୍ଟା ବ୍ୟାଟିଂ କରିଥିବା ଅଖଦୀପ୍ ଏହି ଇନିଂସ ମଧରେ ୨୫୮ଟି ବଲର ସମ୍ମୁଖୀନ ହୋଇ ୨୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଚଳିତ ସିଜନରେ ଏହା ତାଙ୍କର ଲଗାତର ୨ୟ ଶତକ ଏଥିପୂର୍ବରୁ ଅଖଦୀପ୍ ଗୋଆ ବିପକ୍ଷରେ ୧୯୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ସର୍ବାଧିକ ୩ଟି ଉଇକେଟ୍ ନେଇଥିବାବେଳେ ବିପ୍ଳବ, ରାଜେଶ ଓ ଦେବବ୍ରତ ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଦ୍ୱିତୀୟ ଦିବସରେ ୟୁପି ବ୍ୟାଟ୍ସମ୍ୟାନ କେତୋଟି କ୍ୟାଚ୍ ଓ ରନ୍‌ଆଉଟ୍ ସୁଯୋଗ ଦେଇଥିଲେ ମଧ ଓଡ଼ିଶା ଫିଲ୍ଡର ଏହାର ଫାଇଦା ଉଠାଇପାରି ନ ଥିଲେ।





ଉଇକେଟ୍ ନେବାପରେ ବସନ୍ତ ମହାନ୍ତିଙ୍କୁ ସାଥୀ ଖେଳାଳି ବଧାଇ ଜଣାଉଛନ୍ତି। ଶତକ ହାସଲ ପରେ ଅଖଦୀପ ନାଥ୍।

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୫୬/୧୦ (ଶୁଭ୍ରାଂଶୁ ସେନାପତି ୮୭, ସୁଜିତ ଲେଙ୍କା ୪୬, ଗୋବିନ୍ଦ ପୋଦ୍ଦାର ୩୯, ଅଙ୍କିତ ରାଜପୁତ ୩/୬୧)।

ୟୁପି ପ୍ରଥମ ଇନିଂସ- ୩୬୧/୬, ୧୦୭ ଓଭର (ଅଖଦୀପ୍ ୧୫୧*, ସୌରଭ କୁମାର ୮*, ରିଙ୍କୁ ୭୨, ରାଇନା ୧୦, ବସନ୍ତ ୩/୪୪)।

### ଝାଡ଼ଖଣ୍ଡକୁ ଜିତାଇଲେ ଆରୋନ

**ରୋହତକ, ୧୩।୧୧**

ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟର ମାତ୍ର ଦୁଇ ଦିନ ମଧରେ ଝାଡ଼ଖଣ୍ଡ ୯ ଉଇକେଟରେ ହରିୟାଣାକୁ ପରାସ୍ତ କରିଛି। ସ୍ଥାନୀୟ ବଂଶୀ ଲାଲ କ୍ରିକେଟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ହରିୟାଣା ଦଳ ମାତ୍ର ୮୧ ରନ୍‌ରେ ସୀମିତ ରହିବା ପରେ ଝାଡ଼ଖଣ୍ଡ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୬୨ ରନ୍ ପଛରେ ଥିବା ଘରୋଇ ଦଳ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୭୨ ରନ୍ କରିପାରିଥିଲା। ପ୍ରତିପକ୍ଷ ଦଳର ପେସର ବରୁନ ଆରୋନ ସର୍ବାଧିକ କ୍ଷତି ଘଟାଇଥିଲେ। ସେ ମାତ୍ର ୩୨ ରନ ଦେଇ ୬ ଉଇକେଟ ନେଇଥିଲେ। ଜବାବରେ ବିଜୟ ଲାଗି ଧାର୍ଯ୍ୟ ୧୧ ରନ୍‌ର ଲକ୍ଷ୍ୟକୁ ଝାଡ଼ଖଣ୍ଡ ଅଧିନାୟକ ଇଶାନ କିଶାନ(୧)ଙ୍କ ଉଇକେଟ ହରାଇ ହାସଲ କରିନେଇଥିଲା। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜା ନିଜ ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୦ମ ଶତକ ହାସଲ କରିଛନ୍ତି। ସୌରାଷ୍ଟ୍ରଠାରେ ଚାଲିଥିବା ରେଲୱେ ବିପକ୍ଷ ମ୍ୟାଚ୍‌ରେ ଅଲରାଉଣ୍ଡର ଜାଡେଜା ୧୭୮ ରନ୍‌ର ଅପରାଜିତ ଇନିଂସ୍ ଖେଳିଛନ୍ତି। ତାଙ୍କର ଏହି ଇନିଂସ୍‌ରେ ୧୬ ଚୌକା ଓ ୪ ଛକା ସାମିଲ ରହିଛି। ଜାଡେଜାଙ୍କ ଯୋଗୁ ଟିମ ସୌରାଷ୍ଟ୍ର ପ୍ରଥମ ଇନିଂସ୍‌ରେ ୧୪୪ ରନର ଅଗ୍ରଣୀ ନେବାକୁ ସଫଳ ହୋଇଛି। ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଘରୋଇ ଦଳ ୮ ଉଇକେଟ ହରାଇ ୩୪୪ ରନ୍ କରିଛି। ପୂର୍ବରୁ ରେଲୱେ ଦଳ ପ୍ରଥମେ ବ୍ୟାଟିଂ କରି ୨୦୦ ରନ୍ କରି ଅଲଆଉଟ୍ ହୋଇଥିଲା। ଘରୋଇ ଦଳ ଲାଗି ଜାଡେଜା ୪ ଉଇକେଟ ନେଇଥିଲେ।

# ଅଧିନାୟକ ମନପ୍ରୀତ୍ ସିଂ



**ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଉ ମାତ୍ର କେତୋଟି ଦିନ ପରେ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ପାଇଁ ଭାରତ ତା’ର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେବାକୁ ଯାଉଛି। ଦଳରେ କେତେଜଣ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଯୁବ ତଥା ଷ୍ଟାର ମିଡଫିଲ୍ଡର ମନପ୍ରୀତ୍ ସିଂଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ପୂର୍ବରୁ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେଶ ଦଳରେ ନେତୃତ୍ୱ ନେଉଥିଲେ। ବିଶ୍ୱକପ୍‌ରେ ନେତୃତ୍ୱର ଗୁରୁଦାୟିତ୍ୱକୁ ସଫଳତାର ସହ ତୁଲାଇବାକୁ ସବୁମତେ ଚେଷ୍ଟା କରିବେ ବୋଲି ମନପ୍ରୀତ୍ କହିଛନ୍ତି।**

ପଞ୍ଜାବର ଜଳନ୍ଧରରେ ୧୯୯୨ ଜୁନ୍ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିବା ମନପ୍ରୀତ ୨୦୧୭ ମେ ମାସରୁ ଭାରତୀୟ ଦଳର ନେତୃତ୍ୱ ନେଇ ଆସୁଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ଭାରତ ପାଇଁ ପ୍ରଥମେ ଖେଳିବାର ସୁଯୋଗ ହାସଲ କରିଥିଲେ। ଜଳନ୍ଧର ଉପକଣ୍ଠରେ ଥିବା ମିଠାପୁର ଗ୍ରାମରେ ଏକ କୃଷକ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ପୂର୍ବତନ ହକି ଅଧିନାୟକ ପଦ୍ମଶ୍ରୀ ପରଗତ ସିଂଙ୍କୁ ନିଜର ଆଦର୍ଶ ମାନୁଥିବା ମନପ୍ରୀତ୍ ହକି ଖେଳିବା ପାଇଁ ତାଙ୍କଠାରୁ ପ୍ରେରଣା ପାଇଥିଲେ। ପରଗତ ମଧ ମିଠାପୁର ଗ୍ରାମରେ ଜନ୍ମ ଗ୍ରହଣ କରି ନିଜ ପ୍ରତିଭା ମାଧମରେ ଜାତୀୟ ଦଳର ଅଧିନାୟକ ହୋଇ ପାରିଥିଲେ। ମନପ୍ରୀତ୍‌ଙ୍କ ବଡ଼ ଭାଇମାନେ ହକି ଖେଳି ଘରକୁ ପୁରସ୍କାର ଆଣୁଥିଲେ ଓ ଏଥିରେ ସେ ବେଶ୍ ପ୍ରଭାବିତ ହୋଇଥିଲେ। ୧୦ ବର୍ଷ ବୟସରୁ ୨୦୦୨ରେ ସେ ନିୟମିତ ଭାବେ ହକି ଖେଳିବା ଆରମ୍ଭ କରିଥିଲେ। ତେବେ ତାଙ୍କ ମା’ ତାଙ୍କୁ ହକି ଖେଳିବାରୁ ଦୂରେଇ ରଖିବା ପାଇଁ ତାଙ୍କୁ କୋଠରିରେ ବନ୍ଦ କରିଦେଉଥିଲେ। ହକି ପ୍ରତି ମନପ୍ରୀତଙ୍କର ଯଥେଷ୍ଟ ଆକର୍ଷଣ ଥିଲା। ଏଥିପାଇଁ ମନପ୍ରୀତଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ତାଙ୍କ ଭାଇଙ୍କୁ କୋଚ୍ କହିଥିଲେ। ଏକ ଲୋକାଲ ଟୁର୍ନାମେଣ୍ଟରେ ମନପ୍ରୀତ ସୁନ୍ଦର ପ୍ରଦର୍ଶନ କରି ୫୦୦ ଟଙ୍କା ପୁରସ୍କାର ଜିତିବାପରେ ତାଙ୍କ ପରିବାର ତାଙ୍କୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରିବା ଆରମ୍ଭ କରିଦେଇଥିଲେ। ଏହାପରେ ଜଳନ୍ଧର ସ୍ଥିତ ସୁରଜିତ ହକି ଏକାଡେମୀରେ ସେ ଯୋଗ ଦେଇଥିଲେ ଓ ନିଜ ପ୍ରତିଭା, ପ୍ରଦର୍ଶନ ଓ ଦକ୍ଷତା ମାଧମରେ କୋଚ୍ ଓ ଚୟନକର୍ତ୍ତାମାନଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିଲେ। ପ୍ରଥମେ ସେ ଭାରତୀୟ ଜୁନିୟର ଦଳ ତରଫରୁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ପୂର୍ବତନ ଜର୍ମାନୀ ଅଧିନାୟକ ମୋର୍ଟିଜ୍ ଫୁଏର୍ଷ୍ଟଙ୍କୁ ସେ ନିଜ ପସନ୍ଦର ଖେଳାଳି ଭାବେ ବିବେଚନା କରନ୍ତି। ସେ ସର୍ଦ୍ଦାର ସିଂ ଖେଳିବା ଶୈଳୀରୁ ପ୍ରେରଣା ପାଇଥାନ୍ତି ବୋଲି କହିଛନ୍ତି। ତାରକା ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଡେଭିଡ ବେକ୍‌ହାମ୍‌ଙ୍କର ମନପ୍ରୀତ ଜଣେ ବଡ଼ ପ୍ରଶଂସକ। ଏହି ଦୁଇ ଖେଳାଳିଙ୍କ ଜର୍ସି ନମ୍ବର ୭ ତାଙ୍କର ପ୍ରିୟ ଓ ଖେଳିବା ବେଳେ ସେ ଏହି ଜର୍ସି ପରିଧାନ କରିଥାନ୍ତି।

୨୦୧୩ରେ ସେ ଭାରତୀୟ ଜୁନିୟର ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ। ୨୦୧୩ ସୁଲତାନ ଜୋହର କପ ହକିରେ ତାଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ମାଲେସିଆକୁ ୩–୦ ଗୋଲରେ ପରାସ୍ତ କରିଥିଲା। ମନପ୍ରୀତ ମଧ ଗୋଟିଏ ଗୋଲ ସ୍କୋର କରିଥିଲେ। ୨୦୧୪ରେ ଏସିଆନ ହକି ଫେଡେରେଶନ ତାଙ୍କୁ ଜୁନିୟର ପ୍ଲେୟାର ଅଫ୍ ଦି ଇୟର ଭାବେ ପୁରସ୍କୃତ କରିଥିଲା।




ସେହିପରି ସିନିୟର ହକିରେ ମଧ ସେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ୨୦୧୨ ଅଲିମ୍ପିକ୍ସରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ସେ ଭାରତୀୟ ଦଳର ସଦସ୍ୟ ଥିଲେ ଓ ଏହି ମେଗା ଇଭେଣ୍ଟରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪–୨ ଗୋଲରେ ପରାସ୍ତ କରି ଟାଇଟଲ ଜିତିଥିଲା। ସେହିପରି ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା ଓ ମନପ୍ରୀତ ମଧ ଏହି ଦଳର ସଦସ୍ୟ ଥିଲେ। ୨୦୧୬ ଲଣ୍ଡନ ପୁରୁଷ ହକି ଚାମ୍ପିୟନ୍ସ ଟ୍ରଫିରେ ଭାରତ ୩୮ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିଲା ଓ ମନପ୍ରୀତ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ତେବେ ଫାଇନାଲରେ ଭାରତ ଅଷ୍ଟ୍ରେଲିଆଠାରୁ ୩–୧ ଗୋଲରେ ପରାସ୍ତ ହୋଇଥିଲା। ୨୦୧୬ ରିଓ ଅଲିମ୍ପିକ୍ସ ମଧ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

୨୦୧୭ ଜୁନ୍ ୧ ତାରିଖରେ ଜର୍ମାନୀରେ ଆରମ୍ଭ ହୋଇଥିବା ତ୍ରିରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ସେ ପ୍ରଥମଥର ପାଇଁ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହାର କିଛିଦିନ ପରେ ସେ ଇଂଲଣ୍ଡରେ ଖେଳାଯାଇଥିବା ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ମଧ ଭାରତୀୟ ଦଳର ନେତୃତ୍ୱ ନେଇ ସଫଳ ହୋଇପାରିଥିଲେ।

୨୦୧୬ ଆଜଲାନ ଶାହ କପ୍ ହକି ଖେଳିବା ଅବସରରେ ମନପ୍ରୀତଙ୍କ ପିତା ମୃତ୍ୟୁବରଣ କରିଥିଲେ। ଜାପାନ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍ ଖେଳିବାର କେତେଘଣ୍ଟା ପୂର୍ବରୁ ଏହି ଦୁଃଖଦ ଖବର ମିଳିଥିଲା। ତେବେ ଏହା ସତ୍ତ୍ୱେ ଭାରତ ୨–୧ ଗୋଲରେ ବିଜୟୀ ହୋଇଥିଲା। ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ସେ ଏହା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ସାମିଲ ହୋଇପାରି ନ ଥିଲେ। ଫଳରେ ମନପ୍ରୀତଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇ ଅଷ୍ଟ୍ରେଲିଆ ୫–୧ ଗୋଲରେ ବିଜୟୀ ହୋଇଥିଲା। ଏହା ପରେ ମା ତାଙ୍କୁ ଏହି ଟୁର୍ନାମେଣ୍ଟରେ ଖେଳ ଜାରି ରଖିବାକୁ କହିଥିଲେ। ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ଓ ଦେଶ ପାଇଁ ଗୌରବ ଆଣିଦେବାକୁ ମା’ଙ୍କ ନିର୍ଦ୍ଦେଶ ଅନୁସାରେ ସେ ପୁଣି ମାଲେସିଆ ପ୍ରତ୍ୟାବର୍ତ୍ତନ କରି ଆଜଲାନ ଶାହ କପ୍ ଖେଳିଥିଲେ ଓ କାନାଡ଼ା ବିପକ୍ଷରେ ଭାରତର ୩–୧ ଗୋଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାପରେ ଭାରତ ୫–୧ ଗୋଲରେ ପାକିସ୍ତାନକୁ ହରାଇଥିଲା ଓ ଚତୁର୍ଥ ମିନିଟରେ ମନପ୍ରୀତ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଭାରତ ନ୍ୟୁଜିଲାଣ୍ଡଠାରୁ ୨–୧ ଗୋଲରେ ହାରିଥିଲା। ତେବେ ଭାରତ ପାଇଁ ମନପ୍ରୀତ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହା ପରେ ଭାରତ ଅନ୍ତିମ ପୁଲ୍ ମ୍ୟାଚ୍‌ରେ ମାଲେସିଆକୁ ୬–୧ ଗୋଲରେ ହରାଇଥିଲା। ତେବେ ଫାଇନାଲରେ ଭାରତ ୪–୦ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍ ହୋଇଥିଲା। ପିତା ମୃତ୍ୟୁ ସତ୍ତ୍ୱେ ମନପ୍ରୀତ୍ ନିଜ ଖେଳକୁ ପ୍ରଭାବିତ ହେବାକୁ ଦେଇ ନ ଥିଲେ, ଯାହା ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଥିଲା ଓ ତାଙ୍କର ଏହି ସାହସିକ ଖେଳ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ସିନିୟର ହକିରେ ସେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ୨୦୧୬ ଲଣ୍ଡନ ଓ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତର ରୌପ୍ୟ ପଦକ ହାସଲରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ଇଞ୍ଚିଅନ ଓ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ଭାରତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲା। ଏହି ଟୁର୍ନାମେଣ୍ଟରେ ମଧ ମନପ୍ରୀତ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୨୦୧୭ ଢାକା ଓ ୨୦୧୩ ମାଲେସିଆ ଏସିଆ କପ୍‌ରେ ଭାରତ ମନପ୍ରୀତ୍‌ଙ୍କ ପ୍ରଦର୍ଶନ ବଳରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲା।

ଅଭିନୟରେ ରୁଚି ରଖୁଥିବା ମନପ୍ରୀତ ସୁଯୋଗ ମିଳିଲେ ସିନେମାରେ ଅଭିନୟ କରିବାକୁ ପିଛାଇବେ ନାହିଁ ବୋଲି କୁହନ୍ତି। ସଲମାନ ଖାଁ ତାଙ୍କର ପସନ୍ଦର ଅଭିନେତା। ପଞ୍ଜାବି ଭାଙ୍ଗ୍ରା ମ୍ୟୁଜିକ୍ ଶୁଣିବାକୁ ସେ ଅଧିକ ପସନ୍ଦ କରିନ୍ତି। ଆଗାମୀ ବିଶ୍ୱପକପ୍‌ରେ ତାଙ୍କ ନେତୃତ୍ୱରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ମନପ୍ରୀତ୍ ଆଶା ପ୍ରକାଶ କରିଛନ୍ତି।

ପୂରା ନାମ: ମନପ୍ରୀତ୍ ସିଂ ପାୱାର
ଜନ୍ମ: ଜଳନ୍ଧର, ପଞ୍ଜାବ
ବୟସ: ୨୬ ବର୍ଷ
ଉଚ୍ଚତା: ୫ ଫୁଟ ୫ ଇଞ୍ଚ୍
ପ୍ଲେଇଙ୍ଗ ପୋଜିଶନ: ହାଫ୍ ବ୍ୟାକ୍

**ମେଡାଲ ରେକର୍ଡ**

ଚାମ୍ପିୟନ୍ସ ଟ୍ରଫି:
୨୦୧୬ ଲଣ୍ଡନ– ରୌପ୍ୟ
୨୦୧୮ ବ୍ରେଡା– ରୌପ୍ୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ା:
୨୦୧୪ ଗ୍ଲାସଗୋ– ରୌପ୍ୟ

ଏସିଆନ ଗେମ୍ସ:
୨୦୧୪ ଇଞ୍ଚିଅନ୍– ସ୍ୱର୍ଣ୍ଣ
୨୦୧୮ ଜାକର୍ତ୍ତା– ରୌପ୍ୟ

ଏସିଆ କପ୍:
୨୦୧୭ ଢାକା– ସ୍ୱର୍ଣ୍ଣ
୨୦୧୩ ମାଲେସିଆ– ରୌପ୍ୟ




# ଚାଇନା କମ୍ପାନୀକୁ ଏକତା ମଞ୍ଚର ବିରୋଧ

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ତୈଳ ବିଶୋଧନାଗାର ରଙ୍ଗିଆଗଡ଼ ରାସ୍ତାରେ ମଙ୍ଗଳବାର ଜମିହରା କୃଷକ ଏକତା ମଞ୍ଚର ଗୋଟିଏ ପକ୍ଷ ବିରୋଧ ପ୍ରଦର୍ଶନ କରିଛନ୍ତି। ବିଶୋଧନାଗାରରେ ଠିକା ସଂସ୍ଥା ଭାବେ କାମ କରୁଥିବା ଏକ ଚାଇନା କମ୍ପାନୀ (ସିକେସି)ରେ ଜମିହରାଙ୍କ ନିଯୁକ୍ତି ଦାବିରେ ମଞ୍ଚ ପକ୍ଷରୁ ଏପରି ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ମଞ୍ଚର ଉପଦେଷ୍ଟା ପ୍ରକାଶ ତ୍ରିପାଠୀ କୁହନ୍ତି, ଉକ୍ତ କମ୍ପାନୀରେ ନିଯୁକ୍ତି ପାଇଁ ପୂର୍ବରୁ ମଞ୍ଚ ପକ୍ଷରୁ ଦାବି ହୋଇଆସୁଥିଲା। କମ୍ପାନୀ ନିର୍ମାଣ କାମ ଶେଷ ହେବା ପରେ ନିଯୁକ୍ତି ଦିଆଯିବ ବୋଲି କହିଥିଲା। କିନ୍ତୁ ଉକ୍ତ କମ୍ପାନୀ ପ୍ରଶାସନିକ ଆଲୋଚନାରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନ ନେବାରୁ ଏପରି ବିରୋଧ କରାଯାଇଛି। କେବଳ ସେହି ଚାଇନା କମ୍ପାନୀର ଲୋକଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଛଡାଯାଇଛି ବୋଲି ସେ କହିଥିଲେ। ଏଭଳି ବିରୋଧ ସବୁବେଳେ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସେହି ଜମିହରା କୃଷକ ଏକତା ମଞ୍ଚର ଆଉ ଏକ ସମାନ୍ତରାଳ ସଂଗଠନ ଅଲଗା ଭାବେ ଆସନ୍ତା ୧୫ ତାରିଖରେ ବିଶୋଧନାଗାର ବନ୍ଦ ଡାକରା ଦେଇଛି। ଏହାର ପରାମର୍ଶଦାତା ଅଛନ୍ତି ଅରିନ୍ଦମ ସର୍ଖେଲ(ବାପି) ବୋଲି ଜଣାଯାଇଛି। ସମାନ ନାଁରେ ଦୁଇଟି ସଂଗଠନ ଅଲଗା ଭାବେ ବିରୋଧ କରିବା ବିଶୋଧନାଗାର କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଦ୍ୱନ୍ଦ୍ୱରେ ପକାଇଛି।

# ଗୋଟିଏ ଥାନା ପରିସୀମାରେ ଆଉ ଏକ ଥାନା

- ଏ ଥାନାରେ ଗଣ୍ଡଗୋଳ, ସେ ଥାନାରେ ଅଭିଯୋଗ
- ଜଟାଧାର ସାମୁଦ୍ରିକ ଥାନାର ନାହିଁ ନିଜସ୍ୱ ଗୃହ

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପାରାଦୀପରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ୫ଟି ଥାନା କାର୍ଯ୍ୟ କରୁଛି। ତେବେ ଉକ୍ତ ୫ ଥାନାର ସୀମା ଏବେ ସୁଦ୍ଧା ଠିକ୍ ଭାବେ ନିର୍ଦ୍ଧାରଣ କରାଯାଇନାହିଁ। ଏଥିପାଇଁ ଅଧିକାଂଶ ସମୟରେ ବିବାଦ ମୁଣ୍ଡ ଟେକୁଛି। ମଜାଦାର ଘଟଣା ହେଲା ଗୋଟିଏ ଥାନା ପରିସରରେ ଆଉ ଏକ ଥାନା ରହିଛି। ତେଣୁ ଉକ୍ତ ଥାନା ପରିସରରେ ଗଣ୍ଡଗୋଳ ହେଲେ ଅନ୍ୟ ଥାନାରେ ଅଭିଯୋଗ କରିବାକୁପଡୁଛି।

ଏପରି ଥାନା ହେଉଛି ଜଟାଧାର ମୁହାଣ ସାମୁଦ୍ରିକ ଥାନା। ବର୍ତ୍ତମାନ ଉକ୍ତ ଥାନା ନୂଆବଜାର ଷ୍ଟାଡିୟମ୍ ରାସ୍ତା ପାଖ ପୋର୍ଟ କ୍ୱାର୍ଟର୍ସରେ ଚାଲିଛି। ଜଟାଧାର ମୁହାଣ ସାମୁଦ୍ରିକ ଥାନାର ସୀମା ହେଲା ଷଣ୍ଢକୁଦ ବସ୍ତି ଓ ସମୁଦ୍ର ବେଳାଭୂମି ଅଞ୍ଚଳ। କିନ୍ତୁ ଯେଉଁ ସ୍ଥାନରେ ଏହି ଥାନା ଚାଲିଛି, ତାହା ପାରାଦୀପ ଥାନା ସୀମାରେ ରହିଛି। ସାମୁଦ୍ରିକ ଥାନା ହତା ଭିତରେ ଗଣ୍ଡଗୋଳ ହେଲେ ସେହି ଥାନାରେ କେସ୍ ହୋଇପାରିବ ନାହିଁ। ଅଭିଯୋଗ ହେବ ପାରାଦୀପ ଥାନାରେ। ପାରାଦୀପ ଥାନା ପୋଲିସ ଜଟାଧାର ଥାନାରେ ପଶି ତଦନ୍ତ କରିବ। ଜଟାଧାର ମୁହାଣ ଥାନା ୨୦୧୬ରୁ ପ୍ରତିଷ୍ଠା ହୋଇଥିଲେ ମଧ ଅଦ୍ୟାବଧି ନିଜସ୍ୱ ସୀମା ମଧ୍ୟରେ ଘର କରିପାରିନାହିଁ। ପୋର୍ଟ କ୍ୱାର୍ଟର୍ସରେ ଭଡ଼ାରେ ଚାଲିଛି। ଉକ୍ତ ଥାନାରେ ଆବଶ୍ୟକ ଅନୁସାରେ କର୍ମଚାରୀ ନାହାନ୍ତି। ଖଣ୍ଡେ ପାଟ୍ରୋଲିଂ ବୋଟ ମଧ ନାହିଁ। ଯେଉଁ ଉପକୂଳ ସୁରକ୍ଷା ଆଭିମୁଖ୍ୟ ନେଇ ଏପରି ସାମୁଦ୍ରିକ ଥାନା ହୋଇଛି, ସେପରି କୌଣସି ପଦକ୍ଷେପ ସମ୍ପୃକ୍ତ ଥାନା ପକ୍ଷରୁ ଏବେ ସୁଦ୍ଧା ଗ୍ରହଣ କରାଯାଇନାହିଁ। କେବଳ ଷଣ୍ଢକୁଦ ବସ୍ତିର ମାମଲା ଏହି ଥାନାରେ ରୁଜୁ ହେଉଛି। ୨୦୦୮ ନଭେମ୍ବର ୨୬ରେ ଉପକୂଳ ବାଟଦେଇ ଆତଙ୍କବାଦୀମାନେ ବମ୍ବେ ଆକ୍ରମଣ କରିଥିଲେ। ସେହି ଘଟଣା ପରେ କେନ୍ଦ୍ର ସରକାର ଦେଶର ପୂର୍ବ ଉପକୂଳ ୭୫୦୦ କି.ମି ସୀମାରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ପାଇଁ ୨୦୦୯ରେ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳରେ ୧୮ଟି ଥାନା ୨୦୦୯ ମାର୍ଚ୍ଚରୁ ଏପର୍ଯ୍ୟନ୍ତ ହୋଇସାରିଲାଣି। ପାରାଦୀପରେ ୨ଟି ସାମୁଦ୍ରିକ ଥାନା ରହିଛି। ଗୋଟିଏ ନେହେରୁ ବଙ୍ଗଳାରେ ଓ ଅନ୍ୟଟି ଷଣ୍ଢକୁଦଠାରୁ ଏରସମା ପର୍ଯ୍ୟନ୍ତ ଅଞ୍ଚଳ ପାଇଁ ଜଟାଧାର ମୁହାଣ ସାମୁଦ୍ରିକ ଥାନା। ଏହି ଥାନାର ସ୍ଥାୟୀ ଘର ପାଇଁ ଗୃହ ବିଭାଗ ପକ୍ଷରୁ ଏକାଧିକ ଥର ବିଭିନ୍ନ ଜାଗା ଅନୁଧ୍ୟାନ କରାଗଲାଣି। ଗତବର୍ଷ ଷଣ୍ଢକୁଦ ଉପାନ୍ତ ଚନକଣଠାରେ ଥାନା ପ୍ରତିଷ୍ଠା ପାଇଁ ଜାଗା ଚୂଡ଼ାନ୍ତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ସେଠାରେ କିଛି କାମ ହୋଇନାହିଁ। ୨୦୦୯ରୁ ୨୦୧୮ ମଧ୍ୟରେ ୧୮ଟି ଥାନାର ଭିତ୍ତିଭୂମି ହୋଇନାହିଁ। ଏହା ମଧ୍ୟରେ ପ୍ରତିବର୍ଷ ୨ଥର ଉପକୂଳ ସମରାଭ୍ୟାସ ହେଉଛି। ଯଦି ପୁଣି କେବେ ବମ୍ବେ ଆକ୍ରମଣ ଭଳି ଘଟଣାର ପୁନରାବୃତ୍ତି ହୁଏ, ସେତେବେଳେ ମେରାଇନ ଥାନାଗୁଡିକ କିପରି ମୁକାବିଲା କରିବ ତାହା ବଚାର୍ଯ୍ୟର ବିଷୟ। ପ୍ରତି ମେରାଇନ ଥାନାରେ ୮୪ଜଣ କର୍ମଚାରୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ରହିଛି। ସେମାନଙ୍କ ମଧ୍ୟରେ ଜଣେ ଇନ୍ସପେକ୍ଟର, ୧୨ ସବ୍ ଇନ୍ସପେକ୍ଟର, ୧୨ ଏଏସ୍‌ଆଇଙ୍କ ସମେତ କନଷ୍ଟେବଲ, ପାଟ୍ରୋଲିଂ ବୋଟ୍ କର୍ମଚାରୀ ଆଦି ଅନ୍ତର୍ଭୁକ୍ତ। କିନ୍ତୁ ଓଡ଼ିଶାର କୌଣସି ଥାନାରେ ଆବଶ୍ୟକ ଅନୁସାରେ କର୍ମଚାରୀ ଓ ଭିତ୍ତିଭୂମି ନାହିଁ। ସ୍ଥିତି ଏପରି ଯେ, ମେରାଇନ ଥାନାକୁ ଅନ୍ୟ ଥାନା ସୁରକ୍ଷା ଯୋଗାଉଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ଶାନ୍ତି ଚାହଁ ତେବେ କାହାର ଦୋଷ ନ ଦେଖି ପ୍ରଥମେ ନିଜ ଦୋଷ ଦେଖ, ଜଗତକୁ ନିଜର ବୋଲି ଜାଣି ସମସ୍ତଙ୍କୁ ଭଲ ପାଅ।
- ସାରଦା ଦେବୀ



## ସଂକ୍ଷେପରେ

### ଦାନଗଦୀ ସିଏଚ୍‌ସିକୁ ଡାକ୍ତରୀ ଉପକରଣ ପ୍ରଦାନ



**ଯାଜପୁର ଅଫିସ,୧୩।୧୧:** କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ପକ୍ଷରୁ ମଙ୍ଗଳବାର ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ଅତ୍ୟାଧୁନିକ ଡାକ୍ତରୀ ଉପକରଣ ପ୍ରଦାନ କରାଯାଇଛି। ଏଥିରେ ଅକ୍ସିଜେନ ଫ୍ଲୋମିଟର, ବ୍ଲଡ ଟେଷ୍ଟ ସିଭିସି ମେଶିନ, ଇଲେକ୍ଟ୍ରିକାଲ ସକ୍ସନ, ଡିଜିଟାଲ ଏକ୍ସ-ରେ, ଚକ୍ଷୁ ପରୀକ୍ଷା ଯନ୍ତ୍ର ସହିତ ବେଡ, ବେଡ୍‌ସିଟ, ଟେବୁଲ ଆଦି ୧୭ ପ୍ରକାର ସରଞ୍ଜାମ ପ୍ରଦାନ ଦିଆଯାଇଛି। ଏହାପୂର୍ବରୁ ମଧ୍ୟ ଏହି ଡାକ୍ତରଖାନାକୁ ୬ଟି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଦିଆଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ନିଶାନ୍ତ ଦାଶ, ଜିନ୍ଦଲ କାରଖାନାର ବାହ୍ୟ ସମ୍ପର୍କ ପ୍ରବନ୍ଧକ ପିତାମ୍ବର ବେହେରା ପ୍ରମୁଖ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ।

### ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ

**ରସୁଲପୁର,୧୩।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ବାମଦେଇପୁର ଗ୍ରାମସ୍ଥିତ ଝଟିଆ ନୂତନ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପଞ୍ଚାୟତର ଶିକ୍ଷା ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ସରପଞ୍ଚ ଆରତୀ ପହିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ବ୍ଲକ ସହକାରୀ ଶିକ୍ଷାଧିକାରୀ ମନମୋହନ ସାମଲ, ସମ୍ମାନିତ ଅତିଥି ଭାବରେ କମିଟିର ସହଯୋଗୀ ଅଧକ୍ଷ ତଥା ସମିତିସଭ୍ୟ ପ୍ରଦୀପ ନାୟକ, ସିଆର୍‌ସିସି ଦେବରାଜ ମିଶ୍ର, ଶିକ୍ଷାବିତ୍ କୁଳମଣୀ ନାୟକ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ଅବସ୍ଥିତ ସମସ୍ତ ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟଗୁଡ଼ିକର ରକ୍ଷଣାବେକ୍ଷଣ ଦିଗରେ ପଞ୍ଚାୟତର ଭୂମିକା, ବିଦ୍ୟାଳୟର ଉନ୍ନୟନ ଓ ସ୍ୱଳ୍ପ ମରାମତି ପାଇଁ ଆସୁଥିବା ଏସ୍‌ଆଇଜି, ଏମ୍‌ଆର୍‌ଜି ଅର୍ଥର ସୁବିନିଯୋଗ, ବିଦ୍ୟାର୍ଥୀମାନଙ୍କୁ ଦିଆଯାଉଥିବା ୟୁନିଫର୍ମ ଆଦିର ସୁପରିଚାଳନା ଦିଗରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟାସଦସ୍ୟ, ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏ ଦିଗରେ ଧ୍ୟାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକମାନେ ସେମାନଙ୍କ ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ଅନନ୍ତ କିଶୋର ସ୍ୱାଇଁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ■ ପୁଣି ଆରମ୍ଭ ହେଲାଣି ଶିଳ୍ପକୁ ବିରୋଧ

# ୬ ଅଭିଯୋଗ ଉପରେ ଏସ୍‌ପିସିବିର ତଦନ୍ତ ନିର୍ଦ୍ଦେଶ

**ଯାଜପୁର ଅଫିସ,୧୩।୧୧**

ଯାଜପୁର ଜିଲାର ଉତ୍କଟ ବେକାରୀ ସମସ୍ୟା ଦୂରୀଭୂତ ହେବା ଆଶା ରଖି ଅଞ୍ଚଳବାସୀ ଶିଳ୍ପାୟନକୁ ଗ୍ରହଣ କରିଛନ୍ତି। କିନ୍ତୁ ଶିଳ୍ପରେ ନିଯୁକ୍ତିର ବାସ୍ତବ ଚିତ୍ର ଭିନ୍ନ ରହୁଛି । ଖାଲି ନିଯୁକ୍ତି କାହିଁକି କୌଣସି କ୍ଷେତ୍ରରେ ଘରୋଇ ଶିଳ୍ପାନୁଷ୍ଠାନଗୁଡିକ ଉପରେ ଅଙ୍କୁଶ ଲଗାଇ ପାରି ନ ଥିବା ରାଜ୍ୟ ସରକାର ନିଜର ପାରିବାରପଣିଆ ଦେଖାଇବାକୁ ଭୁଲ ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ତେଣୁ ଅଞ୍ଚଳବାସୀ ସଚେତନ ହୋଇ ଏବେ ପୁଣି ଶିଳ୍ପକୁ ବିରୋଧ କରିବା ଆରମ୍ଭ କଲେଣି। ଏହିକ୍ରମରେ କଳିଙ୍ଗନଗର ଶିଳ୍ପ ଓ ସୁକିନ୍ଦା ଖଣି ବିରୋଧରେ ୬ଟି ଅଭିଯୋଗ ଦାଖଲ ହୋଇଛି। ସେଥିରୁ ନିକଟରେ ଜନଶୁଣାଣିରେ ସମର୍ଥନ ହାସଲ କରିଥିବା ଯାଜପୁର ସିମେଣ୍ଟ ବିରୋଧରେ ୩ଟି ଅଭିଯୋଗ କରାଯାଇଛି। ଅଭିଯୋଗଗୁଡିକୁ ଭିତ୍ତି କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର(ଏସ୍‌ପିସିବି) ଆଇନ ଅଧିକାରୀ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ ପୂର୍ବକ ରିପୋର୍ଟ ଦାଖଲ କରିବାକୁ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା ହେଉଛି କାଳ

କଳିଙ୍ଗନଗର ଶିଳ୍ପାଞ୍ଚଳ ପ୍ରଥମେ ଷ୍ଟିଲ୍ ହବ ଭାବେ ପରିଚିତ ଥିଲା। ଏଠାରେ ଟାଟା ଷ୍ଟିଲ୍, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍, ଭିସା ଷ୍ଟିଲ୍, ମେସ୍କୋ ଷ୍ଟିଲ୍, ବିଆରପିଏଲ, ରୋହିତ ଫେରୋଟେକ, କେଜେ ଇସ୍ପାତ ଆଦି ଶିଳ୍ପ ଗଢି ଉଠିଛି। ଗତ ଏକ ବର୍ଷ ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ୪ଟି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରବେଶ କରିଛି। ଏଥିରେ ଇମାମି ଓ ଜେଏସ୍‌ଡବ୍ଲ୍ୟୁ ଜନଶୁଣାଣି କରି ପୂର୍ଣ୍ଣମାତ୍ରାରେ ନିର୍ମାଣାଧିନ ଅବସ୍ଥାରେ ରହିଛି। ଅନ୍ୟପକ୍ଷେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାଶପୁରଠାରେ ରାମ୍‌କୋ ସିମେଣ୍ଟ ନିଜ ମନମୁଖୀ ଭାବେ କମ୍ପାନୀ ପ୍ରତିଷ୍ଠା କରି ଚାଲିଛି। ରାମ୍‌କୋ ଆଇନ ଅନୁସାରେ ଜନଶୁଣାଣି କରି ନାହିଁ କି ପରିବେଶଗତ ଅନୁମତି ପାଇନାହିଁ। ରାଜ୍ୟ ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ବଳରେ ରାମ୍‌କୋ ସମସ୍ତପ୍ରକାର ନୀତିନିୟମକୁ ଜଳାଞ୍ଜଳି ଦେଇ ନିର୍ମାଣ କରି ଚାଲିଛି। ସ୍ଥାନୀୟ ଲୋକେ ଯେତେ ବିରୋଧ କଲେ ବି କାହାରି କଥା ଶୁଣିବାକୁ ସେ ନାରାଜ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇତିମଧ୍ୟରେ ଯାଜପୁର ସିମେଣ୍ଟର ଜନଶୁଣାଣି ଶେଷ ହୋଇଥିବାବେଳେ ଏହା ବିରୋଧରେ ୩ଟି ଅଭିଯୋଗ ଏସ୍‌ପିସିବି ନିକଟରେ ଦାଖଲ ହୋଇଛି। କଳିଙ୍ଗନଗର ବିକାଶ ମଞ୍ଚ, ଅଲ୍ ଇଣ୍ଡିଆ ହ୍ୟୁମାନ ରାଇଟସ ଆସୋସିଏଶନ ଓ ସୁକିନ୍ଦା ଭୂମିପୁତ୍ର ଅଧିକାର ସୁରକ୍ଷା ସଂଗଠନ ଯାଜପୁର ସିମେଣ୍ଟ ବିରୋଧରେ ସ୍ୱର ଉତ୍ତୋଳନ କରିଛି। ପ୍ରଦୂଷଣ ଆଇନକୁ ଉଲ୍ଲଂଘନ କରି ଏହି ସିମେଣ୍ଟ କମ୍ପାନୀ ଏଠାରେ ପ୍ରତିଷ୍ଠା କରିବାକୁ ଯାଉଛି ବୋଲି ସଂଗଠନ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସେହିପରି କଳିଙ୍ଗନଗର ବିଆର୍‌ପିଏଲ୍ କମ୍ପାନୀର ବର୍ଜ୍ୟଜଳ(ବିଶୋଧନ ହୋଇ ନ ଥିବା ବିଷାକ୍ତ ଜଳ) ଗଣ୍ଡାନାଳକୁ ଛାଡୁଛି ବୋଲି ଦାନଗଦୀ ବ୍ଲକ ଧୂଳିଗଡ଼ ସରପଞ୍ଚ ମୀନାରାଣୀ ବେହେରା ଅଭିଯୋଗ ଆଣିଛନ୍ତି। ଏଥିରେ ସ୍ପଷ୍ଟ ଯେ, ପ୍ରତିଷ୍ଠିତ ଶିଳ୍ପ କିମ୍ବା ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପ କମ୍ପାନୀ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ଆସୁଥିବାରୁ ଏଭଳି ବିରୋଧର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ବାସ୍ତବରେ ଶିଳ୍ପାୟନର ଆବଶ୍ୟକତା ରହିଛି । କିନ୍ତୁ ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କେତେ ହେଉଛି, କିଏ ଅଧିକ ଲାଭବାନ ହେଉଛି ସରକାରଙ୍କ ଆୟତ୍ତ ଥିଲା ଭଳି ମନେ ହେଉନାହିଁ । ଯାଜପୁର ଜିଲାରେ ଚାଲିଥିବା ଶିଳ୍ପାୟନରେ ଏହା ଜଳ ଜଳ ଦିଶୁଛି । ସ୍ଥାନୀୟ ବେକାରୀ ସମସ୍ୟା କ'ଣ ଦୂର ହେବ, ବାହାର ରାଜ୍ୟର ଅଧିକ ଠିକାଦାର ଏଠାରେ ନିୟୋଜିତ ହେଉଛନ୍ତି । ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କୁ ଏଠାରେ ନିଯୁକ୍ତି ମିଳୁନାହିଁ । ଅଭିଜ୍ଞତା ଆଳରେ ରାଜ୍ୟ ବାହାରର ଲୋକଙ୍କୁ ଆଣି ଏଠାରେ ନିୟୋଜନ କରାଯାଉଛି । ବିସ୍ଥାପନ ଓ ପ୍ରଦୂଷଣର ଦୁଃଖ ସାଙ୍ଗକୁ ଶିଳ୍ପ ସଂସ୍ଥାର ଏଭଳି ସ୍ଥାନୀୟ ନିଯୁକ୍ତି ବିରୋଧ କାର୍ଯ୍ୟ ଲୋକଙ୍କୁ ଆନ୍ଦୋଳନମୁଖୀ କରୁଛି। ଏସଂକ୍ରାନ୍ତରେ ଏସ୍‌ପିସିବିର ଆଇନ ଅଧିକାରୀ ତାଙ୍କ ପତ୍ରସଂଖ୍ୟା ୧୩୫୦୧/୧୨।୧୧।୨୦୧୮ରେ ଅଭିଯୋଗଗୁଡିକ ଉପରେ ସବିଶେଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

### ଦୁର୍ନୀତି ନିବାରଣ ଅଭିଯାନ କମିଟି ଗଠିତ

**ରସୁଲପୁର,୧୩।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ମଙ୍ଗଳବାର ଦୁର୍ନୀତି ନିବାରଣ ଅଭିଯାନ କମିଟି ଗଠିତ ହୋଇଛି। ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧିର ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲା ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ସଭ୍ୟମାନେ ମତ ରଖିବା ସହ କମିଟି ପକ୍ଷରୁ ଦୁର୍ନୀତି ହଟାଅ ଅଭିଯାନ କରାଯିବା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଏନେଇ କମିଟିର ସଦସ୍ୟମାନେ ଆନ୍ତରିକତାର ସହ କାର୍ଯ୍ୟକରିବା ସହ ଦୁର୍ନୀତି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ ବୋଲି କୁହାଯାଇଥିଲା। ଦୁର୍ନୀତି ନିବାରଣକୁ ନେଇ ଗଠିତ ନୂଆ କମିଟିର ସଭାପତି ଭାବେ ଦୁର୍ଗାପ୍ରସନ୍ନ ଦାଶ, ସମ୍ପାଦକ ନିର୍ମଳ ସାମଲ, ଉପସଭାପତି ସୁଧିର ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ନୃସିଂହ ଚନ୍ଦ୍ର ମିଶ୍ର, ସହସମ୍ପାଦକ ସନ୍ତୋଷ କୁମାର ଜେନା ଓ କୋଷାଧକ୍ଷ ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କୁ ସ୍ଥାନ ଦିଆଯାଇଛି ।

### ଇନରହ୍ୱିଲ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା





କମାଗଡ଼ ସ୍କୁଲରେ ଇନରହ୍ୱିଲ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ବିରଜାକ୍ଷେତ୍ର,୧୩।୧୧(ଡି.ଏନ୍.ଏ.)**

ଯାଜପୁର ବ୍ଲକ ଅନ୍ତର୍ଗତ ଚଇନପୁର ପଞ୍ଚାୟତର କମାଗଡ଼ ୟୁଜିଏମ୍‌ଇ ସ୍କୁଲର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଇନରହ୍ୱିଲ କ୍ଲବ ପକ୍ଷରୁ ସୋମବାର ଉକ୍ତ ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ପୁଚି ଓ ଦଉଡି ଡିଆଁ ଖେଳର ପ୍ରତିଯୋଗିତା କରାଯାଇଥିଲା। ଉଭୟ ଜୁନିୟର ଓ ସିନିୟର ଗ୍ରୁପରେ ବିଭକ୍ତ କରାଯାଇ ପିଲାମାନଙ୍କୁ ସାମିଲ କରାଯାଇଥିଲା। ଦଉଡି ଡିଆଁରେ ସିନିୟର ଗ୍ରୁପରୁ ପଦ୍ମିନୀ ଜେନା ଓ ଆଶାଲତା ଜେନା ଯଥାକ୍ରମେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିୟର ଗ୍ରୁପ୍‌ରେ କାଜଲ ଦାଶ ୧ମ ଏବଂ ଅନୁଷ୍କା ମହାନ୍ତି ୨ୟ ସ୍ଥାନ ଅଧିକାର କରିଥିଲେ। ପୁଚିରେ ୫ମ ଶ୍ରେଣୀ ଛାତ୍ରୀ ଚନ୍ଦ୍ରକାନ୍ତି ଜେନା ୧ମ ଓ ହଂସିକା ଜେନା ୨ୟ ହୋଇଥିଲେ। କ୍ଲବର ସଭାପତି ପ୍ରେମଲତା ପଣ୍ଡା, ସମ୍ପାଦିକା ଚିତ୍ରଲେଖା ନାୟକ, ବରିଷ୍ଠ ସଭ୍ୟା ଆଶାଲତା ପତି, ତିଳୋତ୍ତମା ଦାସ, ଯାଜ୍ଞସେନୀ ମହାନ୍ତି, ପ୍ରତିମା ସାହୁ, ମାନସୀ ରାଣୀ ଓଝା ପ୍ରମୁଖ ଯୋଗଦେଇ ପିଲାଙ୍କ ମଧ୍ୟରେ ଏହି ପ୍ରତିଯୋଗିତା କରାଇବା ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଶିକ୍ଷୟିତ୍ରୀ ବଙ୍ଗବାଳା ମହାନ୍ତି, ପ୍ରତିଭା ପରିଡା, ଜୟଶ୍ରୀ ମଲ୍ଲିକ, ପ୍ରମିଳା ନାୟକ ଓ ଶିକ୍ଷକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୧୫ରୁ ଜିଲାସ୍ତରୀୟ ପ୍ରାଣୀଧନ ମେଳା

**ରସୁଲପୁର,୧୩।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକର ସିଂହାପୁର ପଞ୍ଚାୟତରେ ଜିଲାସ୍ତରୀୟ ପ୍ରାଣୀଧନ ମେଳା ଓ ୬୭ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ନଭେମ୍ବର୧୫ରୁ ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାଣୀ ସମ୍ପଦର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ସଚେତନ ହେବା ଦିଗରେ ଉତ୍ସବ ସହାୟକ ହେବ ବୋଲି ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ରସୁଲପୁର ବ୍ଲକରେ ଜାତୀୟ ପ୍ରାଣୀସମ୍ପଦ ମିଶନ ଆନୁକୂଲ୍ୟରେ ୨ଦିନ ବ୍ୟାପି ଉତ୍ସବ ଓ ସମ୍ବର୍ଦ୍ଧନା ମେଳା ଅନୁଷ୍ଠିତ ହେବ। ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ସିଂହାପୁରୁ ଯାତ୍ରା ପଡ଼ିଆରେ ଉତ୍ସବର ଉଦ୍‌ଘାଟନୀ ଦିବସରେ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କୃଷି ବୈଜ୍ଞାନିକମାନେ ଉପସ୍ଥିତ ରହି ଚାଷୀମାନଙ୍କ ନାନା ସମସ୍ୟା ସମାଧାନ କରିବା ଦିଗରେ ପ୍ରୟାସ କରିବେ। ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଗ୍ରଣୀ ଚାଷୀ ଓ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଦ୍ୱିତୀୟ ଦିବସରେ ଗୋ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଗାଈ, ବାଛୁରୀ, ବଳଦ ଆଦିକୁ ସ୍ଥାନ ଦିଆଯିବ।

## ■ କାଳୀପୂଜା ଭସାଣି ଆରମ୍ଭ

# ପ୍ରଥମ ଦିନରେ ବିସର୍ଜନ ହେଲା ୧୬ ମୂର୍ତ୍ତି

**ବିରଜାକ୍ଷେତ୍ର,୧୩।୧୧(ଡି.ଏନ୍.ଏ.)**

ଯାଜପୁର ସହରର ଗଣପର୍ବ କାଳୀପୂଜାର ଭସାଣ ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ଦୁଇଦିନ ଧରି ଏହି ଭସାଣ ଉତ୍ସବ ଅନୁଷ୍ଠିତ ହେବ। ୬ତାରିଖରୁ ଆରମ୍ଭ ହୋଇଥିବା କାଳୀପୂଜା ବିଭିନ୍ନ ପୂଜା ମଣ୍ଡପରେ ରୀତିନୀତି ଅନୁଯାୟୀ ପୂଜା ହେବାସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ଯାଜପୁର ସହର ଆଲୋକମାଳାରେ ଝଲସିବା ସହ ବଡ଼ ବଡ଼ ଲାଇଟ୍ ଗେଟ୍ ସାଙ୍ଗକୁ ତୋରଣମାନ ଶୋଭାପାଉଥିଲା। ମଙ୍ଗଳବାର ଭସାଣର ପ୍ରଥମ ଦିନରେ ଭାଗବତପୁର, ଲଳିତେଶ୍ୱର, କଲେଜ ଛକ, ମାଂସାପୋଲ, ବୈଦ୍ୟରାଜପୁର, କଚେରୀ ବଜାର, ରାଣୀ ରାମଚନ୍ଦ୍ରପୁର, ମହାବୀର ଛକ, ନିୟନ୍ତ୍ରିତ ବଜାର କମିଟି, ଟାଉନହଲ, ହାବେଳୀ ବଜାର, କିଆନାଳୀକୂଳ, ମାର୍କେଟ୍ ଛକ, ହରପାର୍ବତୀ ଛକ, ସଦାବ୍ରତ ମଠ, ଟ୍ୟାକ୍ସିଷ୍ଟାଣ୍ଡ, ବଡ଼ବଜାର, ଭବାନୀଗଞ୍ଜ ପ୍ରଭୃତି ମୃଣ୍ମୟ ମୂର୍ତ୍ତିଗୁଡ଼ିକ ଭସାଣ ଉତ୍ସବରେ ସାମିଲ ହୋଇ ବୈତରଣୀ ନଦୀକୂଳେ ଥିବା ଦେବୀଗଡ଼ା ଘାଟଠାରେ ହୋଇଥିବା ଅସ୍ଥାୟୀ ଘାଟଠାରେ ବିସର୍ଜନ ହୋଇଥିଲେ। ବିଭିନ୍ନ ପୂଜାମଣ୍ଡପର କର୍ମକର୍ତ୍ତାମାନେ ଭସାଣ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିଥିବାବେଳେ ଭକ୍ତମାନେ ମା' କାଳୀ ଓ ଲକ୍ଷ୍ମୀନାରାୟଣ ମୃଣ୍ମୟ ମୂର୍ତ୍ତିକୁ ଅଶ୍ରୁପୂତ ଭକ୍ତିରେ ଭସାଣ ଉତ୍ସବରେ ସାମିଲ ହୋଇଥିଲେ। ବୁଧବାର ବାକି ସମସ୍ତ ପୂଜାମଣ୍ଡପରେ ପୂଜା ପାଉଥିବା ମୃଣ୍ମୟ ମୂର୍ତ୍ତିଗୁଡ଼ିକ ବିସର୍ଜନ ହେବେ। ଭସାଣ ଉତ୍ସବରେ ଓଡ଼ିଶାର ପାରମ୍ପରିକ ନୃତ୍ୟର ଝଲକ ଦେଖିବାକୁ ମିଳିଥିଲା। ପୂଜାମଣ୍ଡପଗୁଡ଼ିକ ଅତ୍ୟାଧୁନିକ ବାଦ୍ୟଯନ୍ତ୍ର, ଘଣ୍ଟ ଓ କୀର୍ତ୍ତନ ମାଧ୍ୟମରେ ଦେବାଦେବୀଙ୍କୁ ଅଶ୍ରୁଳ ବିଦାୟ ଦେଉଥିବା ଦେଖିବାକୁ ମିଳିଥିଲା। ସକାଳ ୯ଟାରୁ ଭସାଣ ଉତ୍ସବ ଆରମ୍ଭ ହୋଇ ରାତ୍ର ୧୨ଟାରେ ସମାପ୍ତ ହୋଇଥିଲା। ଅଶ୍ଳୀଳ ସଙ୍ଗୀତ, ଅଶ୍ଳୀଳ ଆଚରଣ, ମଦ ନିଷେଧ, ଶବ୍ଦ ପ୍ରଦୂଷଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଭସାଣ ଉତ୍ସବ ସାରିବାକୁ ଯାଜପୁର ପୋଲିସ ପକ୍ଷରୁ ପୂଜାମଣ୍ଡପର କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା। ସେହି ଅନୁଯାୟୀ ପ୍ରଥମ ଦିନ ପୂଜାମଣ୍ଡପଗୁଡ଼ିକ ପୂଜା ଓ ଭସାଣ ସମୟରେ ପୋଲିସର ପରାମର୍ଶକୁ ପାଳନ କରିଥିବାର ଦେଖିବାକୁ ମିଳିଥିଲା । ପ୍ରଥମ ଦିନରେ ବିସର୍ଜନ ହୋଇଥିବା ମେଢ଼ଗୁଡ଼ିକ ଗାନ୍ଧୀଛକ, ଜିଲାପାଳଙ୍କ ଅଫିସ ସମ୍ମୁଖ, ମାର୍କେଟ୍ ଛକ, ବଡ଼ବଜାର ଦେଇ ଦେବୀଗଡ଼ା ଘାଟଠାରେ ବିସର୍ଜନ ହୋଇଥିଲା । ଯାଜପୁର ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶମତେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଯାଜପୁର ଥାନାର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## କାଳୀପୂଜା ଭସାଣି ଉତ୍ସବର ଝଲକ



ଭସାଣିରେ ବାହାରିଥିବା ଟାଉନ୍ ହଲ୍ ମେଢ଼।



ଟ୍ୟାକ୍ସି ଷ୍ଟାଣ୍ଡ



ମାନସପୋଲ



ବୈଦ୍ୟରାଜପୁର



କଚେରି ଛକ



କଲେଜ ଛକ



କୃଷ୍ଣକାଳୀ



ଲଳିତେଶ୍ୱରନଗର



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମିକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଉତ୍କଳ ଭାରତର ଯାଜପୁର ଜିଲା ସଭାପତି ନିଯୁକ୍ତି

ବରୀ,୧୩।୧୧(ସ୍ୱ.ପ୍ର.)- ଉତ୍କଳ ଭାରତର ରାଜ୍ୟ ସଭାପତି ମହାମେଘବାହନ ଐରଖାରବେଳ ସ୍ୱାଇଁ ମଙ୍ଗଳବାର ଯାଜପୁର ଜିଲା ସଭାପତି ଭାବେ ଅଶୋକ କୁମାର ଜେନାଙ୍କ ନାମ ଘୋଷଣା କରିଛନ୍ତି। ସଭାପତି ଜେନାଙ୍କ ପୂର୍ବତନ ସମିତିସଭ୍ୟ, ସୁସଙ୍ଗଠକ ଭାବେ ବରୀ ଅଞ୍ଚଳରେ ଖ୍ୟାତି ରହିଛି। ଜିଲାରେ ନୂତନ କମିଟି ଗଠନ କରି ଦଳକୁ ତୃଣମୂଳ ସ୍ତରରୁ ମଜଭୁତ୍ କରିବେ ବୋଲି ରାଜ୍ୟ ସଭାପତି ସ୍ୱାଇଁ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଖୁବ୍‌ଶୀଘ୍ର ମ୍ୟୁନିସିପାଲିଟି ପାଇଁ ସଭାପତି ନିଯୁକ୍ତି କରାଯିବ। ଏ ନେଇ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥର ରାଜ୍ୟରେ ଶାସନଭାର ପରିବର୍ତ୍ତନ ହେବ ବୋଲି ଉତ୍କଳ ଭାରତ ପକ୍ଷରୁ ନବନିଯୁକ୍ତ ସଭାପତି ଜେନା କହିଛନ୍ତି।

### ଦେଶୀ ମଦ ଜବତ, ଜଣେ କୋର୍ଟ ଚାଲାଣ

କୋରେଇ,୧୩।୧୧(ସ୍ୱ.ପ୍ର.)- ଚୋରା ମଦ ବ୍ୟବସାୟ ଅଭିଯୋଗରେ ପାଣିକୋଇଲି ପୋଲିସ ମଙ୍ଗଳବାର ଜଣଙ୍କୁ ଗୋର୍ଟଚାଲାଣ କରିବା ସହ ୨୫ ଲିଟର ମଦ ଜବତ କରିଛି। ଅଭିଯୁକ୍ତ ହେଲେ କରଦା ପଞ୍ଚାୟତ ପଳସା ଗ୍ରାମର ଭରତ ମୁଣ୍ଡା(୪୫)। ଭରତ ସ୍କୁଟି(ଓଡି-୦୪-ଡି-୪୨୭୬)ରେ ମଦ ନେଇ ଯାଉଥିବା ବେଳେ ୧୬ ନଂ. ଜାତୀୟ ରାଜପଥର ଥାନାଠାରୁ ଅନତି ଦୂରରେ ପୋଲିସ ତାଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(୧୮୫/୧୮) ରୁଜୁ କରିଛି।

### ଦିବ୍ୟାଙ୍ଗ ମହିଳାଙ୍କୁ ବସ୍ତ୍ର ବଣ୍ଟନ

ସିଂହପୁର,୧୩।୧୧(ଡି.ଏନ୍.ଏ.)- ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛଦାମୁଣ୍ଡ ଗ୍ରାମର ବନମାଳୀ ପରିଡା ସଂସଦ ପକ୍ଷରୁ ସୋମବାର ୧୨ ଗରିବ ଦିବ୍ୟାଙ୍ଗ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ସାମାଜିକ କର୍ମୀ ଦିନେଶ ମଲିକଙ୍କ ତତ୍ତ୍ୱାବଧାନରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି, ଯୁବ ସାମାଜିକ କର୍ମୀ ମୀନକେତନ ପରିଡା ପ୍ରମୁଖ ଯୋଗଦେଇ ସରସ୍ୱତୀ ସାମଲ, ରୁକ୍ମିଣୀ ରାଉତ, ରଙ୍ଗ ରାଉଳ, ଚଞ୍ଚଳା ଜେନା, ସଂଯୁକ୍ତା ଦାସ, ବାସନ୍ତି ଦାସ, କଳ୍ପନା ଦାସ, ଜୟନ୍ତୀ ବିଶ୍ୱାଳ, ମୋନାଲିସା ସାହୁଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା, ଅରୁପମା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୯୯୫ ବ୍ୟାଚ୍‌ର ଯୁବଛାତ୍ର ସମ୍ମିଳନୀ

ସିଂହପୁର,୧୩।୧୧(ଡି.ଏନ୍.ଏ.) ଅଙ୍ଗାଳୋ ହାଇସ୍କୁଲର ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଶ୍ୟାମେଶ୍ୱର ପୀଠରେ ଶନିବାର ଯୁବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଖିଳଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡା ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ଧଳ ସଭାପତିତ୍ୱ କରିଥିଲେ। ସାମାଜିକ ପରିବର୍ତ୍ତନ ପାଇଁ ପୂର୍ବତନ ଯୁବଛାତ୍ର ଧ୍ୟାନ ଦେବାକୁ ସମ୍ପାଦକ ପଣ୍ଡା କହିଥିଲେ। ରବିପ୍ରସାଦ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର ନିଜ ମାତୃଭୂମି ପ୍ରତି ନିଜର କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସନାତନ ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରବୋଧ କୁମାର ସାମଲ, ଅନ୍ତର୍ଯାମୀ ସାମଲ, ବ୍ରହ୍ମାନନ୍ଦ ସାମଲ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ମାନସ ସାମଲ, ଶୈଳେନ୍ଦ୍ର ସାମଲ, ରତିକାନ୍ତ ସାମଲ, ପରେଶ କୁମାର ସାମଲ, ଯୁବରାଜ ସାମଲ, ଅବନୀ କୁମାର ସାମଲ, ଅଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ରାଧାକାନ୍ତ ସାହୁ, ବ୍ରଜକିଶୋର ସାମଲ, ଗୁରୁଚରଣ ନାୟକ, ପର୍ଶୁରାମ ସାମଲ, ଭାନୁଦତ ରାୟ, କ୍ଷୀରୋଦ ନାୟକ, ନିରଞ୍ଜନ ଦାସ, ଏକାଦଶୀ ସାମଲ, ନକୁଳଚରଣ ସାମଲ, ଗିରିଧାରୀ ପଣ୍ଡା, ପ୍ରସନ୍ନ ରାଉତରାୟ, ଏବଂ ଶିକ୍ଷା କର୍ମଚାରୀ ତ୍ରିଲୋଚନ ସାମଲ, ଚନ୍ଦ୍ରମଣୀ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ମାନସ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏଲ ସମ୍ପ୍ରସାରଣ ବିରୋଧରେ ପ୍ରଚାରପତ୍ର ବଣ୍ଟନ

- ସ୍ଥାପନ ହେବ ବାର୍ଷିକ ୨.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ନୂତନ କାରଖାନା
- ପ୍ରସ୍ତାବିତ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌ର କ୍ଷମତା ୪.୨୦ ନିୟୁତ ଟନ୍‌କୁ ବୃଦ୍ଧି
- ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ ନ ଥିବାରୁ ବିଦ୍ରୋହ

ଚଣ୍ଡିଖୋଲ,୧୩।୧୧(ଡି.ଏନ୍.ଏ.)



ଯାଜପୁର ଜିଲା ଦର୍ପଣ ତହସିଲ ଓ କଟକ ଜିଲା ଟାଙ୍ଗୀ ତହସିଲର ମିଳନ ସ୍ଥଳରେ ଉଭୟ ଜିଲାରୁ ଜମି ଅଧିଗ୍ରହଣ କରାଯାଇ ଓସିଏଲ(ଓଡ଼ିଶା ସିମେଣ୍ଟ ଲିମିଟେଡ) ତିଆରି ହୋଇଛି। ଏବେ ମେସର୍ସ କପିଳାସ ସିମେଣ୍ଟ ମ୍ୟାନୁଫାକ୍ଚରିଂ ୱାର୍କସ (ଓସିଏଲ ଇଣ୍ଡିଆ ଲିମିଟେଡ)ର ଗୋଟିଏ ୟୁନିଟ୍ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ.ଓ-୧୫୩୩ (ଇ) ୧୪।୦୯।୨୦୦୬ ଅନୁଯାୟୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ସର୍ବସାଧାରଣ ଜନଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ସେହି ଆଧାରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଚିଠି ସଂଖ୍ୟା ୧୨୭୩୮, ୨୫।୧୦।୨୦୧୮ରେ ବିଜ୍ଞାପନ ପ୍ରକାଶ କରିଛି। ଆସନ୍ତା ୨୮ ତାରିଖରେ ଅମୀୟଝରଠାରେ ଜନଶୁଣାଣି ହେବ। ଏଭଳି ସ୍ଥିତିରେ ସିମେଣ୍ଟ କାରଖାନା ସମ୍ପ୍ରସାରଣକୁ ବିରୋଧ କରି ସ୍ଥାନୀୟ ଲୋକେ ମଙ୍ଗଳବାର ବିଭିନ୍ନ ଗ୍ରାମରେ 'ଜନସଚେତନତା ବାର୍ତ୍ତା' ସମ୍ପର୍କିତ ଏକ ପ୍ରଚାରପତ୍ର ବଣ୍ଟନ କରିଛନ୍ତି। ଦର୍ପଣ ତହସିଲ ଅନ୍ତର୍ଗତ ପାରିଆ ଓ ବୈରୀ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏହି ପ୍ରଚାରପତ୍ର ବଣ୍ଟା ହେବା ସହ ଏହାକୁ ବିରୋଧ କରିବା ପାଇଁ କୁହାଯାଇଛି।

ସୂଚନାଯୋଗ୍ୟ, ଓସିଏଲ ତାର ପ୍ରଥମ ପ୍ରକଳ୍ପ ଆରମ୍ଭ କରିବା ବେଳେ ଏକ ଫାର୍ମହାଉସ କରିବ କହି ସାଧାରଣ ଲୋକଙ୍କଠାରୁ ଶାଗ ମାଛ ଦରରେ ଜମି କିଣିଥିଲା। ପରେ ସେ ସିମେଣ୍ଟ କାରଖାନା ଆରମ୍ଭ କରିବା ଯୋଗୁ ଆଦିବାସୀ ଓ ଗରିବ ଲୋକେ ବାସଚ୍ୟୁତ ହୋଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିଯୁକ୍ତି ମିଳିନାହିଁ। ରାଜନେତାଙ୍କ ହସ୍ତକ୍ଷେପ ଯୋଗୁ କେତେଜଣ ଯୁବକ ନିଯୁକ୍ତି ପାଇଥିବା ବେଳେ ସାଧାରଣ ଲୋକ ପ୍ରଭାବିତ ହୋଇଥିଲେ। କମ୍ପାନୀ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ବର୍ତ୍ତମାନ ଓସିଏଲ୍ ତାର ଦ୍ୱିତୀୟ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଥିଲା ବେଳେ ସ୍ଥାନୀୟ କେତେଜଣ କୁଜି ନେତାଙ୍କୁ ଧରି ପୁନର୍ବାର ଜମି ଅଧିଗ୍ରହଣ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ହେଲେ ଯେପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ମିଳିଛି, ସେପର୍ଯ୍ୟନ୍ତ କାରଖାନା ସମ୍ପ୍ରସାରଣକୁ ବିରୋଧ କରାଯିବା ସହ ଜନଶୁଣାଣିରେ ଓସିଏଲ୍ କାରଖାନା ବନ୍ଦ ନେଇ ଦାବି କରାଯିବ ବୋଲି ପ୍ରଚାର ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଯେ, ଓସିଏଲ୍ ବାର୍ଷିକ ୨.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ନୂତନ କାରଖାନା ସ୍ଥାପନ କରିବ। ଏଥିସହ ଗତ ସେପ୍ଟେମ୍ବରରେ ପ୍ରସ୍ତାବିତ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌ର କ୍ଷମତା ୧.୭୦ ନିୟୁତ ଟନ୍‌ରୁ ୪.୨୦ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ନିକଟରେ ପରିବେଶ ମଞ୍ଜୁରୀ ନିମନ୍ତେ ଆବେଦନ କରିଥିଲା। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ପ୍ରଚାର ପତ୍ରରେ କୌଣସି ନାମ ଉଲ୍ଲେଖ ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ୧୦ ଗ୍ରାମର ଗ୍ରାମବାସୀ ଏକ ଗୁପ୍ତ ବୈଠକ କରିବେ ବୋଲି ସୂଚନା ମିଳିଛି।

### ମରାମତି ଅଭାବରୁ ବଢୁଛି ଦୁର୍ଘଟଣା

ଚଣ୍ଡିଖୋଲ,୧୩।୧୧(ଡି.ଏନ.ଏ.)- ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥରେ ମରାମତି ଅଭାବରୁ ଖାଲଖମା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। ଗତ ୧୫ ଦିନ ମଧ୍ୟରେ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ରାସ୍ତା ମରାମତି ପାଇଁ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଜାତୀୟ ରାଜପଥକୁ ଚାରିଧାଡ଼ିଆ କରିବା ପାଇଁ ଗତ ୧୦ ବର୍ଷ ହେବ ଘୋଷଣା ହୋଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପୂର୍ବରୁ ରାସ୍ତା ସମ୍ପ୍ରସାରଣ ପାଇଁ ନିୟୋଜିତ ଗୋଟିଏ ଠିକା କମ୍ପାନୀ ନିର୍ମାଣ କାର୍ଯ୍ୟ ବାହାନାରେ ରାସ୍ତାର ଉଭୟ ପାର୍ଶ୍ୱକୁ ତାଡ଼ି ମାଟି ଗଦା କରି ଅଧାରୁ କାମ ଛାଡ଼ି ଚାଲିଯାଇଛି। ବର୍ଷେ ହେବ ଗ୍ୟାମନ୍ ଇଣ୍ଡିଆ ସଂସ୍ଥାକୁ ସମ୍ପ୍ରସାରଣ ପାଇଁ ଟେଣ୍ଡର ଦିଆଯାଇଛି । ଯଥାଶୀଘ୍ର ରାସ୍ତା ମରାମତି ସହ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ନ ହେଲେ ଜନ ଆନ୍ଦୋଳନ କରାଯିବ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ବିଜୁ ପାଟିଲ୍‌ଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଟେଣ୍ଡର ନେଇଥିବା ଠିକା କମ୍ପାନୀ ତାର କାର୍ଯ୍ୟ ଆରମ୍ଭ କରିବ ବୋଲି କହିଥିଲେ।

## କୁଆଖିଆ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

ରସୁଲପୁର,୧୩।୧୧(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବଜାରର ଗଜଉଦ୍ଧାରଣ ପୂଜା ଅବସରରେ ଅନୁଷ୍ଠିତ କୁଆଖିଆ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସ୍ଥାୟୀ ଅଧ୍ୟକ୍ଷ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କମିଟି ପକ୍ଷରୁ ୧୧ତମ ବାର୍ଷିକୀ କୁଆଖିଆ ମହୋତ୍ସବ ପାଳନ ହେବ। ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ କମିଟି ପକ୍ଷରୁ ପ୍ରଶାସନିକ ସହାୟତା ନିଆଯାଇଛି।

କୁଆଖିଆ ବଜାରର ଏକ ହୋଟେଲରେ କମିଟି ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ (ସମନ୍ୱୟ ବୈଠକ) କୁଆଖିଆ ପୋଲିସ ପ୍ରଶାସନ, ବ୍ଲକ ପ୍ରଶାସନ, ରସସୁଲପୁର ଅଗ୍ନିଶମ ବିଭାଗ, କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା କମିଟି, ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି, ଗାଁ ମୁରବୀ ଓ କୁଆଖିଆ ମୋହତ୍ସବ କମିଟିର କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ବୈଠକ ଜରିଆରେ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ହେବା ନେଇ ଆଲୋଚନା ହୋଇଥିଲା। ଏ ଦିଗରେ ସମସ୍ତଙ୍କ ସାହାଯ୍ୟ, ସହଯୋଗ କାମନା କରାଯାଇଥିଲା। ମହୋତ୍ସବ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ, ବଜାରର ପରିମଳ ବ୍ୟବସ୍ଥାକୁ ସୁଧାରିବା, କାର୍ଯ୍ୟକ୍ରମଗୁଡ଼ିକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ସବୁ ବର୍ଗର ପଦାଧିକାରୀଙ୍କର ସହାୟତା କମିଟି ପକ୍ଷରୁ ଲୋଡା ଯାଇଛି । ବୈଠକରେ ଉପସ୍ଥିତ ପଦାଧିକାରୀମାନେ ଏ ଦିଗରେ ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା, କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀ, ଲକ୍ଷ୍ମୀନାରାୟଣ ପୂଜା କମିଟିର ସଭାପତି ବନୋଜ ସ୍ୱାଇଁ, ସମ୍ପାଦକ ନାରାୟଣ ବିଶ୍ୱାଳ, ଯାଜପୁର ଜିଲା ବିଜେଡି ଉପସଭାପତି ପ୍ରହ୍ଲାଦ ପଣ୍ଡା, ଯୁବନେତା ପ୍ରକାଶ ସାମଲ, ସରପଞ୍ଚ ଗୋଲଖ ବିହାରୀ ପଣ୍ଡା, ଶିଶିର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟିର ସଭାପତି ଅରୁଣ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଅରୁଣ ରାଉତ ବିବରଣୀ ପାଠ କରିଥିଲେ । ଦୀଲିପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଗାଁ ମୁରବୀ ନରହରୀ ନାୟକ, ଯୁବ ବିଜେଡି ସଭାପତି ସୁବାସ ଖୁଣ୍ଟିଆ, ସାଧାରଣ ସଂପାଦକ ମନୋଜ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ
## ସମ୍ବର୍ଦ୍ଧିତ ହେବେ ୫ ପ୍ରତିଭା

ଧର୍ମଶାଳା, ୧୩।୧୧ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମର ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ୩୬ତମ ବୋଇତ ବନ୍ଦାଣ ଉତ୍ସବ ନିମନ୍ତେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୩ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ସ୍ଥାନୀୟ ଶ୍ୟାମସୁନ୍ଦର ପୁଷ୍କରିଣୀରେ ବୋଇତ ବନ୍ଦାଣ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ ଏବଂ ଶ୍ୟାମସୁନ୍ଦର ନୋଡାଲ ହାଇସ୍କୁଲ ପ୍ରାଙ୍ଗଣରେ ସାଂସ୍କୃତିକ ମିଳନ ସଭା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ବନ୍ଦାଣ ଉତ୍ସବ ପାଇଁ ଅତିଥିଚୟନ, ଶାନ୍ତି ଶୃଙ୍ଖଳା, ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ସାଜସଜ୍ଜା, ପ୍ରଚାର ପ୍ରସାର, ଦମକଳ ମୁତୟନ, ପ୍ରସାଦ ସେବନ ଆଦି ବିଭିନ୍ନ ବିଷୟ ଆଲୋଚିତ ହୋଇଛି। ଉତ୍ସବରେ ଯାଜପୁର ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କୁ ଅତିଥିଭାବେ ଆମନ୍ତ୍ରଣ କରିବା ପାଇଁ ମତ ପ୍ରକାଶ ପାଇଛି। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ୫ଜଣ ପ୍ରତିଭାଧରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଓଡ଼ିଆ ଚଳଚ୍ଚିତ୍ର ଲୈଲା ଓ ଲୈଲାରେ ଅଭିନୟ ପାଇଁ ଅଭିନେତା ସ୍ୱରାଜ ଏବଂ ପ୍ରେମ କୁମାର ଚଳଚ୍ଚିତ୍ରରେ ଅଭିନୟ ପାଇଁ ଅଭିନେତ୍ରୀ ଶିବାନୀଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ଅଭିନେତ୍ରୀ ଭାବେ ସମ୍ବର୍ଦ୍ଧିତ କରିବା ପାଇଁ ଜୁରି କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିବା ଉପଦେଷ୍ଟା ସୂଚନା ଦେଇଥିଲେ । ଏଥିସହିତ ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ପରିଜା, ପ୍ରଯୋଜକ ବାପୁନ କୁମାର ଏବଂ ବିଶିଷ୍ଟ ମଧୁମେହ ଚିକିତ୍ସକ ଏସ୍.ଆର୍. ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର କର୍ମକର୍ତ୍ତା ଏବଂ ଗ୍ରାମବାସୀ ଯୋଗଦେଇଥିଲେ। ରଣଜିତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି
## ୨ୟ ଦିନରେ ଗଣଧାରଣା




ଧାରଣାରେ ବସିଥିବା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ।

କୋରେଇ,୧୩।୧୧(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି । ଏ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡ଼ାଇ ସଭାପତିତ୍ୱ କରିଥିଲେ। ଯୁଗ୍ମ ଆବାହକ ସୁବାସ ଧଳ ସଭା ସଞ୍ଚାଳନ କରିଥିଲେ। ଗମନାଗମନର ସୁବିଧା, ରାଜ୍ୟର ପ୍ରମୁଖ ସ୍ଥାନ, କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଓ ପର୍ଯ୍ୟାପ୍ତ ସରକାରୀ ଜମି ଉପଲବ୍ଧ ଥିବାରୁ ପାଣିକୋଇଲିଠାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ଦାବି କରିଥିଲେ । ନଚେତ୍ ସରକାରୀ ଘୋଷଣା ପର୍ଯ୍ୟନ୍ତ ଆନ୍ଦୋଳନ ଓ ଧାରଣା ଚାଲୁ ରହିବ ବୋଲି ମତ ପ୍ରକାଶ ପାଇଥିଲା । ସିପିଏମ୍ ଜିଲା ସମ୍ପାଦକ ପ୍ରଫୁଲ୍ଲ ନାୟକ, ଶ୍ରମିକ ନେତା ଭ୍ରମରବର ରାଉତ, ସଦାଶିବ ଦାସ, ବ୍ୟାସନଗର ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡା, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ନିର୍ମଳ ରଥ, କୃଷକ ନେତା ବଳରାମ ସାହୁ, ସେକ ଜହର ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ। ତାରିଣୀ ପଟ୍ଟନାୟକ, ବଟକୃଷ୍ଣ ମହାପାତ୍ର, ନୃସିଂହ ଚରଣ ଦଳାଇ, ଚନ୍ଦ୍ରମଣି ସ୍ୱାଇଁ, ନିରଞ୍ଜନ ରାଉତ, ବସନ୍ତ ଦାସ, ବିପିନ ଧଳ, ଆଲୋକ ପରିଡା, ସୁରେଶ ପଣ୍ଡା, ପ୍ରତାପ ମଲ୍ଲିକ, ଶଶିକାନ୍ତ ମଲ୍ଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶତାଧିକ ଲୋକ ଧାରଣାରେ ସାମିଲ ହୋଇଥିଲେ।

### ଯାଜପୁର ୟୁଥ ଫୋରମ୍ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ

କୋରେଇ,୧୩।୧୧(ସ୍ୱ.ପ୍ର.)

ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଯାଜପୁର ୟୁଥ ଫୋରମ ପକ୍ଷରୁ ମଙ୍ଗଳବାର କୋରେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସଭାପତି ସନ୍ଦୀପ ନାୟକ ଓ ସମ୍ପାଦକ ରାକେଶ ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବଛାତ୍ର କିଲା ପଡିଆଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ । ପାଣିକୋଇଲି ଜିଲାର ଉପଯୁକ୍ତ ସ୍ଥାନ ହୋଇଥିବା ବେଳେ ଏଠାରେ କାହିଁକି ମେଡିକାଲ ପ୍ରତିଷ୍ଠା କରା ନ ଯିବ, ସେ ନେଇ ଛାତ୍ରନେତା ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦିଆଯାଇଥିଲା । କଂଗ୍ରେସ କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡା, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ପ୍ରମୋଦ ପରିଡା, ନାରାୟଣ ନାୟକ, ଲୋକମାନ ବେଗ ସମିତିସଭ୍ୟ ପ୍ରମୋଦ ସାହୁ, ଜହର ଅଲ୍ଲୀ, ଶ୍ରମିକ ନେତା ପଦ୍ମାକର ଗୁରୁ, ସୁରେଶ ପଣ୍ଡା, ରାକେଶ ପୃଷ୍ଟି, ନାରାୟଣ ଦାସ, ଗୋଲାମ ସରବର ହଜାରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର, ଯୁବତୀ ଯୁବକଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ପୂଜା ମଣ୍ଡପ ବୁଲିଲେ ଜିଲାପାଳ, ଏସ୍‌ପି

ଯାଜପୁରରୋଡ,୧୩।୧୧(ନି.ପ୍ର.)



କାଳୀପୂଜା ମଣ୍ଡପରେ ଜିଲାପାଳ ଓ ଏସ୍‌ପି ।

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ଏସ୍‌ପି ଚରଣ ସିଂ ମୀନା ମଙ୍ଗଳବାର ଯାଜପୁରରୋଡର ବିଭିନ୍ନ କାଳୀପୂଜା ମଣ୍ଡପ ବୁଲି ଦେଖିଥିଲେ। ଯାଜପୁର ସହରର ଗଣପର୍ବ ହେଉଛି କାଳୀପୂଜା । ଚଳିତବର୍ଷ ୧୦ ଦିନ ଧରି ପୂଜା ଅନୁଷ୍ଠିତ ହେବ। ଯାଜପୁର ଜିଲା ସମେତ କେନ୍ଦୁଝର, ଢେଙ୍କାନାଳ, ଭୁବନ ଅଞ୍ଚଳରୁ ମେଢ ଦେଖିବାପାଇଁ ଲୋକଙ୍କ ଭିଡ଼ ଲାଗିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଶାନ୍ତି କମିଟି ଗଠନ କରାଯାଇଛି । ଭସାଣିରେ ନିଶା ସେବନ ନ କରିବା ଓ ବିନା ଡିଜେରେ ରୋଶଣି କରିବା ପାଇଁ ଜିଲାପାଳ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯାଜପୁର ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ କୁମାର ବୋଇତାଇ, ଦେବେନ୍ଦ୍ର ସାମଲ, ହରିହର ସାମଲ, ପ୍ରିୟଦର୍ଶୀ ମହାରଣା, ହେମନ୍ତ ମହାନ୍ତି, ମହେନ୍ଦ୍ର ପ୍ରତାପ ସିଂ, ହୃଷୀକେଶ ସାହୁ, ଅସିତା ବିଶ୍ୱାଳ ପ୍ରମୁଖ ଶାନ୍ତି କମିଟି ସଭ୍ୟ ଜିଲାପାଳ ଓ ଏସ୍‌ପିଙ୍କ ସହ ପୂଜା ମଣ୍ଡପ ବୁଲିଥିଲେ ।

## ଫେରୋକ୍ରମ୍ ମଜଦୁର ସଂଘର ନୂତନ କର୍ମକର୍ତ୍ତା ଚୟନ

ଯାଜପୁରରୋଡ,୧୩।୧୧(ନି.ପ୍ର.)

ଯାଜପୁରରୋଡସ୍ଥିତ ଫେରୋକ୍ରମ କାରଖାନା ଫେରୋକ୍ରମ ମଜଦୁର ସଂଘର ନୂତନ କର୍ମକର୍ତ୍ତାଙ୍କୁ ସଂଘ ସଭାପତି ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ମନୋନୀତ କରିଛନ୍ତି । ଉପଦେଷ୍ଟା ଭାବେ ସୁବାସ ଚନ୍ଦ୍ର ବଳ, ସତ୍ୟନାରାୟଣ ପଣ୍ଡା, ଅସିତ୍ କୁମାର ଜେନା, କୀର୍ତ୍ତନ ଚନ୍ଦ୍ର ବିଶ୍ୱାଳ, ଗୋକୁଳାନନ୍ଦ ଜେନା, ଅକ୍ଷୟ କୁମାର ବିଶ୍ୱାଳ, ଦେବେନ୍ଦ୍ର କୁମାର ସାମଲ, ଅମୂଲ୍ୟ କୁମାର ନାୟକ, ପାର୍ଥସାରଥୀ ନାୟକ, ରମେଶ ଚନ୍ଦ୍ର ପାତ୍ରଙ୍କୁ ମନୋନୀତ କରାଯାଇଛି। କମଳ ଲୋଚନା ନାୟକ କାର୍ଯ୍ୟକାରୀ ସଭାପତି, ଉପସଭାପତି ଭାବେ ରବୀନ୍ଦ୍ର କୁମାର ରାଉତ, ଉତ୍ସବ ମଲ୍ଲିକ୍ ଓ ଅଲେଖ ସାମଲ, ନିତ୍ୟାନନ୍ଦ ମାଝି ମନୋନୀତ ହୋଇଛନ୍ତି । ଜଗବନ୍ଧୁ ଦାସ ସାଧାରଣ ସମ୍ପାଦକ, ସହସମ୍ପାଦକ ନରେନ୍ଦ୍ର ଟୁଡୁ, ଅଭିରାମ ସାହୁ, ଚକ୍ରଧର ନାୟକ ଓ ସଙ୍ଗଠନ ସମ୍ପାଦକ ଅନନ୍ତ କୁମାର ସେନାପତି, କାହ୍ନୁଚରଣ ଜେନା, ଦୁଲରାମ ବିରୁଆ, ରାଧାକାନ୍ତ ସେଠୀ, ବିଜୟ କୁମାର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମହଲା, ନୃସିଂହ ଚରଣ ସ୍ୱାଇଁ, ନାରାୟଣ ସ୍ୱାଇଁ, ଚିନ୍ତାମଣି ଦାସ, ଲକ୍ଷ୍ମଣ ପରିଡାଙ୍କୁ ଚୟନ କରାଯାଇଛି । ସେହିପରି କାର୍ଯ୍ୟାଳୟ ସମ୍ପାଦକ ଅମୂଲ୍ୟ କୁମାର ନାୟକ, ସହକାରୀ କାର୍ଯ୍ୟାଳୟ ସମ୍ପାଦକ ଦୈତାରୀ ମହାନ୍ତି, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ବାହାଲିଆ, ସହକୋଷାଧ୍ୟକ୍ଷ ବିଶ୍ୱନାଥ କବି ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ସୂଚନାଯୋଗ୍ୟ, ଫେରୋକ୍ରୋମ ମଜଦୁର ସଂଘ ବିଜୁ ପଟ୍ଟନାୟକ ଶ୍ରମିକ ସଂଘକୁ ପରିଚାଳନା କରୁଥିଲା ।

### ଯାଜପୁରରୋଡ ଲେଖିକା ସଂସଦର ଅଧିବେଶନ

ଯାଜପୁରରୋଡ, ୧୩।୧୧ (ନି.ପ୍ର.)

ଯାଜପୁର ଜିଲା ଲେଖିକା ସଂସଦର ଅଧିବେଶନ ରବିବାର କୁଆଖିଆସ୍ଥିତ ସୂର୍ଯ୍ୟନାରାୟଣ ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଜିଲା ଲେଖିକା ସଂସଦ ସଭାପତି ବିଦ୍ୟୁଲତା ଦାସ ଅଧ୍ୟକ୍ଷତା କରିଥିଲେ । ଶକୁନ୍ତଳା ଦାସ ବେଦପାଠ କରିଥିଲେ । ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ନାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଉପସଭାପତି ପ୍ରମିଳା ପ୍ରତାପ, ଅଞ୍ଜୁବାଳା ଜେନା, ମିରିନା ମହାନ୍ତି, ଶକୁନ୍ତଳା ଦାସ, ସବିତା ମିଶ୍ର, ପଦ୍ମଜା ଶରତ, ବିଜୟଲକ୍ଷ୍ମୀ ମହାପାତ୍ର, ମଧୁସ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ରାଉତ, ହିରଣ୍ମୟୀ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ମିରିନା ମହାନ୍ତି ଓ ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ
## ଫାଇନାଲରେ ସେଣ୍ଟ ଜାଭିୟର ସ୍କୁଲ

ଯାଜପୁରରୋଡ,୧୩।୧୧(ନି.ପ୍ର.)

ସେଣ୍ଟ ମେରୀ ସ୍କୁଲ ଆନୁକୂଲ୍ୟରେ ମଙ୍ଗଳବାର ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ସେଣ୍ଟ ଜାଭିୟର ସିନିୟର ସେକେଣ୍ଡାରୀ ଓ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜାଭିୟର ଇଣ୍ଟରନ୍ୟାଶନାଲ ଟସ୍ ଜିତି ୨୦ ଓଭରରେ ୫ ଉଇକେଟ୍ ହରାଇ ୧୬୯ ରନ୍ କରିଥିଲା । ଜବାବରେ ସେଣ୍ଟ ଜାଭିୟର ୩ ଉଇକେଟ ହରାଇ ୧୭୦ ରନ୍ କରି ଫାଇନାଲରେ ପ୍ରବେଶ କରିଛି। ଜାଭିୟର ସ୍କୁଲର ରାଜକିଶୋର ଖୁଣ୍ଟିଆ ୩ ଓଭରରେ ୫ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସେଣ୍ଟ ମେରୀ ସ୍କୁଲ ଓ ବ୍ୟାସ ସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଣ୍ଟମେରୀ ଟସ୍ ଜିତି ୨୦ ଓଭରରେ ୬ ଉଇକେଟ ହରାଇ ୨୨୬ ରନ୍ କରିଥିଲା । ଜବାବରେ ବ୍ୟାସ ସ୍କୁଲ ସମସ୍ତ ଉଇକେଟ ହରାଇ ୧୮୪ ରନ୍ କରିଥିଲା । ଅଙ୍କିତ୍ ପଣ୍ଡା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇ ଥିଲେ । ଓସିଏର ସିନିୟର ଅମ୍ପାୟାର ବୁଲୁ ପଟ୍ଟନାୟକ, ଦେବେନ୍ଦ୍ର ଦାସ ଖେଳ ପରିଚାଳନା କରିଥିଲେ।



ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ।



ଯଦି ଶାନ୍ତି ଚାହଁ ତେବେ କାହାର ଦୋଷ ନ ଦେଖି ପ୍ରଥମେ ନିଜ ଦୋଷ ଦେଖ, ଜଗତକୁ ନିଜର ବୋଲି ଜାଣି ସମସ୍ତଙ୍କୁ ଭଲ ପାଅ।

- ସାରଦା ଦେବୀ



## ସଂକ୍ଷେପରେ

### ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅସୁରକ୍ଷିତ
### ଡକାୟତି ଉଦ୍ୟମ ବେଳେ ୩ ଗିରଫ, ମାରଣାସ୍ତ୍ର ଜବତ

**ପୁରୀ ଅଫିସ,୧୩।୧୧:** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅସୁରକ୍ଷିତ ହୋଇପଡ଼ିଛି। ଏକ ଲୁଟେରା ଗ୍ୟାଙ୍ଗ ଗତ କିଛି ଦିନ ଧରି ପର୍ଯ୍ୟଟକମାନଙ୍କଠାରୁ ଲୁଟ୍‌ପାଟ ଚଲାଇଥିବା ନେଇ ଅଭିଯୋଗ ହୋଇଆସୁଥିଲା। ସୋମବାର ବିଳମ୍ବିତ ରାତିରେ ମାଳତିପାଟପୁର ଛକରେ ଏକ ଲୁଟେରା ଗ୍ୟାଙ୍ଗ ଡକାୟତି ଉଦ୍ୟମ କରୁଥିବା ଖବରପାଇ ସଦର ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିଘାଟର ପ୍ରଦୀପ ମହାପାତ୍ର, ଚନ୍ଦନପୁରର ନାଲୁ ନାୟକ ଓ ଦୀପକ ରାଉତ। ଏନେଇ ଥାନାରେ ୨୫୩/୧୮ରେ ଏକ ମାମଲା ରୁଜୁ ହୋଇଛି। ସଦର ଥାନା ଅଧିକାରୀ ଗୌରାଙ୍ଗ ପୃଷ୍ଟି କୁହନ୍ତି, ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ ରାତ୍ରି ପାଟ୍ରୋଲିଂ କରାଯାଉଛି। ମାଳତିପାଟପୁର ଛକରେ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦିଆଯାଉଛି।

### ବନ୍ଧୁତ୍ୱ ସମ୍ପର୍କକୁ ନିବିଡ଼ କରେ

**ପୁରୀ ଅଫିସ, ୧୩।୧୧:** ବନ୍ଧୁତ୍ୱ ହେଉଛି ଏକ ଅମୂଲ୍ୟ ଉପହାର। ଏହା ସମ୍ପର୍କକୁ ନିବିଡ଼ କରିଥାଏ। ବନ୍ଧୁଟିଏ ଦୂରରେ ଥିଲେ ମଧ ତା' ମଧରେ ରହିଥିବା ପ୍ରେମ, ସ୍ନେହ ଭାବ ଦୁଇଜଣଙ୍କୁ ଆତ୍ମୀୟତାର ସହ ଯୋଡିଥାଏ ବୋଲି ଶିକ୍ଷାବିତ୍ ଦିବାକର ତ୍ରିପାଠୀ କହିଛନ୍ତି। ବିଶ୍ୱମ୍ଭର ବିଦ୍ୟାପୀଠର ୧୯୮୧ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ରଘୁନାଥ ମହାପାତ୍ର, ଦିବାକର ତ୍ରିପାଠୀ, ବସନ୍ତ କୁମାର ମିଶ୍ର, ଦଧିବାମନ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ଅଭୟ ଚନ୍ଦ୍ର ମହାନ୍ତି, ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଭଞ୍ଜ. ଡ. ଶ୍ରୀନିବାସ ଆଚାର୍ଯ୍ୟ, ବଳଭଦ୍ର ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ଅଭୟ କୁମାର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ମହମ୍ମଦ ରଫିକ ଓ ରେହମନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଛାତ୍ରୀଛାତ୍ର ଗୁରୁବନ୍ଦନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### 'ଓଡ଼ିଆ ଭାଷା ପ୍ରତି ସରକାରଙ୍କ ଆନ୍ତରିକତା ନାହିଁ'

**ପୁରୀ ଅଫିସ,୧୩।୧୧:** ଓଡ଼ିଆ ଭାଷା ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଜାତୀୟସ୍ତରରେ ଓଡ଼ିଆ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇଛି। ମାତ୍ର ଭାଷାର ବିକାଶ ଲାଗି ସରକାର ଗୁରୁତ୍ୱ ଦେଉ ନ ଥିବା ପୂଜ୍ୟପୂଜା ସାହିତ୍ୟ ସଂସଦ ରାଜ୍ୟ ସଭାପତି କୃଷ୍ଣ ଜଗଦେବ କହିଛନ୍ତି। ମଙ୍ଗଳବାର ଖବରଦାତାଙ୍କୁ ସୂଚନା ଦେଇ ସେ କହିଲେ ଯେ, ୧୯୫୪ ମସିହାରୁ ଓଡ଼ିଆ ଭାଷା ଆଇନ ଲାଗୁ ହୋଇଛି। ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ସରକାର ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଉଛନ୍ତି। କଡା ନିର୍ଦ୍ଦେଶ ସତ୍ତ୍ୱେ ଏହା ସରକାରୀ ସ୍ତରରେ କାର୍ଯ୍ୟକାରୀ ହୋଇନାହିଁ। କୌଣସି ସରକାରୀ କାର୍ଯ୍ୟ ଓଡ଼ିଆରେ କରାଯାଉନାହିଁ। ଓଡ଼ିଆରେ ନାମଫଳକ ଲେଖିବା ବାଧତାମୂଳକ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ସରକାରୀ ନାଲିଫିତା ତଳେ ଓଡ଼ିଆ ଭାଷାର ବିକାଶ ଚାପିହୋଇ ରହିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

### ବାଲୁଗାଁ ସ୍ପୋର୍ଟସ୍ ଆସୋସିଏଶନର ବନ୍ଧୁମିଳନ

**ବାଲୁଗାଁ,୧୩।୧୧(ଡି.ଏନ.ଏ.):** ବାଲୁଗାଁ ସ୍ପୋର୍ଟସ୍ ଆଣ୍ଡ କଲ୍‌ଚରାଲ୍ ଆସୋସିଏଶନ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଆଇବି ରୋଡ଼ସ୍ଥିତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ଉନ୍ନୟନ ମୂଳକ ଆଭିମୁଖ୍ୟ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିସହିତ ଚିଲିକା ତଟ ଦେଶରେ ନୂତନ ଭାବେ ଗଢ଼ି ଉଠିଥିବା ମିନି ଷ୍ଟାଡ଼ିୟମର ପୁନରୁଦ୍ଧାର ସହ କିପରି ଉନ୍ନତି ହୋଇପାରିବ ସେ ଦିଗରେ ରାଜ୍ୟ କ୍ରୀଡ଼ା ଓ ସଂସ୍କୃତି ବିଭାଗର ଦୃଷ୍ଟିଗୋଚର ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ସଭାପତି ମାନସ ମୋହନ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମସ୍ତ ସଭ୍ୟ ବୃନ୍ଦ ଉପସ୍ଥିତ ରହି କ୍ରୀଡ଼ାର ବିଭିନ୍ନ ଉନ୍ନତିମୂଳକ ପର୍ଯ୍ୟାୟ ଉପରେ ମତାମତ ସଂଗ୍ରହ କରିଥିଲେ। ଉପଦେଷ୍ଟା ବୈଦ୍ୟନାଥ ପଣ୍ଡା, ଦେବେଶ ପଣ୍ଡା, ପ୍ରଦ୍ୟୁମ୍ନ ପଟ୍ଟନାୟକ ପ୍ରମୁଖ ଷ୍ଟାଡ଼ିୟମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ସଭ୍ୟ ଶକ୍ତିପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା ମାର୍ଗ
# ଖରା, ବର୍ଷାରେ ଆଶ୍ରୟ ନେବେ ଭକ୍ତ

**ପୁରୀ ଅଫିସ,୧୩।୧୧**

- ପଶ୍ଚିମ, ଦକ୍ଷିଣ ଦ୍ୱାର ନିକଟରେ ହେବ ପାର୍କିଂ
- ତିଆରି କରାଯିବ ଶୌଚାଳୟ
- ଜେଏସ୍‌ଡବ୍ଲ୍ୟୁ ଖର୍ଚ୍ଚ କରିବ ଟଙ୍କା
- ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କଲେ ଜେଏସ୍‌ଡବ୍ଲ୍ୟୁ ଅଧିକାରୀ

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୫ ଫୁଟ ଚଉଡ଼ାରେ ହେବ ପରିକ୍ରମା ମାର୍ଗ। ଏହା ଉପରେ ଶେଡ୍ କରାଯିବ। ଖରା, ବର୍ଷା ସମୟରେ ଏଠାରେ ଭକ୍ତମାନେ ଆଶ୍ରୟ ନେଇପାରିବେ। ଏହି ଶେଡ୍‌ରେ ବ୍ଲୁ ସ୍କୋପ ସିଟ୍ ପକାଯିବ। ଏହି କାର୍ଯ୍ୟକୁ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ କରିବା ଲାଗି ସମ୍ମତି ପ୍ରଦାନ କରିଥିବା ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଗତ ୧୦ ତାରିଖରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧକ୍ଷ ସାଜ୍ଜନ ଜିନ୍ଦଲ ସପତ୍ନୀକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ପରିକ୍ରମା ମାର୍ଗ ପାଇଁ ସହାୟତା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତାବ ଦେଇଥିଲା। ଏଥିରେ ଜିନ୍ଦଲ ସହମ୍ମତି ପ୍ରକାଶ କରିଥିଲେ। ଏହାପରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଏଚ୍‌ଆର ଡିଜିଏମ୍ ରାଜେଶ ରାୟ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିରର ବୈଷୟିକ କମିଟି ଏବଂ ସ୍ଥପତି ଏହାର ଡିଜାଇନ ଏବଂ ଡ୍ରଇଁକୁ ପ୍ରସ୍ତୁତ କରିଛନ୍ତି। ଆଲୋଚନା ବେଳେ ଏହାକୁ ଉପସ୍ଥାପନ କରାଯାଇଥିଲା। ପଶ୍ଚିମ ଦ୍ୱାର ନିକଟ ରାମ ଭବନ ଏବଂ ଦକ୍ଷିଣ ଦ୍ୱାର ରଙ୍ଗମହଲଠାରେ ପାର୍କିଂ ଏବଂ ଶୌଚାଳୟ ନିର୍ମାଣ କରାଯିବ। ପରିକ୍ରମା ମାର୍ଗ, ପାର୍କିଂ ଏବଂ ଶୌଚାଳୟ ନିର୍ମାଣରେ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏହିସବୁ ଅନୁଦାନ ଜେଏସ୍‌ଡବ୍ଲ୍ୟୁ ଯୋଗାଇଦେବ। ଦିଆଯାଇଥିବା ଡ୍ରଇଁ ଓ ଡିଜାଇନକୁ ସେମାନେ ଅନୁଧାନ କରିବା ପରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ସ୍ଥପତି ଏବଂ ଅଫିସିଆଲ ଆସିବେ। ଏହି କାମ ୩ରୁ ୪ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରହିଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରେ ହୃଦୟ ଯୋଜନାରେ ୨.୫ କୋଟି ଟଙ୍କା ବ୍ୟୟରେ ପରିକ୍ରମା ମାର୍ଗ ନିର୍ମାଣାଧୀନ ରହିଛି। ଏହା ଅଧାପନ୍ତରିଆ ଭାବେ ପଡିଥିବା ବେଳେ ଏବେ ପୁଣି ଏହାର ପୁନରୁଦ୍ଧାର ପରିକଳ୍ପନା ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ।

### ଶ୍ରୀଗୁଣ୍ଡିଚା ମନ୍ଦିରର ବିକାଶ କରିବ ପିଜିସିଆଇଏଲ୍

ପାୱାର ଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ପିଜିସିଆଇଏଲ୍)କୁ ୩ଟି ପ୍ରକଳ୍ପ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତାବ ଦେଇଛି। ଏନେଇ ପିଜିସିଆଇଏଲ୍ ମଧ ସମ୍ପ୍ରତି ପ୍ରକାଶ କରିଥିବା ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପୁରୁଣା କୋଠା ପୁନରୁଦ୍ଧାର, ଶ୍ରୀମନ୍ଦିରରୁ ବାହାରୁଥିବା ବର୍ଜ୍ୟ ପଦାର୍ଥର ପରିଚାଳନା ପାଇଁ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ଓ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଲାଗି ପ୍ରସ୍ତାବ ଦିଆଯାଇଛି। ଏହି ୩ଟି ପ୍ରକଳ୍ପ ବାବଦରେ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି।

## ଡକ୍ଟର ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
# ସାହିତ୍ୟ ସଂଗ୍ରାମୀ ପୁରୁଷ ଥିଲେ ମାନସିଂହ



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**କୃଷ୍ଣପ୍ରସାଦ,୧୩।୧୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମ ସ୍ଥିତ ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ପରିସରରେ ବିଶିଷ୍ଟ ସାହିତ୍ୟିକ ତଥା କବି ଡକ୍ଟର ମାୟାଧର ମାନସିଂହଙ୍କ ୧୧୩ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମାନସିଂହ ପାଠାଗାର ମିଳିତ ଆନୁକୂଲ୍ୟରେ କବି ଡ. ମାନସିଂହଙ୍କ ଜନ୍ମମାଟିରେ ପାଳିତ ଜୟନ୍ତୀ ଉତ୍ସବରେ ଚନ୍ଦ୍ରଶେଖର ଦାସବର୍ମାଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ତଥା ସାହିତ୍ୟିକ ଦେବେନ୍ଦ୍ରନାଥ ମାନସିଂହ ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଦମ୍ବିନୀ ସମ୍ପାଦିକା ଇତି ସାମନ୍ତ, ଅନୁଗୋଳ ପୌର ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା, ପୁରୀ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମାନସିଂହଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାନସିଂହଙ୍କ ସାହିତ୍ୟକୃତି ଓ ଜୀବନାଦର୍ଶ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ମାନସିଂହଙ୍କ ଭଳି ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ଜନ୍ମ ଦେଇ ସମଗ୍ର କୃଷ୍ଣପ୍ରସାଦ ବ୍ଲକ ସହ ଓଡ଼ିଶା ଧନ୍ୟ ହୋଇଥିବା ସେମାନେ କହିଥିଲେ। ମାନସିଂହ ଜଣେ ସାହିତ୍ୟ ସଂଗ୍ରାମୀ ପୁରୁଷ ଥିଲେ ବୋଲି ମୁଖ୍ୟବକ୍ତା ନନ୍ଦ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମାନସିଂହଙ୍କ ପୁତୁରା କିଶୋର ଚନ୍ଦ୍ର ବିଶୋୟୀଙ୍କ ସହ ବହୁ ଶିକ୍ଷାବିତ୍, ସାହିତ୍ୟିକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଗ୍ରାମବାସୀ ପାଠାଗାର ସଦସ୍ୟ, ମାନସିଂହ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃଉଙ୍ଗ ସେତୁ ଓ ରାସ୍ତା ନିର୍ମାଣ ଦାବିରେ ଧାରଣା




ଧାରଣାରତ ମହିଳା ଓ ପୁରୁଷ।

**ଦଶପଲ୍ଲା,୧୩।୧୧(ଡି.ଏନ୍.ଏ.)**

ବୃଉଙ୍ଗ ନଦୀ ଉପରେ ସେତୁ ଓ ରାସ୍ତା ନିର୍ମାଣ ଦାବିରେ ମଙ୍ଗଳବାର ରାଜରାସ୍ତାକୁ ଓହ୍ଲାଇଛନ୍ତି ଦଶପଲ୍ଲା ବ୍ଲକ ଅନ୍ତର୍ଗତ କୁଜାମେଣ୍ଡି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ। କୁଜାମେଣ୍ଡି ଠାରୁ ବଣି ରାସ୍ତାରେ ବୃଉଙ୍ଗ ନଦୀ ଉପରେ ସେତୁ ନିର୍ମାଣ ସହ କୁଜାମେଣ୍ଡିର ଆରଡି ରାସ୍ତା ଠାରୁ କନ୍ଧମାଳ ଜିଲା ସୀମାନ୍ତ ପ୍ରଧାନପଡା ପର୍ଯ୍ୟନ୍ତ ପକ୍କା ସଡକ ନିର୍ମାଣ କରିବା ଦାବି କରିଛନ୍ତି ଗ୍ରାମବାସୀ। ବୃଉଙ୍ଗ ନଦୀ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ କ୍ଷେତ୍ରରେ ମୁଖ୍ୟ ବାଧକ ସୃଷ୍ଟି କରିଛି। ଦଶପଲ୍ଲା ବ୍ଲକର କୁଜାମେଣ୍ଡି ଓ ଦୁଡା ପଞ୍ଚାୟତ ସମେତ କନ୍ଧମାଳ ଜିଲା ଚକାପାଦ ବ୍ଲକର ବଣି, ପ୍ରଧାନପଡା, ମୁଣ୍ଡୁଳା, ତଳ ମୁଣ୍ଡୁଳା, ଟିକି ତଇଲା, ତିଳାବାଡି, ବାକ୍‌ଟି, ସାତସାହି, ଗାଡିଆପଡା, ଓଡମ୍ବା, ପାଇକଚିରା, ତିଳାବାଡି, ଲାକେଡିକିଆ ଇତ୍ୟାଦି ଗ୍ରାମର ଲୋକେ ବୃଉଙ୍ଗ ନଦୀ ଦେଇ ଗମନାଗମନ କରିଥାନ୍ତି। ବର୍ଷାଦିନେ ନଦୀରେ ପାଣି ଆସିଲେ ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିବା ସହ ଗମନାଗମନ ଠପ୍ ହୋଇ ଯାଇଥାଏ। ବିଶେଷକରି ଛାତ୍ରୀଛାତ୍ର ମାନଙ୍କ ପାଠପଢା ଠାରୁ ଆରମ୍ଭ କରି ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ବଡ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ବହୁବାର ଦାବି ପରେ କେନ୍ଦ୍ରସରକାରଙ୍କ ଆଇଏପି ଅର୍ଥରେ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବୃଉଙ୍ଗ ନଦୀ ଉପରେ ଏକ ଛୋଟ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର ଏହାର କିଛିମାସ ପରେ ନଦୀରେ ବନ୍ୟା ଆସି ଏହାକୁ ଧୋଇ ନେଇଯାଇଥିଲା। ଫଳରେ ପୂର୍ବପରି ଲୋକମାନଙ୍କୁ ସେହି ସମାନ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏହି ନଦୀ ଉପରେ ପୁନଃ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିବା ସହ ୨୦୧୬ ମସିହାରେ ପଞ୍ଚାୟତବାସୀ କାମିଟିପଙ୍ଗା ଠାରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେହି ସମୟରେ ତୁରନ୍ତ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ତେବେ ତାହା ପୂରଣ ନ ହେବାରୁ ମଙ୍ଗଳବାର ସୁକନ୍ୟା ଆଞ୍ଚଳିକ ମହିଳା ସଂଗଠନର ସଭାନେତ୍ରୀ ସୁଶିଳା ସାହୁ ଓ ସମ୍ପାଦିକା ମାମି ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ସ୍ଥାନୀୟ ମହାବୀର ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ଆସି ତହସିଲଦାରଙ୍କୁ ଦାବିପତ୍ର ଦେବାସହ ୨ଦଫା ଦାବି ନେଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଧାରଣା ସ୍ଥଳରେ କୌଣସି ଅଧିକାରୀ ପହଁଚି ନଥିବା ବେଳେ ଧାରଣା ଜାରି ରହିଛି।

### ହାତୀପଲ ଦଳିଦେଲେ ଧାନ ଫସଲ

**ଦଶପଲ୍ଲା,୧୩।୧୧(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ପଞ୍ଚାୟତର ତାରେଣି ଗଣ୍ଡା ଗ୍ରାମରେ ହାତୀ ଉପଦ୍ରବ ଯୋଗୁଁ ବହୁ ଧାନ ଫସଲ ନଷ୍ଟ ହୋଇଥିବା ଜଣାଯାଇଛି। ଗତ ତିନି ଦିନ ତଳେ ହାତୀ ପଲ ଗ୍ରାମଗୁଡିକରେ ଥିବା ଚାଷ ଜମିରେ ପଶି ପାରିଲା ଧାନ ଖାଇବାସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଗ୍ରାମର ଯୁଧିଷ୍ଠିର ପ୍ରଧାନଙ୍କର ୧୦ଗୁଣ୍ଠ ଏବଂ ନକୁଳ ପ୍ରଧାନଙ୍କର ୮ଗୁଣ୍ଠ ଜମିରୁ ଧାନ ଖାଇଦେଇଥିବା ପ୍ରକାଶ କରିଛନ୍ତି। ଗ୍ରାମବାସୀ ଟିଣ ବାଡେଇ ବାଣଫୁଟାଇ ହାତୀ ଘଉଡାଇବାକୁ ଚେଷ୍ଟା କରିଥିଲେ। ପରେ ବନବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଁଚି ହାତୀ ମାନଙ୍କୁ ଘଉଡାଇଥିଲେ । ଗତବର୍ଷ ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁବହୁଧାନଫସଲନଷ୍ଟହୋଇଥିଲେମଧ ଆଜିପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷିମାନେ ସହାୟତା ପାଇନଥିବା ସେମାନେ ପ୍ରକାଶ କରିଛନ୍ତି।

### ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ

**ଓଡ଼ଗାଁ,୧୩।୧୧(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ଥାନାରେ ନୂତନ ଆଇଆଇସି ଭାବେ ଜ୍ୟୋତିପ୍ରକାଶ ପଣ୍ଡା ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି । ଯାଜପୁର ଜିଲାରୁ ସେ ଏଠାକୁ ଆସି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଦାୟିତ୍ୱରେ ଥିବା ଆରକ୍ଷୀ ନିରୀକ୍ଷକ ବୈଦ୍ୟ ନାରାୟଣ ଭୋଇଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ୯ ମାସ ପୂର୍ବେ ଅନିଲ କୁମାର ପ୍ରଧାନ ମଧ୍ୟ ଏଠାରେ ଆଇଆଇସି ଦାୟିତ୍ୱରେ ରହିଥିଲେ। ତେଣୁ ପ୍ରାୟ ଏକମାସ ମଧ୍ୟରେ ଏଠାରେ ୩ ଜଣ ପୋଲିସ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ସ୍ଥାନୀୟ ଥାନାକୁ ଏକ ଆଦର୍ଶ ଥାନାରେ ପରିଣତ କରିବା ନିମନ୍ତେ ପୋଲିସ ବିଭାଗ ତରଫରୁ ବେଶ୍ ତତ୍ପରତା ପ୍ରକାଶ ପାଇଛି।

# ବେଆଇନ ଗର୍ଭପାତ ପରେ ମହିଳାଙ୍କ ମୃତ୍ୟୁ

ଦଶପଲ୍ଲା,୧୩।୧୧(ଡି.ଏନ.ଏ.)– ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ବେଆଇନ ଗର୍ଭପାତ କରିବା ପରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବା ପାଇଁ ଚେଷ୍ଟା ଚାଲିଥିବାବେଳେ ଏହା ଏବେ ଦଶପଲ୍ଲା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଦୃଢ଼ ଦାବି ହେଉଛି।

ପ୍ରକାଶ ଯେ, ଗତ ମାସ ୨୮ ତାରିଖ ସନ୍ଧ୍ୟାରେ ଦଶପଲ୍ଲା ଏନ୍‌ଏସି ଅଧୀନ ୧୬ନମ୍ବର ୱାର୍ଡ ଖଣ୍ଡପଡା (ଭୋଇସାହି) ଗ୍ରାମର କୁନା ଦାଶଙ୍କ ସ୍ତ୍ରୀ ଜୟନ୍ତୀ ଦାଶ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଦଶପଲ୍ଲା ସ୍ଥିତ ଏକ କ୍ଲିନିକକୁ ନେଇ କୁନା ଦେଖାଇଥିଲେ। ଜୟନ୍ତୀ ପ୍ରାୟ ୨ମାସ ଗର୍ଭବତୀ ଥିବା ବେଳେ ଗର୍ଭ ନଷ୍ଟ ହୋଇଯାଇଥିବା କହି ଏହାକୁ ନଷ୍ଟ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତେଣୁ ସେ ରାତି ପ୍ରାୟ ୭ଟାରେ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଜନୈକ ଡାକ୍ତର ଜୟନ୍ତୀଙ୍କର ଗର୍ଭପାତ କରାଇଥିଲେ। ଜୟନ୍ତୀ ଘରକୁ ଆସିବା ପରେ ପ୍ରବଳ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ। ପୁନର୍ବାର ରାତିରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ କିଛି ଔଷଧ ଦେଇ ଡାକ୍ତର ଛାଡି ଦେଇଥିଲେ। ମାତ୍ର ପେଟ ଯନ୍ତ୍ରଣା ବେଳକୁ ବେଳ ଅସହ୍ୟ ହେବାରୁ ସକାଳୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏହାପରେ ଡାକ୍ତର ଏ ବିଷୟରେ କାହାକୁ ନକହିବା ପାଇଁ କହି ଜୟନ୍ତୀଙ୍କ ସମସ୍ତ ଖର୍ଚ୍ଚ ନିଜେ କରାଇବେ ବୋଲି କହିଥିଲେ। ଏକ କାର୍ ଯୋଗେ ନୟାଗଡସ୍ଥିତ ଏକ ଘରୋଇ ହସପିଟାଲକୁ ପଠାଇଦେଇଥିଲେ। ସେଠାରେ ଜୟନ୍ତୀ ପହଁଚିବା ପରେ ସମସ୍ତ ପରୀକ୍ଷା କରାଯାଇଥିଲା। ଗତ ୩୦ ତାରିଖ ରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଜୟନ୍ତୀଙ୍କ ଗର୍ଭପାତ ପାଇଁ ଅସ୍ତ୍ରୋପଚାର କରାଯିବା ସମୟରେ ତାଙ୍କର ଅନ୍ତଃନଳୀ ୬ ରୁ ୮ ଇଞ୍ଚ କଟିବା, ପେରିଟୋନିୟମ୍‌ରେ ରକ୍ତ ଜମିରହିବା ସହ ଗର୍ଭାଶୟରେ ଗଭୀର ଆଘାତ ଲାଗିଥିବା ଅସ୍ତ୍ରୋପଚାର ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟରୁ ଜଣାପଡିଛି। ଜୟନ୍ତୀଙ୍କ ପରିବାର ଅତ୍ୟନ୍ତ ଗରିବ ଓ ଦିନ ମଜୁରିଆ ହୋଇଥିବା ବେଳେ ରକ୍ତ ଆବଶ୍ୟକ ହେବାରୁ ଦଶପଲ୍ଲାର କେତେକ ସ୍ୱେଚ୍ଛାସେବୀ ଯୁବକ ପହଞ୍ଚି ଜୟନ୍ତୀଙ୍କୁ ରକ୍ତ ମଧ୍ୟ ଦେଇଥିଲେ। ଏହିପରି ଗତ ୪ତାରିଖ ପର୍ଯ୍ୟନ୍ତ ଜୟନ୍ତୀ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଝାଡାବାନ୍ତି ହେବା ସହ ସେ ଗୁରୁତର ହୋଇ ପଡିଥିଲେ। ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା କୁହାଯାଉଛି। ତେବେ ଗୁରୁତର ହୋଇଥିବା ଦର୍ଶାଇ ସେଠାରୁ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଭୁବନେଶ୍ୱରରେ ପହଁଚିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ କୁନା ଥାନାରେ ଅଭିଯୋଗ କରିବା ପାଇଁ କହିବାରୁ କେତେକ ବ୍ୟକ୍ତି ତାଙ୍କୁ ବିଭିନ୍ନ ଚାପ ପକାଇ ବାରଣ କରିଥିବା କୁହାଯାଉଛି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଏବେ ଦାବି କରାଯାଉଛି।

## ଦେଶୀ ମଦ ଜବତ, ୩ ଗିରଫ

**ବାଲୁଗାଁ,୧୩।୧୧(ଡି.ଏନ.ଏ.)**

ବାଲୁଗାଁ ଅବକାରୀ କର୍ମଚାରୀ ପୃଥକ ଭାବେ ଚଢ଼ାଉ କରି ଦେଶୀମଦ ଜବତ କରିବା ସହ ଏଥିରେ ସଂପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି । ଗିରଫ ବ୍ୟକ୍ତି ହେଲେ ନାଚୁଣୀ ବଜାର ଅଞ୍ଚଳର ଚିନ୍ତାମଣୀ ପଲାଇ, ବାଲୁଗାଁ ଚିଲିକା କୂଳର ଗୋଲଖ ବେହେରା ଓ ବାଣପୁର ନିକଟ ମୁକ୍ତାଦେଇପୁରର ଦେବରାଜ ନାୟକ । ସେମାନଙ୍କଠାରୁ ମୋଟ ୧୨ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ପୃଥକ ଭାବେ ୩ଟି ମାମଲା ରୁଜୁ କରାଯାଇଛି ।

## ସାମାଜିକ କର୍ମୀ ସମ୍ବର୍ଦ୍ଧିତ

**ଖଣ୍ଡପଡା,୧୩।୧୧(ସ୍ୱ.ପ୍ର.)**

ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖଣ୍ଡପଡା ସହର ୧୦ନଂ ୱାର୍ଡ ବ୍ରାହ୍ମଣସାହିର ବର୍ଷୀୟାନ ମହିଳା ବିନୋଦିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର କୋଅପରେଟିଭ୍ କଲୋନୀସ୍ଥିତ ମା' ବନଦୁର୍ଗା ମହିଳା କ୍ଲବର ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜଣେ ମହିଳା ସାମାଜିକ କର୍ମୀ ଭାବେ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଏ ନେଇ ଖଣ୍ଡପଡା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଖଣ୍ଡପଡାର ବିଶିଷ୍ଟ ସମବାୟବିତ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ହେଉଛନ୍ତି ବିନୋଦିନୀ।




ସମ୍ବର୍ଦ୍ଧିତ ସାମାଜିକ କର୍ମୀ ଓ ଅନ୍ୟମାନେ।

## ନଦୀକୂଳ ଡମ୍ପିଂ ପ୍ୟାକିଂ ଖସୁଛି
# କଣ୍ଟିଲୋ ପ୍ରତି ବଢୁଛି ବିପଦ ଆଶଙ୍କା

**ଖଣ୍ଡପଡ଼ା,୧୩।୧୧(ସ୍ୱ.ପ୍ର.)**

ପ୍ରତିବର୍ଷ ବନ୍ୟାର ପ୍ରକୋପରୁ ରକ୍ଷା କରିବା ତଥା ନଦୀକୂଳକୁ ସୁଦୃଢ଼ କରିବାକୁ ବହୁବର୍ଷ ପୂର୍ବେ କଣ୍ଟିଲୋରେ ନିର୍ମାଣ କରାଯାଇଥିଲା ପଥର ପ୍ୟାକିଂ ଓ ଡମ୍ପିଂ। ସମ୍ପ୍ରତି ବନ୍ୟା ସମୟରେ ଏହା ଭୁଶୁଡି ପଡୁଥିବା ଦୃଷ୍ଟିଗୋଚର ହୋଇଛି। ତେଣୁ ଏହା କଣ୍ଟିଲୋ ପ୍ରତି ବିପଦର ଆଶଙ୍କା ବୃଦ୍ଧି କରୁଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଉଥିଲେ ମଧ ବିଭାଗୀୟ ଉଦାସୀନତା ଅଞ୍ଚଳବାସୀଙ୍କ ଅସନ୍ତୋଷର କାରଣ ପାଲଟିଛି। ପ୍ରକାଶ ଯେ, ନୟାଗଡ଼ ଜଳ ସମ୍ପଦ ଡିଭିଜନ ଅନ୍ତର୍ଗତ କଣ୍ଟିଲୋ ଜଳ ସମ୍ପଦ ବିଭାଗ ଅଧୀନ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ପ୍ରତି ସୁରକ୍ଷା ତଥା ନଦୀ ତଟବର୍ତ୍ତୀ ବିଭିନ୍ନ ଗ୍ରାମର ସୁରକ୍ଷା ପାଇଁ କଣ୍ଟିଲୋ–ବାଣପୁର ମାଳବନ୍ଧ ନିର୍ମାଣ କରାଯାଇଛି। ତେବେ ବିଭିନ୍ନ ସମୟରେ ମହାନଦୀରେ ବନ୍ୟା ଆସି ମାଳବନ୍ଧଗୁଡିକର କ୍ଷୟକ୍ଷତି ସହ ଓ କୂଳକୁ ଧୋଇ ଦେଇଥାଏ। ନଦୀର ପ୍ରଖର ସ୍ରୋତ ବ୍ରହ୍ମାଦ୍ରୀ ପାହାଡ ଉପରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ପ୍ରତି ଭବିଷ୍ୟତରେ ବିପଦ ସୃଷ୍ଟି କରିବାର ଆଶଙ୍କା ଆଣିଛି। ପ୍ରଖର ସ୍ରୋତରେ ନୀଳମାଧବ ଜୀଉଙ୍କ ପଶ୍ଚିମ ପାର୍ଶ୍ୱ ନଦୀକୂଳରୁ ବାଣପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରୁ ଅତଡା ଖାଉଛି। ଶ୍ରୀ ଜୀଉ ବିରାଜିତ ପାହାଡ଼ରେ ଅତଡ଼ା ମାଡ ହୋଇ କ୍ରମଶଃ ପଥର ଖସୁଥିବାରୁ ଏହାର ପ୍ରତିକାର ପାଇଁ ବାରମ୍ବାର ପ୍ରଶାସନରେ ଦାବି ହୋଇଆସୁଥିଲା । ଫଳରେ ନଦୀ ତଟାଞ୍ଚଳ ସହ ମାଳବନ୍ଧର ସ୍ଥାୟିତ୍ୱ ତଥା ସୁରକ୍ଷା ପାଇଁ ୨୦୦୯ ଜାନୁୟାରୀରେ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ନଦୀ କୂଳେ କୂଳେ ଓସ୍‌ଡମା ପକ୍ଷରୁ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ପଥର ଡମ୍ପିଂ ଓ ପ୍ୟାକିଂ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ତେବେ ବନ୍ୟା ପରେ ପରେ ଏହି କାର୍ଯ୍ୟ ଆରମ୍ଭ କରାଯିବାରୁ ଡମ୍ପିଂ ଓ ପ୍ୟାକିଂ କାର୍ଯ୍ୟ ଠିକ୍ ସମ୍ପାଦନ କରାଯାଇପାରି ନ ଥିଲା । ପରବର୍ତ୍ତୀ ସମୟରେ ନଦୀରୁ ସମ୍ପୂର୍ଣ୍ଣ ପାଣି ଛାଡିବା ପରେ ଆସ୍ତେ ଆସ୍ତେ ଏହି ପ୍ୟାକିଂ ଓ ଡମ୍ପିଂରୁ ପଥର ଖସିବାକୁ ଲାଗିଥିଲା । ଏହାଛଡା ନଦୀ ବଢ଼ି ସମୟରେ ଏହି ପଥର ସବୁ ଖସୁଥିବା ଦେଖିବାକୁ ମିଳିଲା । ଇତି ମଧ୍ୟରେ ଦୀର୍ଘ ୯ ବର୍ଷ ବିତି ଯାଇଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀମାନେ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି । ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜାନକୀ ବଲ୍ଲଭ ମହାପାତ୍ର କଣ୍ଟିଲୋ ପରିଦର୍ଶନରେ ଆସିଥିବା ସମୟରେ ଏ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା ଓ ଏହାର ପ୍ରତିକାର ଦିଗରେ ଦୃଷ୍ଟି ଦେବେ ବୋଲି ସେ ସୂଚନା ଦେଇଥିଲେ । ସମ୍ପୃକ୍ତ କାର୍ଯ୍ୟ ପାଇଁ ଅଟକଳ ପ୍ରସ୍ତୁତ ହେଉଥିବା ବିଭାଗୀୟ ଅଧିକାରୀମାନଙ୍କଠାରୁ ସୂଚନା ମିଳୁଛି। ତେବେ କାର୍ଯ୍ୟକାରିତାରେ ଏତେ ବିଳମ୍ବ କାହିଁକି ଘଟୁଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ନଦୀକୂଳ ଡମ୍ପିଂ ପ୍ୟାକିଂରୁ ଖସିଛି ପଥର।



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମିକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୪୦ ହଜାର ଲାଞ୍ଚ ନେଇ ନିର୍ବାହୀ ଯନ୍ତ୍ରୀ ଗିରଫ

**କଟକ ଅଫିସ, ୧୩।୧୧:** ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ପ୍ରାଣକୃଷ୍ଣ ପ୍ରସାଦଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ସେ ନୟାଗଡ଼ ଦେବୋତ୍ତରା କଲୋନୀର ପ୍ରଦୀପ୍ତ ମହାକୁଡ଼ ନାମକ ଜଣେ ଠିକାଦାରଙ୍କଠାରୁ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ବିଲ୍ ପାସ୍ କରିବା ପାଇଁ ଯନ୍ତ୍ରୀ ପ୍ରସାଦ ଏହି ଟଙ୍କା ଦାବି କରିଥିଲେ। ସୋମବାର ସନ୍ଧ୍ୟା ସାଢେ ୭ଟାରେ ଭୁବନେଶ୍ୱର ନୟାପଲ୍ଲୀର ଭିଆଇପି କଲୋନୀସ୍ଥିତ ବାସଭବନରେ ଠିକାଦାର ମହାକୁଡ଼ଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ଯନ୍ତ୍ରୀ ପ୍ରସାଦଙ୍କୁ କାବୁ କରିବା ସହିତ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ପରେ ପ୍ରସାଦଙ୍କ ବାସଭବନକୁ ଭିଜିଲାନ୍ସ ଯାଞ୍ଚ କରିବା ସହ ୪୮/୨୦୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ଖଣ୍ଡପଡ଼ା ତହସିଲଦାରଙ୍କ ନୀଳମାଧବ ମନ୍ଦିର ପରିଦର୍ଶନ



**ଖଣ୍ଡପଡ଼ା,୧୩।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଶ୍ରୀ ରଥ ମଙ୍ଗଳବାର ଅପରାହ୍ନରେ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ପୂଜକମାନଙ୍କଠାରୁ ଅବଗତ ହୋଇଥିଲେ। ବିଗତ ଦିନଗୁଡ଼ିକରେ ଇନଟାକ୍ ସଂସ୍ଥା ଦ୍ୱାରା ମନ୍ଦିରର ବିଭିନ୍ନ କାର୍ଯ୍ୟ କରାଯାଇଥିଲା। ତେବେ ଏହି କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ଓ ନିମ୍ନମାନର ହୋଇଥିବା ରଥଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ବିଶେଷ କରି ନୀଳମାଧବ ମନ୍ଦିର ଅଫିସ୍ ନିର୍ମାଣ, ମନ୍ଦିରରେ ରଙ୍ଗ ଲଗାଇବା ଓ ଇନ୍‌ଟ୍ୟାକ୍ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟର ତର୍ଜମା କରିଥିଲେ ତହସିଲଦାର ରଥ। ସେବକମାନେ ମନ୍ଦିରରେ ଫାଟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଇନ୍‌ଟାକ୍‌ର କନିଷ୍ଠଯନ୍ତ୍ରୀଙ୍କୁ ସେ ଏ ସମ୍ପର୍କରେ ପଚାରି ବୁଝିବା ସହ ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଲିଖିତ ଆକାରରେ ଜଣାଇବାକୁ ରଥ ପ୍ରକାଶ କରିଥିଲେ। ମନ୍ଦିର ମ୍ୟାନେଜର ହରିହର ଦାଶ, ନୀଳମାଧବ ପୂଜକ ସମାଜ ସଭାପତି ରାଜୀବ କୁମାର ମିଶ୍ର, ପରାମର୍ଶଦାତା କମିଟି ସଭ୍ୟ ନିହାର ରଞ୍ଜନ ମିଶ୍ର ଓ ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପଲିଥିନମୁକ୍ତ ବିଦ୍ୟାଳୟ ନିମନ୍ତେ ସଭା



**ନୟାଗଡ଼ ଅଫିସ,୧୩।୧୧:** ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଆନୁକୂଲ୍ୟରେ ନୂଆଗାଁ ବ୍ଲକ ବକଳବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପଲିଥିନମୁକ୍ତ ବିଦ୍ୟାଳୟ ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଞ୍ଜୟ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ସଚେତନତା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୈହିମୁଲ୍ ଖାଁ, ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ଗୋଛି, ମଦନ ମୋହନ ମିଶ୍ର, ଫକିରମୋହନ ମିଶ୍ର ପ୍ରମୁଖ ଯୋଗଦେଇ ପଲିଥିନର ଭୟାବହତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ସେହିଭଳି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଗାଁ, ଶିକ୍ଷାନୁଷ୍ଠାନ ଓ ମନ୍ଦିର କିଭଳି ପଲିଥିନ୍‌ମୁକ୍ତ ହୋଇପାରିବ ସେ ଦିଗରେ ସଚେତନତା କରାଯାଉଥିବା ଘଟଣାକୁ ପ୍ରଶଂସା କରିଥିଲେ। ଭାଗୀରଥି ସ୍ୱାଇଁ ଧନ୍ୟବାଦ ଦେବା ସହିତ ପଲିଥିନ୍ ବାରଣ କରିବା ପାଇଁ ଛାତୀଛାତ୍ରଙ୍କୁ ସଂକଳ୍ପ କରାଇଥିଲେ।

### ଦୁର୍ଘଟଣାରେ ଶିକ୍ଷକ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା)୧୩।୧୧(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍‌ର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ସେ ହେଉଛନ୍ତି ଦେବ ଚକ୍ରବର୍ତ୍ତୀ। ମଙ୍ଗଳବାର ଚକ୍ରବର୍ତ୍ତୀ ମଙ୍ଗଳାଯୋଡ଼ି ରାସ୍ତାରେ ବାଇକ୍ ଧରି ଠିଆ ହୋଇଥିବା ବେଳେ ଆଉ ଜଣେ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ତାଙ୍କର ଗୋଟିଏ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ସେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

■ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ସେବା ସମବାୟ ସମିତି

# ଚାଷୀଙ୍କ ୫ କୋଟି ୭୬ ଲକ୍ଷ ଟଙ୍କା ହରିଲୁଟ୍

**ନୟାଗଡ଼ ଅଫିସ,୧୩।୧୧**

ଶତାଧିକ ଚାଷୀଙ୍କ ୫ କୋଟି ୭୬ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ସେବା ସମବାୟ ସମିତିର ଜଣେ ସମ୍ପାଦକ ଚାଷୀଙ୍କ ଟଙ୍କା ଲୁଟ୍ କରିଥିବା ଅଭିଯୋଗ କରି ଚାଷୀମାନେ ମଙ୍ଗଳବାର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ଆଗରେ ଧାରଣା ଦେଇଛନ୍ତି। ସେମାନଙ୍କ ପ୍ରାପ୍ୟ ଟଙ୍କା ଫେରିପାଇବା ପାଇଁ ଦାବି କରିଛନ୍ତି।

ପ୍ରକାଶ ଯେ, ଜିଲାର ଓଡ଼ଗାଁ ବ୍ଲକ କୁରାଳ ସେବା ସମବାୟ ସମିତିର ସମ୍ପାଦକ କାଳୁଚରଣ ରାଉତ ପ୍ରାୟ ୭୦୦ ଚାଷୀଙ୍କ ୫ କୋଟି ୭୬ ଲକ୍ଷ ୪୨ ହଜାର ୮୨୯ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଚାଷୀମାନେ ଏ ନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ୧୯୯୦ ମସିହାରେ କୁରାଳରେ ଖୋଲିଥିବା ସେବା ସମବାୟ ସମିତିରେ ଚାଷୀମାନେ ସେମାନଙ୍କ ଟଙ୍କା ରଖିଥିଲେ। ୨୦୧୨ ମସିହା ପରେ ସଦସ୍ୟ ବଢ଼ିବାରୁ ଚାଷୀମାନେ ବ୍ୟାଙ୍କ୍‌ରେ ଟଙ୍କା ଜମା ରଖିଥିଲେ। ସେମାନଙ୍କ ମାଚ୍ୟୁରିଟି ଡେଟ୍ (ଉଠାଇବା ତାରିଖ) ହୋଇଯିବା ପରେ ବ୍ୟାଙ୍କ୍‌କୁ ଯିବାରୁ ସମ୍ପାଦକ ଆଜି ଆସ କାଲି ଆସ କହି ଦିନ ଗଡାଇ ଚାଲିଲେ। ଏଭଳି ଭାବେ ବର୍ଷେ ଗଡି ଚାଲିବା ପରେ ମଧ୍ୟ କାହାର ଟଙ୍କା ମିଳିଲା ନାହିଁ। ପରେ ଚାଷୀମାନେ ଜାଣିବାକୁ ପାଇଲେ ଯେ ସେମାନଙ୍କ ଟଙ୍କା ସମ୍ପାଦକ ଆତ୍ମସାତ କରିଛନ୍ତି। ଚାଷୀ କେବେ ସମ୍ପାଦକଙ୍କ ଘର, କେବେ ଓଡ଼ଗାଁ ଶାଖା, କେବେ ଏଆରସିଏସ୍ କାର୍ଯ୍ୟାଳୟ ତ ଆଉ କେବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଅଭିଯୋଗ କଲେ। ବାରଦୁଆର ହେଲାଭଳି ସବୁଠାରେ ଜଣାଇଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ମୂଳରୁ ଚୂଳ ଯାଏ ସମସ୍ତେ ଏହି ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି ଏ ଦିଗରେ କେହି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିଭଳି ଯଦି ପ୍ରତିବର୍ଷ ଅଡିଟ୍ କରାଯାଇଥାନ୍ତା ତାହାହେଲେ ଏହିଭଳି ଦୁର୍ନୀତି ହୋଇପାରି ନ ଥାନ୍ତା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଚାଷୀ ହରିହର ପାଣିଗ୍ରାହୀଙ୍କ ୧୨ ଲକ୍ଷ ୪୦ ହଜାର, ପ୍ରଶାନ୍ତ କୁମାର ସାହୁଙ୍କ ୧ ଲକ୍ଷ, ଭରତ ସାହୁ ୮ ଲକ୍ଷ , କୃଷ୍ଣଚନ୍ଦ୍ର ମାଝି ୪୧ ହଜାର, ପ୍ରଭାତ କୁମାର ପ୍ରଧାନଙ୍କ ୮୦ ହଜାର ଟଙ୍କା ଏହିଭଳି ଶହ ଶହ ଚାଷୀଙ୍କ ଟଙ୍କା ହଡ଼ପ ହୋଇଛି। ସମ୍ପାଦକ ଜଣଙ୍କ ଭିଜିଲାନ୍ସ ଜାଲରେ ପଡ଼ିଥିବା ବେଳେ ଏଭଳି ଅନିୟମିତତା ଯୋଗୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଚାକିରିରୁ ନିଲମ୍ବନ କରି ବିଭାଗ ତାଙ୍କ ବଦଳରେ ଆଉ ଜଣେ ସମ୍ପାଦକଙ୍କୁ ନିଯୁକ୍ତି ଦେଇଛି। ହେଲେ ଚାଷୀଙ୍କ ଟଙ୍କା ଫେରାଇବାକୁ ଭୁଲି ଯାଇଛି। ଚାଷୀମାନେ ସେମାନଙ୍କ ଟଙ୍କା କେବେ ପାଇବେ ସେ ନେଇ ଚିନ୍ତିତ ଅଛନ୍ତି। ଯଦି ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ନ ମିଳେ ତାହାହେଲେ ଆଗାମୀ ଦିନରେ ସେମାନେ ବ୍ୟାଙ୍କ୍ ଆଗରେ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ପ୍ରଶାନ୍ତ କୁମାର ପରିଡ଼ା କୁହନ୍ତି ଯେ, ରେଜିଷ୍ଟ୍ରାର ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ନୟାଗଡ଼ର ପୂର୍ବତନ ଏଆରସିଏସ୍ ତଦନ୍ତ ରିପୋର୍ଟ ଦାଖଲ କରିଥିବା ସୂଚନା ଦେଇଥିଲେ। ରିପୋର୍ଟ ଉପରେ ରେଜିଷ୍ଟ୍ରାର ଯାହା ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଥିଲେ। ସେହିଭଳି ଯେଉଁ ସମ୍ପାଦକ ଦୁର୍ନୀତି କରିଥିଲେ ସିଏ ନିଲମ୍ବିତ ହୋଇଛନ୍ତି। ରିପୋର୍ଟରେ ଯଦି ବ୍ୟାଙ୍କ ଷ୍ଟାଫ୍ ଦୁର୍ନୀତି କରିଥିବାର ଅଭିଯୋଗ ଆସେ ତା'ହେଲେ ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମ୍ପାଦକ ପରିଡ଼ା ପ୍ରକାଶ କରିଛନ୍ତି।

**ଟଙ୍କା ଫେରିପାଇବା ପାଇଁ ସମବାୟ ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ଧାରଣା**



ଚାଷୀମାନେ ବ୍ୟାଙ୍କ ଆଗରେ ବିକ୍ଷୋଭ କରୁଛନ୍ତି।

# ଆଜିଠାରୁ ନୟାଗଡ଼ ଜିଲାରେ ପ୍ରାଣୀଧନ ଗଣନା

**ନୟାଗଡ଼ ଅଫିସ,୧୩।୧୧**

ନୟାଗଡ଼ ଜିଲାର ପ୍ରାଣୀଧନ ଗଣନା କାର୍ଯ୍ୟକ୍ରମକୁ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ମଙ୍ଗଳବାର ଟାବ୍‌ଲେଟ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ବୁଧବାର ଠାରୁ ଗଣନା କାର୍ଯ୍ୟ ଆରମ୍ଭ ହେବ। ପ୍ରାଣୀଧନ ବିଭାଗର କର୍ମଚାରୀମାନେ ଗାଁ ଗାଁ ବୁଲି ଗଣନା କରିବେ। ପ୍ରକାଶ ଯେ, ପ୍ରତି ୫ ବର୍ଷରେ ଥରେ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ପଶୁପକ୍ଷୀଙ୍କ ଗଣନା କରାଯାଇଥାଏ। ତେଣୁ ଏହି ଗଣନା କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଜନସାଧାରଣ ସହଯୋଗ କରିବାକୁ ଜିଲାପାଳ ନାୟକ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମୁରଲୀଧର ବେହେରା, ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗିରିଧାରୀ ପ୍ରସାଦ ରାୟ ଏବଂ ନୋଡାଲ ଅଫିସର ଡା. ପ୍ରତାପ କୁମାର ପ୍ରଧାନ ଉପସ୍ଥିତ ଥିଲେ।



ଜିଲାପାଳ ଟାବ୍‌ଲେଟ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।

■ ଖବରଦାତାଙ୍କୁ ଅପମାନିତ କରିବା ଘଟଣା

# ତୁଟିଲା ଖବରଦାତା-ପ୍ରଶାସନ ବିବାଦ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଖବରଦାତାମାନେ ବିକ୍ଷୋଭ କରୁଛନ୍ତି।

**ନୟାଗଡ଼ ଅଫିସ,୧୩।୧୧**

୩ ଦିନ ଧରି ଲାଗି ରହିଥିବା ଖବରଦାତା ଓ ପ୍ରଶାସନ ବିବାଦ ମଙ୍ଗଳବାର ସମାଧାନ ହୋଇଛି। ପୂର୍ବାହ୍ନରେ ଖବରଦାତାମାନେ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଏକାଠି ହୋଇ କଳା ବ୍ୟାଜ୍ ପରିଧାନ କରିବା ସହିତ ଦିନରେ ଲଣ୍ଠନ ଧରି ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଘଟଣାସ୍ଥଳକୁ ଆସି ଦୁଃଖପ୍ରକାଶ କରିବା ସହ ଖବରଦାତାଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ପୁନର୍ବାର ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଏଡିଡ଼ିଙ୍କ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଶୁକ୍ରବାର ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଣେ ଗଣମାଧ୍ୟମ ପ୍ରତିନିଧି ମୋବାଇଲ୍‌ରେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏନେଇ ଏଡିଡ଼ି ସନ୍ତୋଷୀ ସାହୁ ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କୁ କହିଥିଲେ। ପରେ ଜିଲାପାଳ ଜିଲା ଓ ସୂଚନା ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କୁ କହି ସମ୍ପୃକ୍ତ ଖବରଦାତାଙ୍କ ମୋବାଇଲ୍ ନେଇ ଯାଇଥିଲେ। ଏଡିଡ଼ି ସାହୁ ସମ୍ପୃକ୍ତ ଖବରଦାତାଙ୍କୁ ନିଜ ପାଖକୁ ଡାକି ଉତ୍ତୋଳନ ହୋଇଥିବାର ଦୃଶ୍ୟକୁ ମୋବାଇଲ୍‌ରୁ ଡିଲିଟ କରି ଦେଇଥିଲେ। ଜିଲା ପ୍ରଶାସନର ଏଭଳି କାର୍ଯ୍ୟ ଖବରଦାତାଙ୍କୁ ଅପମାନିତ କରିଥିଲା। ଏହାର ସମାଧାନ ପାଇଁ ସୋମବାର ଜିଲାପାଳ ଏକ ବୈଠକ ଡାକିଥିଲେ ମଧ୍ୟ ଖବରଦାତାମାନେ ଯୋଗ ଦେଇ ନ ଥିଲେ। ମଙ୍ଗଳବାର ଏହି ଆନ୍ଦୋଳନରେ ସହରର ସମସ୍ତ ଖବରଦାତାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ଯୋଗ ଦେଇଥିଲେ।

# ୧୩୧୭ ଭତ୍ତା ମଞ୍ଜୁର ସତ୍ତ୍ୱେ ମିଳୁନି ଟଙ୍କା

**ଭାପୁର,୧୩।୧୧(ଡି.ଏନ୍.ଏ.)**

ଭାପୁର ବ୍ଲକ୍‌ର ୧୩୧୭ ଭତ୍ତା ମଞ୍ଜୁର ହୋଇଥିବା ସତ୍ତ୍ୱେ ସରକାରୀ ଉଦାସୀନତା ହେତୁ ସେମାନେ ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହି ଗରିବ ହିତାଧିକାରୀ ବୃଦ୍ଧାବୃଦ୍ଧ ଓ ଅନ୍ୟାମାନଙ୍କ ପ୍ରତି ପ୍ରଶାସନର ଅବହେଳା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ୍‌ର ୨୦ ପଞ୍ଚାୟତରେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବାମାନେ ସରକାରୀ ଭତ୍ତା ପାଇବା ପାଇଁ ଜୁଲାଇ ମାସରୁ ଯୋଗ୍ୟ ବିବେଚିତ ହୋଇ ସାରିଛନ୍ତି। ସେମାନଙ୍କ ନାମ ମଞ୍ଜୁର ହୋଇ ବ୍ଲକ୍ କାର୍ଯ୍ୟାଳୟ ନଥିପତ୍ରରେ ରହିଛି। ମାତ୍ର ଅର୍ଥ ଅଭାବ ଥିବା କହି ବ୍ଲକ୍ ପ୍ରଶାସନ ସେମାନଙ୍କୁ ଭତ୍ତା ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଭାପୁର ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ କହିଛନ୍ତି ଯେ, ଏ ସମସ୍ତ ହିତାଧିକାରୀଙ୍କ ଅର୍ଥ ମଞ୍ଜୁର ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଅର୍ଥ ଆସିଲେ ସେମାନେ ଭତ୍ତା ଟଙ୍କା ପାଇବେ।

# ସଡ଼କ ଦୁର୍ଘଟଣାରେ ୨ ଆହତ

**ଓଡ଼ଗାଁ,୧୩।୧୧(ସ୍ୱ.ପ୍ର.)**

ଓଡ଼ଗାଁ ଥାନା କାପ୍ତାପଲ୍ଲୀ ପଞ୍ଚାୟତସ୍ଥ ଓଡ଼କପା ଗ୍ରାମ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ମଙ୍ଗଳବାର ଏହି ଗ୍ରାମର ନବଘନ ଜାନୀ(୬୦) ଭୋଜିଖାଇ ସନ୍ଧ୍ୟାରେ ନିଜ ଗାଁ'କୁ ଫେରୁଥିବା ବେଳେ ଏକ ବାଇକ୍ 'ନଂ ଓଆର୍୦୭ବି୪୧୦୬'ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ନବଘନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ବାଇକ୍‌ଚାଳକ ମଧ୍ୟ ଆହତ ହୋଇଛନ୍ତି। ସେ ହେଉଛନ୍ତିବେରୁଆଁବାରୀ ପଞ୍ଚାୟତ ବେଲଦୁଆର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଡାକୁଆ(୧୯)। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ଚିକିତ୍ସା ନିମନ୍ତେ ନୟାଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।





ଆହତ ୨ ବ୍ୟକ୍ତି।

# ବାହାଡ଼ା ଟି୨୦: ବାଇଗୁଣିଆ ବିଜୟୀ

**ଭାପୁର,୧୩।୧୧(ଡି.ଏନ୍.ଏ.)**

ଖଣ୍ଡପଡ଼ା ବ୍ଲକ୍ ବନମାଳୀପୁର ପଞ୍ଚାୟତସ୍ଥ ବାହାଡ଼ା ଗ୍ରାମର ମା' ବାହାଡ଼ାଶୁଣୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୨୧ ତମ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଆୟୋଜିତ ଖେଳରେ ବାଇଗୁଣିଆ ଦଳ କଣ୍ଟିଲୋ ଦଳକୁ ୯୨ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ଟସ୍ ଜିଣି ବାଇଗୁଣିଆ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ୮ ଉଇକେଟ୍ ହରାଇ ୨୩୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କଣ୍ଟିଲୋ ଦଳ ୧୬.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୩୯ ରନ୍‌ରେ ସୀମିତ ରହି ୯୨ ରନ୍‌ରେ ପରାଜିତ ହୋଇଥିଲା। ବିଜୟୀ ଦଳର ସୁମନ୍ତ ସାହୁ ୪୦ ବଲ୍‌ରେ ୮୧ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ସନ୍ତୋଷ ଖଟୁଆ ଓ ବିଜି ଦଳେଇ।

# ବାଉଁଶିଆପଡ଼ାରେ ଭାଜପାର ସାଙ୍ଗଠନିକ ବୈଠକ

**ନୟାଗଡ଼ ଅଫିସ,୧୩।୧୧**

ନୟାଗଡ଼ ବ୍ଲକ ବାଉଁଶିଆପଡ଼ା ପଞ୍ଚାୟତର ଏକାନ୍ତବାସୀ ମନ୍ଦିର ପରିସରରେ ମଙ୍ଗଳବାର ଭାଜପାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ପ୍ରମୁଖ ପ୍ରଦୀପ୍ତ କୁମାର ପାତ୍ର(ଟିଟୁ), ସହ ପ୍ରମୁଖ ଗୋକୁଳ ନାୟକ, ଲକ୍ଷ୍ମୀଧର ତ୍ରିପାଠୀ, ବୈଦ୍ୟନାଥ କର, ସୁଦାମ ପ୍ରଧାନ, ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ୱାର୍ଡ କମିଟି, ସାଙ୍ଗଠନିକ ଉପରେ ଆଲୋଚନା କରିଥିଲେ। ଏଥି ସହିତ ଦଳକୁ କିପରି ମଜଭୁତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ବହୁ କର୍ମୀ ଯୋଗ ଦେଇଥିଲେ।



ବୈଠକରେ ଭାଜପା କର୍ମକର୍ତ୍ତା ଓ କର୍ମୀମାନେ।

■ ନୂଆଗାଁ ବ୍ଲକ ଷଷ୍ଠ ସାଧାରଣ ଅଧିବେଶନ

# ବହୁ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

**ନୂଆଗାଁ,୧୩।୧୧(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକର ଷଷ୍ଠ ସାଧାରଣ ଅଧିବେଶନ ମଙ୍ଗଳବାର ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଯୋଗଦେବା ପାଇଁ ସମସ୍ତ ବିଭାଗର ଅଧିକାରୀଙ୍କୁ ଜଣାଇ ଦିଆ ଯାଇଥିଲେ ମଧ୍ୟ କେତେକ ଅଧିକାରୀ ଅଧିବେଶନରେ ଯୋଗ ନ ଦେବା ଫଳରେ କ୍ଷୋଭ ପ୍ରକାଶ ପାଇଥିଲା । ଅଧିକାରୀଙ୍କ ଅନୁପସ୍ଥିତି ବିଷୟରେ ମହିପୁର ସମିତି ସଭ୍ୟ ସୁଦାମ ଚରଣ ପ୍ରଧାନ ପ୍ରଶ୍ନ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ରାଜସ୍ୱ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ,ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଅନେକ ସମସ୍ୟା ଦୂର ହୋଇ ପାରୁ ନ ଥିବା ଉପସ୍ଥିତ ଥିବା ଲୋକପ୍ରତିନିଧି କହିଥିଲେ। ତେଣୁ ଚିଠି ପାଇ ବୈଠକକୁ ଗୁରୁତ୍ୱ ଦେଉ ନ ଥିବା ଅଧିକାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ପାଇଁ ରେଜୁଲେଶନ କରି ଜିଲାପାଳଙ୍କୁ ଜଣାଇବା ଲାଗି ବୈଠକର ସଭାପତି ନୂଆଗାଁ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କୁ ଅନୁରୋଧ କରାଯାଇଥିଲା । ଜିଲାର ସମସ୍ତ ବ୍ଲକରେ ମୋ ଗୁହାଳ, ନନ୍ଦ କୂଅ ପାଇଁ ଅନୁଦାନ ଦିଆଯାଉଥିଲେ ମଧ୍ୟ ନୂଆଗାଁ ବ୍ଲକରେ ଅଦ୍ୟାବଧି ତାହା କରାଯାଇ ନ ଥିବାରୁ ନୂଆଗାଁ ସମିତି ସଭ୍ୟ କ୍ଷୋଭ ପ୍ରକାଶ କରିବା ସହ ଶୀଘ୍ର ଏହି ଯୋଜନା ଆରମ୍ଭ କରିବା ପାଇଁ ବିଡିଓଙ୍କୁ ଅନୁରୋଧ କରିଥିଲେ । ଯେଉଁ ବ୍ୟକ୍ତି ଚାହିଁବେ ଆବେଦନ କଲେ ସେମାନଙ୍କୁ ନନ୍ଦକୂଅ ପାଇଁ ଅନୁଦାନ ଯୋଗାଇ ଦିଆଯିବ ବୋଲି ସହକାରୀ ଯନ୍ତ୍ରୀ ପ୍ରକାଶ କରିଥିଲେ। ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁଙ୍କ ପ୍ରସ୍ତାବ କ୍ରମେ ସମସ୍ତ ପଞ୍ଚାୟତରେ ଚିତ୍ତବିନୋଦନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ବିଡିଓ ସମ୍ମତି ପ୍ରକାଶ କରିଥିଲେ । ବ୍ଲକର ଆକ୍ସନପ୍ଲାନ ନଭେମ୍ବର ୮ ତାରିଖ ସୁଦ୍ଧା ଡିଆର୍‌ଡିଏକୁ ପଠାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ ତାହା ଅଦ୍ୟାବଧି ପଠା ଯାଇ ନ ଥିବାରୁ ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ସ୍ୱଚ୍ଛ ଭାରତ ଯୋଜନାରେ ପଞ୍ଚାୟତରେ ଥିବା ମୋଟିଭେଟରମାନଙ୍କୁ ପାଉଣା ନ ଦେବା ଫଳରେ କାର୍ଯ୍ୟରେ ବାଧା ଉପୁଜୁଥିବା କହିଥିଲେ ନୂଆଗାଁ ସରପଞ୍ଚ ଗଜେନ୍ଦ୍ରନାଥ ପ୍ରଧାନ । ସେମାନଙ୍କୁ ପାଉଣା ଦେବାର ବ୍ୟବସ୍ଥା କରିବେ ବୋଲି ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସିଲାପ୍ରିୟା ସେଠୀ ପ୍ରକାଶ କରିଥିଲେ। ଅନେକ ପଞ୍ଚାୟତରେ ହିତାଧିକାରୀ ପାଇଖାନା ନିର୍ମାଣ କରିବାର ବର୍ଷେ ବିତି ଯାଇଥିଲେ ମଧ୍ୟ ସେମାନଙ୍କୁ ଅନୁଦାନ ଦିଆ ନ ଯିବା ନେଇ ସଭାରେ ଅସନ୍ତୋଷ ଦେଖା ଦେଇଥିଲା। ପାଇଖାନା ନିର୍ମାଣ କରିବାର ୧୫ ଦିନ ମଧ୍ୟରେ ଅନୁଦାନ ପ୍ରଦାନ କରିବା ପାଇଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ କହିଥିଲେ। ପାଇଖାନା ପାଇଁ ଅନୁଦାନ ପାଇ ନ ଥିବା ଯେଉଁ ଲୋକଙ୍କ ନାମ ତାଲିକାରେ ନ ଥିବ ସେମାନଙ୍କ ନାମ ପଲ୍ଲିସଭା କିମ୍ବା ଗ୍ରାମସଭାରେ ଦିଆଯାଇ ଡିଆରଡିଏରୁ ଅନୁମୋଦନ କରାଯାଇ ପାରିବ ବୋଲି ବିଡିଓ ପଟେଲ ସୂଚନା ଦେଇଥିଲେ । ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭ୍ୟ ସୁଦୀପ୍ତ କୁମାର ରାୟ, ୨୨ ଗୋଟି ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ବ୍ଲକ ଅଧିକାରୀମାନେ ଯୋଗ ଦେଇଥିଲେ ।




ଅଧିବେଶନରେ ଉପସ୍ଥିତ ଜିଲା ପରିଷଦ ସଭ୍ୟ, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ବିଡିଓ।

**ସଂକ୍ଷେପରେ**

## ରୋଗୀ କଲ୍ୟାଣ ସମିତି ସଭ୍ୟଙ୍କ ଧାରଣା

**ଟାଙ୍ଗୀ(ଖୋର୍ଦ୍ଧା)୧୩।୧୧,(ଡି.ଏନ.ଏ.):** ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ପ୍ରଶାସନିକ ଅବ୍ୟବସ୍ଥା ଲାଗି ରହୁଥିବା ଅଭିଯୋଗ ହୋଇଛି। ଫଳରେ ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ରୋଗୀ କଲ୍ୟାଣ ସମିତିର ସଭ୍ୟ ରଘୁନାଥ ସାହୁ ଏଥିରେ ଅସନ୍ତୋଷ ପ୍ରକଟ କରିଥିଲେ। ମଙ୍ଗଳବାର ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ମେଡିକାଲ ଅଫିସ ସମ୍ମୁଖରେ ସେ ଧାରଣାରେ ବସିଥିଲେ। ପରେ ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କୁ ବୁଝାଶୁଝା କରି ଧାରଣାରୁ ପ୍ରତ୍ୟାହୃତ କରିଥିଲେ। ଅଧିକାରୀ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ନିଜର କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବିଷ କ୍ରିୟାରେ ଯୁବତୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୧୧:** ବିଷକ୍ରିୟାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପୁରୁଷୋତ୍ତମପୁର ଥାନା କରଞ୍ଜରା ଗ୍ରାମର ଗୌରୀ ବେହେରା (୧୯) । ସୋମବାର ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ କୌଣସି କାରଣରୁ ଗୌରୀ ବିଷପାନ କରି ଅସୁସ୍ଥ ହୋଇଥିଲେ । ପରିବାରବର୍ଗ ତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ନଂ ୫୮୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି ।

### ଆଇନଜୀବୀଙ୍କୁ ଆଇଆଇସିଙ୍କ ମାଡ଼ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବି କଲେ ଓକିଲ ସଂଘ

**ବ୍ରହ୍ମପୁର ଅଫିସ୍,୧୩।୧୧:** ବୁଗୁଡା ଥାନା ଆଇଆଇସି ରାମଚନ୍ଦ୍ର ବିଶ୍ୱାଳଙ୍କ ଆକ୍ରମଣରେ ମଙ୍ଗଳବାର ସେହି ଅଞ୍ଚଳର ଆଇନଜୀବୀ ହରପ୍ରସାଦ ଦାସ ଗୁରୁତର ହୋଇଛନ୍ତି । ଘଟଣାକୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯିବା ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି । ବୁଧବାର ଓକିଲ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ବୁଗୁଡା ଯାଇ ସମସ୍ତ ଘଟଣା ବୁଝିବେ ବୋଲି ସୂଚନା ଦିଆଯାଇଛି । ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ କୋର୍ଟ ବର୍ଜନ କରାଯିବ ବୋଲି ସଂଘ ପକ୍ଷରୁ ସଭାପତି ମୋହନ ସିଂଘାରୀ, ଉପସଭାପତି ରବୀନ୍ଦ୍ର ଦେଓ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ବାପୁଜୀ ପଟ୍ଟନାୟକ କହିଛନ୍ତି । ସେହିପରି ଆଇନଜୀବୀଙ୍କୁ ମାଡ ଘଟଣାକୁ କୁକୁଡାଖଣ୍ଡି ଓକିଲ ସଂଘ ପକ୍ଷରୁ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଏବଂ ସମ୍ପାଦକ କରୁଣାକର ପାଣିଗ୍ରାହୀ ନିନ୍ଦାକରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ-ମହାବିଦ୍ୟାଳୟ ମୁହାଁମୁହିଁ

**ବ୍ରହ୍ମପୁର ଅଫିସ୍,୧୩।୧୧**

- ଚାମ୍ବର ପାଇଁ ଚାଲିଛି ଟଣାଓଟରା
- ଅଧକ୍ଷଙ୍କ ଚାମ୍ବରକୁ ମାଡ଼ିବସିଛନ୍ତି କୁଳସଚିବ
- କମନ୍‌ରୁମ୍‌ରେ କାର୍ଯ୍ୟ କରୁଛନ୍ତି ଅଧକ୍ଷ
- କୁଳପତି କହିଲେ ଚାମ୍ବର ଛାଡ଼ିହେବନି



କମନ୍‌ରୁମ୍‌ରେ କାର୍ଯ୍ୟ କରୁଛନ୍ତି ଅଧକ୍ଷ ପ୍ରଶାନ୍ତ ଶତପଥୀ ।



ଅଧକ୍ଷଙ୍କ ଚାମ୍ବରକୁ ମାଡ଼ିବସିଛନ୍ତି କୁଳସଚିବ ।

କ୍ୟାମ୍ପସ୍ ଗୋଟିଏ । ହେଲେ ଶିକ୍ଷାନୁଷ୍ଠାନ ଦୁଇଟି। ଗୋଟିଏ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ । ଅନ୍ୟଟି ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ। ହେଲେ କ୍ୟାମ୍ପସ୍ କାହାର। ବିଶ୍ୱବିଦ୍ୟାଳୟର ନା' ମହାବିଦ୍ୟାଳୟର । ଏହାକୁ ନେଇ ଏବେ ଏହି ଦୁଇଟି ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଛନ୍ତି । ଉଭୟ କ୍ୟାମ୍ପସ୍ ଉପରେ ନିଜ ନିଜର ହକ୍ ଜାହାରି କରୁଛନ୍ତି। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ବିବାଦର ଯେଉଁ ମଞ୍ଜି ବୁଣିଛି, ତାହା ଏବେ ମହାଦ୍ରୁମ ହେବାରେ ଲାଗିଲାଣି। ଦୁଇ ଶିକ୍ଷାନୁଷ୍ଠାନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି । ସଦ୍ୟତମ ବିବାଦ ଚାମ୍ବର୍‌କୁ ନେଇ ସୃଷ୍ଟି ହୋଇଛି। ଗୋଟିଏ ପଟେ ମହାବିଦ୍ୟାଳୟର ଅଧ୍ୟକ୍ଷ ରହିଥିବା ବେଳେ ଅନ୍ୟପଟେ ରହିଛନ୍ତି ବିଶ୍ୱବିଦ୍ୟାଳୟର କୁଳପତି ।

ଘଟଣା ହେଲା, ୨୦୧୫ ମେ' ୩୦ରେ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଗଲା । ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ୨୦୧୭ ଜୁଲାଇ ୧୪ତାରିଖରେ ସ୍ଥାୟୀ କୁଳପତି ଭାବେ ନିଯୁକ୍ତି ପାଇଲେ। ଅଧ୍ୟକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ଚାମ୍ବରକୁ ତାଙ୍କୁ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ କେହି ନ ଥିଲେ । ପ୍ରଫେସର ରାଧାନାଥ ରଥ ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ସମ୍ଭାଳୁ ଥିଲେ। ଉପାଧକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ଚାମ୍ବରରେ ସେ କାର୍ଯ୍ୟ କରୁଥିଲେ । ସେହି ଚାମ୍ବରକୁ ଅଧ୍ୟକ୍ଷଙ୍କ ଚାମ୍ବର ବୋଲି କୁହାଗଲା । ଗତ ଡିସେମ୍ବର ୮ତାରିଖରେ ପ୍ରଫେସର ରଥ ଅବସର ନେଲେ । ଏଣୁ ସରକାରଙ୍କ ତରଫରୁ କୁଳସଚିବ ଭାବେ କିଶୋର ଚନ୍ଦ୍ର ଦାସ ଏବଂ ଅଧ୍ୟକ୍ଷ ଭାବେ ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀଙ୍କୁ ନିଯୁକ୍ତି ଦିଆଗଲା । ଅଧ୍ୟକ୍ଷଙ୍କ ଚାମ୍ବରରେ ବସିଲେ କୁଳସଚିବ ଦାସ । ଏଣେ ଅଧ୍ୟକ୍ଷ ଶତପଥୀଙ୍କ ପାଇଁ କୌଣସି ଚାମ୍ବର ନ ଥିଲା । ଏଣୁ ସେ ତାଙ୍କ ନିଜ ବିଭାଗ ବା ଗଣିତ ବିଭାଗର ଏକ ଛୋଟିଆ ରୁମ୍‌ରେ କାର୍ଯ୍ୟକଲେ । ଏହା ଭିତରେ ପାଖାପାଖି ବର୍ଷେ ହୋଇଗଲାଣି। ବିଶ୍ୱବିଦ୍ୟାଳୟର ନିଜସ୍ୱ କୋଠା କ୍ୟାମ୍ପସ୍‌ର ପଛ ପାଖରେ ନିର୍ମାଣ ହୋଇସାରିଛି। ସେଠାରେ ଅନେକ ବଡ଼ ବଡ଼ ରୁମ୍ ରହିଛି । ହେଲେ କୁଳପତି କିମ୍ବା କୁଳସଚିବ ପୁରୁଣା ଚାମ୍ବର ଛାଡ଼ି ନୂଆ କୋଠାରେ ଚାମ୍ବର ନେଉନାହାନ୍ତି। ଏପଟେ ଅଧ୍ୟକ୍ଷ ଶତପଥୀ ଯେଉଁ ରୁମ୍‌ରେ କାର୍ଯ୍ୟ କରୁଛନ୍ତି, ତାହାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବର୍ଷା ହେଲେ ପାଣି ଗଳୁଛି । ରୁମ୍‌ଟି ଅତି ଛୋଟ । ଅନେକ ସମୟରେ ୫ରୁ ଅଧିକ ଛାତ୍ରୀଛାତ୍ର ଏକକାଳୀନ ଅଭିଯୋଗ ଜଣାଇବା ପାଇଁ ଅଧ୍ୟକ୍ଷଙ୍କ ପାଖକୁ ଆସିଲେ, ରୁମ୍‌ରେ ଠିଆ ହେବାକୁ ଜାଗା ହେଉନି । ଏତେ ବଡ଼ ମହାବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ କରିବା ଛୋଟିଆ ରୁମ୍‌ରେ ସମ୍ଭବ ହେଉନି । ଅନେକ ସମୟରେ ଅଧ୍ୟକ୍ଷ ଶତପଥୀ ଗଣିତ ବିଭାଗର ଅଧ୍ୟାପକଙ୍କ କମନ୍‌ରୁମ୍‌ରେ ବସି କାର୍ଯ୍ୟ କରୁଛନ୍ତି। ଅଗଷ୍ଟ ୬ତାରିଖରେ ଅଧ୍ୟକ୍ଷ ଶତପଥୀ ଏ ସମ୍ପର୍କରେ କୁଳପତି ମିଶ୍ର ଏବଂ ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶ୍ରୀକାନ୍ତ ପୃଷ୍ଟିଙ୍କୁ ଚିଠି ଲେଖିଥିଲେ। ଛୋଟ ରୁମ୍‌ରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଶୁଣିବା କଷ୍ଟ ହେଉଛି। କୁଳସଚିବ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଶୁଣୁ ନ ଥିବା ଯୋଗୁ ସେ ଚାମ୍ବରକୁ ଛାଡ଼ିଦିଅନ୍ତୁ। କୁଳସଚିବଙ୍କ ଚାମ୍ବରକୁ ସୋସିଆଲ୍ ସାଇନ୍ସ ବ୍ଲକର ପ୍ରଥମ ମହଲାକୁ ସ୍ଥାନାନ୍ତର କରାଯାଉ। ନୂତନ କୋଠାରେ ବଡ଼ ବଡ଼ ରୁମ୍ ଥିବା ଯୋଗୁ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶିକ୍ଷାଦାନ ପାଇଁ ସେଗୁଡ଼ିକ ବ୍ୟବହାର କରାଯାଉ ବୋଲି ଅଧ୍ୟକ୍ଷ ଶତପଥୀ ତାଙ୍କ ଚିଠିରେ ଅନୁରୋଧ କରିଥିଲେ। ଏହା ଭିତରେ ପ୍ରାୟ ୫ମାସ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପଟେ ଅଧ୍ୟକ୍ଷଙ୍କ ଚ୍ୟାମ୍ବରଟି ଭାଙ୍ଗିରୁଜି ଗଲାଣି । ବସିବା କଷ୍ଟକର ହେଉଛି। ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଯୋଗୁ ମଙ୍ଗଳବାର ଅଧ୍ୟକ୍ଷ ଶତପଥୀ ନିଜ ଚାମ୍ବରରେ ତାଲା ପକାଇ ଦେଇଛନ୍ତି। କୁଳସଚିବ ବସୁଥିବା ଚାମ୍ବରକୁ ତୁରନ୍ତ ହସ୍ତାନ୍ତର କରା ନ ଯିବା ପର୍ଯ୍ୟନ୍ତ ସେ କମନ୍‌ରୁମ୍‌ରେ ବସି କାର୍ଯ୍ୟ କରିବେ। ତଥାପି ବିଭାଗ ଚୁପ୍ ରହିଲେ, ରାସ୍ତାରେ ବସିବି ବୋଲି ଚେତାବନୀ ଦେଇଛନ୍ତି ।

ଅନ୍ୟପଟେ କୁଳପତି ପ୍ରଫେସର ମିଶ୍ର କହିଛନ୍ତି, କୌଣସି ବିବାଦ ନାହିଁ। କମ୍ ସମ୍ବଳରେ ଉଭୟ ଶିକ୍ଷାନୁଷ୍ଠାନ ଚାଲିଛି। ସ୍ଥାନାଭାବ ରହିଛି । ବର୍ତ୍ତମାନ ପରିସ୍ଥିତିରେ ଚାମ୍ବର ଛାଡ଼ିହେବନି । ତଥାପି ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ଆଙ୍କୋଲି ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବ କମିଟି ବୈଠକ

**ବ୍ରହ୍ମପୁର ଅଫିସ,୧୩।୧୧**

ସ୍ଥାନୀୟ ଶିଳ୍ପାଞ୍ଚଳ ଆଙ୍କୋଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବ ପାଇଁ ପୁରାତନ ଛାତ୍ରଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବରରେ ହେବାକୁ ଥିବା ଉତ୍ସବ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଶହେ ବର୍ଷର ଏହି ଶିକ୍ଷାନୁଷ୍ଠାନର ଉତ୍ସବରେ ଯୋଗଦେବା ପାଇଁ ଗଣଶିକ୍ଷା ଓ ବିଦ୍ୟାଳୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଶିକ୍ଷାବିତମାନଙ୍କୁ ନିମନ୍ତ୍ରଣ କରାଯିବାର ସହମତି ପ୍ରକାଶ ପାଇଥିଲା। ଶତ ବାର୍ଷିକୀ ଉତ୍ସବର ଅଧକ୍ଷ ଭାଗୀରଥି ମହାରଣା ବୈଠକରେ ଅଧକ୍ଷତା କରିଥିବା ବେଳେ ପୁରାତନ ଛାତ୍ର ତଥା ଗଞ୍ଜାମ ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକଙ୍କ ସମେତ ଏମ୍. ବନମାଳୀ, ପ୍ରସନ୍ନ ପ୍ରଧାନ, ଏଲ. ସୁଦାମ ଦାସ, ପ୍ରକାଶ ଚନ୍ଦ୍ର ଘଟୁଆଳ, ସୂର୍ଯ୍ୟ ନାରାୟଣ ନାୟକ ଓ ଶାନ୍ତି ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନା ସେଠୀ, ଏଲ. ଜଗନ୍ନାଥ ଦାସ, ସୁବାସ କୁମାର ନାୟକ ଓ ପି. ଶଙ୍କର ରାଓ ଉପସ୍ଥିତ ଥିଲେ । ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ବହୁ ସଂଖ୍ୟକ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

## ଭିଜିଲାନ୍ସ ଜାଲରେ ବରିଷ୍ଠ ନକ୍ସା ନବିସ ଅଧିକାରୀ

- ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ

**ବ୍ରହ୍ମପୁର ଅଫିସ୍,୧୩।୧୧**


ଗିରଫ ସିଏଚ୍.ବାଣୀଶ୍ରୀ ।

ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ୍ ଜାଲରେ ମଙ୍ଗଳବାର ଛନ୍ଦି ହୋଇଛନ୍ତି ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ)ର ବରିଷ୍ଠ ନକ୍ସାନବିସ ଅଧିକାରୀ କମ୍ ଡିଲିଂ କ୍ଲର୍କ ସିଏଚ୍.ବାଣୀଶ୍ରୀ। ଏକ ବିଲ୍ଡିଂ ପ୍ଲାନ୍‌ଆପ୍ରୁଭାଲ୍ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରକାଶଯେ, ନୀଳାଦ୍ରି ବିହାର ଅଞ୍ଚଳର ଅନିଶ ବେଗ୍ ଏକ ବିଲ୍ଡିଂ ନିର୍ମାଣ ନେଇ ପ୍ଲାନ୍ ଆପ୍ରୁଭାଲ୍ ପାଇଁ ବିଡିଏରେ ଦରଖାସ୍ତ କରିଥିଲେ । ପୂର୍ବରୁ ସରକାରୀ କାଗଜାତ୍ ଖର୍ଚ୍ଚ ବାବଦକୁ ଅନିସ ବିଭାଗୀୟ କାର୍ଯ୍ୟାଳୟରେ ସମୁଦାୟ ୩୧ ହଜାର ଟଙ୍କା ପୈଠ କରିଥିଲେ ମଧ୍ୟ ତାଙ୍କ ଫାଇଲ୍ ଆଗକୁ ଯାଇପାରୁ ନ ଥିଲା । ଫଳରେ ସୋମବାର ବିଡିଏ ଯାଇ ସେଠାରେ ବରିଷ୍ଠ ନକ୍ସାନବୀଶ ଅଧିକାରୀ (ସିନିୟର୍ ଡ୍ରାଫ୍ଟସ୍ ମ୍ୟାନ୍ କମ୍ ଡିଲିଂ କ୍ଲର୍କ୍) ସିଏଚ୍.ବାଣୀଶ୍ରୀଙ୍କୁ ସାକ୍ଷାତ କରିଥିଲେ। ତେବେ ଏଥିପାଇଁ ତାଙ୍କୁ ସେ ଅର୍ଥ ଦାବି କରିଥିଲେ । ୩ ହଜାର ଟଙ୍କାରୁ ଆରମ୍ଭ କରି ମୂଲଚାଲ ଶେଷରେ ୧୨ ହଜାର ଟଙ୍କାରେ ଛିଡିଥିଲା । ପରେ ଅନିଶ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ଅର୍ଥ ଦାବି କରୁଥିବା ନେଇ ଏକ ଏତଲା ଦେବା ପରେ ଭିଜିଲାନ୍ସ ପକ୍ଷରୁ ନଂ. ୪୭/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ପରେ ପୂର୍ବ ଯୋଜନା ମୁତାବକ ମଙ୍ଗଳବାର ପୂର୍ବାହ୍ନରେ ଅନିସ ବିଡିଏ ଯାଇ ସିଏଚ୍.ବାଣୀଶ୍ରୀଙ୍କୁ ନିଜର କାଗଜାତ ସମେତ ୧୨ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ସେ ଏହାକୁ ଭ୍ୟାନିଟି ବ୍ୟାଗ୍‌ରେ ରଖିଥିଲେ । ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଅନୀଶ୍ ଯିବା ପରେ ବାଣୀଶ୍ରୀଙ୍କୁ କେମିକାଲ୍ ମିଶା ପାଣିରେ ହାତ ବୁଡାଇବାକୁ କହିଥିଲେ । ତାଙ୍କ ହାତ ଏବଂ ଭାନିଟି ବ୍ୟାଗ୍‌ରେ ଟଙ୍କା ରଖିଥିବା ସ୍ଥାନ ନାଲି ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ବାଣୀଶ୍ରୀଙ୍କ ଗାନ୍ଧୀନଗର ଦ୍ୱିତୀୟଲେନ୍‌ସ୍ଥିତ ନନ୍ଦିଘୋଷ ନିବାସ ଫ୍ଲାଟ୍ ନଂ. ୨୦୪ରେ ଚଢାଉ କରାଯାଇଥିଲା । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ରହିଥିବା ନେଇ ଭିଜିଲାନ୍ସ ବିଭାଗ ତଦନ୍ତ ଜାରି ରଖିଥିବା ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ୧୯୯୬ ମଇ ୨୫ରେ ପ୍ରଥମ କରି ବାଣୀଶ୍ରୀ ବିଡିଏରେ ଟ୍ରେସର୍ ଭାବେ କାର୍ଯ୍ୟରେ ନିଯୁକ୍ତି ପାଇଥିବା ବେଳେ ୧୯୯୮ ରେ ସେ ବରିଷ୍ଠ ନକ୍ସାନବିସ ଅଧିକାରୀ (ସିନିୟର୍ ଡ୍ରାଫ୍ଟସ୍‌ମ୍ୟାନ୍ କମ୍ ଡିଲିଂ କ୍ଲର୍କ୍) ପଦୋନ୍ନତି ପାଇଥିଲେ ।

## ଶିଶୁ ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ,୧୩।୧୧**

ଉତ୍କଳ ଆଶ୍ରମ ସଭା ଗୃହରେ ଅଗ୍ରଣୀ ଶିଶୁ ସାହିତ୍ୟ ଅନୁଷ୍ଠାନ ଶିଶୁ ସାହିତ୍ୟ ବିକାଶ ପରିଷଦର ଶିଶୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ପ୍ରତିଷ୍ଠାତା ତଥା ସଭାପତି ଅଭିରାମ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ. ରବି ନାରାୟଣ ମିଶ୍ର ମଞ୍ଚାସୀନ ହୋଇ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କବି ଦିଲୀପ ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ଅନୁଷ୍ଠାନ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଡା. ଗୋଦାବରୀଶ ଦାଶ, ଚନ୍ଦ୍ର ଶେଖର ସାବତ, ଡ. ଚନ୍ଦ୍ରମଣି ସ୍ୱାଇଁ, ଦେବୀ ପ୍ରସାଦ ମହାପାତ୍ର, କପିଳ ଚନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ରମେଶ ଚରଣ ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଲଳିତା ରଥ, ଲୋପା ସାମଲ, ଜ୍ୟୋସ୍ନାରାଣୀ ସ୍ୱାଇଁ, ଦେବୀପ୍ରଭା ରଥ, ଜ୍ୟୋସ୍ନାରାଣୀ ପଣ୍ଡା, ସରସ୍ୱତୀ ନାୟକ, ସୁଚତା ପାଣିଗ୍ରାହୀ, ଜିତେନ୍ଦ୍ର ନାଥ ପଟ୍ଟନାୟକ, ନୀହାରିକା ସାହୁ, ଅରୁଣ ମୋହନ ପାତ୍ର, ଋଷିକେଶ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ ।

- ବଧୂ ନିର୍ଯାତନା ଅଭିଯୋଗ

## ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ

**ମାମଲା ରୁଜୁ ପାଇଁ ମହିଳା ଥାନାକୁ ନିର୍ଦ୍ଦେଶ**

**ବ୍ରହ୍ମପୁର ଅଫିସ୍,୧୩।୧୧**

ବଧୂ ନିର୍ଯାତନା ଅଭିଯୋଗ ନେଇ ମଙ୍ଗଳବାର ଲକ୍ଷ୍ମୀପୁର ଗ୍ରାମ ଗୋପୀନାଥପୁର ପରିଚାଳନା କମିଟି ଏବଂ ମହିଳା ସଂଘ ପକ୍ଷରୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମାମଲା ରୁଜୁ କରି ଖୁବ୍‌ଶୀଘ୍ର ତଦନ୍ତ ଆରମ୍ଭ କରାଯିବାକୁ ମହିଳା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ଘରମୁହାଁ ହୋଇଥିଲେ । ପ୍ରକାଶଯେ, ଲକ୍ଷ୍ମୀପୁର ଗ୍ରାମର କେ.ଦୀନବନ୍ଧୁ ପାତ୍ରଙ୍କ ପୁଅ କେ.ନରସିଂହ ପାତ୍ରଙ୍କ ସହିତ କମାପଲ୍ଲୀ ଅଞ୍ଚଳର କେ.ଉଷାରାଣୀ ପାତ୍ରଙ୍କର ଗତ ୨୦୧୫ ନଭେମ୍ବର ୨୬ରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଶ୍ୱଶୁର ଘର ଦାବି ମୁତାବକ ସମସ୍ତ ଆସବାବପତ୍ର ଯୋଗାଇ ଦିଆଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଉଷାରାଣୀଙ୍କୁ ସ୍ୱାମୀ ଏବଂ ଶ୍ୱଶୁର ନିର୍ଯାତନା ଦେଇ ଆସୁଥିଲେ । ପରବର୍ତ୍ତୀ ସମୟରେ ଏହାକୁ ନେଇ ମହିଳା ଥାନାରେ ଅଭିଯୋଗ କରାଯାଇଥିଲା । ଥାନା ପକ୍ଷରୁ କେବଳ ଘଟଣାର କାଉନ୍‌ସେଲିଂ କରାଯାଇ ଚୁପ୍ ବସିଥିବା ବେଳେ ମଙ୍ଗଳବାର ଅଭିଯୋଗକାରିଣୀଙ୍କ ସମେତ ଗ୍ରାମବାସୀ ଓ ମହିଳା ସଂଘ ବ୍ରହ୍ମପୁର ପୋଲିସ ଜିଲା ମୁଖ୍ୟାଳୟକୁ ଆସି ସେଠାରେ ନ୍ୟାୟ ପ୍ରଦାନ ନେଇ ଦାବି କରିଥିଲେ । ପରେ ୧୦ ଜଣିଆ ଏକ ପ୍ରତିନିଧି ଦଳ ଏସ୍‌ପି ପିନାକ ମିଶ୍ରଙ୍କ ସହିତ ସମ୍ପୂର୍ଣ୍ଣ ଘଟଣାବଳୀ ନେଇ ଆଲୋଚନା କରିଥିଲେ । ପରେ ଏସ୍‌ପି ମହିଳାଥାନା ଆଇଆଇସିଙ୍କୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସ୍ମାରକ ପତ୍ର ପ୍ରଦାନ ସମୟରେ ସଭାପତି ଧର୍ମରାଜ ରେଡ୍ଡୀ, ସମ୍ପାଦକ ଆର୍. ଭୀମରାଜୁ ରେଡ୍ଡୀ, ଏନ୍.ଗୁରୁନାଥ ରେଡ୍ଡୀ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ ।


ବ୍ରହ୍ମପୁର ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଲକ୍ଷ୍ମୀପୁର ଗ୍ରାମବାସୀଙ୍କ ଆନ୍ଦୋଳନ ।

## ବେଦ ପାଠଶାଳାରେ ଶିକ୍ଷାଦିବସ

**ବ୍ରହ୍ମପୁର ଅଫିସ୍,୧୩।୧୧:** ବ୍ରହ୍ମପୁରସ୍ଥିତ ବେଦ ପାଠଶାଳାରେ ରାଷ୍ଟ୍ରୀୟ ଶିକ୍ଷା ଦିବସପାଳିତ ହୋଇଯାଇଛି। ପ୍ରାଚାର୍ଯ୍ୟ ମନୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାରତୀୟ ଶିକ୍ଷା ସଂସ୍କୃତିର ସୁରକ୍ଷାକୁ ନେଇ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଅଧ୍ୟାପକ ବ୍ୟୋମକେଶ ଉପାଧ୍ୟାୟ, କମଳାକାନ୍ତ ପଣ୍ଡା, ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ରାଷ୍ଟ୍ରଚିନ୍ତନ, ରାଷ୍ଟ୍ରହିତ ଓ ଭବିଷ୍ୟତ ସଂସ୍କୃତିର ସୁରକ୍ଷା ସମ୍ପର୍କରେ କହିଥିଲେ । ବିଦ୍ୟାର୍ଥୀ କିରଣ କୁମାର ଦାଶ, ଦେବୀ ପ୍ରସାଦ ଶତପଥୀ, ଋତ୍ୱିକ ମିଶ୍ର ଓ ସମ୍ଭବ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ମଧ୍ୟ ଯୋଗଦେଇଥିଲେ ।

## ପେନ୍‌ସନ୍ ପ୍ରସଙ୍ଗରେ ଆନ୍ଦୋଳନ ଡାକରା

**ବ୍ରହ୍ମପୁର ଅଫିସ,୧୩।୧୧**

ପେନ୍‌ସନ୍ ସମ୍ପର୍କିତ ବିଭିନ୍ନ ଦାବି ପୂରଣ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ଅବସରପ୍ରାପ୍ତ କର୍ମଚାରୀ। ମଙ୍ଗଳବାର ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି । ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆନୁକୂଲ୍ୟରେ ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି, ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ, ଓଡ଼ିଶା ଓଏଏସ୍ ରିଟାୟାର୍ଡ଼ ଅଫିସର୍ସ ଆସୋସିଏଶନ୍, ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ମହାସଂଘ, ନିଖିଳ ଉତ୍କଳ ନିମ୍ନ ମାଧମିକ ଅବସରପ୍ରାପ୍ତ ଶିକ୍ଷକ ସଂଘ, ଓଡ଼ିଶା ଅବସରପ୍ରାପ୍ତ ସରକାରୀ କଲେଜ ଶିକ୍ଷକ ସଂଘ, ଓଡ଼ିଶା ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଓଡ଼ିଶା ଅବସରପ୍ରାପ୍ତ କଲେଜ ଶିକ୍ଷକ ସଂଘ, ଓଡ଼ିଶା ପୌର ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ, ଓଡ଼ିଶା ଅବସରପ୍ରାପ୍ତ କୃଷି ଅଧିକାରୀ ମଞ୍ଚ ତରଫରୁ ଚିକିତ୍ସା ସୁବିଧା ଓ ଚିକିତ୍ସା ଭତ୍ତା ପ୍ରଚଳନ, ପେନ୍‌ସନ ଧାର୍ଯ୍ୟ ଏବଂ ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ଦାବିରେ ଆନ୍ଦୋଳନ କରାଯିବ। ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ସମ୍ବିଧାନର ୨୧,୩୮, ୪୧ ଏବଂ ୪୭ ଧାରା ଅନୁଯାୟୀ ପେନ୍‌ସନ୍‌ଭୋଗୀମାନେ ଚିକିତ୍ସା ସୁବିଧା ପାଇବାକୁ ହକ୍‌ଦାର୍ । କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ପେନ୍‌ସନ୍ ଭୋଗୀମାନେ ଚିକିତ୍ସା ସୁବିଧା ଏବଂ ଚିକିତ୍ସା ଭତ୍ତା ପ୍ରଦାନ କରିଥାନ୍ତି। ଏପରିକି ୨୩ ରାଜ୍ୟରେ ମଧ୍ୟ ଏହି ସୁବିଧା ରହିଛି। ମୃତ୍ୟୁକାଳୀନ ଆର୍ଥିକ ଅନୁଦାନ ମଧ୍ୟ ମିଳୁଛି । ଅଥଚ ଓଡ଼ିଶା ସରକାର ଏହାକୁ ଲାଗୁ କରୁନାହାନ୍ତି। ଜୁଡିସିଆଲ୍ ଅଫିସରମାନେ ମାସିକ ୧୫ଶହ ଟଙ୍କା ଚିକିତ୍ସା ଭତ୍ତା ପାଉଥିବା ବେଳେ ଅନ୍ୟ ପେନ୍‌ସନ୍‌ଭୋଗୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏହାକୁ କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ୍ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି । ସେହିଭଳି କେନ୍ଦ୍ର ସରକାରଙ୍କ ପେନ୍‌ସନ୍ ଫିଟ୍‌ମେଣ୍ଟ ଫର୍ମୁଲା ଲାଗୁ କରିବା ଏବଂ ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯଥା ରାଜେନ୍ଦ୍ର କୁମାର ପଣ୍ଡା, ପର୍ଶୁରାମ ଜେନା, ପ୍ରଦୀପ କୁମାର ସାହୁ, କାମରାଜୁ ମହାରଣା, ଇଂ. ବାଞ୍ଛାନିଧି ଦାଶ, ବିନୋଦ କୁମାର ମହାପାତ୍ର, ଭବାନୀ ଶଙ୍କର ପଟ୍ଟନାୟକ, କେ.କୃଷ୍ଣମୂର୍ତ୍ତି, ଡ. ରବିନାରାୟଣ ମିଶ୍ର, ରାଧାଶ୍ୟାମ ପଟ୍ଟନାୟକ, ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ସିଏଚ୍. ଶ୍ୟାମ ମୂର୍ତ୍ତି ଏବଂ ବୈକୁଣ୍ଠନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

## ବିଏମ୍‌ସିର ବାହ୍ୟ ମଳମୁକ୍ତ ଅଭିଯାନ

**ବ୍ରହ୍ମପୁର ଅଫିସ,୧୩।୧୧**

- ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡିଏଫ ମୁକ୍ତ ସହର ଘୋଷଣା
- ଟଏଲେଟ ମଳ ପରିଚାଳନାକୁ ଗୁରୁତ୍ୱ
- ବାୟୋ ୟୁରିନାଲ କାର୍ଯ୍ୟକ୍ଷମ ପାଇଁ ଆରମ୍ଭ ହେବ ପ୍ରକ୍ରିୟା
- ଡ୍ରେନେଜ ମଳ ନିଷ୍କାସନ ବନ୍ଦ କରିବାକୁ ନିଆଯିବ ପଦକ୍ଷେପ



ବିଏମସି ପକ୍ଷରୁ ନିର୍ମାଣ ହୋଇଥିବା ହାଇବ୍ରିଡ ଟଏଲେଟ ।

ବାହ୍ୟମଳମୁକ୍ତ ହେବ ବ୍ରହ୍ମପୁର । ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା ଓ ବାହ୍ୟେ ମଳମୁକ୍ତ ସହର ଘୋଷଣା ଲକ୍ଷ୍ୟ ନେଇ ଗତ ମେ ୧୩ ମାତୃଦିବସରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା । ଶିଶୁ ଦିବସ ଅର୍ଥାତ ନଭେମ୍ବର ୧୪ରେ ଏହା ଶେଷ ହେବାକୁ ଥିବା ବିଏମ୍‌ସି ପକ୍ଷରୁ ଘୋଷଣା କରାଯାଇଥିଲା । ଉକ୍ତ ଘୋଷଣାନାମା ଅନୁସାରେ ବୁଧବାର ଏହି ଅଭିଯାନ ଶେଷ ହେଉଛି। ତେବେ ମାସକ ପୂର୍ବରୁ ଏହି ଅଭିଯାନର ଲକ୍ଷ୍ୟ ପୂରଣ ହୋଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି । ଏହି ଅଭିଯାନକୁ ସଫଳ କରିବା ପାଇଁ ବିଏମ୍‌ସି ପକ୍ଷରୁ ୬ ମାସ ସମୟସୀମା ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ମାସକ ପୂର୍ବରୁ ଅର୍ଥାତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ସୁଧା ସହରକୁ ବାହ୍ୟମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି । ୯୦ ପ୍ରତିଶତ କମ୍ୟୁନିଟି ଟଏଲେଟ, ପବ୍ଲିକ ଟଏଲେଟ ନିର୍ମାଣ ସରିବା ସହ ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଛି । ଏବେ ପରିଚାଳନା କାର୍ଯ୍ୟକୁ ତଦାରଖ କରାଯାଉଥିବା କମିଶନର ସୂଚନା ଦେଇଛନ୍ତି ।

କମିଶନରଙ୍କ କହିବାନୁଯାୟୀ, ଅକ୍ଟୋବର ୨ରେ ସହରକୁ ବାହ୍ୟମଳମୁକ୍ତ(ଓଡିଏଫ ମୁକ୍ତ) ସହର ଭାବେ ଘୋଷଣା କରାଯିବା ପରେ ଏବେ ଓଡିଏଫ ପ୍ଲସ ଓ ଓଡିଏଫ ପ୍ଲସ ପ୍ଲସ ସହରରେ ପରିଣତ କରାଯିବାକୁ ଲକ୍ଷ୍ୟ ରହିଛି । ଏଥିରେ ବ୍ୟକ୍ତିଗତ ପାଇଖାନା ମଳକୁ ଡ୍ରେନକୁ ସିଧାସଳଖ ନିଷ୍କାସନ କରୁଥିବା ହାଉସହୋଲ୍ଡରଙ୍କୁ ସଚେତନ କରାଇବା ସହ ସମସ୍ତ ବ୍ୟକ୍ତିଗତ ପାଇଖାନା ସହ ସେପ୍ଟିକ ଟ୍ୟାଙ୍କ କରାଯିବା ଉପରେ ଗୁରୁତ୍ୱ ଦିଆଯିବ । ପାଇଖାନା ମଳକୁ ଡ୍ରେନକୁ ନିଷ୍କାସନ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଓଡିଏଫ ପ୍ଲସ ଓ ପ୍ଲସ ପ୍ଲସ ହାସଲ ପାଇଁ ସହରରେ ନିର୍ମାଣ ସମୟରୁ ବନ୍ଦ ହୋଇ ପଡି ରହିଥିବା ମଡ୍ୟୁଲାର ୟୁରିନାଲଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏନେଇ ଟେଣ୍ଡର ପ୍ରକ୍ରିୟା ମଧ ଆରମ୍ଭ କରାଯାଇ ଏହାର ପରିଚାଳନା ଓ ମରାମତି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚାଇଛନ୍ତି ।